ବର୍ଷ-୫୫ : ସଂଖ୍ୟା-୧ ଜାନୁଆରୀ, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ବିଶ୍ୱାସ | ··· | ଶ୍ରୀମା | ··· | ୮ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଅଷ୍ଟମ ପରିଚ୍ଛେଦ) ସଭ୍ୟତା ଓ ବର୍ବରତା | ··· | ଶେଖ ଅବଦୁଲ କାଶମ | ··· | ୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୬) | ··· | ··· | ··· | ୧୪ |
| ଓଡ଼ିଶାରେ ପ୍ରପତ୍ତିଙ୍କ କାର୍ଯ୍ୟ | ··· | ରାମକୃଷ୍ଣ ଦାସ | ··· | ୧୭ |
| ସେ'ତ ସେହି ଫଗୁଣର କଥା (କବିତା) | ··· | କୁମାର ତ୍ରିପାଠୀ | ··· | ୨୦ |
| ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳଭିତ୍ତି (୨) | ··· | ପ୍ରପତ୍ତି | ··· | ୨୨ |
| ଏକ ଇନ୍ଦ୍ରନୀଳମଣିର କାହାଣୀ | ··· | ଶ୍ରୀମା | ··· | ୨୫ |
| ଆସ୍ତିକ ନାସ୍ତିକ (କବିତା) | ··· | ସନ୍ତୋଷ ରଥ | ··· | ୩୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୧) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୧ |
| ତୁମେ ଅଛ ବୋଲି (କବିତା) | ··· | ଶ୍ରୀଅରବିନ୍ଦ | ··· | ୩୪ |
| ପଞ୍ଚାୟନ | ··· | ନଳିନୀକାନ୍ତ ଗୁପ୍ତ | ··· | ୩୫ |
| ଦ୍ୱୀପାନ୍ତରର କଥା (ଷଷ୍ଠ ପରିଚ୍ଛେଦ) ଉପେନ୍‌ର କଥା – ଧର୍ମଘଟ (୨) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୩୯ |
| ନୂତନ ଶିକ୍ଷାର ଆହ୍ୱାନ (୪) | ··· | ଗୟାଧର ଦାଶ | ··· | ୪୧ |
| ଯେଉଁ ତ୍ରୁଟି ସହଜରେ ସଂଶୋଧନୀୟ | ··· | ମନୋଜ ଦାସ | ··· | ୪୪ |
| ୨୦୨୪ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ | ··· | ··· | ··· | ୪୫ |
| ସୁନିଲ-ଦା' (୮) | ··· | ··· | ··· | ୪୬ |
| ଆମ ସ୍କୁଲ ଗୋଟିଏ ଭଲ ସ୍କୁଲ କି ? | ··· | ପ୍ରସାଦ ତ୍ରିପାଠୀ | ··· | ୪୯ |
| ଯୋଗାଯୋଗ | ··· | ମନୋଜ ଦାସ | ··· | ୫୧ |
| ନିଃଶବ୍ଦ ଆଳାପ | ··· | ବନମାଳୀ ଆଚାର୍ଯ୍ୟ | ··· | ୫୪ |
| ନମ୍ର ନିବେଦନ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୫୬ |
| ପୁରାକଥାର ଇତିକଥା | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

''ଅସୁଖୀମାନେ ସୁଖୀ ହୁଅନ୍ତୁ, ଦୁଷ୍ଟମାନେ ଶିଷ୍ଟ ହୁଅନ୍ତୁ, ଅସୁସ୍ଥମାନେ ସ୍ୱାସ୍ଥ୍ୟସମ୍ପନ୍ନ ହୁଅନ୍ତୁ !'' ଏହି ଭାବେ ଏହି ଆଧାର ମଧ୍ୟ ଦେଇ ତୁମ ଦିବ୍ୟପ୍ରେମର ଅଭିବ୍ୟକ୍ତି କାମନା କରୁଥିବା ମୋର ଆସ୍ପୃହା ପ୍ରକଟିତ ହେଲା । ଏହା ଥିଲା ଏକ ପ୍ରକାର ଅଳି, ଯେଉଁ ପ୍ରକାର ଅଳି ଶିଶୁଟିଏ ତା' ପିତା ପାଖରେ କରିଥାଏ – ସେ ଅଳି ପୂର୍ଣ୍ଣ ହେବ ବୋଲି ନିଶ୍ଚିତ ଥାଇ । ସେ ଆବେଦନ କଲାବେଳେ ମୋ ଭିତରେ ରହିଥିଲା ସେହି ନିଶ୍ଚୟତା : କଥାଟି ଖୁବ୍ ସରଳ ଓ ସହଜ ବୋଲି ମୋର ଧାରଣା ହୋଇଥିଲା । ତାହା କିପରି ସମ୍ଭବ ହେବ ସେକଥା ମୁଁ ପରିଷ୍କାର ଭାବେ ଅନୁଭବ କରୁଥିଲି । ଅନିଚ୍ଛା ସତ୍ତ୍ୱେ ନିରନ୍ତର ଏକ ଅଜ୍ଞାନ ସଂଘର୍ଷର ଯନ୍ତ୍ରଣା ଓ ଶ୍ରମକ୍ଳେଶ ସହିବା ତୁଳନାରେ ଆନନ୍ଦରୁ ଆନନ୍ଦ ଅଭିମୁଖେ, ସୌନ୍ଦର୍ଯ୍ୟାନୁଭବରୁ ସୌନ୍ଦର୍ଯ୍ୟାନୁଭବ ଅଭିମୁଖେ ପ୍ରଗତି କ'ଣ ଅଧିକ ସ୍ୱାଭାବିକ ତଥା ଅଧିକ ଫଳପ୍ରସୂ ମଧ୍ୟ ନୁହେଁ ? ତୁମ ଦିବ୍ୟପ୍ରେମର ସ୍ପର୍ଶରେ ଏ ହୃଦୟର ପ୍ରମୁକ୍ତ ପ୍ରସ୍ଫୁଟନ ନିମନ୍ତେ ଯଦି ତୁମେ ଦେବ ଅନୁମତି, ତେବେ ଏହି ରୂପାନ୍ତର ହେବ ସହଜ ଏବଂ ସ୍ୱତଃସ୍ଫୂର୍ତ୍ତ ।

ହେ ପ୍ରଭୁ ! ତୁମ ଅନୁକମ୍ପାର ନିଦର୍ଶନ ସ୍ୱରୂପ ତୁମେ କ'ଣ ଏହା କରିବ ନାହିଁ ?

ଶିଶୁସୁଲଭ ପୂର୍ଣ୍ଣ ନିର୍ଭରତା ନେଇ ଆଜିର ଏଇ ସନ୍ଧ୍ୟାରେ ହୃଦୟ ମୋର ତୁମ ପାଖରେ ମିନତି ଜଣାଉଛି ।

ଜାନୁଆରୀ ୧୪, ୧୯୧୭ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

In this yoga there is no fixed mantra, no stress is laid on mantras, although sadhaks can use one if they find it helpful or so long as they find it helpful. The stress is rather on an aspiration in the consciousness and a concentration of the mind, heart, will, all the being. If a mantra is found helpful for that, one uses it. OM if rightly used (not mechanically) might very well help the opening upwards and outwards (cosmic consciousness) as well as the descent.

(Letters on Yoga, p. 746) – Sri Aurobindo

ଏ ଯୋଗରେ କୌଣସି ନିର୍ଦ୍ଦିଷ୍ଟ ଧରାବନ୍ଧା ମନ୍ତ୍ର ନାହିଁ, ମନ୍ତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ, ଯଦିଓ ସାଧକ କୌଣସି ମନ୍ତ୍ରକୁ ଯଦି ସହାୟକ ବୋଲି ଅନୁଭବ କରୁଥାଏ ଅଥବା ଯେତେଦିନ ପର୍ଯ୍ୟନ୍ତ ସହାୟକ ବୋଲି ଅନୁଭବ କରୁଥାଏ ତାକୁ ସେ ବ୍ୟବହାର କରିପାରେ । ବରଂ ଏ ଯୋଗରେ ଗୁରୁତ୍ୱ ଦିଆଯାଏ ଚେତନାରେ ଏକ ଅଭୀପ୍ସା ଉପରେ ଏବଂ ମନ, ହୃଦୟ, ସଂକଳ୍ପ ତଥା ସମଗ୍ର ସତ୍ତାର ଏକ ଏକାଗ୍ରତା ଉପରେ । ଯଦି ଏସବୁ କଥା ଲାଗି କୌଣସି ମନ୍ତ୍ର ସହାୟକ ବୋଧ ହେଉଥାଏ ବ୍ୟକ୍ତି ତାକୁ ବ୍ୟବହାର କରିଥାଏ । ଓଁ ଯଦି ଯଥାର୍ଥ ଭାବରେ ବ୍ୟବହୃତ ହୁଏ (ଯାନ୍ତ୍ରିକ ଢଙ୍ଗରେ ନୁହେଁ) ତେବେ ତାହା ଊର୍ଦ୍ଧ୍ୱ ଦିଗରେ ତଥା ବାହ୍ୟ (ବିଶ୍ୱଗତ ଚେତନା) ଦିଗରେ ଉନ୍ମୀଳନ ସହ ଅବତରଣରେ ମଧ୍ୟ ଖୁବ୍ ସହାୟକ ହୋଇଥାଏ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

## (The Kingdoms and Godheads of the Greater Mind)

## (୧)

## ଶ୍ରୀଅରବିନ୍ଦ

THERE ceased the limits of the labouring Power.
ଶ୍ରମରତ ମହାଶକ୍ତିର ସୀମାରେଖାସବୁ ସେହିଠାରେ ଶେଷ ହୋଇଗଲା ।
But being and creation cease not there.
କିନ୍ତୁ ସତ୍ତା ଓ ସୃଷ୍ଟିର ସେଠାରେ ନଥାଏ ବିରତି ।
For Thought transcends the circles of mortal mind,
It is greater than its earthly instrument:
The godhead crammed into mind's narrow space
Escapes on every side into some vast
That is a passage to infinity.
କାରଣ ଭାବନା ଅତିକ୍ରମ କରିଯାଏ ମର ମାନସର ବୃତ୍ତାବଳି, ଆପଣା ପାର୍ଥିବ ଯନ୍ତ୍ରଠାରୁ ମହତ୍ତର ସେ : ମନର ସଂକୀର୍ଣ୍ଣ ପରିସରରେ ଆବଦ୍ଧ ସେଇ ଦେବତ୍ୱ ପ୍ରତିଟି ପାର୍ଶ୍ୱ ଦେଇ କୌଣସି ବୃହତ୍ ପ୍ରସାର ମଧ୍ୟକୁ ଖସି ପଳାଇ ଯାଏ, ଯାହା ଅନନ୍ତତା ଭିତରକୁ ପ୍ରବେଶ କରିଥିବା ଏକ ପଥ ।
It moves eternal in the spirit's field,
A runner towards the far spiritual light,
A child and servant of the spirit's force.
ଚିନ୍ମୟର କ୍ଷେତ୍ରରେ ଏହା ଶାଶ୍ୱତ କାଳ ପାଇଁ ବିଚରଣ କରୁଥାଏ, ସୁଦୂର ଅଧ୍ୟାତ୍ମ ଆଲୋକ ଅଭିମୁଖେ ଧାବକଟିଏ ସେ, ଚିନ୍ମୟୀ ଶକ୍ତିର ଏକ ଶିଶୁ ସନ୍ତାନ ଓ ସେବକ ।
But mind too falls back from a nameless peak.
କିନ୍ତୁ ମନ ମଧ୍ୟ ଅନାମ ଏକ ଶିଖରରୁ ଭୂପତିତ ହୋଇ ଲେଉଟି ଆସେ ।
His being stretched beyond the sight of Thought.
ତାଙ୍କର (ଅର୍ଥାତ୍ ଅଶ୍ୱପତିଙ୍କର) ସତ୍ତା ଭାବନାର ଦୃଷ୍ଟିକୁ ଅତିକ୍ରମ କରି ପ୍ରସାରିତ ହୋଇଗଲା ।
For the spirit is eternal and unmade
And not by thinking was its greatness born,
And not by thinking can its knowledge come.
କାରଣ ଚିନ୍ମୟ ପୁରୁଷ ଚିରନ୍ତନ ଓ ଅନିର୍ମିତ ଏବଂ ଚିନ୍ତନ ଦ୍ୱାରା ତାହାର ମହତ୍ତ୍ୱ ସଂଜାତ ହୁଏ ନାହିଁ, ଚିନ୍ତନ ଦ୍ୱାରା ଆସି ପାରେନା ତାହାର ଜ୍ଞାନ ।
It knows itself and in itself it lives,
It moves where no thought is nor any form.
ଏହା ନିଜକୁ ଜାଣିଥାଏ ଓ ନିଜ ଭିତରେ ନିବାସ କରୁଥାଏ, ଏହାର ସଂଚରଣ ସେହିଠାରେ, ଯେଉଁଠାରେ ନାହିଁ କୌଣସି ଚିନ୍ତା ଅଥବା ରୂପାକୃତି ।
Its feet are steadied upon finite things,
Its wings can dare to cross the Infinite.
ସସୀମ ବସ୍ତୁରାଜି ଉପରେ ଦୃଷ୍ଟିନିବଦ୍ଧ ତା'ର ପାଦ, ଡେଣା ତା'ର ଦୁଃସାହସ କରେ ଅନନ୍ତକୁ ପାର ହୋଇ ଯିବାକୁ ।
Arriving into his ken a wonder space
Of great and marvellous meetings called his steps,
Where Thought leaned on a Vision beyond thought
And shaped a world from the Unthinkable.
ତାଙ୍କର (ଅଶ୍ୱପତିଙ୍କର) ଦୃଷ୍ଟି-ବଳୟ ଭିତରେ ଉପନୀତ ହୋଇ ମହାନ୍ ଓ ଅପରୂପ ମିଳନୀସକଳର ଏକ ବିସ୍ମୟାକାଶ ତାଙ୍କର ପଦଯୁଗଳକୁ ଆମନ୍ତ୍ରଣ ଜଣାଇଲା, ଭାବନା ଯେଉଁଠି ଚିନ୍ତାର ଅତୀତ ଏକ ସତ୍ୟଦୃଷ୍ଟି ଉପରେ ଆଉଜି ରହିଥିଲା ଏବଂ ଅଚିନ୍ତ୍ୟ ଭିତରୁ ଏକ ଜଗତକୁ ଗଢ଼ି ତୋଳୁଥିଲା ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ବିଶ୍ୱାସ

## ଶ୍ରୀମା

### ବିଶ୍ୱାସ ରଖ

ଯାହା ସବୁଠାରୁ ଭଲ ତାହା ହିଁ ଘଟିଥାଏ – ଏଥିରେ ବିଶ୍ୱାସ ରଖିବା ଉଚିତ । ହୁଏତ ବର୍ତ୍ତମାନ ଯାହା ଆମ ପାଇଁ ଘଟିଛି ବା ଘଟୁଛି ସେସବୁ ଆମକୁ ସର୍ବୋତ୍ତମ ବୋଲି ମନେ ନ ହୋଇପାରେ; କାରଣ ଆମେମାନେ ଅଜ୍ଞାନ, ଅନ୍ଧ ମଧ୍ୟ, କାରଣ ଆମେ କୌଣସି କଥାର ଫଳାଫଳ ବିଚାର କରି ପାରୁନା ଏବଂ ଅତଃପର କ'ଣ ଘଟିବ ସେକଥା ମଧ୍ୟ ଆମକୁ ଜଣା ନାହିଁ । କିନ୍ତୁ ଆମର ଏଇ ବିଶ୍ୱାସ ରହିବା ଉଚିତ ଯେ ଆମ ପାଇଁ ଘଟନାଟି ଯେପରି ଘଟୁ ନା କାହିଁକି, ଆମେ ଯଦି ଈଶ୍ୱରଙ୍କ ଉପରେ ଭରସା ରଖିଥିବା, ଯଦି ଆମେ ତାଙ୍କ ଉପରେ ଆମର ସବୁ ଦାୟିତ୍ୱ ଛାଡ଼ିଦେବା, ଯଦି ଆମେ ଈଶ୍ୱରଙ୍କୁ ଆମର ସବୁକିଛିର ନିଷ୍ପତ୍ତି ନେବାକୁ ଛାଡ଼ିଦେବା, ତେବେ ଆମର ଜାଣିରଖିବା ଉଚିତ ଯେ ଆମ ପାଇଁ ଯାହା ସର୍ବୋତ୍ତମ ତାହା ହିଁ ଘଟୁଛି । ଏହା ଏକ ନିର୍ବିବାଦ ସତ୍ୟ । ତୁମେ ଯେତେ ପରିମାଣରେ ତାଙ୍କ ପାଖରେ ନିଜକୁ ସମର୍ପଣ କରିଛ, ସେଇ ପରିମାଣରେ ତୁମେ ତା'ର ସର୍ବୋତ୍ତମ ଫଳ ପାଇବ । ଅବଶ୍ୟ ତୁମେ କ'ଣ ଚାହଁ ବା ଭଲପାଅ ତା' ସହିତ ଏଇ ଈଶ୍ୱର-ପ୍ରଦତ୍ତ ଫଳ ସମାନ ନ ହୋଇପାରେ । ତୁମର ଅଭିରୁଚି ବା କାମନା ଅନୁସାରେ ଈଶ୍ୱର ତୁମକୁ ଫଳ ନ ଦେଇପାରନ୍ତି । କାରଣ ତୁମର କାମନା ବା ଅଭିରୁଚିଗୁଡ଼ିକ ଅନ୍ଧ : ଆଧ୍ୟାତ୍ମିକ ଦୃଷ୍ଟିରୁ ଯାହା ସର୍ବୋତ୍ତମ, ତୁମର ଅଗ୍ରଗତି ହେବା ପାଇଁ, ତୁମର ବିକାଶ ପାଇଁ, ତୁମର ଆଧ୍ୟାତ୍ମିକ ଉନ୍ନତି ପାଇଁ ଏବଂ ତୁମର **ସତ୍** ଜୀବନ ପାଇଁ ଯାହା ସର୍ବୋତ୍ତମ ତାହା ହିଁ ସେ ତୁମକୁ ଦେଇଥା'ନ୍ତି । ଏହା ସର୍ବଦା ସେହିପରି ହୋଇଥାଏ । ତେଣୁ ତୁମକୁ ଏହି ବିଶ୍ୱାସ ରଖିବାକୁ ହେବ । କାରଣ, ବିଶ୍ୱାସ ହିଁ ଈଶ୍ୱରଙ୍କ ପ୍ରତି ତୁମର ଭରସାର ପରିପ୍ରକାଶ ଏବଂ ଏହି ବିଶ୍ୱାସ ହିଁ ତୁମକୁ ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ଆତ୍ମ-ସମର୍ପଣ କରିବାକୁ ସାହାଯ୍ୟ କରେ । ଏବଂ ତୁମେ ଯେତେବେଳେ ଏହା କରିଥାଅ, ତାହା ତୁମ ପାଇଁ ଅତି ଚମତ୍କାର ହୁଏ ।

### ଶିଶୁ ଭଳି ଭରସା ରଖ

''ମୋର ଯାହା ଆବଶ୍ୟକ ତାହା ମୋତେ ଦିଆଯିବ; ମୁଁ ଯଦି ପ୍ରାର୍ଥନା କରେ ମୋତେ ଉତ୍ତର ମିଳିବ; ଯଦି ମୁଁ କିଛି ଆପଦ ବିପଦରେ ପଡ଼ି ସାହାଯ୍ୟ ପ୍ରାର୍ଥନା କରେ, ତେବେ ମୋ ପାଇଁ ସେହି ସାହାଯ୍ୟ ଆସିବ – ଏହା କେବଳ ଆସିବ ନାହିଁ ତାହା ମଧ୍ୟ ମୋର ସବୁକିଛିକୁ ପରିଚାଳିତ କରିବ ।'' ଈଶ୍ୱରଙ୍କ ଉପରେ ଯଦି ତୁମର ଏହିଭଳି ଭରସା ରହେ, ଏହା ଯଦି ସ୍ୱତଃସ୍ଫୂର୍ତ୍ତ, ନିଷ୍କପଟ, ଦ୍ୱନ୍ଦ୍ୱରହିତ ହୋଇଥାଏ, ତାହାହେଲେ ସବୁକିଛି ଅପେକ୍ଷା ଏହି ଈଶ୍ୱର-ଭରସାହିଁ ବେଶୀ କାର୍ଯ୍ୟ କରିଥାଏ, ଏବଂ ତା'ର ଫଳ ମଧ୍ୟ ଚମତ୍କାର ହୋଇଥାଏ । କେବଳ ପରସ୍ପର ବିରୋଧୀ ଭାବନା ଓ ମନର ସନ୍ଦେହହିଁ ସବୁକିଛିକୁ ନଷ୍ଟ କରିଦିଏ । ଯଦି କେହି ସଂକଟ ଭିତରେ ଥାଇ ଏହିପରି ଧାରଣା କରୁଥାଏ : ''ଓଃ, ଏହା ଅସମ୍ଭବ ! ମୁଁ କୌଣସି ପ୍ରକାରେ ଏଥିରୁ ନିଷ୍କୃତି ପାଇପାରିବି ନାହିଁ । ଏବଂ ଯଦି ମୋର ଏହି ଦୁରବସ୍ଥା ବଢ଼ି ବଢ଼ି ଯାଏ, ମୁଁ ଚାହୁଁ ନ ଥିବା ଏହି ଦୁର୍ଦ୍ଦଶା ଯଦି ଦିନକୁ ଦିନ ଆହୁରି ଖରାପରୁ ଖରାପ ଆଡ଼କୁ ଗତି କରେ, ଯଦି ଦୁର୍ଭାଗ୍ୟ ମୋତେ ଏମିତି ତଳକୁ ତଳକୁ ଖସାଇ ନିଏ, ଯଦି, ଯଦି, ଯଦି, ଯଦି ...'' ଏହିପରି ଦ୍ୱନ୍ଦ୍ୱାକୁଳ ଭାବନା ଦ୍ୱାରା ଜଣେ ଗ୍ରହଣ କରିବାକୁ ଚାହୁଁଥିବା ଈଶ୍ୱରଙ୍କ ଶକ୍ତି ଓ ତା' ନିଜ ଭିତରେ ଗୋଟାଏ ପ୍ରାଚୀର ତିଆରି କରିଦିଏ । କିନ୍ତୁ ଚୈତ୍ୟସତ୍ତା ଏଇ ବିଶ୍ୱାସ ଓ ଆସ୍ଥା ରଖିଥାଏ, ଅତି ଆଶ୍ଚର୍ଯ୍ୟଜନକ ଭାବେ ରଖିଥାଏ, ତା' ଭିତରେ କୌଣସି ସନ୍ଦେହର ଛାୟା ନ ଥାଏ, କୌଣସି ତର୍କ ବିଚାର ନ ଥାଏ, କୌଣସି ଦ୍ୱନ୍ଦ୍ୱ ମଧ୍ୟ ନ ଥାଏ । ଆଉ ତୁମର ଆସ୍ଥା ଓ ଭରସା ଯେତେବେଳେ ଏହିଭଳି ହୋଇଥାଏ ସେତେବେଳେ ଏପରି କୌଣସି ପ୍ରାର୍ଥନା ନ ଥାଏ ଯାହାର ଉତ୍ତର ଈଶ୍ୱରଙ୍କ ଆଡୁ ନ ଆସେ । ଏପରି କୌଣସି ଅଭୀପ୍ସା ମଧ୍ୟ ନ ଥାଏ ଯାହା ବାସ୍ତବତାରେ ରୂପାୟିତ ହୁଏ ନାହିଁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଅଷ୍ଟମ ପରିଚ୍ଛେଦ)

## ସଭ୍ୟତା ଓ ବର୍ବରତା

**ଶେଖ ଅବଦୁଲ କାଶମ**

ଆତ୍ମୋପଲବ୍ଧି ଓ ଆତ୍ମପରିପୂର୍ଣ୍ଣତା ହେଉଛି ଏକ ବ୍ୟକ୍ତି ବା ସମାଜର ଯଥାର୍ଥ ଲକ୍ଷ୍ୟ । ବ୍ୟକ୍ତି ଯେମିତି ଏକ ମୁକ୍ତ ଜୀବନ ବଞ୍ଚିପାରିବ ଏବଂ ଆପଣାର ପରିପୂର୍ଣ୍ଣ ବ୍ୟକ୍ତିତ୍ୱକୁ ଗଠନ କରିପାରିବ ସେଥିଲାଗି ସମାଜ ଆବଶ୍ୟକୀୟ ଓ ଅନୁକୂଳ ପରିବେଶ ଯୋଗାଇ ଦେବା ଉଚିତ । ଏକ ପରିପୂର୍ଣ୍ଣ ଆଦର୍ଶ ସମାଜ ଗଠନ ଲାଗି ମୁକ୍ତ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶ ହେଉଛି ସର୍ବପ୍ରଥମ ଆବଶ୍ୟକତା । ପୁଣି ସମାଜରେ ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ଣ୍ଣ ଏକତ୍ୱ ଓ ପାରସ୍ପରିକତା ରହିଲେ ଯାଇ ଆମେ ଏକ ଆଦର୍ଶ ଓ ପରିପୂର୍ଣ୍ଣ ସମାଜର କଳ୍ପନା କରିପାରିବା । ସମଗ୍ର ମାନବସମାଜକୁ ଏକକ ରୂପେ ବିଚାର କରିବା ଲାଗି ଆମେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନାହୁଁ । ଆମେ ଅତିବେଶୀରେ ଜାତି ବା ଦେଶକୁହିଁ ମନୁଷ୍ୟ ଜୀବନର ବୃହତ୍ତମ ଏକକ ରୂପେ ଧାରଣା କରିପାରୁଛୁ । ଏଥିରୁ ମାନବ ସଭ୍ୟତାର ବିକାଶ କେଉଁ ସ୍ତରରେ ଆସି ପହଞ୍ଚିଛି ତାହା ଜଣାପଡ଼େ । ଆମର ପାରସ୍ପରିକତା ଓ ଏକତ୍ୱବୋଧକୁ ଅଧିକ ସଂପ୍ରସାରିତ କରିବାକୁ ହେବ, ତାହାକୁ ବିଶ୍ୱତୋମୁଖୀ କରିବାକୁ ପଡ଼ିବ । ତେବେ ସମୂହ ଆତ୍ମା ଅପେକ୍ଷା ବ୍ୟକ୍ତିର ସ୍ୱଭାବ ବିଷୟରେ ଆମର ଅଧିକ ପରିପୂର୍ଣ୍ଣ ଜ୍ଞାନ ରହିଛି । ତେଣୁ ବ୍ୟକ୍ତିଠାରୁହିଁ ଆମର ବିକାଶ ଯାତ୍ରା ଆରମ୍ଭ ହେବ । କିନ୍ତୁ ସମଗ୍ର ମନୁଷ୍ୟଜାତିର ପରିପୂର୍ଣ୍ଣ ବିକାଶର ଲକ୍ଷ୍ୟଟିକୁ ଆମେ କେବେହେଲେ ଭୁଲିଯିବା ନାହିଁ ।

ବିବର୍ତ୍ତନର ଗତିଧାରାଟି ଜଡ଼ ଓ ପ୍ରାଣକୁ ଅତିକ୍ରମ କରି ମନଃ ସ୍ତରରେ ଆସି ଉପନୀତ ହୋଇଛି । ମନୁଷ୍ୟ ମନୋମୟ ସତ୍ତାରୂପେ ପୃଥିବୀରେ ଆବିର୍ଭୂତ ହୋଇଛି । ସେ ଭୌତିକ, ପ୍ରାଣିକ ଓ ମାନସିକ ପ୍ରକୃତିର ଅଧୀନ ହୋଇ ଏକ ଅପୂର୍ଣ୍ଣ ଜୀବନ ବଞ୍ଚିବାରେ ଲାଗିଛି । ତା'ର ସତ୍ତାର ଗଭୀରରେ ଜ୍ଞାନମୟ ଆତ୍ମା ପ୍ରଚ୍ଛନ୍ନ ହୋଇ ରହିଛି । କିନ୍ତୁ ଆତ୍ମା ବିଷୟରେ ସେ ସଚେତନ ନୁହେଁ । ଶରୀର, ପ୍ରାଣ ଓ ମନକୁହିଁ ମନୁଷ୍ୟ ନିଜର ସମଗ୍ର ପରିଚୟ ରୂପେ ଗ୍ରହଣ କରିଛି । ମାତ୍ର ଶରୀର, ପ୍ରାଣ ଓ ମନର ପୂର୍ଣ୍ଣ ବିକାଶ ସିଦ୍ଧ ହୋଇଗଲେ ଯେ ତା'ର ପୂର୍ଣ୍ଣ ଆତ୍ମୋପଲବ୍ଧି ହୋଇଯିବ, ଏପରି ନୁହେଁ । ମନୁଷ୍ୟ-ସତ୍ତାର କେନ୍ଦ୍ରୀୟ ତତ୍ତ୍ୱ ହେଉଛି ତା'ର ଆତ୍ମା । ଆତ୍ମାକୁ ଉପଲବ୍ଧି ନ କରିବା ପର୍ଯ୍ୟନ୍ତ କୌଣସି ବିକାଶ ବା ଉପଲବ୍ଧି ପରିପୂର୍ଣ୍ଣ ହେବ ନାହିଁ ।

ଶରୀର, ପ୍ରାଣ ଓ ମନ ହେଉଛି ଆତ୍ମାର ପ୍ରକାଶ ଲାଗି ଗୋଟିଏ ଗୋଟିଏ ସାଧନ ମାତ୍ର । ସବୁବେଳେ ସଚେତନ ଭାବରେ ନହେଲେ ମଧ୍ୟ ମନୁଷ୍ୟ କୌଣସି ନା କୌଣସି ବାଟରେ ସେହି ଆତ୍ମାରହିଁ ସନ୍ଧାନ କରୁଛି । ପୃଥିବୀରେ ଖୁବ୍ ଅଳ୍ପ ଲୋକହିଁ ଆତ୍ମାର ଅନୁଭବ ଲାଭ କରିଛନ୍ତି । ଏକ ଜାତି ହିସାବରେ ମନୁଷ୍ୟ ଏପର୍ଯ୍ୟନ୍ତ ସେହି ଅନୁଭବର ଅଧିକାରୀ ହୋଇପାରି ନାହିଁ । ବର୍ତ୍ତମାନ ମନୁଷ୍ୟ ଅର୍ଦ୍ଧପଶୁ ଓ ଅର୍ଦ୍ଧମାନବିକ ସ୍ତରରୁ କାର୍ଯ୍ୟ ଆରମ୍ଭ କରି ବିବର୍ତ୍ତନ ପ୍ରକ୍ରିୟାରେ ଅଗ୍ର ପଦକ୍ଷେପ ନେବା ଆବଶ୍ୟକ ହେଉଛି ।

ଶରୀର, ପ୍ରାଣ ଓ ମନକୁହିଁ ଆପଣାର ସର୍ବସ୍ୱ ବୋଲି ଭାବୁଥିବା ମନୁଷ୍ୟ ଯାବତୀୟ ସୀମିତତା ଓ ଅସମର୍ଥତାକୁ ନେଇ ଜୀବନ ବଞ୍ଚୁଥାଏ । କେତେବେଳେ ତାକୁ ଜଡ଼ତା ଓ ତାମସିକତା ବଶୀଭୂତ କରି ରଖିଥାଏ ତ ଆଉ କେତେବେଳେ ପ୍ରମତ୍ତ ଆବେଗ ତାକୁ ବିନାଶକାରୀ କାର୍ଯ୍ୟରେ ପ୍ରବୃତ୍ତ କରିଥାଏ । ମନର ସଂକୀର୍ଣ୍ଣ ଧାରଣା ଓ ବିଶୃଙ୍ଖଳିତ ଭାବନାସବୁ ତାକୁ ନାନା ସମସ୍ୟାରେ ପକାଇ ସନ୍ତାପିତ କରନ୍ତି । ସମାଜର ସଂସ୍କାର ଓ ନିୟମଗୁଡ଼ିକ ତା' ପକ୍ଷରେ ଅଲଙ୍ଘନୀୟ ହୋଇଥାଏ ଏବଂ ସେ ସେଗୁଡ଼ିକର ଅନ୍ଧ ଦାସ ହୋଇ ପରାଧୀନତାର ଗ୍ଲାନି ଭୋଗ କରେ । ସମୂହ-ମାନସର ପ୍ରଭାବରେ ସେ ନାନା କୁକର୍ମରେ ଲିପ୍ତ ହୁଏ । ସ୍ୱାଧୀନ ଭାବେ ଚିନ୍ତା କରିବାକୁ ବା କର୍ମ କରିବାକୁ ତା' ପାଖରେ ସୁଯୋଗ ନଥାଏ । ନୂତନତ୍ୱକୁ ସେ ଭୟ କରେ, ନୂତନ କିଛି ସୃଷ୍ଟି କରିବାର ବିଚାର ଉପରେ ସେ ବିଶ୍ୱାସ ସ୍ଥାପନ କରିପାରେ ନାହିଁ । ଆଳସ୍ୟ ତାକୁ ଏପରି କାମୁଡ଼ି ଧରିଥାଏ ଯେ ବୁଦ୍ଧିର ଉପଯୋଗ କରିବାକୁ ସେ ଆଦୌ ଇଚ୍ଛା କରେ ନାହିଁ । ସାମାନ୍ୟତମ ପ୍ରଲୋଭନ ଓ ପ୍ରବର୍ତ୍ତନା

ଫଳରେ ବି ତା'ର ସ୍ଖଳନ ଘଟେ, ଦେହ ଓ ପ୍ରାଣର ଅବାଞ୍ଛନୀୟ ଦାବିଗୁଡ଼ିକ ଆଗରେ ସେ ସହଜରେ ମୁଣ୍ଡ ନୁଆଁଇ ଦିଏ । ବାରଂବାର ଲକ୍ଷ୍ୟଚ୍ୟୁତ ହେବା ଫଳରେ ନୈରାଶ୍ୟ ଜର୍ଜରିତ ହେବାହିଁ ସାର ହୁଏ ।

ମନୁଷ୍ୟକୁ ପ୍ରକୃତିର ନିମ୍ନଗତିବୃତ୍ତିରୁ ମୁକ୍ତ ହେବାକୁ ପଡ଼ିବ । ବିବର୍ତ୍ତନ ପ୍ରକ୍ରିୟାରେ ଆଗକୁ ଯିବାକୁ ହେଲେ ଅତୀତର ଆସକ୍ତିଗୁଡ଼ିକୁ ପରିହାର କରିବାକୁ ହେବ । ଜଡ଼ରୁ ମନ ସ୍ତର ପର୍ଯ୍ୟନ୍ତ ବିବର୍ତ୍ତନଟି ଯେଉଁ ଅବମାନବିକ ଐତିହ୍ୟ (sub-human heritage) ନେଇ ଆସିଛି ତା'ର ସୀମାଗୁଡ଼ିକୁ ଅତିକ୍ରମ କରିବା ଏକ କଷ୍ଟକର ବ୍ୟାପାର । ତଥାପି ବିବର୍ତ୍ତନର ଦାବି ହେଲା ମନୁଷ୍ୟକୁ ଯେକୌଣସିମତେ ସେହି ସୀମାଗୁଡ଼ିକୁ ଅତିକ୍ରମ କରିବାକୁ ପଡ଼ିବ । ଏଥିପାଇଁ ଏକ ସଘନ ମାନୁଷୀ ପ୍ରୟାସ ତଥା ଦିବ୍ୟ ସହାୟତା ଆବଶ୍ୟକ ହେବ । ଭବିଷ୍ୟତରେ କ'ଣ ସବୁ ସିଦ୍ଧ କରାଯାଇପାରିବ ତାହାରି ଉପରେହିଁ ମନୋନିବେଶ କରି ସେଦିଗରେ ପ୍ରୟାସ କରି ଚାଲିଲେ ଏହା ନିଶ୍ଚୟ ସମ୍ଭବ ହେବ ।

ଦେହ ଓ ଦେହଗତ ଜୀବନକୁହିଁ ସମୁଦାୟ ଆତ୍ମସତ୍ତା ବୋଲି ବିଚାର କରିବାର ଯୁଗ ଆଉ ନାହିଁ । ସଭ୍ୟତାର ସେହି ଯୁଗଟି ଚିରକାଳ ଲାଗି ଚାଲିଯାଇଛି ବୋଲି କହିବାକୁ ହେବ । ତାହା ଥିଲା ବର୍ବରତାର ଯୁଗ ଯେତେବେଳେ ଆତ୍ମା ସମ୍ବନ୍ଧରେ କାହାରି କୌଣସି ଧାରଣା ବା ଅନୁଭବ ନଥିଲା । ଶ୍ରୀଅରବିନ୍ଦ ବର୍ବରୋଚିତ ମାନସିକତା ବିଷୟରେ ବର୍ଣ୍ଣନା କରି କହନ୍ତି – ''To take the body and the physical life as the one thing important, to judge manhood by the physical strength, development and prowess, to be at the mercy of the instincts which rise out of the physical inconscient, to despise knowledge as a weakness and inferiority or look on it as a peculiarity and no necessary part of the conception of manhood, this is the mentality of the barbarian.''

(The Human Cycle, p. 74-75)

ଅର୍ଥାତ୍, ''ଦେହ ତଥା ଦେହଗତ ଜୀବନକୁହିଁ ସର୍ବସ୍ୱ ଓ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବୋଲି ଭାବିବା, କେବଳ ଭୌତିକ ବଳ, ଭୌତିକ ବିକାଶ ଓ ଭୌତିକ ପରାକ୍ରମରୁହିଁ ପୌରୁଷର ବିଚାର କରିବା, ଜଡ଼ସ୍ଥ ଅଚେତନ ଭୂମିରୁ ଉତ୍‌ଥିତ ହେଉଥିବା ଅନ୍ଧ ସହଜାତ ପ୍ରବୃତ୍ତିସବୁର ହାତରେ ପ୍ରାୟ ଏକ କ୍ରୀଡ଼ନକ ହୋଇ ରହିଥିବା, ଜ୍ଞାନକୁ ଏକ ଦୌର୍ବଲ୍ୟ ଅଥବା ହୀନତା ବୋଲି ମଣି ଘୃଣା କରିବା ଅଥବା ତାହାକୁ ଏକ କିମ୍ଭୂତତା ପରି ଦେଖିବା ଓ ପୁରୁଷକାରର କଳ୍ପନାରେ ତାହା ଲାଗି କୌଣସି ଆବଶ୍ୟକ ସ୍ଥାନ ରହିଛି ବୋଲି ଅସ୍ୱୀକାର କରୁଥିବା,– ଏସବୁ ମନ ହେଉଛି ବର୍ବରସୁଲଭ ମନ, ଏଗୁଡ଼ିକ ବର୍ବର ମଣିଷର ମନ ।''

ସଭ୍ୟତାର ପ୍ରାରମ୍ଭିକ ପର୍ଯ୍ୟାୟରେ ଦେହଗତ ଜୀବନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିଲା । ପରବର୍ତ୍ତୀ ଯୁଗରେ ପ୍ରାଣଗତ ଓ ଆର୍ଥିକ ଉପାଦାନ ଜୀବନରେ ଅଧିକ ଗୁରୁତ୍ୱ ଲାଭ କଲା । କିନ୍ତୁ ଦେହଗତ ବିକାଶକୁ ଜୀବନକ୍ଷେତ୍ରରୁ ବହିଷ୍କୃତ କରି ଦିଆଗଲା ନାହିଁ । ଶରୀରର ଉତ୍କର୍ଷ ସାଧନ ଓ ଉତ୍ତମ ସ୍ୱାସ୍ଥ୍ୟ ମନୁଷ୍ୟର ପରିପୂର୍ଣ୍ଣତା ଲାଗି ଏକ ଅପରିହାର୍ଯ୍ୟ ବିଷୟ ବୋଲି ତଥାପି ସ୍ୱୀକୃତ ହୋଇ ରହିଲା । ମାତ୍ର ଶରୀର ଉପରେ ଆଉ ପ୍ରଥମ ଶ୍ରେଣୀର ମହତ୍ତ୍ୱ ପ୍ରଦାନ କରାଗଲା ନାହିଁ ।

ସଭ୍ୟତାର ଏକ ଉନ୍ନତ ଅବସ୍ଥାରେ ମନୁଷ୍ୟ ଶିକ୍ଷା ଓ ଜ୍ଞାନ ଲାଭକୁ ଜୀବନର ମହତ୍ତ୍ୱପୂର୍ଣ୍ଣ ଦିଗ ରୂପେ ବିଚାର କଲା । ନିଜେ ଶିକ୍ଷିତ ହେବା ତଥା ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷିତ ହେବାରେ ସାହାଯ୍ୟ କରିବା ଏକ ଉନ୍ନତ ସଭ୍ୟ ଜୀବନ ପାଇଁ ଏକାନ୍ତ ଆବଶ୍ୟକ ବୋଲି ମନେ କରାଗଲା । ତେଣୁ ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଗଲା । ପ୍ରାଣ ବା ଦେହ ନୁହେଁ, ମନହିଁ ଅସଲ ସମ୍ପଦ ବୋଲି ବିବେଚିତ ହେଲା । ବୁଦ୍ଧି ଓ ମନୋଗତ ସାମର୍ଥ୍ୟ ଯୋଗୁଁହିଁ ମନୁଷ୍ୟ ଯଥାର୍ଥ ମନୁଷ୍ୟତ୍ୱର ଅଧିକାରୀ ହୋଇଛି । ସାଂସାରିକ ବିଷୟଗୁଡ଼ିକର ଜ୍ଞାନ, ନୈତିକତାବୋଧ ଓ ସୌନ୍ଦର୍ଯ୍ୟବୋଧ ଶିକ୍ଷାର ଅନ୍ତର୍ଭୁକ୍ତ ହେଲା । ଇଚ୍ଛାଶକ୍ତି ଓ ବିବେକବୁଦ୍ଧି ଦ୍ୱାରା ମନୁଷ୍ୟ ନିଜର ପ୍ରବୃତ୍ତିଗୁଡ଼ିକୁ ସଂଯମିତ କରିବ, ଜଗତ୍ ଓ ଆପଣାର ଅତୀତ ସମ୍ବନ୍ଧରେ ସେ ଜ୍ଞାନ ଲାଭ କରିବ, ବୁଦ୍ଧିର ପ୍ରୟୋଗ ଦ୍ୱାରା ଆପଣାର ସାମାଜିକ ଓ ଅର୍ଥନୈତିକ ଜୀବନକୁ ସୁସଂଗଠିତ ଓ ସୁବ୍ୟବସ୍ଥିତ କରିବ ଏବଂ ଦେହଗତ ଜୀବନକୁ ଶୃଙ୍ଖଳିତ କରିବ, ଏତିକି ଏକ ସଭ୍ୟ ଓ ଶିକ୍ଷିତ ମାନବଠାରୁ ଆଶା କରାଯାଏ । ସଭ୍ୟତାର ବର୍ତ୍ତମାନ ପର୍ଯ୍ୟାୟରେ ସାମର୍ଥ୍ୟ (capacity) ଓ ପ୍ରୟୋଜନୀୟତା (utility)କୁ ଅଧିକ ଗୁରୁତ୍ୱ ଦିଆଯାଉଛି ଏବଂ ସୌନ୍ଦର୍ଯ୍ୟବୋଧ (beauty) ଓ ସୁରୁଚିତା(refinement)କୁ ଅପେକ୍ଷାକୃତ କମ୍

ମହତ୍ତ୍ୱ ଦିଆଯାଉଛି । ମାତ୍ର ଏହି ପର୍ଯ୍ୟାୟଟି ହେଉଛି ଏକ ସାମୟିକ ପର୍ଯ୍ୟାୟ । ବାଣିଜ୍ୟିକ ମନୋବୃତ୍ତିର ପ୍ରାଧାନ୍ୟ ହ୍ରାସ ବା ଲୁପ୍ତ ହେବା ପରେ ଏପରି ଏକ ଯୁଗ ଆସିବ ଯେତେବେଳେ କି ସୌନ୍ଦର୍ଯ୍ୟବୋଧ ଭଳି ଉଚ୍ଚତର ମୂଲ୍ୟବୋଧଗୁଡ଼ିକର ପୁନରୁଦ୍ଧାର ଘଟିବ ଏବଂ ମନୁଷ୍ୟ ଏକ ପୂର୍ଣ୍ଣ ମନୋମୟ ସତ୍ତାରୂପେ ବିକଶିତ ହୋଇ ଉଠିବ ।

କୌଣସି ସଭ୍ୟତା ତାହାର ସଂସ୍କୃତିକୁ ଏକ କ୍ଷୁଦ୍ର ଆୟତନ ଭିତରେ ଆବଦ୍ଧ କରି ରଖିଥିଲେ ତାହା ବିପଦଶୂନ୍ୟ ହୋଇ ରହିପାରେ ନାହିଁ । ସଭ୍ୟତା ଭିତରେ ଯେଉଁ ଜ୍ଞାନ ଓ ସଂସ୍କୃତିଶୀଳତା ରହିଛି ତାହା ସବୁ ସ୍ତରକୁ ବ୍ୟାପ୍ତ ହୋଇଯିବା ଆବଶ୍ୟକ । ଯଦି ଏକ ସଂସ୍କୃତିସମ୍ପନ୍ନ ସଭ୍ୟତାର ଚତୁର୍ଦ୍ଦିଗରେ ବର୍ବର ଭାବାପନ୍ନ ଓ ଅଜ୍ଞାନଗ୍ରସ୍ତ ବ୍ୟକ୍ତିସମୂହ ରହିଥା'ନ୍ତି ତାହାହେଲେ ସେହି ସଭ୍ୟତାଟି ସେମାନଙ୍କ ଦ୍ୱାରା ବିପନ୍ନ ହେବାର ଆଶଙ୍କା ରହିଥାଏ । ଗ୍ରୀକ୍-ରୋମାନ୍ ସଭ୍ୟତା (Graeco-Roman civilisation) ବହିରାଗତ ଟିଉଟନ୍ (ଜର୍ମାନୀ ଲୋକଙ୍କ) ବର୍ବରତା ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ନିଜ ଭିତରେ ଆପଣାର ପ୍ରାଣଶକ୍ତିକୁ ହରାଇ ବସିବାରୁ ତାହା ବହିରାଗତ ଆକ୍ରମଣକୁ ପ୍ରତିହତ କରିପାରି ନଥିଲା । ଗ୍ରୀକ୍‌ରୋମାନ୍ ସଭ୍ୟତା ନିଃସ୍ୱ ଓ ବଞ୍ଚିତ (Proletariat)ମାନଙ୍କୁ ସୁଖ ଓ ଆରାମ ପ୍ରଦାନ କରିଥିଲା, ମାତ୍ର ସେମାନଙ୍କୁ ଜ୍ଞାନାଲୋକରେ ଦୀକ୍ଷିତ କରିପାରି ନଥିଲା । ପରବର୍ତ୍ତୀ କାଳରେ ଅଜ୍ଞାନଗ୍ରସ୍ତ ବର୍ବର ଲୋକମାନେ ପାଶ୍ଚାତ୍ୟ ଜଗତରେ ଆପଣାକୁ ପ୍ରତିଷ୍ଠିତ କରି ନେଇଥିଲେ । ପାଶ୍ଚାତ୍ୟ ସଭ୍ୟତା ସେମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ କରି ନେଇଥିଲା, ମାତ୍ର ସେମାନଙ୍କ ବୁଦ୍ଧିର ବିକାଶ ସାଧନ ପାଇଁ କୌଣସି ପ୍ରୟାସ କରି ନଥିଲା । କାରଣ ବୁଦ୍ଧିର ବିକାଶ ଘଟିଲେ କାଳେ ସେମାନେ ଧର୍ମବିଶ୍ୱାସରୁ ଓହରି ଆସିବେ ସେଇ ଆଶଙ୍କାରେ ଖ୍ରୀଷ୍ଟିଆନ ଧର୍ମପୁରୋହିତମାନେ ସେମାନଙ୍କୁ ବୌଦ୍ଧିକ ବିକାଶର ସୁଯୋଗ ଦେଇ ନଥିଲେ । ଖ୍ରୀଷ୍ଟିଆନ ଧର୍ମାନୁଚାରିତା କାଳକ୍ରମେ ଅଧିକ ବୁଦ୍ଧିବିରୋଧୀ ହୋଇ ପଡ଼ିଥିଲା ଯାହାକି ସଭ୍ୟତାର ବିକାଶରେ ଅନ୍ତରାୟ ସୃଷ୍ଟିକଲା । ପରବର୍ତ୍ତୀ ଯୁଗରେ ଆରବ ଅଧିବାସୀମାନେ ଏକ ଅର୍ଦ୍ଧବର୍ବର ଖ୍ରୀଷ୍ଟିଆନ ସମାଜରେ ବୈଜ୍ଞାନିକ ଓ ଦାର୍ଶନିକ ଜ୍ଞାନର ପୁନଃ ପ୍ରବର୍ତ୍ତନ କରିଥିଲେ । ଏହାପରେ ଧର୍ମ ଓ ବିଜ୍ଞାନ ମଧ୍ୟରେ ଦୀର୍ଘକାଳ ଧରି ସଂଘର୍ଷ ଘଟି ଚାଲିଲା । ପୁନର୍ଜାଗରଣ (Renaissance) ଯୁଗ ଆସିଲା ପରେ ୟୁରୋପରେ ସ୍ୱାଧୀନ ବୁଦ୍ଧିର ବହୁମୁଖୀ ପ୍ରୟୋଗକୁ ଗୁରୁତ୍ୱ ଦିଆଗଲା । ଫଳରେ ଏକ ବୁଦ୍ଧିପ୍ରଧାନ ସଂସ୍କୃତି ପୂର୍ଣ୍ଣରୂପେ ପ୍ରତିଷ୍ଠିତ ହେଲା ।

ଜ୍ଞାନକୁ ଦୃଢ଼ ପ୍ରତିଷ୍ଠିତ କରିବା ସହ ତାକୁ ଯଦି ବହୁବ୍ୟାପକ ଭାବରେ ପ୍ରସାରିତ କରା ନଯାଏ ଏବଂ ଚତୁର୍ଦ୍ଦିଗରେ ଯଦି ଅଜ୍ଞାନତାକୁ ତିଷ୍ଠି ରହିବା ଲାଗି ପ୍ରଶ୍ରୟ ଦିଆଯାଏ ତାହାହେଲେ ମନୁଷ୍ୟ ସମାଜ ପୁଣି ଥରେ ବର୍ବରତାର ଯୁଗକୁ ଫେରିଯିବାର ଆଶଙ୍କା ସର୍ବଦା ରହିଥିବ । ଶ୍ରୀଅରବିନ୍ଦଙ୍କ ଭାଷାରେ – ''Knowledge must be aggressive, if it wishes to survive and perpetuate itself; to leave an extensive ignorance either below or around it, is to expose humanity to the perpetual danger of a barbaric relapse.''

(The Human Cycle, p. 77)

ଅର୍ଥାତ୍, ''ଯଦି ଜ୍ଞାନ ଆପଣାକୁ ସ୍ଥାୟୀ ରୂପେ ବଞ୍ଚାଇ ରଖିବାକୁ ଚାହେଁ, ତେବେ ତାକୁ ସ୍ୱୟଂପ୍ରେରିତ ଭାବରେ ଆପଣାର ପଥରେ ଆଗକୁ ମାଡ଼ିଯିବାକୁ ପଡ଼ିବ । ମାତ୍ର ସେପରି ନକରି ଯଦି ଜ୍ଞାନ ଆପଣାର ନିମ୍ନତର ସ୍ତରରେ ଅଥବା ଚତୁର୍ଦ୍ଦିଗରେ ଏକ ବିସ୍ତୀର୍ଣ୍ଣ ଅଜ୍ଞାନତାକୁ ପ୍ରସାର ଲାଭ କରିବାକୁ ଜାଗା ଛାଡ଼ିଦିଏ, ତେବେ ମନୁଷ୍ୟ ସମାଜର ଜୀବନରେ ପୁଣି ଏକ ବର୍ବର ସ୍ତରକୁ ସ୍ଖଳିତ ହୋଇ ଆସିବାର ପ୍ରମାଦ ଓ ଆଶଙ୍କା ସଦାବର୍ତ୍ତମାନ ରହିଥିବ ।''

ଆଧୁନିକ ଜଗତରେ ସଭ୍ୟତା ଓ ସଂସ୍କୃତିକୁ ସୁଦୃଢ଼, ଶକ୍ତିଶାଳୀ ଓ ସ୍ଥାୟୀ କରିବା ପାଇଁ ବିଜ୍ଞାନର ବିଶେଷ ଭୂମିକା ରହିଛି । ବିଜ୍ଞାନ ବଳରେ ସଭ୍ୟ ଜାତିମାନେ ଆପଣାକୁ ସୁସଂଗଠିତ ଓ ଶକ୍ତିଶାଳୀ କରିପାରୁଛନ୍ତି, ସ୍ୱକୀୟ ସମ୍ବଳରେ ଆତ୍ମରକ୍ଷା ଲାଗି ସମର୍ଥ ହୋଇପାରୁଛନ୍ତି । ସାର୍ବଜନୀନ ଶିକ୍ଷାର ଆଦର୍ଶ ବିଜ୍ଞାନରହିଁ ଏକ ଅବଦାନ । ଅଧିକରୁ ଅଧିକ ଜ୍ଞାନ ହାସଲ କରିବା ଓ ଆପଣାର ଶକ୍ତି ସାମର୍ଥ୍ୟକୁ ବହୁଗୁଣିତ କରିବାରେ ବିଜ୍ଞାନ ସହାୟକ ହୋଇଛି । ମନୁଷ୍ୟର ଜୀବନଧାରଣର ମାନରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି । ବୌଦ୍ଧିକ କ୍ରିୟାଶୀଳତାର ବୃଦ୍ଧି ଯୋଗୁଁ ସବୁ କ୍ଷେତ୍ରରେ କର୍ମନୈପୁଣ୍ୟର ବୃଦ୍ଧି ଘଟିଛି । ସାମାଜିକ ଓ ରାଜନୈତିକ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ମଧ୍ୟ ତୀବ୍ର ପ୍ରୟାସ କରାଯାଉଛି ।

ବିଜ୍ଞାନର ସହାୟତାରେ ଆମେ ଜଡ଼ ଓ ପ୍ରାଣର ବିଭିନ୍ନ

ଶକ୍ତିଗୁଡ଼ିକ ବିଷୟରେ ଅବଗତ ହୋଇପାରୁଛୁ ତଥା ସେଗୁଡ଼ିକୁ ବଶୀଭୂତ କରି ଆପଣାର ସୁଖସୁବିଧା ନିମିତ୍ତ ଉପଯୋଗ କରିପାରୁଛୁ । ଆମକୁ ଜଡ଼ ଓ ପ୍ରାଣର ସୀମାଗୁଡ଼ିକୁ ଅତିକ୍ରମ କରିବାକୁ ପଡ଼ିବ, କିନ୍ତୁ ସେଗୁଡ଼ିକର ସଦୁପଯୋଗ ମଧ୍ୟ କରିବାକୁ ହେବ । ବିଜ୍ଞାନ ଆମକୁ ନିତ୍ୟ ନୂତନ ଜ୍ଞାନ ଦେଇ ଚାଲିଛି । ମାତ୍ର ଭୌତିକ ସ୍ତରର ଜ୍ଞାନରେ ଆମେ ଆପଣାକୁ ସୀମିତ କରି ରଖିବା ନାହିଁ । ଭୌତିକ ପ୍ରକୃତିର ଊର୍ଦ୍ଧ୍ୱରେ ଯେଉଁ ଅତିଭୌତିକ ପ୍ରକୃତି ରହିଛି ତାହାର ବିଧାନ ଓ ସମ୍ଭାବନାଗୁଡ଼ିକୁ ମଧ୍ୟ ଜାଣିବା ଅତି ଆବଶ୍ୟକ । ଏହା ନହେଲେ ଭୌତିକ ପ୍ରକୃତିର ଜ୍ଞାନ ପରିପୂର୍ଣ୍ଣ ହେବ ନାହିଁ । ଏତତ୍ ବ୍ୟତୀତ ମନଃସ୍ତରୀୟ ଓ ଚୈତ୍ୟସ୍ତରୀୟ ବିଜ୍ଞାନର ବିକାଶ ସାଧନ କରିବାକୁ ହେବ । ଏ ସକଳ ପ୍ରକାର ଜ୍ଞାନ ଲାଭ କଲେ ଯାଇ ମନୁଷ୍ୟ ସମଗ୍ର ଜଗତକୁ ଅଧିକାର କରିବା ଲାଗି ଯୋଗ୍ୟ ହୋଇପାରିବ ।

ଜଡ଼ବାଦର ଗୌରବୋଜ୍ଜ୍ୱଳ ଯୁଗରେ ବିଜ୍ଞାନ ଦର୍ଶନକୁ ଘୃଣା ଚକ୍ଷୁରେ ଦେଖୁଥିଲା, ତାହାକୁ ନିଜଠାରୁ ଅଲଗା କରି ରଖିଥିଲା । ସେତେବେଳେ କାବ୍ୟ ଓ କଳାକୁ ମଧ୍ୟ ନିକୃଷ୍ଟ ସ୍ଥାନ ଦିଆଯାଇଥିଲା, ସଂସ୍କୃତିର ନେତୃତ୍ୱ ନେବା ଲାଗି ସେମାନଙ୍କୁ ବାରଣ କରାଯାଇଥିଲା । ଫଳରେ କାବ୍ୟ ଏକ ଅବକ୍ଷୟର ପର୍ଯ୍ୟାୟ ଦେଇ ଗତି କରିଥିଲା, ଜନମାନସରେ ତା'ର ଆକର୍ଷଣୀୟତାର ହ୍ରାସ ଘଟିଥିଲା । ଚିତ୍ରକଳା ମଧ୍ୟ ଅବହେଳିତ ହୋଇ ତା'ର ଆଦର୍ଶରୁ ବିଚ୍ୟୁତ ହୋଇଥିଲା । ଏହା ଏକ କୁତ୍ସିତ ବାସ୍ତବବାଦ ଓ ପ୍ରୟୋଜନବାଦକୁ ପ୍ରୋତ୍ସାହିତ କରିଥିଲା । ଧର୍ମଗତ ରହସ୍ୟାଚ୍ଛନ୍ନତା (obscurantism) ବିରୁଦ୍ଧରେ ଲଢ଼ିବାକୁ ଯାଇ ବିଜ୍ଞାନ ଧର୍ମକୁହିଁ ପ୍ରାୟ ହତ୍ୟା କରିପକାଇଲା । ଧର୍ମର ଅସଲ ଭାବକୁ ଲୋପ କରିଦିଆଗଲା । ଯେଉଁ ଦର୍ଶନ (philosophy) ପୂର୍ବେ ବିଶ୍ୱଜଗତର ସତ୍ୟଗୁଡ଼ିକୁ ଆବିଷ୍କାର କରିବାରେ ଲାଗିଥିଲା ତାହା ବର୍ତ୍ତମାନ ତୁଚ୍ଛ ବିଷୟଗୁଡ଼ିକରେ ନିଜକୁ ସଂପୃକ୍ତ କରି ରଖିଲା । ଏହା ଭୂମିବିଚ୍ଛିନ୍ନ ହୋଇ ତୁଚ୍ଛା ଶବ୍ଦ ଓ ବିଚାର-କଳ୍ପନାରେ ମାତି ରହିଲା । କାବ୍ୟ ଓ କଳା – ସତ୍ୟ, ସୌନ୍ଦର୍ଯ୍ୟ ଓ ଦିବ୍ୟତାର ପରିବେଷଣ ନକରି ଶବ୍ଦ, ଆଙ୍ଗିକ ଓ ଅବାସ୍ତବ କଳ୍ପନାକୁ ନେଇ ସୌଖୀନ ହୋଇ ପଡ଼ିଲେ । ଜୀବନର କମନୀୟତାକୁ ପ୍ରକାଶ କରିବାର ମହତ୍ କାର୍ଯ୍ୟରୁ ସେମାନେ ବିରତ ରହିଲେ । ଧର୍ମ ମଧ୍ୟ ନାନା ସୂତ୍ରଗତତା (dogmas), ବିଧିବିଧାନ, ସମ୍ପ୍ରଦାୟ ଓ ଆନୁଷ୍ଠାନିକତା ମଧ୍ୟରେ ଛନ୍ଦି ହୋଇ ପଡ଼ିଥିଲା । ଆଧ୍ୟାତ୍ମିକତାର ମୂଳଭାବରୁ ତାହା ଖୁବ୍ ଦୂରକୁ ଚାଲିଯାଇଥିଲା । ନକରାତ୍ମକତାର ଏହି ପର୍ଯ୍ୟାୟଟି ଅତୀତ ହୋଇଯାଇଛି । ବର୍ତ୍ତମାନ କାବ୍ୟ, କଳା, ଦର୍ଶନ ଓ ଧର୍ମ ଇତ୍ୟାଦି ସଂସ୍କୃତିର ପ୍ରମୁଖ ଅଙ୍ଗଗୁଡ଼ିକ ଆପଣାକୁ ପୁନର୍ଜୀବିତ କରି ଅସଲ ସତ୍ୟଟିର ଅନୁସନ୍ଧାନରେ ବ୍ରତୀ ହୋଇଛନ୍ତି । ନୂତନ ଭାବରେ ଆତ୍ମଆବିଷ୍କାର କରିବା ଲାଗି ସେଗୁଡ଼ିକ ପ୍ରୟାସ କରୁଛନ୍ତି । ଫଳରେ ସଭ୍ୟତାର ସକାରାତ୍ମକ ଦିଗଗୁଡ଼ିକ ଉନ୍ମୋଚିତ ହୋଇ ଆସୁଛି ।

ବିଜ୍ଞାନର ଏହି ଅବଦାନକୁ ଆମେ ଭୁଲିଯିବା ନାହିଁ ଯେ ଏହା ତୁଚ୍ଛା ଜଡ଼ବାଦ ବା ବର୍ବର ମନୋଦୃଷ୍ଟିର ପ୍ରତ୍ୟାବର୍ତ୍ତନକୁ ପ୍ରତିହତ କରି ରଖିଛି । ମାତ୍ର ଅପର ପକ୍ଷରେ ଏହା ଆଉ ଏକ ପ୍ରକାର ବର୍ବରତାକୁ ଜନ୍ମ ଦେଇଛି । ବର୍ତ୍ତମାନ ଯୁଗରେ ଶିଳ୍ପ, ବାଣିଜ୍ୟ ଓ ଅର୍ଥନୀତି ଯେପରି ପ୍ରାଧାନ୍ୟ ବିସ୍ତାର କରିଛି ତାହା ବିଜ୍ଞାନରହିଁ ପରିଣାମ । ଏହା ମନୁଷ୍ୟର ପ୍ରାଣିକ ବାସନା ଓ ଅଧିକାର ପ୍ରବୃତ୍ତିକୁ ଚରମ ଅବସ୍ଥାକୁ ନେଇ ଯାଇଛି ଯାହା ଫଳରେ ସେ ବର୍ବରୋଚିତ କାର୍ଯ୍ୟ କରିବାରେ ଲାଗିଛି । ଅର୍ଥନୀତିପ୍ରଧାନ ଏହି ବର୍ବରତାଟିକୁ ମୂଳତଃ ପ୍ରାଣସର୍ବସ୍ୱ ବ୍ୟକ୍ତିର ବର୍ବରତା ବୋଲି କୁହାଯିବ । ଏକ ନିମ୍ନତର ଲକ୍ଷ୍ୟରେ ଉପନୀତ ହେବା, ସଫଳ ହେବା, ଉତ୍ପାଦନ କରିବା, ସଂଗ୍ରହ କରିବା ଓ ମାଲିକ ହୋଇ ରହିବା – ଏଗୁଡ଼ିକ ହେଉଛି ଅର୍ଥନୀତିପ୍ରଧାନ ଓ ପ୍ରାଣସର୍ବସ୍ୱ ବର୍ବରର ଆଦର୍ଶ । ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରିବା, ଐଶ୍ୱର୍ଯ୍ୟର ସମ୍ଭୋଗ ଓ ପ୍ରଦର୍ଶନ, ରୁଚିହୀନ ବିଳାସବ୍ୟସ୍ତତା ଓ ସୁଖସୁବିଧା ପ୍ରତି ଉଗ୍ର ଆସକ୍ତି – ଏହାହିଁ ବର୍ବରସୁଲଭ ଜୀବନର ମୁଖ୍ୟ ଲକ୍ଷ୍ୟ ହୋଇ ରହିଥାଏ । ଏ ପ୍ରକାର ଜୀବନରେ ଅହଂ ଓ ସ୍ୱାର୍ଥର ହିଁ ସେବା କରାଯାଏ, ମହତ୍ତର ମୂଲ୍ୟବୋଧ କିଛି ନଥାଏ ।

ପ୍ରାଣିକ ବାସନା ଉପରେ ପ୍ରତିଷ୍ଠିତ ସମାଜରେ ସୌନ୍ଦର୍ଯ୍ୟ ଓ ଔଦାର୍ଯ୍ୟ ବର୍ଜିତ ହୋଇ ରହିଥାଏ । ସୂତ୍ରସର୍ବସ୍ୱ ଧର୍ମ ଏକ ବିକୃତ ରୂପ ଧାରଣ କରିଥାଏ, ତାହା ବ୍ୟକ୍ତି-ଚେତନାର ଉତ୍ତରଣରେ ଆଦୌ ସହାୟକ ହୋଇ ନଥାଏ । ଲୋକମାନଙ୍କ ଜୀବନରେ ଶାନ୍ତି ଓ ଆନନ୍ଦ ଆଣିବା ପରିବର୍ତ୍ତେ ତାହା ନାନା ଦ୍ୱନ୍ଦ୍ୱ ଓ କଳହର କାରଣ ହୋଇ ରହିଥାଏ । ରାଜନୀତି ଏକ ବ୍ୟବସାୟରେ ପରିଣତ ହୋଇଥାଏ । ଆମୋଦପ୍ରମୋଦ ନାମରେ ବ୍ୟବସାୟହିଁ କରାଯାଏ । ଏହି ପ୍ରକାର ଜୀବନକୁ ବାଣିଜ୍ୟିକତା (commercialism) ଛଡ଼ା

ଆଉ କ'ଣ କୁହାଯିବ ? ଅର୍ଥନୀତିପ୍ରଧାନ ବର୍ବର ମନୁଷ୍ୟ ସୌନ୍ଦର୍ଯ୍ୟକୁ ଏକ ଅନାବଶ୍ୟକ ଓ ଉପଦ୍ରବ ବୋଲି ଭାବେ । କଳା ଓ କାବ୍ୟ-କବିତା ତା' ପକ୍ଷରେ ଏକ ନିର୍ବୋଧତାପୂର୍ଣ୍ଣ ବିଳାସ ବା ତୁଚ୍ଛାଡ଼ମ୍ବର ଛଡ଼ା ଆଉ କିଛି ନୁହେଁ । ତା' ଦୃଷ୍ଟିରେ ସଭ୍ୟତାର ଅର୍ଥ ହେଲା ସୁଖ ଓ ଆରାମରେ ରହିବା ଏବଂ ଏଥିପାଇଁ ଯଦି ଅସତ୍ ଉପାୟ ଅବଲମ୍ବନ କରିବାକୁ ପଡୁଛି ତାହା ମଧ୍ୟ ଗ୍ରହଣୀୟ । ସମାଜରେ ସମ୍ମାନିତ ସ୍ଥାନରେ ଅଧିଷ୍ଠିତ ହେବାକୁହିଁ ନୈତିକତା ବୋଲି ସେ ବୁଝେ । ତା'ର ବିଚାରରେ ରାଜନୀତିର ଉଦ୍ଦେଶ୍ୟ ହେଲା ଶିଳ୍ପକୁ ପ୍ରୋତ୍ସାହନ ଦେବା, ଅଧିକରୁ ଅଧିକ ବିପଣି ଖୋଲିଦେବା ଏବଂ ଶୋଷଣ କରିବା । ଧାର୍ମିକ ଔପଚାରିକତା ଓ ପ୍ରାଣଗତ ଆବେଗଗୁଡ଼ିକର ତୃପ୍ତିସାଧନହିଁ ଧର୍ମ ବୋଲି ସେ ବୁଝେ ।

ଅର୍ଥନୀତି ପ୍ରଧାନ ବର୍ବରତା (economic barbarian) ଶିକ୍ଷା ଓ ବିଜ୍ଞାନକୁ ମଧ୍ୟ ଅତି ସଙ୍କୁଚିତ ଦୃଷ୍ଟିରେ ଦେଖେ । ତା'ର ମତ ହେଲା, ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିଳ୍ପଗତ ସମାଜ-ବ୍ୟବସ୍ଥାରେ ଶିକ୍ଷାର ଏକମାତ୍ର ଲକ୍ଷ୍ୟ ହେବ ମନୁଷ୍ୟର ସ୍ଥୂଳ ପ୍ରୟୋଜନଗୁଡ଼ିକୁ ପୂରଣ କରିବା, ତାକୁ ଯାବତୀୟ ଭୌତିକ ସଫଳତା ପ୍ରଦାନ କରିବା । ଉଚ୍ଚ ନୈତିକ ଆଦର୍ଶ ଓ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଲାଗି ସେହି ଶିକ୍ଷାରେ କୌଣସି ସ୍ଥାନ ନଥାଏ । ବିଜ୍ଞାନ ମନୁଷ୍ୟକୁ ସମସ୍ତ ପ୍ରକାର ସୁଖ ସୁବିଧା ଯୋଗାଇ ଦେବ, ତା'ର ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି କରିବ, ଏଇଥିପାଇଁହିଁ ତା'ର ମୂଲ୍ୟ ରହିଛି ବୋଲି ମନେ କରାଯାଏ । ଜୀବନର ଗୁଣାତ୍ମକ ଅଭିବୃଦ୍ଧି ଓ ଉତ୍କର୍ଷସାଧନ ନିମନ୍ତେ ବିଜ୍ଞାନର ଯେ ଏକ ଭୂମିକା ରହିବା ଉଚିତ, ଏଇ ବିଚାର ଅର୍ଥନୀତିପ୍ରଧାନ ମନୁଷ୍ୟ ପାଖରେ ନଥାଏ । ଶ୍ରୀଅରବିନ୍ଦ ଶ୍ଳେଷୋକ୍ତି କରି କହନ୍ତି ଯେ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବା ଧନାଢ଼୍ୟ ଶାସକ (the opulent plutocrat), ପୂର୍ଣ୍ଣ ସାଫଲ୍ୟ ମଣ୍ଡିତ ବିରାଟ ପୁଞ୍ଜିବାଦୀ (the successful mammoth capitalist) ଏବଂ ଶିଳ୍ପ ସଂସ୍ଥାନର ସଂଗଠକ (organiser of industry) — ଏହିମାନେହିଁ ବାଣିଜ୍ୟିକ ଯୁଗର ମହାମନୁଷ୍ୟ ରୂପେ ସମ୍ମାନିତ ହୋଇଥା'ନ୍ତି ।

ଶରୀର ଓ ପ୍ରାଣ କେବଳ ନିଜ ପାଇଁ ଅସ୍ତିତ୍ୱ ଧାରଣ କରି ନାହାନ୍ତି । ଏକ ଉଚ୍ଚତର ଜୀବନ ସକାଶେ ସେମାନେ ଗୋଟିଏ ଗୋଟିଏ ନିମିତ୍ତ ମାତ୍ର । ଜୀବନରେ ପରିପୂର୍ଣ୍ଣତା ଲାଭ ପାଇଁ ସେମାନଙ୍କର ଉପଯୋଗିତା ନିଶ୍ଚୟ ଅଛି । ମାତ୍ର ଏଥିପାଇଁ ସେମାନଙ୍କୁ ଶୁଦ୍ଧ ହେବାକୁ ପଡ଼ିବ, ଉଚ୍ଚତର ସତ୍ୟର ଅଧୀନରେ ରହିବାକୁ ହେବ । କୌଣସି ନିମ୍ନତର ବାସନାର ତୃପ୍ତିସାଧନ ନୁହେଁ, ସତ୍ୟ, ଶିବ ଓ ସୁନ୍ଦରର ସେବାହିଁ ସେମାନଙ୍କ ପରମ ଲକ୍ଷ୍ୟ ହେବା ଉଚିତ । ତୁଚ୍ଛ ପ୍ରାଣିକ ସଫଳତା ଓ ପ୍ରାଣିକ ଚରିତାର୍ଥତାର ମାର୍ଗ ହେଉଛି ବର୍ବରତାର ମାର୍ଗ, ବିନାଶର ମାର୍ଗ । ସଭ୍ୟତାର ଉଚ୍ଚତମ ସ୍ତରକୁ ଉଠିବାକୁ ହେଲେ ସେହି ମାର୍ଗ ପରିହାର କରି ସତ୍ୟ-ଆଧାରିତ ପରିପୂର୍ଣ୍ଣତା ପ୍ରାପ୍ତିର ଲକ୍ଷ୍ୟକୁ ଅବଲମ୍ବନ କରିବାକୁ ପଡ଼ିବ ।

❑❑❑


**ଅଧ୍ୟକ୍ଷ/ଅଧ୍ୟକ୍ଷା ଆବଶ୍ୟକ**

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, କେନ୍ଦୁଝର, ମାଇନିଙ୍ଗ୍ ରୋଡ୍, ଜି. କେନ୍ଦୁଝର, ଓଡ଼ିଶା, ପିନ୍ : ୭୫୮ ୦୦୧; ଦୂରଭାଷ : ୯୩୪୮୪ ୪୯୩୮୫, ୯୪୩୭୧ ୬୩୧୭୧ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ପାଇଁ ଜଣେ ଅଧ୍ୟକ୍ଷ/ଅଧ୍ୟକ୍ଷା ଆବଶ୍ୟକ । ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ B.A., B.Ed. ବା BSc, B.Ed. ହୋଇଥିବା ଆବଶ୍ୟକ । ବିଶେଷ କରି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁରାଗୀ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଛାତ୍ରାବାସରେ ରହିବାର ସୁବିଧା ଉପଲବ୍ଧ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୬)

### ସାଧକମାନଙ୍କର ସାଧନା ପଥରେ ମୌଳିକ ବାଧାବିଘ୍ନ :

ଏ ସମ୍ବନ୍ଧରେ ଶ୍ରୀମା'ଙ୍କ 'ପ୍ରଶ୍ନୋତ୍ତର'ରୁ ଉଦ୍ଧୃତି : ''... ଆମର ଏହି 'ପୂର୍ଣ୍ଣାଙ୍ଗ ଯୋଗ' ସକାଶେ ପୃଥିବୀପୃଷ୍ଠରେ ଏକ ପ୍ରତିନିଧିମୂଳକ ଗୋଷ୍ଠୀଟିଏ ଅବଶ୍ୟ ରହିବା ଆବଶ୍ୟକ। ଅର୍ଥାତ୍, ତୁମେମାନେ ଏଠାରେ ପ୍ରତ୍ୟେକେ ରୂପାନ୍ତର ସକାଶେ ଯେଉଁସବୁ ବାଧାବିଘ୍ନ ଉପରେ ବିଜୟ ହାସଲ କରିବାକୁ ପ୍ରୟାସ କରୁଛ, ସେଥିରୁ ଗୋଟିଏ ବାଧାବିଘ୍ନର ପ୍ରତିନିଧିତ୍ୱ କରୁଛ। ଏବଂ ଫଳତଃ ଅନେକ ବାଧାବିଘ୍ନର ସମାହାର ଘଟିବା ସ୍ୱାଭାବିକ। ମୁଁ ଏକଥା କେଉଁଠି ଲେଖିଛି ଯେ ଏହି ଅସୁବିଧାଟି ଏକ ଅସୁବିଧାଠାରୁ ଅଧିକ କିଛି; ତେଣୁ ପ୍ରତ୍ୟେକେ ଏକ ଅସମ୍ଭବ ବା ଅସାଧ୍ୟ (impossibility)ରହିଁ ପ୍ରତିନିଧିତ୍ୱ କରୁଛ। ଏବଂ ଏହିସବୁ ଅସାଧ୍ୟର ସମଷ୍ଟି ଉପରେ ବିଜୟ ହାସଲପୂର୍ବକ ରୂପାନ୍ତର ଘଟିଲେ ଧରାପୃଷ୍ଠରେ ଦିବ୍ୟ କର୍ମ ଓ ଦିବ୍ୟ ଉପଲବ୍ଧିର ମହାନ୍ କାର୍ଯ୍ୟଟି ସମ୍ପାଦିତ ହେବ। ... ଏବେ ମୁଁ 'ଅସାଧ୍ୟ' ନକହି 'ଅସୁବିଧା' (difficulty) ବୋଲି କହିବି। କାରଣ ସମ୍ଭବତଃ ସେଗୁଡ଼ିକ ଏବେ ଆଉ 'ଅସାଧ୍ୟ' ହୋଇ ରହି ନାହିଁ। ...''

('ମାତୃରଚନାବଳି', ୭ମ ଖଣ୍ଡ, ପୃଷ୍ଠା. ୫୭୯-୮୦)

ପୁନଶ୍ଚ 'ପଥ-ସନ୍ଧାନୀର ବାଧାବିଘ୍ନ' ଶିରୋନାମାରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର କେତୋଟି ପତ୍ରରୁ ଉଦ୍ଧୃତି :

''ତୁମେ କହୁଛ ଯେ ଏହି ମାର୍ଗ ତୁମ ପାଇଁ ବା ତୁମ ଭଳି ବ୍ୟକ୍ତିଙ୍କ ପାଇଁ ଅତ୍ୟନ୍ତ ଦୁରୂହ, ଏବଂ ମୋ ଭଳି ବା ମା'ଙ୍କ ଭଳି ଅବତାରମାନେ କେବଳ ଏହା ସମ୍ପନ୍ନ କରିପାରିବେ। ଏହା ଏକ ଅଦ୍ଭୁତ ଭୁଲ୍ ଧାରଣା, କାରଣ ବିପରୀତ ଭାବରେ ଦେଖିଲେ ସର୍ବାପେକ୍ଷା ସହଜ, ସରଳ ଓ ସିଧା ଉପାୟ ହେଲା ଯଦି ଜଣେ ତା'ର ପ୍ରାଣ ଓ ମନକୁ ନୀରବ କରିପାରେ ... ଏହା ଯେକୌଣସି ବ୍ୟକ୍ତି କରିପାରିବ, ଏବଂ ତୁମ ଅପେକ୍ଷା ଏକଦଶାଂଶ ସାମର୍ଥ୍ୟ ଥିବା ବ୍ୟକ୍ତି ମଧ୍ୟ କରିପାରିବ। ଉତ୍ତେଜନା, ଆୟାସ ଓ କଠିନ ଅଧ୍ୟବସାୟରେ ପୂର୍ଣ୍ଣ ଅନ୍ୟ ମାର୍ଗଟି ହେଉଛି ଅତ୍ୟନ୍ତ ଦୁରୂହ ଏବଂ ଏଥିପାଇଁ ଆବଶ୍ୟକ ତପସ୍ୟାର ଏକ ବିପୁଳ ଶକ୍ତି। ମା'ଙ୍କ କ୍ଷେତ୍ରରେ ଓ ମୋ କ୍ଷେତ୍ରରେ – ଆମକୁ ସମସ୍ତ ପ୍ରକାର ମାର୍ଗରେ ଚେଷ୍ଟା କରିବାକୁ ହୋଇଥିଲା ଓ ସମସ୍ତ ପଦ୍ଧତି ଅନୁସରଣ କରିବାକୁ ହୋଇଥିଲା। ତୁମେ ବା ଆଶ୍ରମର ବା ଆଶ୍ରମ ବାହାରର ଯେକୌଣସି ବ୍ୟକ୍ତି ଅପେକ୍ଷା ଆମକୁ ପର୍ବତପ୍ରମାଣ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଥିଲା ଓ ବହୁ ଗୁରୁଭାର ବହନ କରିବାକୁ ପଡ଼ିଥିଲା। ଆମକୁ ସମ୍ମୁଖୀନ ହେବାକୁ ହୋଇଥିଲା ଅଧିକ କଠିନ ଅବସ୍ଥା। ବହୁ ଯୁଦ୍ଧରେ ଲଢ଼ିବାକୁ ପଡ଼ିଥିଲା, ବହୁ କ୍ଷତି ସହ୍ୟ କରିବାକୁ ହୋଇଥିଲା; ଦୁର୍ଭେଦ୍ୟ ଓ ଅଗମ୍ୟ କର୍ଦ୍ଦମାକ୍ତ ପନ୍ଥା, ମରୁଭୂମି ଓ ଅରଣ୍ୟ ମଧ୍ୟଦେଇ ପଥ ପ୍ରସ୍ତୁତ କରିବାକୁ ଓ ଅଗଣିତ ବିରୋଧୀ ଶକ୍ତିମାନଙ୍କୁ ଜୟ କରିବାକୁ ପଡ଼ିଥିଲା – ମୁଁ ନିଶ୍ଚିତ ଯେ ଏପରି କାର୍ଯ୍ୟ ଆମ ପୂର୍ବରୁ କାହାରିକୁ କରିବାକୁ ପଡ଼ି ନଥିଲା। କାରଣ ଆମ ସାଧନା ପରି ଏକ ପଥପ୍ରଦର୍ଶକଙ୍କ କାର୍ଯ୍ୟ କେବଳ ଭଗବାନଙ୍କୁ ନିମ୍ନକୁ ଉତାରି ଆଣିବା, ପ୍ରତିନିଧିତ୍ୱ କରିବା ବା ମୂର୍ତ୍ତ କରିବା ମଧ୍ୟରେ ସୀମିତ ନୁହେଁ। ଏହାକୁ ମାନବଜାତି ମଧ୍ୟରେ ଥିବା ଉତ୍ତରଣର ତତ୍ତ୍ୱକୁ ପ୍ରତିନିଧିତ୍ୱ କରିବାକୁ ହୁଏ ଏବଂ ପୂର୍ଣ୍ଣ ଭାବରେ ମାନବଜାତିର ଭାର ବହନ କରିବାକୁ ପଡ଼େ। ସେହି ପଥପ୍ରଦର୍ଶକମାନଙ୍କୁ କେବଳ ଏକ ଖେଳ ବା ଲୀଳା ରୂପରେ ନୁହେଁ, କିନ୍ତୁ କଠୋର ସାଧନା ଭିତରେ, ସେହି ମାର୍ଗରେ ସମ୍ଭବ ସମସ୍ତ ବାଧା, ପ୍ରତିବନ୍ଧକ, ବିରୋଧ ଏବଂ ନିରନ୍ତର ବ୍ୟାହତ, ପରାହତ ମାତ୍ର ବିଜୟ ଦିଗରେ ମନ୍ଥର ପ୍ରୟାସ ଇତ୍ୟାଦି ଅନୁଭୂତି ମଧ୍ୟଦେଇ ଯିବାକୁ ହୁଏ। ଅନ୍ୟମାନଙ୍କ କ୍ଷେତ୍ରରେ ଯେ ଏହିସବୁ ଅନୁଭୂତିର ପୁନାରାବୃତ୍ତି ଘଟିବ, ତାହାର କୌଣସି ପ୍ରୟୋଜନୀୟତା ନାହିଁ ବା ତାହା ସ୍ପୃହଣୀୟ ନୁହେଁ। ଯେହେତୁ ଆମର ପୂର୍ଣ୍ଣ ଅନୁଭୂତି ଅଛି ତେଣୁ ଆମେ ଅନ୍ୟମାନଙ୍କୁ ଏକ ସିଧା ଓ ସହଜ ରାସ୍ତା ଦେଖାଇ ଦେଇପାରିଛୁ – ଯଦି କେବଳ ସେମାନେ ସେହି ମାର୍ଗ ଗ୍ରହଣ କରିବା ପାଇଁ ସମ୍ମତ ହୁଅନ୍ତି। ଯେହେତୁ ଏକ ବିରାଟ

ମୂଲ୍ୟ ଦେଇ ଆମେ ଏହି ଅନୁଭୂତି ଅର୍ଜନ କରିଛୁ, ତେଣୁ ଆମେ ତୁମକୁ ଓ ଅନ୍ୟମାନଙ୍କୁ ଦୃଢ଼ତାର ସହିତ ଏହା କହିପାରୁ – ଚୈତ୍ୟଭାବ ଗ୍ରହଣ କର, ସିଧା ସୌରଦୀପ୍ତ ପଥକୁ ଗ୍ରହଣ କର, ଯେଉଁଥିରେ ଗୋପନରେ ବା ପ୍ରକାଶ୍ୟରେ ଭଗବାନ୍ ତୁମକୁ ନିରନ୍ତର ଧାରଣ କରି ରହିଛନ୍ତି । – ଯଦି ଗୋପନ ଥା'ନ୍ତି ତେବେ ଯଥାସମୟରେ ସେ ନିଜକୁ ପ୍ରକଟ କରିବେ – କଠିନ କଣ୍ଟକାକୀର୍ଣ୍ଣ ବକ୍ର ଓ ବିଷମ ପଥରେ ଚାଲିବା ପାଇଁ ଜିଦ୍ ଧର ନାହିଁ ।

(୦୫. ୦୫.୧୯୩୨)
(''ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ'',
ପୃଷ୍ଠା : ୨୬୭ - ୨୬୮)

*

''... ନୈରାଶ୍ୟର ବାରଂବାର ପୁନରାବର୍ତ୍ତନ ଏକ ପ୍ରତିବନ୍ଧକ ଛଡ଼ା ଆଉ କିଛି ହୋଇ ନ ପାରେ ... ମୁଁ ଖୁବ୍ ଭଲ ଭାବରେ ଜାଣେ ଯେ ବେଦନା, ଯନ୍ତ୍ରଣା, ସଂଗ୍ରାମ ଓ ହତାଶାର ଆକ୍ରମଣ ସ୍ୱାଭାବିକ, ଯଦିଓ ଏଗୁଡ଼ିକ ମାର୍ଗରେ ଅପରିହାର୍ଯ୍ୟ ନୁହେଁ । ଏହାର କାରଣ ନୁହେଁ ଯେ ସେଗୁଡ଼ିକ ପଥ ମଧ୍ୟରେ ସହାୟକ । ମଣିଷ-ପ୍ରକୃତିର ଅନ୍ଧକାର ସେଗୁଡ଼ିକୁ ଆମ ଉପରେ ବଳପୂର୍ବକ ଲଦି ଦେଇଛି, ଯେଉଁ ଅନ୍ଧକାର ବିରୋଧରେ ସଂଗ୍ରାମ କରି ଆମକୁ ଦିବ୍ୟ ଆଲୋକ ମଧ୍ୟକୁ ବାହାରି ଆସିବାକୁ ହେବ ... । ଯୋଗର ସୂର୍ଯ୍ୟଦୀପ୍ତ ପଥ ସମ୍ପର୍କରେ ରାମକୃଷ୍ଣ ଅଜ୍ଞ ନ ଥିଲେ । ବରଂ ଏହା ଅନ୍ୟାନ୍ୟ ମାର୍ଗ ଅପେକ୍ଷା ଦ୍ରୁତତର ଓ ଅଧିକ ଉତ୍ତମ ବୋଲି ସେ କହୁଥିଲେ ।

''ଏହାର ଅର୍ଥ ନୁହେଁ ଯେ ମୁଁ ନିଜେ ସୌରଦୀପ୍ତ ପଥର ଅନୁସରଣ କରିଛି ବା ବାଧାବିଘ୍ନ, ଦୁଃଖଭୋଗ ବା ବିପଦକୁ ମୁଁ ଏଡ଼େଇ ଦେଇପାରିଛି । ମୋତେ ଏସବୁ ସମ୍ପୂର୍ଣ୍ଣ ଭାବରେ ଭୋଗ କରିବାକୁ ପଡ଼ିଛି, କିନ୍ତୁ ମା'ଙ୍କୁ ଏହା ଅପେକ୍ଷା ଦଶ ଗୁଣ ସହ୍ୟ କରିବାକୁ ପଡ଼ିଛି । କିନ୍ତୁ ଏହାର କାରଣ ହେଲା ମାର୍ଗଦର୍ଶକମାନଙ୍କୁ ଏସବୁ ଉପରେ ବିଜୟ ହାସଲ କରିବା ପାଇଁ ଏ ସମସ୍ତର ସମ୍ମୁଖୀନ ହେବାକୁ ହୁଏ । ଆମେ ସମ୍ମୁଖୀନ ହୋଇ ନ ଥିବା ଏପରି କୌଣସି ବାଧା ନାହିଁ ଯାହା ସାଧକଙ୍କ ନିକଟକୁ ଆସିବ । ଅନେକ ବାଧା ଓ ପ୍ରତିବନ୍ଧକର କ୍ଷେତ୍ରରେ ସେଗୁଡ଼ିକୁ ଅତିକ୍ରମ କରିବା ପାଇଁ ଆମକୁ ଶତବାର ସଂଗ୍ରାମ କରିବାକୁ ପଡ଼ିଛି (ବାସ୍ତବରେ ଏହାଠାରୁ ଅନେକ ଅଧିକ), ତଥାପି କେତେକ ବାଧାବିଘ୍ନ ଏପର୍ଯ୍ୟନ୍ତ ମଧ୍ୟ ବିରୋଧ କରୁଛନ୍ତି ଓ ରହିଛନ୍ତି ଏବଂ କୁହାଯାଏ ଯେ ସମ୍ପୂର୍ଣ୍ଣ ପୂର୍ଣ୍ଣତା ନ ଆସିବା ପର୍ଯ୍ୟନ୍ତ ସେମାନଙ୍କର ରହିବାର ଅଧିକାର ରହିଛି । କିନ୍ତୁ ଅନ୍ୟମାନଙ୍କ ପାଇଁ ସେଗୁଡ଼ିକର ପ୍ରୟୋଜନୀୟତା ଯେ ଅପରିହାର୍ଯ୍ୟ ଏହା ଆମେ କଦାପି ସ୍ୱୀକାର କରୁ ନାହୁଁ । ପ୍ରକୃତରେ ଅନ୍ୟମାନଙ୍କ ପାଇଁ ମାର୍ଗକୁ ସୁଗମ କରିବା ସକାଶେ ଆମକୁ ସେହି ବୋଝକୁ ବହନ କରିବାକୁ ପଡ଼ିଛି । ସେଥିପାଇଁ ଥରେ ମା ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ଯେ ମାର୍ଗ ପାଇଁ ଆବଶ୍ୟକ ଯେଉଁସବୁ ବାଧା, ବିପଦ ଓ ଦୁଃଖଭୋଗ ସେସବୁ ଅନ୍ୟମାନଙ୍କ ଉପରେ ନ ଆସି ବରଂ ତାଙ୍କରି ଉପରେ ଆସୁ । ଦିନ ଦିନ ଓ ବର୍ଷ ବର୍ଷ ଧରି ଏହି ଉତ୍କଟ ଭୟଙ୍କର ସଂଗ୍ରାମର ପରିଣାମ ସ୍ୱରୂପ ମା'ଙ୍କର ଏହି ଇଚ୍ଛାକୁ ମଞ୍ଜୁର କରି ଦିଆଯାଇଛି ଯେ ଯେଉଁମାନେ ତାଙ୍କ ଉପରେ ସମ୍ପୂର୍ଣ୍ଣ ଓ ଆନ୍ତରିକ ବିଶ୍ୱାସ ଓ ଭରସା ରଖିବେ ସେମାନେ ସେହି ସୌରଦୀପ୍ତ ପଥର ଅନୁସରଣ କରିପାରିବେ ଏପରିକି ଯେଉଁମାନେ ଏହାକୁ ଅନୁସରଣ କରିପାରିବେ ନାହିଁ ସେମାନେ ଯଦି ଭରସା ରଖିବାକୁ ଆରମ୍ଭ କରନ୍ତି ତେବେ ଦେଖିବେ ଯେ ସହସା ତାଙ୍କର ପଥ ସହଜ ହୋଇଉଠିଛି ଏବଂ ଏହା ପୁନର୍ବାର କଠିନ ହୋଇଯାଏ କେବଳ ଯେତେବେଳେ ଅବିଶ୍ୱାସ, ବିଦ୍ରୋହ, ଅଭିମାନ ଏବଂ ଅନ୍ୟାନ୍ୟ ଅନ୍ଧକାର ଶକ୍ତି ସେମାନଙ୍କ ମଧ୍ୟକୁ ପ୍ରବେଶ କରେ । ସୂର୍ଯ୍ୟଦୀପ୍ତ ପଥ ଖାଲି ଏକ ପରୀ ରାଇଜର କାହାଣୀ ନୁହେଁ ।

''କିନ୍ତୁ ତୁମେ ପଚାରିବ ଯେ ଯେଉଁମାନେ ପାରିବେ ନାହିଁ, ସେମାନଙ୍କର କ'ଣ ହେବ ? ହଁ, ସେମାନଙ୍କ ପାଇଁ ଏକ ପରିମିତ ସମୟ ମଧ୍ୟରେ ଅତିମାନସ ଶକ୍ତିକୁ ନିମ୍ନକୁ ଉତାରି ଆଣିବା ପାଇଁ ମୁଁ ମୋ ସମସ୍ତ ଶକ୍ତି ସହ ପ୍ରୟାସ କରୁଛି । ମୁଁ ଜାଣେ ଯେ ଏହା ଅବତରଣ କରିବ, କିନ୍ତୁ ମୁଁ ଚାହୁଁଛି ଏହା ନିକଟ ଭବିଷ୍ୟତରେ ଅବତରଣ କରୁ ଏବଂ ପାର୍ଥିବ ପ୍ରକୃତିର ଅନ୍ଧକାରମୟ ଶକ୍ତିର ପ୍ରତିରୋଧ ବା ଏହାକୁ ବାଧା ଦେବାକୁ ଭୟଙ୍କର ଆସୁରିକ ଆକ୍ରମଣ ସତ୍ତ୍ୱେ ଏହି ଶକ୍ତି ପାର୍ଥିବ ଭୂମିର କ୍ରମଶଃ ନିକଟତର ହେଉଛି ।...''

(ତତ୍ରୈବ : ପୃଷ୍ଠା : ୨୬୮-୭୦)

*

''... ସନ୍ଦେହର ରାକ୍ଷସ ଦ୍ୱାରା ତୁମେ ପଛକୁ ହଟିଯାଇଛ, ତୁମର ପ୍ରତ୍ୟେକ ଦ୍ୱାର ଖୋଲିବା ସଙ୍ଗେ ସଙ୍ଗେ

ସେ ତାହା ତତ୍‌କ୍ଷଣାତ୍ ବନ୍ଦ କରି ଦେଉଛି । ତୁମକୁ କେବଳ ଦୃଢ଼ ସଂକଳ୍ପର ସହିତ ସେହି ରାକ୍ଷସକୁ ହତ୍ୟା କରିବାକୁ ହେବ । ନିଜର ମାନସିକ ଓ ପ୍ରାଣିକ ପ୍ରକୃତି ଦ୍ୱାରା ଯେଉଁମାନେ ଅଟକି ଯାଇଥିଲେ ସେମାନଙ୍କ କ୍ଷେତ୍ରରେ ଦ୍ୱାରଗୁଡ଼ିକ ଯେପରି ଖୋଲିଯାଇଛି, ସେହିପରି ତୁମ କ୍ଷେତ୍ରରେ ମଧ୍ୟ ଦ୍ୱାରଗୁଡ଼ିକ ଖୋଲିଯିବ ।''

(୧୨.୦୧.୧୯୩୪) (ତତ୍ରୈବ : ପୃଷ୍ଠା :୨୭୫)

*

ପୁନଶ୍ଚ ଶ୍ରୀଅରବିନ୍ଦଙ୍କର ଉକ୍ତିରେ : ''ଆଶ୍ରମର ଦୁଇଟି ବାତାବରଣ ରହିଛି । ଆମର (ମୋର ଏବଂ ମା'ଙ୍କର) ଏବଂ ସାଧକମାନଙ୍କର । ଯେତେବେଳେ ବହିରାଗତ ବ୍ୟକ୍ତିଗଣ ସେମାନଙ୍କର କିଞ୍ଚିତ୍ ସୂକ୍ଷ୍ମଦର୍ଶିତା ସହିତ ଆଶ୍ରମକୁ ଆସନ୍ତି ସେମାନେ ପ୍ରଥମେ ଏହାର ବାତାବରଣରେ ଭରପୂର ହୋଇ ରହିଥିବା ଏକ ଗଭୀର ସ୍ଥିରତା ଓ ଶାନ୍ତିର ସଂସ୍ପର୍ଶରେ ଆସି ତୀବ୍ର ଭାବରେ ସ୍ପନ୍ଦିତ ହୋଇ ଉଠନ୍ତି । ଏବଂ ସେମାନେ ଯେତେବେଳେ ଅଧିକରୁ ଅଧିକ ସାଧକମାନଙ୍କ ସହିତ ମିଳିତ ହେବାକୁ ଆରମ୍ଭ କରି ଦିଅନ୍ତି, ଫଳରେ ସେହି ସୂକ୍ଷ୍ମାନୁଭୂତି ଏବଂ ବାତାବରଣରେ ଥିବା ସେଇ ସ୍ପନ୍ଦନ କ୍ରମଶଃ ହ୍ରାସ ପାଇ ଯାଇଥାଏ । ଅନ୍ୟଟି ହେଉଛି ନିସ୍ତେଜ (dullness) ଏବଂ ଅସ୍ଥିରତା(unrest)ର ବାତାବରଣ – ଏହା ସାଧକମାନଙ୍କ ଦ୍ୱାରାହିଁ ସୃଷ୍ଟ ହୋଇଥାଏ । ଯଦି ସେମାନେ ଯଥୋଚିତ ଭାବରେ ଶ୍ରୀମା'ଙ୍କ ପ୍ରତି ଉନ୍ମୁକ୍ତ ରହିଥା'ନ୍ତେ, ସେମାନେ ସେହି ସ୍ଥିର ଓ ଶାନ୍ତିପୂର୍ଣ୍ଣ ବାତାବରଣରେ ଅବିରତ ଅବଗାହନ କରୁଥା'ନ୍ତେ ଏବଂ ଫଳତଃ ସେମାନେ କେବେ ବି ଆଶ୍ରମରେ ଅସ୍ଥିର ଓ ନିସ୍ତେଜ ବାତାବରଣ ସୃଷ୍ଟି କରି ନଥା'ନ୍ତେ ।''

(୧୫.୦୩.୧୯୩୭)
(SABCL, Vol. 26, P. 480)

*

''ଉନ୍ମୀଳିତ ହେବାର ଅର୍ଥ ହେଉଛି ମା'ଙ୍କ ଆଡ଼କୁ ନିଜକୁ ଖୋଲି ଧରିବା ଯେପରିକି ତୁମ ମଧ୍ୟରେ ତାଙ୍କ ଶକ୍ତି କ୍ରିୟା କରିବ, ତୁମ ଭିତରର କୌଣସି କିଛି ଯେପରି ତାଙ୍କ କାର୍ଯ୍ୟରେ ଅସମ୍ମତି ପ୍ରକାଶ ନ କରେ ବା ବାଧା ନ ଦିଏ । ମନ ଯଦି ତାହାର ନିଜର ଧାରଣାବଳିରେ ଆବଦ୍ଧ ରହେ ଓ ମା'ଙ୍କୁ ତା' ମଧ୍ୟରେ ଦିବ୍ୟଜ୍ୟୋତିଃ ଓ ସତ୍ୟ ଆଣିବାକୁ ନ ଦିଏ, ପ୍ରାଣ ଯଦି ତା'ର କାମନା-ବାସନାକୁ ଜାବୁଡ଼ି ଧରି ରହେ ଏବଂ ମା'ଙ୍କର ଶକ୍ତି ଯେଉଁ ଯଥାର୍ଥ ଉଦ୍ୟୋଗ ଓ ପ୍ରେରଣା ଆଣିଥାଏ ତାହାକୁ ପ୍ରବେଶ କରିବାକୁ ନ ଦିଏ, ଦେହ ଯଦି ତା'ର କାମନା-ବାସନା, ଅଭ୍ୟାସ ଓ ଜଡ଼ତା ମଧ୍ୟରେ ଆବଦ୍ଧ ରହେ ଓ ତା' ଭିତରେ ଦିବ୍ୟାଲୋକ ଓ ଶକ୍ତିକୁ ପ୍ରବେଶ କରି କ୍ରିୟା କରିବାକୁ ନ ଦିଏ, ତେବେ ସେ ବ୍ୟକ୍ତି ମା'ଙ୍କ ପ୍ରତି ଉନ୍ମୀଳିତ ନୁହେଁ । ଅବଶ୍ୟ ହଠାତ୍ ଏକସଙ୍ଗେ ସମସ୍ତ ଗତିବୃତ୍ତିରେ ସମ୍ପୂର୍ଣ୍ଣଭାବେ ଉନ୍ମୀଳିତ ହେବା ସମ୍ଭବ ନୁହେଁ, ତେବେ ଆବଶ୍ୟକ ହେଉଛି ପ୍ରତ୍ୟେକ ଅଂଶରେ ଏକ କେନ୍ଦ୍ରୀୟ ଉନ୍ମୀଳନ ଏବଂ କେବଳ ମା'ଙ୍କ କ୍ରିୟାବଳିକୁ ପ୍ରବେଶ କରିବାକୁ ଦେବା ପାଇଁ ସତ୍ତାର ପ୍ରତ୍ୟେକ ଅଂଶରେ ଏକ ଅଭୀପ୍ସା ଓ ସଂକଳ୍ପ; ବାକି ଯାହା ଆବଶ୍ୟକ ତାହା ଧୀରେ ଧୀରେ ହେବ ।''

(୨୮.୧୦.୧୯୩୪)
('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ' : ୩୪୬)

''ମା'ଙ୍କ ପ୍ରତି ଉନ୍ମୁକ୍ତ ରହିବାର ଅର୍ଥ ହେଉଛି ଦୃଢ଼ ବିଶ୍ୱାସ ସହ ବରାବର ଶାନ୍ତ ଓ ପ୍ରସନ୍ନ ରହିବା ଏବଂ କୌଣସି ପ୍ରକାର ଅସ୍ଥିରତା, ଶୋକ ବା ହତାଶାକୁ ପ୍ରଶ୍ରୟ ନ ଦେଇ ତାଙ୍କର ଶକ୍ତିକୁ ତୁମ ଭିତରେ କାର୍ଯ୍ୟ କରିବାକୁ ଦେବା ଯେପରିକି ତାହା ତୁମକୁ ଚାଳିତ କରେ ଏବଂ ଜ୍ଞାନ, ଶାନ୍ତି ତଥା ଆନନ୍ଦ ଆଣିଦିଏ । ତୁମେ ଯଦି ନିଜକୁ ଉନ୍ମୁକ୍ତ ରଖିପାରୁ ନାହଁ ତେବେ ଧୀରସ୍ଥିର ଭାବରେ ନିରନ୍ତର ଅଭୀପ୍ସା କର ଯେପରିକି ତୁମେ ଉନ୍ମୁକ୍ତ ହୋଇପାରିବ ।''

(ତତ୍ରୈବ : ପୃଷ୍ଠା : ୩୪୭)

''ନିରନ୍ତର ସ୍ମରଣ ଦ୍ୱାରାହିଁ ପୂର୍ଣ୍ଣ ଉନ୍ମୀଳନ ନିମନ୍ତେ ଆଧାର ପ୍ରସ୍ତୁତ ହୁଏ । ହୃଦୟର ଉନ୍ମୀଳନ ଫଳରେ ମା'ଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ କରେ ଏବଂ ତାଙ୍କର ଊର୍ଦ୍ଧ୍ୱସ୍ଥ ଶକ୍ତି ପ୍ରତି ଉନ୍ମୁକ୍ତ ରହିଲେ ଊର୍ଦ୍ଧ୍ୱତନ ଚେତନାର ଶକ୍ତି ଶରୀର ଭିତରକୁ ଅବତରଣ କରିଆସେ ଏବଂ ସମଗ୍ର ପ୍ରକୃତିର ରୂପାନ୍ତର ପାଇଁ ସେଠାରେ କ୍ରିୟା କରେ ।''

(୦୭.୦୮.୧୯୩୫) (ତତ୍ରୈବ : ପୃ. ୩୪୯)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ଓଡ଼ିଶାରେ ପ୍ରପତ୍ତିଙ୍କ କାର୍ଯ୍ୟ*

## ରାମକୃଷ୍ଣ ଦାସ

ଭଗବାନ୍ ଯେଉଁ ସମୟରେ ସଂସାରରେ କାର୍ଯ୍ୟ କରିବାକୁ ଆସନ୍ତି ଅଥବା ସଂସାରରେ ଭଗବାନଙ୍କର ବିଶେଷ କିଛି କାର୍ଯ୍ୟ ହୁଏ, ସେସମୟରେ ତାଙ୍କର କାର୍ଯ୍ୟ କରିବା ସକାଶେ ସେ କିଛି ବ୍ୟକ୍ତିଙ୍କୁ ନିର୍ବାଚନ କରିଥା'ନ୍ତି । ଏହିପରି ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରପତ୍ତି ହେଉଛନ୍ତି ଜଣେ । ବୟାଳିଶ ମୌଜା ଭାରଗୋଳ ଗ୍ରାମର ଶ୍ରୀ ବାନାମ୍ବର ପତିଙ୍କ ପୁତ୍ର ଭାବରେ ସେ ଜନ୍ମଲାଭ କରିଥିଲେ ୧୯୨୪ ଏପ୍ରିଲ ୩୦ ତାରିଖରେ । ଚାରିଭାଇଙ୍କ ମଧ୍ୟରେ ପ୍ରପତ୍ତି ଥିଲେ ବିଦ୍ୱାନ୍ । ତୁଳସୀ ଦୁଇ ପତ୍ରରୁ ବାସିବା ସଦୃଶ ସେ ପିଲାଦିନରୁ ଭଲ ପଢୁଥିଲେ । ସେତେବେଳେ ଓଡ଼ିଶାରେ ଫିଲୋସଫିରେ ଏମ୍. ଏ. ନଥିଲା । ସେ ଏହ୍ଲାବାଦରେ ପଢ଼ି ଫାଷ୍ଟକ୍ଲାସରେ ଫିଲୋସଫିରେ ଏମ୍. ଏ. ପାସ୍ କଲେ । ଏମ୍.ଏ. ପାସ୍ କରି ବାରିପଦା, ପୁରୀ, କୋରାପୁଟ ଜିଲ୍ଲା ଜୟପୁରରେ ଫିଲୋସଫିର ଅଧ୍ୟାପକ ଥିଲେ ।

ତାଙ୍କର ସହପାଠୀ କଟକର ଲଳିତ ମୋହନ ଘୋଷଙ୍କ ପୁତ୍ର ଅବନୀ ମୋହନ ଘୋଷ ପ୍ରଥମ କରି ଓଡ଼ିଶାରୁ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଦର୍ଶନ କରିବାକୁ ଆସିଥିଲେ । ସେସମୟରେ ଅବନୀ ବାବୁଙ୍କ ସହିତ ମୋର କଥାବାର୍ତ୍ତା ହେଲା । ସେ ଚାରି ଛଅ ଦିନ ରହି ଓଡ଼ିଶା ଫେରିଗଲେ । ତାଙ୍କରିଠାରୁ ପ୍ରପତ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଶୁଣି ଆଶ୍ରମର ସାଧକ ମାଧବ ପଣ୍ଡିତଙ୍କ ପାଖକୁ ଗୋଟିଏ ଚିଠି ଲେଖିଥିଲେ । ମାଧବ ପଣ୍ଡିତ ମୋତେ ଡାକି କହିଲେ, ''ଓଡ଼ିଶାରୁ ଜଣେ ଫିଲୋସଫି ଅଧ୍ୟାପକ ଚିଠି ଲେଖିଛନ୍ତି । ଏ ଚିଠିର ଉତ୍ତର ତୁମେ ଦେଇଦିଅ ।'' ମୁଁ ତ ଚାହାଳିରେ ପଢ଼ିଥିଲି । ମୋର ଚିଠି ଲେଖିବାର ଅଭ୍ୟାସ ନଥିଲା । ତେଣୁ ଜଣେ ଫିଲୋସଫି ପ୍ରଫେସରଙ୍କର ଚିଠିର ଉତ୍ତର ଦେବା ମୋ ପକ୍ଷରେ ସହଜ ନଥିଲା । ସେ ଚିଠିରେ ଶଙ୍କରଙ୍କର ଦର୍ଶନକୁ ପ୍ରତିପାଦନ କରାହୋଇ ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ଖଣ୍ଡନ କଲା ଭଳିଆ ଭାଷା ପ୍ରୟୋଗ କରାଯାଇଥିଲା । ସେ ଚିଠିକୁ ପଢ଼ିବା ପରେ ମୁଁ ଭାବିଲି ଏହାର ଉତ୍ତର ମୁଁ ଦେଇ ପାରିବି । ଏଣୁ ଗୋଟିଏ ଲମ୍ବା ଚିଠି ଲେଖି ପଠାଇ ଦେଲି । ସେ ଚିଠିଟି ପାଇ ପ୍ରପତ୍ତି ଉତ୍ତର ଦେଲେ, ''ଆପଣ ଯଦି ଚାହିଁବେ ଏ ଚିଠିଟି ମୁଁ ସମାଜ ପତ୍ରିକାରେ ଛପାଇ ଦେବି । ମୁଁ ଆଶ୍ରମ ଦର୍ଶନ କରିଯିବା ସକାଶେ ଚାହୁଁଛି ।'' ମୁଁ ଉତ୍ତର ଦେଲି, ''ନାଇଁ, ଏ ଚିଠି ସମାଜରେ ଛପାଇବା ଯୋଗ୍ୟ ନୁହେଁ । ଏହାକୁ ଛପାନ୍ତୁ ନାହିଁ । କିନ୍ତୁ ଆସନ୍ତୁ ।''

ମୋ ଚିଠି ପାଇବା ପରେ ଗ୍ରୀଷ୍ମଛୁଟି ହେବା ସଙ୍ଗେ ସଙ୍ଗେ ସେ ଆଶ୍ରମକୁ ଆସିଲେ । ମୋ ସଙ୍ଗେ ଦେଖା ହେଲା । ତାଙ୍କ ସକାଶେ ଆଶ୍ରମ ଗେଷ୍ଟ୍ ହାଉସ ଗୋଲ୍‌କୁଣ୍ଡା ଠିକ୍ କରା ହୋଇଥିଲା । ସେ ଆସି ପୂରା ଗ୍ରୀଷ୍ମାବକାଶଟି ଏଠାରେ ରହିଲେ । ସେସମୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବହି ଓଡ଼ିଆ ଭାଷାରେ ଅନୁବାଦ ହେଉଥିଲା । ଅବସରପ୍ରାପ୍ତ ଜଜ ଚାରୁଚନ୍ଦ୍ର ଦତ୍ତଙ୍କ ସହାୟତାରେ ମୁଁ ପ୍ରତିଦିନ ଏକଘଣ୍ଟା ଅନୁବାଦ କାର୍ଯ୍ୟ କରୁଥିଲି । ପ୍ରପତ୍ତି ମଧ୍ୟ ଆସି ସେହି କାର୍ଯ୍ୟରେ ସହଯୋଗ କଲେ । ମା'ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଆଲୋଚନା ହେଲା । ଗ୍ରୀଷ୍ମାବକାଶଟି ଏଠାରେ ରହି ସେ ଫେରିଗଲେ । କିନ୍ତୁ ଯିବା ସମୟରେ ରିକ୍‌ସାରେ ବସିବା ମାତ୍ରେ ତାଙ୍କ ଦୁଇ ନେତ୍ରରୁ ଅନବରତ ଅଶ୍ରୁ ବର୍ଷା ହେଉଥାଏ । ସେସମୟରେ ଶ୍ରୀଅରବିନ୍ଦ ଥିଲେ । ବୋଧହୁଏ ୧୯୪୯ କି ୫୦ ମସିହା ହେବ । କିନ୍ତୁ ଗ୍ରୀଷ୍ମାବକାଶରେ ତ ଶ୍ରୀଅରବିନ୍ଦଙ୍କ ଦର୍ଶନ ହୁଏ ନାହିଁ । ବର୍ଷରେ ଚାରି ଥର ଦର୍ଶନ ହେଉଥିଲା । ତେଣୁ ପ୍ରପତ୍ତି ଶ୍ରୀଅରବିନ୍ଦଙ୍କ ଦର୍ଶନ କରି ପାରି ନଥିଲେ ।

ଏହିପରି ପ୍ରତି ବର୍ଷ ଗ୍ରୀଷ୍ମଛୁଟି ହେବା ସଙ୍ଗେ ସଙ୍ଗେ ପ୍ରପତ୍ତି ଆଶ୍ରମକୁ ଆସନ୍ତି । ଛୁଟି ସମାପ୍ତ ହୋଇଗଲେ ଏଠାରୁ ଯାଇ ଚାକିରିରେ ଯୋଗ ଦିଅନ୍ତି । ପ୍ରତିଥର ଯିବା ସମୟରେ ରିକ୍‌ସାରେ ବସିବା ମାତ୍ରେ ତାଙ୍କ ନେତ୍ରରୁ ଅଶ୍ରୁ ଝରୁଥାଏ । ଏହିପରି ଯିବା ଆସିବା କରିବା ପରେ ୧୯୫୪ରେ ଏଠାରେ ରହିବା ସକାଶେ ନିଷ୍ପତ୍ତି କଲେ । ସେତେବେଳେ ଶ୍ରୀମା

* ପ୍ରବନ୍ଧଟିର ରଚନାକାଳ ଜୁଲାଇ, ୧୯୮୯

ପ୍ରତିଦିନ ପ୍ଲେ-ଗ୍ରାଉଣ୍ଡକୁ ଆସୁଥା'ନ୍ତି । ଯେଉଁ ଦର୍ଶନାର୍ଥୀମାନଙ୍କର ଶ୍ରୀମା'ଙ୍କୁ ଦର୍ଶନ କରି କିଛି କହିବାକୁ ଥାଏ ଶ୍ରୀମା' ସେମାନଙ୍କୁ ଅନୁମତି ଦିଅନ୍ତି । ଶ୍ରୀମା'ଙ୍କୁ ଦର୍ଶନ କରି ପ୍ରପତ୍ତି ଆଶ୍ରମରେ ରହିବା ସକାଶେ ପ୍ରାର୍ଥନା କଲେ । ଶ୍ରୀମା' ତାଙ୍କୁ ଆଶ୍ରମରେ ରହିବା ସକାଶେ ଅନୁମତି ଦେଲେ । ତାଙ୍କୁ ରହିବାକୁ ଘର ମିଳିଲା – ନବଜ୍ୟୋତି କାର୍ଯ୍ୟାଳୟର ଯେଉଁ ରୁମ୍‌ରେ ସେ ଶେଷ ପର୍ଯ୍ୟନ୍ତ ଥିଲେ । ଆଶ୍ରମ ସେ ଘରଟିକୁ ଭଡ଼ା ନେଇଥିଲା ।

ପ୍ରପତ୍ତି ରହିବା ପରେ ନବଜ୍ୟୋତି କାର୍ଯ୍ୟାଳୟର କାର୍ଯ୍ୟ ଆରମ୍ଭ ହେଲା । ସେ ଆଶ୍ରମରେ ରହିବା ପୂର୍ବରୁ କେତେ ଖଣ୍ଡ ମା'ଶ୍ରୀଅରବିନ୍ଦଙ୍କ ବହିର ଓଡ଼ିଆ ଅନୁବାଦ ଛପା ହୋଇଥିଲା । ସେ ଗୋଟିଏ ବହି ଜୟପୁରରେ ଛପାଇ ଥିଲେ । ଲଳିତ ମୋହନ ଘୋଷ ଦୁଇ, ତିନିଟି ବହି ଛପାଇ ଥିଲେ । ସେ ବହି ଯାହା ବିକ୍ରି ହେଉଥିଲା ମା'ଙ୍କୁ ପ୍ରଣାମି ରୂପେ ଅର୍ପଣ କରି ଦେଉଥିଲେ ।

ପ୍ରପତ୍ତି ଆସିବା ପରେ ଆମେ ଦୁଇଜଣ ମିଶି କରି ଏକଘଣ୍ଟା ଅନୁବାଦ କାର୍ଯ୍ୟ କରୁଥିଲୁ । କ୍ରମଶଃ ଅନୁବାଦ ବହି ଛପା ହେବାକୁ ଲାଗିଲା । ପ୍ରପତ୍ତି କହିଲେ, ''ଏ ସବୁ କାର୍ଯ୍ୟ ତ ମା'ଙ୍କର । ଯେଉଁ ବହି ବିକ୍ରି ହେଉଛି, ସେ ସବୁ ଯଦି ମା'ଙ୍କୁ ଅଫରିଙ୍ଗ କରିଦିଆ ହେବ ତେବେ ଆଉ ବହି ଛପା ହୋଇ ପାରିବ ନାହିଁ । ଏଣୁ ବହି ବିକ୍ରି ପଇସାଟା ବହି ଛପାଇବା ଲାଗି ରଖାଯାଉ ।'' ସେହି ଦିନଠାରୁ ଯଥାର୍ଥରେ ନବଜ୍ୟୋତି କାର୍ଯ୍ୟାଳୟ ଆରମ୍ଭ ହେଲା ।

ନବଜ୍ୟୋତି ପତ୍ରିକା ବି ପ୍ରକାଶ ହେଉଥିଲା । ଯେଉଁ ବ୍ୟକ୍ତିଙ୍କ ଠାରୁ ଘରଭଡ଼ା ନିଆ ହୋଇଥିଲା ସେ ବ୍ୟକ୍ତି ତାଙ୍କ ଘରଟିକୁ ବିକ୍ରି କରିବାକୁ ଚାହିଁଲେ । ସେସମୟରେ ପ୍ରପତ୍ତି ଆଶ୍ରମ ସ୍କୁଲରେ ଫିଲୋସଫି ଅଧ୍ୟାପକ ଥିଲେ । ମୋର ତ ପ୍ରଥମରୁ ଡାଇନିଂ ରୁମ୍‌ରେ ବାସନ ମାଜିବା କାମ ଥିଲା । ଆମେ ଉଭୟେ ବ୍ୟାୟାମ କରିବା ସକାଶେ ଟେନିସ୍ ଗ୍ରାଉଣ୍ଡକୁ ଯାଉଥିଲୁ । ରନିଙ୍ଗ୍ ମଧ୍ୟ କରୁଥିଲୁ । ପ୍ରପତ୍ତି ମୋତେ କହିଲେ, ''ନବଜ୍ୟୋତି କାର୍ଯ୍ୟାଳୟର ଘର ବିକ୍ରି ହେବାକୁ ଯାଉଛି । ଅନ୍ୟ ଲୋକ ନେଲେ ଆମକୁ ସେ ଘର ଛାଡ଼ି ଦେବାକୁ ହେବ । ଆଶ୍ରମ ଘର ଦେଲେ ଗୋଟିଏ ମାତ୍ର କୋଠରି ଦେବ, ଏତେ ବହିପତ୍ର ରହିବ କେଉଁଠି ? ପୁଣି ବାରଂବାର ଘର ବଦଳ କଲେ ଅସୁବିଧା ହେବ । ଏଇ ଘରଟିକୁ ଯଦି ଖର୍ଦ୍ଦି କରା ହୁଅନ୍ତା ତେବେ ସ୍ଥାୟୀଭାବେ ଏଇଘରେ ନବଜ୍ୟୋତି କାର୍ଯ୍ୟାଳୟର କାର୍ଯ୍ୟ ହୁଅନ୍ତା । କିନ୍ତୁ ଖର୍ଦ୍ଦି କରିବା ସକାଶେ ପଇସା ଦରକାର । (ତା'ର ଦାମ୍ ସେତେବେଳେ ଥିଲା ୪୦ ହଜାର ଟଙ୍କା ।) ଏତେ ଟଙ୍କା ଆସିବ କେଉଁଠୁ ?'' ମୁଁ ତାଙ୍କୁ କହିଲି, ''ପଇସା ହେଉ ବା ନ ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଘର ଖର୍ଦ୍ଦି କରିବା ନିଶ୍ଚିତ ହେଲେ ପଇସା ପାଇଁ ଚିନ୍ତା କର ନାହିଁ ।'' ସେ କହିଲେ, ''ଘର ଖର୍ଦ୍ଦି ହେବା ତ ନିଶ୍ଚିତ । ପଇସା ଦରକାର ।''

ସେସମୟରେ ଉତ୍ସବ ବାବୁ (ଓଡ଼ିଶାରୁ) ଆସି ଆଶ୍ରମ ଗେଷ୍ଟ୍ ହାଉସରେ ରହୁଥିଲେ । ତାଙ୍କ ପୁତ୍ର ଅନିମେଷ ଆଶ୍ରମରେ ପଢୁଥିଲେ । ଆମେ ଦୁଇଜଣ ଗଲୁ, ଉତ୍ସବ ବାବୁଙ୍କୁ କହିଲୁ – ''ତିରିଶ ହଜାର ଟଙ୍କା ଆମକୁ ଧାର ଦିଅନ୍ତୁ । ନବଜ୍ୟୋତି କାର୍ଯ୍ୟାଳୟ ଘରଟି ଖର୍ଦ୍ଦି ହେବ । ଅଥବା ଆପଣ ତ ସବୁବେଳେ ଆସି ଗେଷ୍ଟ୍ ହାଉସରେ ରହୁଛନ୍ତି, ଆପଣଙ୍କ ଲାଗି ଯଦି ଗୋଟିଏ ଘର ତିଆରି ହେବ ଆପଣ ଓ ଆପଣଙ୍କ ପରିବାର ଆସି ସେଠାରେ ରହିପାରିବେ । ଏ ଦୁଇଟି ପ୍ରସ୍ତାବରୁ ଏଥିରେ ଆପଣଙ୍କ ମତ କ'ଣ ।'' ସେ କହିଲେ, ''ଆପଣ ଯଦି ଟଙ୍କା ଉଧାର ନେବେ ଟଙ୍କା ଦେବେ କିପରି ?'' ମୁଁ ତାଙ୍କୁ କହିଲି, ''ଏ ବହିପତ୍ର ଛପା ହେବାକୁ ଯେପରି ଟଙ୍କା ଆସୁଛି, ସେହିପରି ଆପଣଙ୍କ ଟଙ୍କାକୁ ଆମେ ପରିଶୋଧ କରିଦେବୁ ।'' ସେ କହିଲେ, ''କାଲି ମୁଁ ଯାଇ ଘରଟିକୁ ଦେଖିବି ।'' ସେ ଆସି ତହିଁ ଆରଦିନ ଦେଖିଲେ, ବର୍ତ୍ତମାନ ଯେଉଁ ଭାଗରେ ସେ ଅଛନ୍ତି ସେଇ ଭାଗଟି ମୋର ହୋଇ ରହିବ ବୋଲି କହିଲେ । ତା'ପରେ ଘର ଖର୍ଦ୍ଦି ହେଲା । ଶ୍ରୀମା'ଙ୍କ ନାମରେ ଜମି ଖର୍ଦ୍ଦି ହେଲା । ଉତ୍ସବ ବାବୁ ସେପଟେ ରହିଲେ । ଏପଟଟି ନବଜ୍ୟୋତି କାର୍ଯ୍ୟାଳୟ ହେଲା ।

ପ୍ରପତ୍ତିଙ୍କ ଦ୍ୱାରାହିଁ ନବଜ୍ୟୋତି କାର୍ଯ୍ୟାଳୟର କାର୍ଯ୍ୟ ଓ ଓଡ଼ିଶାର କାର୍ଯ୍ୟ ଆରମ୍ଭ ହେଲା । କ୍ରମଶଃ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ବିସ୍ତାର ହେବାକୁ ଲାଗିଲା । ସେ ଆଶ୍ରମରେ ଅଧ୍ୟାପକ ଥିଲେ । ଓଡ଼ିଶାରେ ଯାଇ ପାଠଚକ୍ର କରାଉଥିଲେ; ଏଆଡ଼େ ନବଜ୍ୟୋତି କାର୍ଯ୍ୟାଳୟରେ ବହିପତ୍ର ଓ ''ନବଜ୍ୟୋତି'' (ତ୍ରୈମାସିକ) ଓ ଅନ୍ୟାନ୍ୟ ପତ୍ରପତ୍ରିକା ପ୍ରକାଶ ହେଲା । ତାଙ୍କର ଅକ୍ଳାନ୍ତ ପରିଶ୍ରମରେ ଓଡ଼ିଶାରେ ପାଠଚକ୍ରସବୁ ଗଢ଼ିଉଠିଲା । ଓଡ଼ିଶାରେ ବେଶୀ କାମ ପଡ଼ିବାରୁ ଆଶ୍ରମରେ ଅଧ୍ୟାପନା କାମ ପୂରାପୂରି ଛାଡ଼ି ଓଡ଼ିଶା କାମ ପାଇଁ ସେ ବେଶୀ ସମୟ ଦେଲେ । ତା'ପରେ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଭିନ୍ନ ଭିନ୍ନ ସ୍ଥାନରେ ହେଲା । ମା'ଙ୍କ କାର୍ଯ୍ୟରେ

ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଥିଲେ । ଏପରିକି ଶରୀର ଅସୁସ୍ଥ ଥିବା ସମୟରେ ବି ମା'ଙ୍କ କାର୍ଯ୍ୟ ଛାଡ଼ି ନଥିଲେ । ତାଙ୍କ ଜୀବନର ବ୍ରତ ଥିଲା ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ, ପ୍ରତ୍ୟେକ ଘରେ ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତିଷ୍ଠା କରିବା । ଯେତେବେଳେ କଲିକତାରେ ପାଠମନ୍ଦିର ପ୍ରତିଷ୍ଠା ହେଲା ସେସମୟରେ ଶ୍ରୀଅରବିନ୍ଦ କହିଥିଲେ, ''ଗୋଟିଏ ଜାଗାରେ କ'ଣ ହେଲା ? ଘରେ ଘରେ ପାଠଚକ୍ର ହେବା ଉଚିତ ।'' ପ୍ରପତ୍ତି ତାଙ୍କର ମନ-ପ୍ରାଣ-ଶରୀରରେ ଶ୍ରୀମା'ଙ୍କ କାର୍ଯ୍ୟ କରିବା ସକାଶେ ନିଜକୁ ସମ୍ପୂର୍ଣ୍ଣରୂପେ ଉତ୍ସର୍ଗ କରିଥିଲେ । ଯେଉଁ ସମୟରେ ସେ ବିଛଣାରୁ ଉଠିପାରୁ ନଥିଲେ ସେସମୟରେ ବି ଓଡ଼ିଶାରେ ଶ୍ରୀମା'ଙ୍କ କାର୍ଯ୍ୟ ତ୍ୱରାନ୍ୱିତ ହେବା ଲାଗି ତୀବ୍ର ଭାବେ ଇଚ୍ଛା କରୁଥିଲେ ।

ସେ ଆସିଥିଲେ ମା'ଙ୍କ କାର୍ଯ୍ୟ କରିବା ସକାଶେ । ଆନ୍ତରିକତା ସହିତ ମା'ଙ୍କ କାର୍ଯ୍ୟ କରି ସେ ସ୍ଥୂଳ ଶରୀର ତ୍ୟାଗ କଲେ । କିନ୍ତୁ ପୁନରାୟ ନୂତନ ଶରୀରରେ ଜନ୍ମଗ୍ରହଣ କରି ସେ ମା'ଙ୍କ କାର୍ଯ୍ୟ କରିବେ ।

ପୃଥିବୀରେ ଅତିମାନସ ଚେତନା ଓ ଶକ୍ତି ପ୍ରତିଷ୍ଠା କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏ ପୃଥିବୀକୁ ଆସି ମନୁଷ୍ୟ ଶରୀର ଧାରଣ କରି ନିଜେ ସାଧନା କରି ଅତିମାନସ ଶକ୍ତିକୁ ଅବତରଣ କରାଇ ପୃଥିବୀରେ ପ୍ରତିଷ୍ଠା କରି ଅଛନ୍ତି । ସ୍ୱୟଂ ସାଧନା କରି ଆଶ୍ରମ ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଇଛନ୍ତି । ଏହି ଚେତନାକୁ ବ୍ୟକ୍ତି ଗ୍ରହଣ କରିବା ସଙ୍ଗେ ସଙ୍ଗେ ମା'ଙ୍କ ଆଦର୍ଶ ଅନୁସାରେ ଘରେ ଘରେ ପାଠଚକ୍ର ଓ ବିଭିନ୍ନ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେବ । ବିଶେଷ ସ୍ଥାନମାନଙ୍କରେ ଶ୍ରୀଅରବିନ୍ଦଙ୍କ ରିଲିକ୍ସ୍ ମନ୍ଦିର ପ୍ରତିଷ୍ଠା ହେବ । ଏଇ କାର୍ଯ୍ୟ ପ୍ରପତ୍ତି ଜୀବନସାରା କରି ଆସିଛନ୍ତି । ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ପ୍ରସାର ହୋଇଛି । ଓଡ଼ିଶାବାସୀଙ୍କୁ ମୋର ଅନୁରୋଧ ଓ ପ୍ରାର୍ଥନା ମା'ଙ୍କର ଏଇ ଯେଉଁ କାର୍ଯ୍ୟ ତାହା ଅବ୍ୟାହତ ରହୁ, ଏହି କାର୍ଯ୍ୟ ହେଲେ ପ୍ରପତ୍ତିଙ୍କ ଆତ୍ମା ପ୍ରସନ୍ନ ଏବଂ କୃତାର୍ଥ ହେବ । ପୁନରାୟ ସେ ଜନ୍ମଗ୍ରହଣ କରି ଏହି କାର୍ଯ୍ୟ କରିବେ । ଶ୍ରୀମା'ଙ୍କ ଆଦର୍ଶ ପ୍ରସାର କାର୍ଯ୍ୟହିଁ ଆମ୍ଭମାନଙ୍କ ସାଧନାର ପ୍ରଧାନ ଅଙ୍ଗ । କାହିଁକି ନା ଶ୍ରୀଅରବିନ୍ଦଙ୍କ ଆଦର୍ଶ ବ୍ୟକ୍ତିଗତ ସାଧନା ନୁହେଁ; ପୃଥିବୀରେ ଅତିମାନବ ଜାତି, ଅତିମାନସ ଚେତନା ପ୍ରତିଷ୍ଠା ହେବ ଯଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବ, ସେମାନେ ହେବେ ଦିବ୍ୟମାନବ । ପୃଥିବୀରେ ପଶୁଜାତି ଥାଇ ଯେପରି ମନୁଷ୍ୟଜାତି ପ୍ରତିଷ୍ଠା ହୋଇଛନ୍ତି ସେହିପରି ମନୁଷ୍ୟଜାତି ଥାଇ ଦିବ୍ୟମାନବ ଜାତି ପ୍ରତିଷ୍ଠା ହେବ । ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ସଂସାରରେ ଚୋରି, ଡକାୟତି, ଯୁଦ୍ଧ-ବିଗ୍ରହ ଆଦି ରହିବ ନାହିଁ; ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ, ଏହାହିଁ ଆମ ସାଧନାର ଅଙ୍ଗ, ଆମ ଜୀବନର ଲକ୍ଷ୍ୟ । ମା'ଙ୍କ କାର୍ଯ୍ୟ ଯେତେ ଅଧିକ ପ୍ରସାର ହେବ ସେଥିରେ ଆମ ସାଧନାର ଉନ୍ନତି ଓ ପୃଥିବୀର ଉନ୍ନତି ହେବ । ଏଣୁ ଏହା ବ୍ୟକ୍ତିଗତ ନୁହେଁ, ସମଷ୍ଟିଗତ । ଏହାହିଁ ଭଗବାନଙ୍କ ସେବା ଏବଂ ମାନବ ଜୀବନର ଯଥାର୍ଥ କଲ୍ୟାଣ । ଏଇ ଆଦର୍ଶ ପ୍ରସାର ହେବା ଛଡ଼ା ଅନ୍ୟ କୌଣସି ଉପାୟରେ ସଂସାରର ବର୍ତ୍ତମାନ ପରିସ୍ଥିତିର ସୁଧାର ହୋଇ ପାରିବ ନାହିଁ ।

('ନବପ୍ରକାଶ' ମାସିକ ପତ୍ରିକା, ଜୁଲାଇ ସଂଖ୍ୟା ୧୯୮୯ରୁ ସଂଗୃହୀତ)

❑❑❑

ହେ ପ୍ରଭୁ, ଆମ ଭିତରେ ଯାହା କିଛି କୃତ୍ରିମ ଓ ମିଥ୍ୟା, ଯାହାକିଛି ଛଳନା କରେ ଓ ଅନୁକରଣ କରେ ସେସବୁକୁ ଆଜି ସନ୍ଧ୍ୟାରେ ତୁମ ନିକଟରେ ସମର୍ପଣ କରୁଛୁ । ଶେଷ ହେବାକୁ ଯାଉଥିବା ବର୍ଷଟିରେ ଏସବୁ ନିଶ୍ଚିହ୍ନ ହୋଇଯାଉ । ଆରମ୍ଭ ହେଉଥିବା ବର୍ଷଟିରେ କେବଳ ତାହାହିଁ ଆମ ଭିତରେ ବଞ୍ଚି ରହୁ ଯାହାକିଛି ପରିପୂର୍ଣ୍ଣ ରୂପେ ସତ୍ୟ, ଆନ୍ତରିକ, ସରଳ ଓ ଶୁଦ୍ଧ ।

— ଶ୍ରୀମା

# ସେ'ତ ସେହି ଫଗୁଣର କଥା*

## କୁମାର ତ୍ରିପାଠୀ

ସେ'ତ ସେହି ଫଗୁଣର କଥା
କାଲି ପରି ଆଜି ତ ଲାଗୁଛି
ତୁମେ ଆସିଥିଲ, କହିଥିଲ ହସିହସି
ଦେଇଥିଲ ମା'ଙ୍କର ବାର୍ତ୍ତା ।

ସେ ହସ ଚେନାଏ ଚେନାଏ ହୋଇ
ଝରିଗଲା ଓଡ଼ିଶା ମାଟିରେ
ସେ ବାର୍ତ୍ତା ସନ୍ଦେଶ ହୋଇ
କହି ଦେଲା ପ୍ରତିଟି କାନରେ
ଗାଇଥିଲା ପ୍ରଭୁଙ୍କର ଗାଥା
ସେ'ତ ସେହି ଫଗୁଣର କଥା ।

ନଗର ସହର ଡେଇଁ ତୁମେ ଚାଲିଥିଲ
ମଫସଲ, ପଡ଼ାଗାଁ, ପାହାଡ଼ ଜଙ୍ଗଲ କାଟି
ତୁମେ ରଚିଥିଲ ମା' ଓ ପ୍ରଭୁଙ୍କ ମନ୍ଦିର,
ପାଠଚକ୍ର, ଅଭିନବ ନବ କଳେବର
ବରଣ କରିଲା ଏଇ ମାଟି, ଏ ଆକାଶ
ପ୍ରତିଟି ମଣିଷ ଆଉ ଗଛଲତା, ନଦୀ ଓ ସାଗର ।

ମହୋଦଧି ଗାଉଥିଲା ଗୀତ
ଶିମିଳିପାଳ ଶୁଣିଲା କାନରେ
ଗଞ୍ଜାମରେ ବାଜାବାଜି ହୋଇଥିଲା
ସ୍ୱର ସମ୍ବଲପୁର ରାଜ ଦରବାରେ ।

କଟକ ନଗର ଧବଳ ଟଗର
ଭୁବନେଶ୍ୱର କୋଠାବାଡ଼ି ଭୁଲାଇ ପାରିନି
ଶାଳବଣ, ମହୁଲର ନିଶା
ତୁମକୁ ଘାରି ବି ପାରିନି
ତୁମେ ତ ଆସିଛ, ମିଶିଛ, ହସିଛ,
ରୁଷିଛ, ରାଗିଛ ଆଉ ସେହି
ଦୁର୍ବାସାର ରୂପତଳେ ଧାରଣ କରିଛ
ସୁଶୀତଳ ଜ୍ୟୋତ୍ସ୍ନା; ମା' ନାମ ଚନ୍ଦନ, କର୍ପୂର ।

ଟିକି ଟିକି ଲଙ୍ଗଳା ମୁକୁଳା ଛୁଆ
କଳା କଳା ଦେହ ଆଉ କା'ର ଗୋରା ଚମ
ନିଷ୍ପ୍ରାଣ ନିସ୍ତେଜସବୁ ଧୁଡୁକା ଶରୀର
ଧଳାକେଶ, କଳାଚୁଟି
ନୁଖୁରା ଅପିନ୍ଧା, ଭଦ୍ରତାର ମୁଖାତଳେ
ନିର୍ଜୀବ ସଭ୍ୟତା, ଆଉ ତା' ସହିତ
ପ୍ରାଣହୀନ ଶିକ୍ଷା, ମନରେ ମଣିଷ ନିଜ ପାଇଁ
ଯାହା ଖାଲି କୋଠାଘର ଖୋଜେ ।

ଜହ୍ନରାତି ଉଆଁସକୁ ଭେଟେ
ବୁଦ୍ଧିର ମଲ୍ଲଯୁଦ୍ଧ, କସରତ
ଅହମିକା ମଣିଷ ମନର,
ସେସବୁକୁ ହୁରୁଡ଼େଇ
ତୁମେ ସିନା କହିଥିଲ ଅନ୍ୟ କଥା
ଅନ୍ୟ ଗାଥା, ଅନ୍ୟ ଶିକ୍ଷା, ଅନ୍ୟ ଦୀକ୍ଷା
ଯାହାଥିଲା ପ୍ରଭୁଙ୍କର ବାର୍ତ୍ତା, ମା'ର ମମତା
ସେ'ତ ସେହି ଫଗୁଣର କଥା ।

ସେସବୁ ଉଠିଲା
ନିଜକୁ ସଜାଡ଼ି, ମଥା ଟେକି
ପୂର୍ଣ୍ଣତାର ରାହା ଧରି ଗଭୀର ଗଣ୍ଡକୁ
ମାରିଦେଲା ଡିଆଁ, ଏକ ନୁହେଁ
ପାଞ୍ଚ-ଦଶ-ଶତ-ଶତାଧିକ
ଆଉ ପ୍ରଭୁଙ୍କୁ ଥାପିଲ ଆଣି
ନଗର, ସହର, ଜଙ୍ଗଲ, ପାହାଡ଼

* କବିତାଟି ପ୍ରପତ୍ତିଙ୍କ ତିରୋଧାନ (୧୯୮୯ ଜୁନ୍ ୨୮ ତାରିଖ)ପରେ ତାଙ୍କର ସ୍ମୃତିରେ ରଚିତ ।

ଏକାକାର କରି, ସବୁ ଖାଲି ଅଭିନବ
ସେ'ତ ସେହି ଫଗୁଣର କଥା ।

କିନ୍ତୁ କାହିଁ ସେ ଫଗୁଣ,
ଆଜି ତ ହସୁଛି ପାଠଚକ୍ର
ଶତ ବା ସହସ୍ର ନୁହେଁ, ଅକଳନ୍ତି
ଜନ୍ମରାତି ପୂର୍ଣ୍ଣିମାରେ ତାରାର ଦୀପାଳି
ବିଦ୍ୟାଳୟ ପୂର୍ଣ୍ଣାଙ୍ଗ ଶିକ୍ଷାର, ପ୍ରଭୁଙ୍କ
ମନ୍ଦିର ସମାଧି ଟେକି ଅଛି ମୁଣ୍ଡ,
ଏକରୁ ଅନେକ ହୋଇ ।

କିନ୍ତୁ ହଠାତ୍ ଭେଟିଲା ଉଆଁସ
ତାରାର ମେଳରୁ ଜହ୍ନଟା ହଜିଗଲା



ଥମିଗଲା କଣ୍ଠସ୍ୱର କୋଇଲିର
ଲିଭିଗଲା ଦୀପ ଅନିର୍ବାଣ ସାଧନା ଶିଖାର ।

ଆଷାଢ଼ ଗାଉଛି ଗୀତ, ଟପ୍‌ଟପ୍ ଆଖିରୁ
ଝରିପଡ଼େ ଲୁହ, ସେ ଲୁହ ବି ଫଗୁଣର ହସ
ସେ ହସର ଶେଷ ନାହିଁ, ରୂପାନ୍ତର କରେ ସିଏ
ତା'ର ହସ ପାଇଁ, ଆଗାମୀ ଯୁଗକୁ,
ଅତିମାନବକୁ ।

ହୁଏତ ସେ ଦେବହିଁ ବାରତା
ପ୍ରସ୍ତୁତିର କଳେବର ଧରି
ଉଆଁସର ଚାନ୍ଦ ହୋଇ ଗାଇବ ତା' ଗାଥା ।
ସେ'ତ ସେହି ଫଗୁଣର କଥା । ❑

ବାସ୍ତବ କ୍ଷେତ୍ରରେ କଳ୍ପନା ହେଉଛି ମାନସିକ ଗଠନ ପାଇଁ ଶକ୍ତି ... ଯାହା ହେଲେ ବି ଏପରି କୌଣସି ଗୋଟିଏ ହେଲେ ପଦାର୍ଥ ନାହିଁ ଯାହାର ଗଠନ ଅବାସ୍ତବ ପରି ପ୍ରତୀତ ହୁଏ, କାରଣ ମାନସିକ ସ୍ତରରେ ପ୍ରତ୍ୟେକ ଛବିର ବାସ୍ତବତା ଅଛି । ଉଦାହରଣସ୍ୱରୂପ ଗୋଟିଏ ଉପନ୍ୟାସର ବିଷୟବସ୍ତୁ ଭୌତିକ ଜୀବ ପରି ମାନସିକ ସ୍ତରରେ ସ୍ୱାଧୀନ ଭାବରେ ଥାଏ । ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆମେ ପ୍ରତ୍ୟେକେ ଜଣେ ଜଣେ ଔପନ୍ୟାସିକ ଏବଂ ସେହି ସୀମା ପର୍ଯ୍ୟନ୍ତ ଆମର ବିଭିନ୍ନ ରୂପ ଗଠନ କରିବାର ସାମର୍ଥ୍ୟ ରହିଛି । ଆମ କଳ୍ପନା ଅନୁସାରେ ଜୀବନର ଘଟଣାବଳି ମୂର୍ତ୍ତିମନ୍ତ ହୁଏ । ପ୍ରତ୍ୟେକ ଥର ଯେତେବେଳେ ଏକ ଅପ୍ରୀତିକର କଳ୍ପନା ମଧ୍ୟରେ ତୁମେ ନିଜକୁ ହଜାଇ ଦିଅ, ସେତେବେଳେ ଏହା ତୁମର ଆଶଙ୍କା, ସମ୍ଭାବିତ ଦୁର୍ଘଟଣା, ଦୁର୍ଭାଗ୍ୟସବୁକୁ ରୂପଦେଇ ତୁମର ଭବିଷ୍ୟତକୁ ଅତଳ ଗର୍ଭକୁ ଟାଣିନିଏ । ଅପର ପକ୍ଷରେ ତୁମର କଳ୍ପନା ଯେତେ ଆଶାବାଦୀ ହେବ, ସେତେ ତୁମେ ତୁମର ଲକ୍ଷ୍ୟକୁ ଉପଲବ୍ଧି କରିବାର ସମ୍ଭାବନା ଲାଭ କରିବ । ମଁସିଅ କୁଏ ଏହି ମୌଳିକ ସତ୍ୟକୁ ଧାରଣ କରିଥିଲେ ଓ ସେ ଶହ ଶହ ଲୋକଙ୍କୁ ସେମାନଙ୍କ ଦୁଃଖକଷ୍ଟରୁ ମୁକ୍ତ ହୋଇଛନ୍ତି ବୋଲି କଳ୍ପନା କରିବାକୁ ସହଜ ଭାବରେ ଉପଦେଶ ଦେଇ ଭଲ କରି ପାରୁଥିଲେ । ଥରେ ସେ ଜଣେ ମହିଳାଙ୍କ ସମ୍ପର୍କରେ ଆସିଲେ ଯାହାଙ୍କର ମୁଣ୍ଡର ବାଳଗୁଡ଼ିକ ଉପୁଡ଼ି ଯାଉଥିଲା । ସେ ମହିଳା ଜଣକ ନିଜକୁ ନିଜେ ପ୍ରବର୍ତ୍ତାଇଲେ ଯେ ତାଙ୍କ ମୁଣ୍ଡରେ ପ୍ରତ୍ୟେକ ଦିନ ଅଧିକ ସଂଖ୍ୟକ ବାଳ ସୃଷ୍ଟି ହେଉଛି ଓ ତାଙ୍କର ଅଗ୍ରଗତି ହେଉଛି । ଏହିପରି କଳ୍ପନାରେ ଲାଗି ରହିବା ଫଳରେ ବାସ୍ତବରେ ତାଙ୍କର ବାଳ ବୃଦ୍ଧି ହେବାକୁ ଲାଗିଲା ଏବଂ ନିଜର ପରବର୍ତ୍ତୀ ସ୍ୱ-ପରାମର୍ଶ ପର୍ଯ୍ୟନ୍ତ ଆଶାନୁରୂପ ଦୀର୍ଘ ହେବାକୁ ଲାଗିଲା ।

— ଶ୍ରୀମା

# ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳଭିତ୍ତି

## (୨)

## ପ୍ରପତ୍ତି

ବର୍ତ୍ତମାନ ପ୍ରାଚୀନ ଭାରତର ଶିକ୍ଷାପଦ୍ଧତି ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବା । ପ୍ରାଚୀନ ଭାରତର ଶିକ୍ଷାର ମୂଳଭିତ୍ତି ଧର୍ମ ଉପରେ ପ୍ରତିଷ୍ଠିତ । ଧର୍ମ ଓ ଆଧାତ୍ମିକତା ପ୍ରାଚୀନ ଭାରତରେ ସବୁ କ୍ଷେତ୍ରରେ ପ୍ରୟୋଗ କରା ହୋଇ ଏକ ସଂହତ ଏବଂ ବଳଶାଳୀ ସମାଜ ସ୍ଥାପିତ ହୋଇଥିଲା । ଭାରତୀୟ ସମାଜନୀତି, ରାଜନୀତି, ଅର୍ଥନୀତି, ସାହିତ୍ୟ, କଳା, ସ୍ଥାପତ୍ୟ ଓ ଦର୍ଶନ ସବୁକିଛି ପ୍ରାଚୀନକାଳରେ ଧର୍ମ ଉପରେ ପ୍ରତିଷ୍ଠିତ ଥିଲା । କିନ୍ତୁ ଏହି ଧର୍ମହିଁ ଥିଲା ସାର୍ବଜନୀନ ଅଧ୍ୟାତ୍ମଭାବପୂର୍ଣ୍ଣ ସନାତନ ଧର୍ମ । ଏହା କୌଣସି ମନ୍ଦିର ବା ବ୍ୟକ୍ତି ବିଶେଷ ଉପରେ ନିର୍ଭର କରୁ ନଥିଲା । ଏକ ଦିଗରେ ଧର୍ମ ହେଲା ଆତ୍ମାନ୍ୱେଷଣର ପଥ, ଅନ୍ୟ ଦିଗରେ ବିଶ୍ୱଜଗତ୍ ସହିତ ମନୁଷ୍ୟର ସୁଦୃଢ଼ ସମ୍ବନ୍ଧ ସ୍ଥାପନର ପଟ୍ଟଭୂମି । ସେଥିପାଇଁ ପ୍ରାଚୀନ ଭାରତୀୟ ଶିକ୍ଷାପ୍ରଣାଳୀ ଧର୍ମମୂଳକ ଥିଲା ।

ବୈଦିକ ଯୁଗରେ ଉପନୟନ ପରେ ଶିକ୍ଷା ଆରମ୍ଭ ହେଉଥିଲା । ଉପନୟନହିଁ ଥିଲା ଛାତ୍ର ଜୀବନର ପ୍ରବେଶ ପତ୍ର । ଏହା ପରେ ଛାତ୍ର ଗୁରୁଙ୍କ ସହିତ ବ୍ରହ୍ମଚର୍ଯ୍ୟାଶ୍ରମରେ ବାସ କରୁଥିଲେ । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଛାତ୍ରମାନଙ୍କର ଯଥାକ୍ରମେ ୯, ୧୧, ୧୨ ବୟସରେ ଉପନୟନ ଉତ୍ସବ ଅନୁଷ୍ଠିତ ହେଉଥିଲା । ଗୁରୁଙ୍କ ଗୃହରେ ଛାତ୍ରକୁ ପ୍ରାୟ ପଚିଶ ବର୍ଷ ପର୍ଯ୍ୟନ୍ତ ରହିବାକୁ ପଡୁଥିଲା । ଏହାପରେ ସାଧାରଣ ଛାତ୍ରମାନଙ୍କ ଶିକ୍ଷା ସମାବର୍ତ୍ତନ ଉତ୍ସବରେ ସମାପ୍ତ ହେଉଥିଲା । ଏହି ଶିକ୍ଷାର ବିଶିଷ୍ଟ ଲକ୍ଷ୍ୟ ଥିଲା ବ୍ୟକ୍ତିତ୍ୱର ଯଥାଯଥ ବିକାଶ, ଚରିତ୍ର-ଗଠନ ଓ ମୋକ୍ଷଲାଭ । ଅବଶ୍ୟ ବୈଦିକ ଯୁଗରେ ଏହି ମୋକ୍ଷଲାଭର ଅର୍ଥ ଜଗତକୁ ବର୍ଜନ କରି ବା ତ୍ୟାଗ କରି ଭଗବତ୍ ଅନୁସନ୍ଧାନରେ ଲିପ୍ତ ହେବା ନଥିଲା । ଧର୍ମ, ଅର୍ଥ, କାମ, ମୋକ୍ଷ – ଏହି ଚାରୋଟିହିଁ ପୁରୁଷାର୍ଥ ଥିଲା, ଯଦିଓ ଏହା ମଧ୍ୟରେ ମୋକ୍ଷ-ବର୍ଗହିଁ ସର୍ବୋତ୍କୃଷ୍ଟ ବୋଲି ବିବେଚିତ ହେଉଥିଲା । ଏହି କାରଣରୁ ପ୍ରାଚୀନ ଭାରତର ଶିକ୍ଷାରେ ଐହିକ ଜୀବନକୁ ସାରକଥା ବୋଲି ଧରା ନଯାଇ ମୃତ୍ୟୁ ରହସ୍ୟକୁ ଭେଦ କରି ପର-ଜୀବନର ତତ୍ତ୍ୱ ଆବିଷ୍କାର କରିବାକୁ ଉଦ୍ୟମ କରାଯାଇଥିଲା । ସୁତରାଂ ଶିକ୍ଷାକ୍ଷେତ୍ରରେ ଆଧାତ୍ମିକ ଉନ୍ନତି ସକାଶେ ବ୍ୟାପକ ଚେଷ୍ଟା ହୋଇଥିଲା । ଅବଶ୍ୟ ବୈଦିକ ଋଷିଗଣ ଆଧାତ୍ମିକ ଚେତନା ଦ୍ୱାରା ଜୀବନର ଋଦ୍ଧି ଓ ସମୃଦ୍ଧି ପାଇଁ କିଛି କମ୍ ଚେଷ୍ଟା କରି ନଥିଲେ । ଏହି ସମୟରେ ରାଜକୁମାରମାନେ ମଧ୍ୟ ଋଷି ଆଶ୍ରମରେ ରହି ଶିକ୍ଷା କରୁଥିଲେ ।

ବୌଦ୍ଧଯୁଗରେ ପ୍ରାୟଶଃ ଏହି ପ୍ରକାରର ଶିକ୍ଷା ପ୍ରଚଳିତ ଥିଲା, ଯଦିଓ କେତେକ ପରିବର୍ତ୍ତନ ଆସିଥିଲା । ବୌଦ୍ଧଯୁଗ ଅଧିକ ଗଣତାନ୍ତ୍ରିକ ଥିଲା ଏବଂ ବିଦ୍ୟାଳୟର ଦ୍ୱାର ସକଳଙ୍କ ସକାଶେ ଉନ୍ମୁକ୍ତ ଥିଲା । ଦ୍ୱିତୀୟତଃ ଶିକ୍ଷା ପ୍ରଣାଳୀ ଅନେକ ପରିମାଣରେ ଧର୍ମ ନିରପେକ୍ଷତା ଉପରେ ପ୍ରତିଷ୍ଠିତ ହେଲା । ଶିକ୍ଷାର କ୍ଷେତ୍ର, ପୁନଶ୍ଚ ଗୁରୁ ଗୃହ ନହୋଇ ବିହାର ବା ମଠ ହେଲା । ଏହି ସମୟରେ ବିଶ୍ୱବିଖ୍ୟାତ ନାଳନ୍ଦା, ତକ୍ଷଶୀଳା ଓ ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟ ଗଢ଼ି ଉଠିଥିଲା । ଚତୁର୍ଥତଃ ସ୍ତ୍ରୀ-ଶିକ୍ଷାର ପ୍ରଚଳନ ମଧ୍ୟ ବିଶେଷ ପରିମାଣରେ ହେଲା । ବୌଦ୍ଧ ଧର୍ମର ସାର୍ବଜନୀନ ମୈତ୍ରୀ ଓ ଭ୍ରାତୃଭାବ ଫଳରେ ଦେଶରେ ଅତି ଦ୍ରୁତଗତିରେ ଶିକ୍ଷା ପ୍ରସାର ଲାଭ କରିଥିଲା । କିନ୍ତୁ ଏହି ଶିକ୍ଷା ଓ ଧର୍ମ ପ୍ରଚାରର ଉଦ୍ଦେଶ୍ୟ ଥିଲା ମୁକ୍ତି ବା ନିର୍ବାଣ ଲାଭ । ଆଧାତ୍ମିକ ଉନ୍ନତି ସଙ୍ଗେ ସଙ୍ଗେ ପାର୍ଥିବ ଉନ୍ନତିକୁ ସମାନ ଭାବେ ଗ୍ରହଣ କରାଯାଇ ପାରିଲା ନାହିଁ । ଏହିଠାରେହିଁ ସଂସାର ଓ ଆଧାତ୍ମିକତା ମଧ୍ୟରେ ପାର୍ଥକ୍ୟ ଦେଖାଦେଲା ଏବଂ ପାର୍ଥିବ ଜୀବନ ଓ ଅଧ୍ୟାତ୍ମ ଜୀବନ ମଧ୍ୟରେ କୌଣସି ପ୍ରକାର ସାମଞ୍ଜସ୍ୟ ରହିପାରିଲା ନାହିଁ; କ୍ରମଶଃ ଏହି ବିଭେଦ ସଂସାର ଓ ଅଧ୍ୟାତ୍ମସାଧନ ମଧ୍ୟରେ ବଢ଼ି ଚାଲିଲା; ଏବଂ ମଧ୍ୟଯୁଗରେ ମାୟାବାଦର ପ୍ରଚାର ଫଳରେ ସଂସାରକୁ ମାୟା ଓ ମିଥ୍ୟା ବୋଲି ବର୍ଜନ କରି ଏକମାତ୍ର ଅଧ୍ୟାତ୍ମ-ସାଧନାରେ ରତ ହେବାହିଁ ଶ୍ରେଷ୍ଠ ଆଦର୍ଶ ରୂପେ ଦେଖାଦେଲା । ଦେଶର ପୂର୍ଣ୍ଣାଙ୍ଗ ଉନ୍ନତି ଓ ସମୃଦ୍ଧି ଏହିଠାରେ ବ୍ୟାହତ ହେଲା । କ୍ରମଶଃ ଦେଶରୁ କର୍ମ-ପ୍ରବଣତା, ଭୌତିକ ପୂର୍ଣ୍ଣତା ଲୋପ ପାଇବାକୁ ବସିଲା ଏବଂ

ଦେଶ ଅନ୍ଧକାର ଗର୍ଭରେ ପତିତ ହେଲା । ଏହି ଅନ୍ଧକାର ଯୁଗର ଶେଷ ଭାଗରେ ଭାରତବର୍ଷ ଇଂରେଜମାନଙ୍କ କବଳରେ ପଡ଼ିଲା । ଇଂରେଜ ରାଜତ୍ୱ କାଳରେ ଶିକ୍ଷା ଦିଗରେ ଭାରତବର୍ଷ ଅନେକ ପଛରେ ପଡ଼ି ରହିଲା ଏବଂ ସମଗ୍ର ଦେଶ ଏକ ଊଷର ଭୂମି ପ୍ରାୟ ପ୍ରତୀୟମାନ ହେଲା । ଏହି ସମୟରେ ଭଗବତ୍ ବିଧାନାନୁସାରେ ଭାରତ ସ୍ୱୀୟ ଆତ୍ମବଳ ଓ ତପୋବଳରେ ଜାଗ୍ରତ ହେଲା ଏବଂ ପ୍ରତ୍ୟେକ କ୍ଷେତ୍ରରେ ଦେଖାଦେଲା ଏକ ନବଯୁଗ ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ବହୁ ମହାପୁରୁଷ ଜନ୍ମ ଗ୍ରହଣ କରି ଭାରତର ଗୌରବମୟ ଐତିହ୍ୟ, ମହାନ୍ ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର କରିବାକୁ ଲାଗି ପଡ଼ିଲେ । ଅଧ୍ୟାତ୍ମ-କ୍ଷେତ୍ରରେ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ; ଜାତୀୟତାର କ୍ଷେତ୍ରରେ ବାଳଗଙ୍ଗାଧର ତିଳକ, ଲାଲା ଲଜପତ୍ ରାୟ, ବିପିନ ପାଲ, ମହାତ୍ମା ଗାନ୍ଧି, ଶ୍ରୀଅରବିନ୍ଦ; ସାହିତ୍ୟ କ୍ଷେତ୍ରରେ ରବୀନ୍ଦ୍ରନାଥ, ବଙ୍କିମଚନ୍ଦ୍ର ପ୍ରଭୃତି ସ୍ୱନାମଧନ୍ୟ ବ୍ୟକ୍ତିଗଣ ନିଜର ଦେଶ-ବତ୍ସଳତା ଓ ଜାତୀୟ-ପ୍ରୀତି ଦ୍ୱାରା ସମଗ୍ର ଦେଶରେ ଏକ ନବଜାଗରଣ ଆଣି ଦେଲେ । ଏହି ସମୟରେ ଜାତୀୟ ଶିକ୍ଷାକ୍ଷେତ୍ରରେ ମଧ୍ୟ କିଛି କାର୍ଯ୍ୟ ଆରମ୍ଭ ହୋଇ ଯାଇଥିଲା । ଶିକ୍ଷାକ୍ଷେତ୍ରରେ ଯେଉଁମାନେ ବିଶେଷତଃ କାର୍ଯ୍ୟ କରି ଅଛନ୍ତି ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧି, ବିଶ୍ୱ-କବି ରବୀନ୍ଦ୍ରନାଥ ଓ ଶ୍ରୀଅରବିନ୍ଦଙ୍କ ନାମ ଉଲ୍ଲେଖଯୋଗ୍ୟ । ମହାତ୍ମାଗାନ୍ଧିଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା-ପଦ୍ଧତି (Basic Education)କୁ ବର୍ତ୍ତମାନର ଭାରତ ସରକାର ବହୁ କ୍ଷେତ୍ରରେ ପ୍ରୟୋଗ କରିଅଛନ୍ତି । ବିଶେଷତଃ ଶିଶୁ-ଶିକ୍ଷା କ୍ଷେତ୍ରରେ ଏହାର ବହୁଳ ପ୍ରସାର ହୋଇଛି । ରବୀନ୍ଦ୍ରନାଥଙ୍କ ପ୍ରବର୍ତ୍ତିତ ନୂତନ ଶିକ୍ଷା-ପଦ୍ଧତିର ସ୍ୱରୂପ ଆଜି କିଛି ପରିମାଣରେ ଶାନ୍ତିନିକେତନରେ ଦେଖିବାକୁ ମିଳେ । ଏସବୁର ପ୍ରତ୍ୟେକ ବିଷୟରେ ଏଠାରେ ଆଲୋଚନାର ଅବସର ନାହିଁ । କେବଳ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରବର୍ତ୍ତିତ ଶିକ୍ଷାବିଧିର କେତୋଟି ଦିଗ ଆଲୋଚନା କରିବା ।

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଶିକ୍ଷା-ଦର୍ଶନ ମୂଳତଃ ତାଙ୍କର ଆଧ୍ୟାତ୍ମିକ ଯୋଗ-ଦର୍ଶନ ଉପରେ ପ୍ରତିଷ୍ଠିତ । ଶ୍ରୀଅରବିନ୍ଦ ସ୍ୱୀୟ ଦିବ୍ୟଦୃଷ୍ଟି ବଳରେ ମାନବ-ଜୀବନର ଯେଉଁ ଗଭୀର ତତ୍ତ୍ୱଚୟ ଉଦ୍‌ଘାଟନ କରିଛନ୍ତି ତାହାହିଁ ତାଙ୍କ ଶିକ୍ଷା ଦର୍ଶନର ମୂଳ-ଭିତ୍ତି । ଏଥିରେ ଦେଖିବାକୁ ମିଳେ ସମଗ୍ର ମାନବ-ଜୀବନ ଓ ସମଗ୍ର ସଂସାରର ସର୍ବାଙ୍ଗୀଣ ରୂପ । ଶ୍ରୀଅରବିନ୍ଦ ଜୀବନ ଓ ସଂସାରର କୌଣସି ଦିଗକୁ ବାଦ୍ ଦେଇ ନାହାନ୍ତି । ଆମ୍ଭେମାନେ ପ୍ରାୟଶଃ ଦେଖୁ ପ୍ରାଚୀନ ଭାରତର ଶିକ୍ଷା-ପଦ୍ଧତିରେ ବ୍ୟାବହାରିକ ଜୀବନର ଉନ୍ନତି, ସମୃଦ୍ଧି ଓ ବୈଭବ ତୁଳନାରେ ଆଧ୍ୟାତ୍ମିକ ଜୀବନର ଉନ୍ନତି, ସିଦ୍ଧି ଓ ସାଫଲ୍ୟ ଉପରେ ବିଶେଷ ଜୋର୍ ଦିଆ ହୋଇଛି । ପରିଣାମରେ ଭାରତବର୍ଷରେ ଜୀବନର ମୂଲ୍ୟବୋଧ ଏକତରଫା ହୋଇ ଯାଇଛି ଏବଂ ବହିର୍ଜଗତ୍ ସଙ୍ଗେ ଅନ୍ତର୍ଜଗତ୍‌ର ସାମଞ୍ଜସ୍ୟ ନଷ୍ଟ ହୋଇ ଯାଇଛି । ଅନ୍ୟ ଦିଗରେ ବର୍ତ୍ତମାନ ପ୍ରଚଳିତ ପାଶ୍ଚାତ୍ୟ ଶିକ୍ଷାରେ ବହିର୍ଜଗତ୍ ଉପରେ ଅତ୍ୟଧିକ ଜୋର୍ ଦେବା ଫଳରେ ଅନ୍ତର୍ଜଗତ୍ ସଙ୍ଗେ ତାହାର ସାମଞ୍ଜସ୍ୟ ରକ୍ଷା ହୋଇପାରି ନାହିଁ । ଆଧ୍ୟାତ୍ମିକ ଶିକ୍ଷାକୁ ବାଦ୍ ଦେଇ ପାଶ୍ଚାତ୍ୟ ଦେଶ ନାନାପ୍ରକାର ଯୁଦ୍ଧ ବିଗ୍ରହ, ଦ୍ୱନ୍ଦ୍ୱ ଓ କଳହ ମଧ୍ୟରେ ପଡ଼ି ଆଜି ବର୍ବର ଓ ଆସୁରିକ ହୋଇ ଉଠିଛି । ପ୍ରାଚ୍ୟର ଶାନ୍ତ, ସ୍ନିଗ୍ଧ, ସମୁଜ୍ଜ୍ୱଳ ଉଦାର ଆଧ୍ୟାତ୍ମିକ ମନୋଭାବ ସଙ୍ଗକୁ ରହିଛି ତାମସିକତା, ଦରିଦ୍ରତା ଓ କର୍ମହୀନତା; ଅନ୍ୟ ପକ୍ଷରେ ପାଶ୍ଚାତ୍ୟର ବହିର୍ମୁଖୀ ରାଜସିକ କର୍ମପ୍ରବଣ ମନୋଭାବ ସଙ୍ଗକୁ ରହିଛି ସଂଘର୍ଷ, ଯୁଦ୍ଧ ଓ ଆସୁରିକତା । ଏହି ଉଭୟ ଦୁଇ ବିରୋଧୀ (Two Negations) ସଂସ୍କୃତିର ମହନୀୟ ଓ ସମୁଦାର ସମନ୍ୱୟ ଘଟିଛି ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନରେ ଓ ଶିକ୍ଷାବିଧିରେ । ଶ୍ରୀଅରବିନ୍ଦଙ୍କ ସର୍ବାଙ୍ଗୀଣ ଶିକ୍ଷାବିଧିରେ ଉଭୟ ଜଗତ୍, — ଅନ୍ତର୍ଜଗତ୍ ଓ ବହିର୍ଜଗତ୍ ମଧ୍ୟରେ ଗଭୀର ସାମଞ୍ଜସ୍ୟ ରକ୍ଷା ହୋଇ ପାରିଛି, କାରଣ ତାଙ୍କ ଅଧ୍ୟାତ୍ମ-ଦର୍ଶନରେ ଜଡ଼ ଓ ଚେତନ ମଧ୍ୟରେ ଏକ ସେତୁ ସ୍ଥାପିତ ହୋଇ ପାରିଛି ।

ଶ୍ରୀଅରବିନ୍ଦଙ୍କ ମତରେ ଏ ଜଗତରେ ମିଥ୍ୟା ବା ଅବାଞ୍ଛିତ ବୋଲି କିଛି ନାହିଁ । ଜଗତକୁ ମାୟା ବା ସ୍ୱପ୍ନ ବୋଲି କହି ବର୍ଜନ କରିବାର ପ୍ରୟୋଜନ ନାହିଁ । ଅନ୍ୟ ଗୋଟିଏ ବ୍ୟାପକ ଓ ବୃହତ୍ତର ଅଧ୍ୟାତ୍ମ ଉପଲବ୍ଧି ଦ୍ୱାରା ଶ୍ରୀଅରବିନ୍ଦ ଜାଣି ପାରିଲେ ଯେ ଏ ଜଗତରେ ପରମା ଦିବ୍ୟ ଅତିମାନସ ଶକ୍ତିର ଅବତରଣ ଫଳରେ ଏକ ରୂପାନ୍ତର ସମ୍ଭବ ହେବ । ପ୍ରକୃତିର ବିବର୍ତ୍ତନଧାରାରେ ଜଡ଼, ଉଦ୍ଭିଦ ଓ ପଶୁ ଜଗତର ପରେ ଯେପରି ମାନବର ଉଦ୍ଭବ ହୋଇଛି, ସେହିପରି ମାନବ ପରେ ଅତିମାନବର ଆବିର୍ଭାବ ହେବା ଏକ ଅନିବାର୍ଯ୍ୟ ଘଟଣା, କିନ୍ତୁ ଅତିମାନବହିଁ ଦିବ୍ୟ-ମାନବ, ରୂପାନ୍ତରିତ ଅଧ୍ୟାତ୍ମମୟ ଭାଗବତ ପୁରୁଷ । ଏହିପରି ମାନବଗୋଷ୍ଠୀ ସଙ୍ଗଠନରେ ପୃଥିବୀରେ

ଗୋଟିଏ ନୂତନ ମାନବଜାତି ସମ୍ଭବ ହେବ । ଏହାହିଁ ଶ୍ରୀଅରବିନ୍ଦଙ୍କ ନୂତନ ସମାଜ ସ୍ଥାପନର ଏକ ଦିଗ୍‌ଦର୍ଶନ ଏବଂ ଏହା ଯେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ମୂଳ ଲକ୍ଷ୍ୟ – ଏକଥା ପୂର୍ବରୁ କହିଛି । ମନୁଷ୍ୟର ଏହି ସତ୍ତାନ୍ତର ଅର୍ଥାତ୍, ଅଧ୍ୟାତ୍ମ ରୂପାନ୍ତର ହେବ ଶିକ୍ଷାର ମାଧ୍ୟମରେ । ସେଥିପାଇଁ ମନୁଷ୍ୟକୁ ତା'ର ଦେହ, ପ୍ରାଣ, ମନ ଓ ଅନ୍ୟାନ୍ୟ ସକଳ ଅଙ୍ଗରେ ଏପରି ଗୋଟିଏ ଶିକ୍ଷା-ପ୍ରଣାଳୀ ଅନୁସରଣ କରିବାକୁ ପଡ଼ିବ ଯେଉଁଥିରେ ତାହାର ଅନ୍ତର୍ନିହିତ ଦିବ୍ୟ-ଶକ୍ତିର ବିକାଶ ସମ୍ଭବ ହେବ । ଏହିଠାରେ ଶ୍ରୀଅରବିନ୍ଦ ଓ ଶ୍ରୀମା ଶିକ୍ଷାକୁ ଅତି ବ୍ୟାପକ ଅର୍ଥରେ ଗ୍ରହଣ କରିଛନ୍ତି ।

ଶ୍ରୀଅରବିନ୍ଦଙ୍କ ଶିକ୍ଷା-ଦର୍ଶନର ଏକ ପ୍ରଧାନ ଦିଗ ହେଲା ମନୁଷ୍ୟ-ବ୍ୟକ୍ତିତ୍ୱର ବିଶ୍ଳେଷଣ । ମନୁଷ୍ୟ ଏକକ ବ୍ୟକ୍ତିତ୍ୱ ନୁହେଁ, ତାହା ମଧ୍ୟରେ ରହିଛି ବହୁ ବ୍ୟକ୍ତିତ୍ୱ । ପ୍ରଧାନତଃ ତାହା ମଧ୍ୟରେ ରହିଛି ଦୈହିକ ବ୍ୟକ୍ତିତ୍ୱ (physical personality), ପ୍ରାଣମୟ ବ୍ୟକ୍ତିତ୍ୱ (vital personality), ମନୋମୟ ବ୍ୟକ୍ତିତ୍ୱ (mental personality) ଏବଂ ଚୈତ୍ୟମୟ ବ୍ୟକ୍ତିତ୍ୱ (psychic personality) । ସାଧାରଣତଃ ଦେଖାଯାଏ ମନୁଷ୍ୟର ଏହି ବିଭିନ୍ନ ବ୍ୟକ୍ତିତ୍ୱ ମଧ୍ୟରେ କୌଣସି ମେଳ ନଥାଏ, ସାମଞ୍ଜସ୍ୟ ନଥାଏ । ପରସ୍ପର ମଧ୍ୟରେ ସର୍ବଦା ଯୁଦ୍ଧ, ଦ୍ୱନ୍ଦ୍ୱ ଓ କଳହ ଲାଗି ରହିଥାଏ । ଏସବୁର ମଧ୍ୟରେ ଯଥାର୍ଥ ସମନ୍ୱୟ ସ୍ଥାପନ କରି ବ୍ୟକ୍ତିତ୍ୱର ଯଥାଯଥ ବିକାଶ, ନିୟନ୍ତ୍ରଣ ଓ ପୂର୍ଣ୍ଣତା ପ୍ରଦାନ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଶିକ୍ଷା-ପଦ୍ଧତିର ପ୍ରଧାନ ଲକ୍ଷ୍ୟ । ଏଥିପାଇଁ ଆବଶ୍ୟକ ମନୁଷ୍ୟର କେନ୍ଦ୍ରୀୟ ସତ୍ତା ଚୈତ୍ୟପୁରୁଷଙ୍କ ଆବିଷ୍କାର ଏବଂ ତାହାର ଚତୁଃପାର୍ଶ୍ୱରେ ବ୍ୟକ୍ତିତ୍ୱର ପୁନର୍ଗଠନ । ...

❑❑❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) :** **– Rs. 350**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments*** **– Rs. 50**
**(***Sri Aurobindo's handwriting***)**

**125 Drops of Nectar – Daily Quotations by the Divine Mother and Lord Sri Aurobindo** **– Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଏକ ଇନ୍ଦ୍ରନୀଳମଣିର କାହାଣୀ

## ଶ୍ରୀମା

ଏକଦା ସୁଦୂର ପ୍ରାଚ୍ୟ ଅଞ୍ଚଳରେ ଗୋଟିଏ କ୍ଷୁଦ୍ର ରାଜ୍ୟ ଥିଲା । ସେଠାରେ ଶାନ୍ତି ଏବଂ ଶୃଙ୍ଖଳା ବିରାଜମାନ କରୁଥିଲା, ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ସମସ୍ତଙ୍କର ସର୍ବାଧିକ କଲ୍ୟାଣ-ସାଧନ ସକାଶେ ଅଭିପ୍ରେତ ହୋଇ ରହିଥିଲେ । ସେମାନେ ସ୍ୱ-ସ୍ୱ ସ୍ଥାନରେ ରହି ସେହି କାର୍ଯ୍ୟଟିକୁ ସମ୍ପନ୍ନ କରୁଥିଲେ ।

କୃଷକ, କାରିଗର, ଶ୍ରମିକ ଏବଂ ବଣିକମାନେ — ସେଠାରେ ସମସ୍ତଙ୍କର କେବଳ ଗୋଟିଏ ଅଭିଳାଷ ଓ ଗୋଟିଏ ଚିନ୍ତା ରହିଥିଲା — ଆପଣାର କାର୍ଯ୍ୟଟିକୁ ଯଥାସମ୍ଭବ ସର୍ବୋତ୍ତମ ଭାବେ କରିବା ଲାଗି ସର୍ବଦା ପ୍ରୟାସ କରିବା । ଏଥିରେ ସେମାନଙ୍କର ବି ମଙ୍ଗଳ ହେଉଥିଲା, କାରଣ ପ୍ରଥମତଃ, ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାରେହିଁ ଆପଣା ଆପଣାର କାର୍ଯ୍ୟଟିକୁ ନିର୍ବାଚିତ କରି ନେଇଥିବାରୁ ସେହି କାର୍ଯ୍ୟ ତା' ସ୍ୱଭାବର ଅନୁରୂପ ହୋଇ ପାରୁଥିଲା ଏବଂ ସେହି କାର୍ଯ୍ୟଟି କରିବା ଦ୍ୱାରା ତାକୁ ଭାରି ଆନନ୍ଦ ବି ମିଳୁଥିଲା । ଦ୍ୱିତୀୟତଃ, ଯାବତୀୟ ଉତ୍ତମ କାର୍ଯ୍ୟ ସମୁଚିତ ଭାବରେ ତାହାର ପୁରସ୍କାର ବି ପାଇବ ଏବଂ ତଦ୍ୱାରା ସେମାନେ ନିଜେ ଏବଂ ସେମାନଙ୍କ ସ୍ତ୍ରୀ ଓ ପିଲାମାନେ ଶାନ୍ତି ଏବଂ ଆରାମରେ ଜୀବନଯାପନ କରିପାରିବେ । ସେମାନଙ୍କ ଜୀବନରେ ଅନାବଶ୍ୟକ କୌଣସି ବିଳାସବ୍ୟସନ ନଥିବ, ଅଥଚ ସେମାନଙ୍କର ପ୍ରୟୋଜନୀୟ ପଦାର୍ଥଗୁଡ଼ିକର ପୂରଣ ଦିଗରେ କେଉଁଠି କୌଣସି କାର୍ପଣ୍ୟ ଯେପରି ନଥିବ ଏବଂ ଯାହାଫଳରେ ସେମାନେ ସର୍ବଦା ଜୀବନରେ ଯଥେଷ୍ଟ ପରିତୃପ୍ତି ପାଇ ପାରୁଥିବେ — ଏହି କଥାଟିକୁ ସମସ୍ତେ ଉତ୍ତମ ରୂପେ ଜାଣିଥିଲେ ।

ସେହି ଦେଶରେ କଳାକାର ଏବଂ ବୈଜ୍ଞାନିକମାନଙ୍କର ସଂଖ୍ୟା ଆଦୌ ଖୁବ୍ ବେଶୀ ନ ଥିଲା ସତ, ମାତ୍ର ପ୍ରତ୍ୟେକେ ଆପଣା ଆପଣାର ବିଜ୍ଞାନ ବା କଳା ପ୍ରତି, ଆପଣା ଜୀବନର ଲକ୍ଷ୍ୟଟି ପ୍ରତି ଅନୁଗତ ଓ ଉତ୍ସର୍ଗୀକୃତ ହୋଇ ରହିଥିଲେ । ସେମାନଙ୍କଠାରେ କୃତଜ୍ଞ ରହିଥିବା ସମଗ୍ର ଜାତିହିଁ ସେମାନଙ୍କର ପରିପୋଷଣ କରୁଥିଲା । କାରଣ ସର୍ବପ୍ରଥମେ ସେହି ଜାତିହିଁ ସେମାନଙ୍କର ଅତ୍ୟୁପଯୋଗୀ ଆବିଷ୍କାରଗୁଡ଼ିକ ଦ୍ୱାରା ଉପକୃତ ହେଉଥିଲା ଏବଂ ସେମାନେ ସୃଷ୍ଟି କରୁଥିବା ଉଦାତ୍ତ କୃତିଗୁଡ଼ିକୁ ଉପଭୋଗ ବି କରୁଥିଲା । ଏହିପରି ଭାବରେ ଜୀବନ-ସଂଗ୍ରାମର ଯାବତୀୟ ଚିନ୍ତା ଓ ଉଦ୍‌ବେଗରୁ ମୁକ୍ତ ହୋଇ ରହିଥିବାରୁ ଏହି ବୈଜ୍ଞାନିକମାନଙ୍କ ସମ୍ମୁଖରେ କେବଳ ଗୋଟିଏ ମାତ୍ର ଲକ୍ଷ୍ୟ ରହିଥିଲା : ସେମାନଙ୍କର ସମସ୍ତ ପ୍ରୟୋଗ ଏବଂ ଗବେଷଣା ତଥା ନିଷ୍ଠାପର ଅଧ୍ୟୟନ ଯେ ମନୁଷ୍ୟସମାଜର ଦୁଃଖଦୁର୍ଦ୍ଦଶାକୁ ହରଣ କରିନେବାରେ ସହାୟକ ହେବ, ସମାଜର ନାନା ଅନ୍ଧବିଶ୍ୱାସ ଓ ଭୟକୁ ଯଥାସମ୍ଭବ ଦୂରୀଭୂତ କରି ଏବଂ ସୁଖ ଓ ସଂଦୀପନ ଆଣି ଦେଉଥିବା ଜ୍ଞାନର ପ୍ରସାର ଦ୍ୱାରା ସମାଜର ଶକ୍ତି ଏବଂ ମଙ୍ଗଳର ଯେ ଅଭିବୃଦ୍ଧି ଘଟାଇବ, ସେମାନେ ତାହାକୁହିଁ ଆପଣାର ଏକମାତ୍ର ଲକ୍ଷ୍ୟ କରି ରଖିଥିଲେ । କଳାକାରମାନେ ସମ୍ପୂର୍ଣ୍ଣ ବନ୍ଧନମୁକ୍ତ ହୋଇ ଆପଣାର କଳାନୁଶୀଳନ ଉପରେ ଅଭିନିବେଶ କରି ପାରୁଥିଲେ ଏବଂ ସେମାନଙ୍କର ମଧ୍ୟ କେବଳ ଗୋଟିଏ ମାତ୍ର ଅଭିଳାଷ ରହିଥିଲା : ଆପଣା ଆପଣାର ସର୍ବୋଚ୍ଚ ଓ ସର୍ବୋତ୍ତମ କଳ୍ପନାଶକ୍ତିକୁ ଖଟାଇ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଘଟାଇବାହିଁ ଥିଲା ସେମାନଙ୍କର ଏକମାତ୍ର ଅଭିଳାଷ ।

ସେମାନଙ୍କ ମଧ୍ୟରେ ସେମାନଙ୍କ ବନ୍ଧୁ ଓ ମାର୍ଗଦର୍ଶକ ରୂପେ ଚାରିଜଣ ଦାର୍ଶନିକ ମଧ୍ୟ ଥିଲେ । ଏହି ଦାର୍ଶନିକମାନଙ୍କର ସମଗ୍ର ଜୀବନ ଗଭୀର ଅଧ୍ୟୟନ ଏବଂ ଆଲୋକନକାରୀ ସ୍ଥିର ମନନରେ ଅତିବାହିତ ହେବାରେ ଲାଗିଥିଲା । ସେମାନେ ମନୁଷ୍ୟର ଜ୍ଞାନକ୍ଷେତ୍ରରେ ସତତ ଅଭିବୃଦ୍ଧି ସାଧନ କରିବାକୁ ଚେଷ୍ଟା କରୁଥିଲେ ଏବଂ ଯାହାକିଛି ଏବେ ମଧ୍ୟ ରହସ୍ୟାବୃତ ହୋଇରହିଛି, ସେମାନେ ଗୋଟି ଗୋଟି କରି ସେଗୁଡ଼ିକର ରହସ୍ୟକୁ ଉଦ୍‌ଘାଟିତ କରିଦେବାରେ ଲାଗିଥିଲେ ।

ସେମାନେ ସମସ୍ତେ ଅତ୍ୟନ୍ତ ଆନନ୍ଦପ୍ରଦ ଜୀବନ-ଯାପନ କରୁଥିଲେ, ସେମାନଙ୍କ ଭିତରେ ଆଦୌ କୌଣସି ପ୍ରକାରର ତିକ୍ତ ପ୍ରତିଦ୍ୱନ୍ଦ୍ୱିତା ନ ଥିଲା ଏବଂ ପ୍ରତ୍ୟେକେ ଆପଣାର ରୁଚି ଓ ଆଗ୍ରହ ଅନୁସାରେ ନିଜ ନିଜର କାର୍ଯ୍ୟ ତଥା ଅଧ୍ୟୟନରେ ମନୋନିବେଶ କରି ପାରୁଥିଲେ । ସମସ୍ତେ ସୁଖୀ ହୋଇ ରହିଥିବାରୁ ଅତିରିକ୍ତ ଭାବରେ ଗୁଡ଼ାଏ ଆଇନକାନୁନ ତିଆରି କରିବା ଲାଗି ମଧ୍ୟ ସେମାନଙ୍କର ଆଦୌ କୌଣସି

ପ୍ରୟୋଜନ ନ ଥିଲା । ନିୟମ କହିଲେ ସେମାନଙ୍କ ଭିତରେ କେବଳ ଏତିକି ରହିଥିଲା : ''ତୁମେ ପ୍ରକୃତରେ ଯାହା, ତୁମେ କେବଳ ତାହାହିଁ ହୁଅ'' – ସମସ୍ତଙ୍କୁ ଖାଲି ଏତିକି ପରାମର୍ଶ ଦିଆଯାଉଥିଲା । ସମସ୍ତେ କେବଳ ଗୋଟିଏ ନିୟମକୁ, ଉଦାରତାର ସହିତ ଜୀବନ ବଞ୍ଚିବାର ନିୟମକୁ ଦୃଢ଼ଭାବରେ ପାଳନ କରୁଥିଲେ । ନ୍ୟାୟବତ୍ତାହିଁ ସେହି ଉଦାରତାର ସର୍ବପ୍ରଧାନ ଅଙ୍ଗ ହୋଇ ରହିଥିଲା । ସେହି ଉଦାରତା କୌଣସି ପ୍ରକାର ବୃଥା କ୍ଷତିକୁ ଆଦୌ ପ୍ରଶ୍ରୟ ଦେଉ ନ ଥିଲା । ପ୍ରତ୍ୟେକର ମୁକ୍ତ ବିକାଶ ଏବଂ ଅଭ୍ୟୁଦୟରେ ବାଧା ସୃଷ୍ଟି କରୁଥିବା କୌଣସି ଉଦାରତାକୁ ବି ପ୍ରଶ୍ରୟ ଦିଆଯାଉ ନ ଥିଲା । ଏହିପରି ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ଓ ଅଭିବୃଦ୍ଧି ଲାଗି କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସମୂହ କଲ୍ୟାଣ ଏବଂ ଅଭିବୃଦ୍ଧି ଲାଗି ମଧ୍ୟ କାର୍ଯ୍ୟ କରୁଥିଲେ ।

ଶାନ୍ତିଶୃଙ୍ଖଳା ବିରାଜମାନ କରୁଥିବା ଏହି ଦେଶରେ ଜଣେ ରାଜା ଥିଲେ । ସମସ୍ତ ଦେଶବାସୀଙ୍କ ଭିତରେ ଅଧିକ ବୁଦ୍ଧିମାନ୍ ଏବଂ ବିଜ୍ଞ ହୋଇଥିବାରୁହିଁ ସିଏ ଦେଶର ରାଜା ହୋଇ ରହିଥିଲେ । ସେହିଁ କେବଳ ସମସ୍ତଙ୍କର ଆବଶ୍ୟକତାକୁ ପରିପୂରଣ କରିବା ଲାଗି ସମର୍ଥ ଥିଲେ, ସେହିଁ ସେଇ ଦାର୍ଶନିକମାନଙ୍କୁ ମଧ୍ୟ ସେମାନଙ୍କର ସର୍ବୋଚ୍ଚ ବିଚାର ଓ କଳ୍ପନାରେ ମାର୍ଗଦର୍ଶନ ଦେଇ ପାରିବାରେ ପାରଙ୍ଗମ ଥିଲେ । ଅପର ପକ୍ଷରେ ପୁଣି ରାଜ୍ୟରେ ପ୍ରଜାମାନଙ୍କର ସମସ୍ତ ସଙ୍ଗଠନ ଏବଂ ସୁଖସୁବିଧା ବିଷୟରେ ଯଥାର୍ଥରେ ସତର୍କ ଓ ସଚେତନ ହୋଇ ରହିବାର ବାସ୍ତବ ବୁଦ୍ଧି ବି ତାଙ୍କଠାରେ ଯଥେଷ୍ଟ ପରିମାଣରେ ରହିଥିଲା । ଜନସାଧାରଣଙ୍କର ଯାବତୀୟ ପ୍ରୟୋଜନ ବିଷୟରେ ସେ ସୁବିଦିତ ଥିଲେ ।

ଆମେ ଏଠାରେ ଯେଉଁ ସମୟ ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଉଛୁ, ଏହି ଅସାଧାରଣ ରାଜା ଜଣକ ସେତେବେଳକୁ ଏକ ପରିପକ୍ୱ ବୟସରେ ଉପନୀତ ହୋଇ ସାରିଥିଲେ । ତାଙ୍କର ବୟସ ଦୁଇ ଶହରୁ ଅଧିକ ହୋଇ ସାରିଥିଲା । ତଥାପି ଏତେ ଅଧିକ ବୟସରେ ମଧ୍ୟ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ, ତାଙ୍କର କର୍ମଶକ୍ତି ଓ ମନୋବଳ ଅକ୍ଷୁଣ୍ଣ ରହିଥିଲା । କିନ୍ତୁ ଏଥର ତାଙ୍କର ପ୍ରକୃତରେ ଅବସର ଗ୍ରହଣ କରିବା ଉଚିତ ବୋଲି ସିଏ ଚିନ୍ତା ମଧ୍ୟ କରୁଥିଲେ । ଏତେ ଦୀର୍ଘ କାଳ ଧରି ନାନା ଗୁରୁଦାୟିତ୍ୱ ବହନ କରି ଆସିଥିବାରୁ ସେ କିଞ୍ଚିତ୍ କ୍ଳାନ୍ତ ବି ଅନୁଭବ କରୁଥିଲେ । ଦିନେ ଆପଣାର ତରୁଣ ପୁତ୍ର ମେଓଥାଙ୍କୁ ସିଏ ପାଖକୁ ଡାକିଲେ । ଯୁବରାଜ ବୟସରେ ତରୁଣ ଥିଲେ ବି ନାନା ବିଚିତ୍ର କୃତି ଓ କୀର୍ତ୍ତିର ଅଧିକାରୀ ହୋଇ ସାରିଥିଲେ । ସାଧାରଣ ପୁରୁଷଙ୍କଠାରୁ ସିଏ ଦେଖିବାକୁ ଅଧିକ ସୁନ୍ଦର ଥିଲେ; ତାଙ୍କର ବଦାନ୍ୟତା ଏପରି ସମ୍ପୂର୍ଣ୍ଣ ଭାବରେ ସମଭାବାପନ୍ନତାର ଅଧିକାରୀ ହୋଇ ପାରିଥିଲା ଯେ ସେଥିରେ ସମ୍ପୂର୍ଣ୍ଣ ନ୍ୟାୟବତ୍ତା ମଧ୍ୟ ବିଦ୍ୟମାନ ଥିଲା । ତାଙ୍କର ବୁଦ୍ଧିମତ୍ତା ସୂର୍ଯ୍ୟ ପରି କିରଣ ବିତରଣ କରିବାରେ ଲାଗିଥିଲା ଏବଂ ତାଙ୍କର ବିଜ୍ଞତାର ଆଦୌ କୌଣସି ତୁଳନା ନଥିଲା । କାରଣ ସେ ନିଜ ଯୌବନ କାଳର କେତେକ ବର୍ଷ ଶ୍ରମିକ ଏବଂ କାରିଗରମାନଙ୍କ ସହିତ ରହି ଅତିବାହିତ କରିଥିଲେ ଏବଂ ସେହି ବ୍ୟକ୍ତିଗତ ଅଭିଜ୍ଞତା ଯୋଗୁଁ ସେମାନଙ୍କ ଜୀବନର ପ୍ରୟୋଜନ ତଥା ଆବଶ୍ୟକତାଗୁଡ଼ିକ ବିଷୟରେ ଯଥେଷ୍ଟ ଜ୍ଞାନ ଲାଭ କରିଥିଲେ । ଆପଣା ସମୟର ଅବଶିଷ୍ଟାଂଶ ସେ ଏକାକୀ ଅତିବାହିତ କରିଥିଲେ ବା ତାଙ୍କର ଗୁରୁ ରୂପେ ନିଯୁକ୍ତ ହୋଇଥିବା କୌଣସି ଜଣେ ଦାର୍ଶନିକଙ୍କ ସହିତ ରହି କଟାଇଥିଲେ । ରାଜପ୍ରାସାଦ ମଧ୍ୟରେ ଅବସ୍ଥିତ ବର୍ଗାକାର ମିନାରଟି ମଧ୍ୟରେ ଏକାନ୍ତରେ ଅଧ୍ୟୟନ ଏବଂ ଶାନ୍ତ ମନନରେ ସେ କେତେ ସମୟ କଟାଇଥିଲେ ।

ମେଓଥା ପିତାଙ୍କର ସମୀପକୁ ଆସି ସମ୍ମାନ ଦେଖାଇ ନତମସ୍ତକ ହୋଇ ପ୍ରଣାମ କଲେ । ରାଜା ତାଙ୍କୁ ପାଖରେ ଆସି ବସିବାକୁ କହିଲେ ଏବଂ ତାଙ୍କୁ ନିମ୍ନଲିଖିତ କଥାଗୁଡ଼ିକ କହିଲେ :

''ବତ୍ସ, ମୁଁ ଶହେ ସତୁରି ବର୍ଷରୁ ଅଧିକ କାଳ ଏହି ରାଜ୍ୟର ଶାସନ କଲିଣି ଏବଂ ସଦିଚ୍ଛାସମ୍ପନ୍ନ ସକଳ ବ୍ୟକ୍ତି ଏପର୍ଯ୍ୟନ୍ତ ମୋର ରାଜ୍ୟ ପରିଚାଳନାରେ ସନ୍ତୋଷ ପ୍ରକାଶ କରି ଆସିଥିବା ପରି ପ୍ରମାଣ ମିଳିଥିଲେହେଁ ମୋର ଭାରି ଆଶଙ୍କା ହେଉଛି ଯେ ଏହି ବୃଦ୍ଧ ବୟସରେ ମୁଁ ରାଜ୍ୟରେ ଶୃଙ୍ଖଳା ରକ୍ଷା କରିବାର ଏବଂ ସମସ୍ତଙ୍କର କଲ୍ୟାଣବିଧାନ ଲାଗି ଯଥାର୍ଥ ଦୃଷ୍ଟି ରଖିବାର ଗୁରୁଭାରଟିକୁ ଆଉ ଆଦୌ ଏଡ଼େ ସହଜ ଭାବରେ ବହନ କରିପାରିବି ନାହିଁ । ବତ୍ସ, ମୋର ତୁମ ଉପରେ ଅନେକ ଆସ୍ଥା ରହିଛି, ତୁମେ ମୋର ଆନନ୍ଦର କାରଣ ହୋଇରହିଛ । ପ୍ରକୃତି ତୁମ ପ୍ରତି ଅତ୍ୟନ୍ତ ବଦାନ୍ୟ ହୋଇ ଆସିଛି । ସିଏ ଆପଣାର ସମସ୍ତ ଉପହାରକୁ ତୁମ ଉପରେ ଆଣି ଅଜାଡ଼ି ଦେଇଛି ଏବଂ ଏକ ସୁବିଜ୍ଞ ତଥା ଆଦର୍ଶ ଶିକ୍ଷା ଦ୍ୱାରା ତୁମେ ସେହିସବୁ ପ୍ରକୃତିଦତ୍ତ ଗୁଣର ସର୍ବୋତ୍ତମ ବିକାଶ ସାଧନ କରିପାରିଛ । ନିମ୍ନତମ ଯେକୌଣସି କୃଷକଠାରୁ ଆରମ୍ଭ କରି ଆମର ମହାନ୍ ଦାର୍ଶନିକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ତୁମ

ଉପରେ ସମ୍ପୂର୍ଣ୍ଣ ଓ ଶ୍ରଦ୍ଧାପୂର୍ଣ୍ଣ ଆସ୍ଥା ରହିଛି । ତୁମେ ଆପଣାର ବଦାନ୍ୟତା ବଳରେ ସେମାନଙ୍କର ସ୍ନେହଭାଜନ ହୋଇପାରିଛ ଏବଂ ଆପଣାର ନ୍ୟାୟବତ୍ତା ସକାଶେ ସେମାନଙ୍କର ସମ୍ମାନର ବି ଅଧିକାରୀ ହୋଇଛ । ତେଣୁ ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେମାନେ ତୁମକୁହିଁ ଏହି ରାଜ୍ୟର ଭବିଷ୍ୟତ୍ ଉତ୍ତରାଧିକାରୀ ରୂପେ ଗ୍ରହଣ କରିନେବେ । ଏବଂ ଏକ ସୁ-ଉପାର୍ଜିତ ବିଶ୍ରାମର ଜୀବନ ଉପଭୋଗ କରିବା ଲାଗି ମୁଁ ସେମାନଙ୍କର ଅନୁମତି-ପ୍ରାର୍ଥୀ ହୋଇପାରିବି । କିନ୍ତୁ ତୁମେ ତ ଜାଣିଛ, ଆବହମାନ କାଳରୁ ଏହି ରାଜ୍ୟରେ ଯେଉଁ ପରମ୍ପରା ଚଳିଆସିଛି, ଏକ ହାତରୁ ଦୁଇହାତ ନ ହେଲେ ଏହି ରାଜ୍ୟର ସିଂହାସନ କେହି ଆରୋହଣ କରିପାରିବେ ନାହିଁ । ଅର୍ଥାତ୍, ରୁଚି ତଥା ସମର୍ଥତାର ପରିପୂର୍ଣ୍ଣ ସହଯୋଗିତା ଦ୍ୱାରା ଯିଏ ତାଙ୍କ ଲାଗି ସମତାମୟ ଜୀବନର ଶାନ୍ତି ଆଣିଦେଇ ପାରିବ, ସେହିପରି ଜଣେ ବ୍ୟକ୍ତି ସହିତ ମିଳନରେ ଏକତ୍ର ଆବଦ୍ଧ ନହୋଇ ପାରିବା ପର୍ଯ୍ୟନ୍ତ ସେ କଦାପି ରାଜପଦରେ ଅଭିଷିକ୍ତ ହୋଇପାରିବ ନାହିଁ । ଏହି ବିଧିଟି ବିଷୟରେ ତୁମକୁ ସ୍ମରଣ କରାଇ ଦେବା ଲାଗିହିଁ ମୁଁ ତୁମକୁ ଡକାଇ ପଠାଇଥିଲି । ତୁମେ ଏପରି କୌଣସି ତରୁଣୀର ପରିଚୟ ଲାଭ କରିଛ କି ଯିଏ ପ୍ରକୃତରେ ତୁମର ଉପଯୁକ୍ତ ହୋଇପାରିବ ଏବଂ ଆମର ଇଚ୍ଛାନୁସାରେ ତୁମ ଜୀବନ ସହିତ ଆପଣାର ଜୀବନକୁ ମିଶାଇ ଦେବା ଲାଗି ସମ୍ମତ ହେବ, କେବଳ ସେହିକଥା ପଚାରିବାକୁହିଁ ମୁଁ ତୁମକୁ ଏଠାକୁ ଡାକିଥିଲି ।''

''ପିତଃ, 'ମୋର ସମଗ୍ର ଜୀବନ ଯାହାର ପ୍ରତୀକ୍ଷା କରୁଥିଲା, ମୁଁ ତାହାର ସନ୍ଧାନ ପାଇସାରିଛି' ବୋଲି ଆପଣଙ୍କୁ ଉତ୍ତର ଦେଇ ପାରିଥିଲେ ମୁଁ ପ୍ରକୃତରେ କେତେ ଆନନ୍ଦ ଅନୁଭବ କରିଥା'ନ୍ତି । ମାତ୍ର ଅତ୍ୟନ୍ତ ଦୁଃଖର କଥା ଯେ ମୁଁ ଏପର୍ଯ୍ୟନ୍ତ ତାହାର ସନ୍ଧାନ ପାଇ ନାହିଁ । ଏହି ରାଜ୍ୟର ଖୁବ୍ ମାର୍ଜିତ ଗୁଣସମ୍ପନ୍ନା କନ୍ୟାମାନଙ୍କୁ ମୁଁ ଉତ୍ତମ ରୂପେ ଜାଣିଛି । ସେମାନଙ୍କ ମଧ୍ୟରେ କେତେକଙ୍କ ଲାଗି ମୋର ଅବଶ୍ୟ ଏକ ଆକର୍ଷଣ ରହିଛି, ପ୍ରକୃତରେ ଏକ ଶ୍ଳାଘାଭାବ ମଧ୍ୟ ରହିଛି । ମାତ୍ର ଯେଉଁ ପ୍ରୀତି ଯଥାର୍ଥରେ ଏକ ବନ୍ଧନରେ ପରିଣତ ହୋଇ ପାରନ୍ତା, ସେମାନଙ୍କ ଭିତରୁ କେହି ଜଣେ ହେଲେ ମୋ ଭିତରେ ଏପର୍ଯ୍ୟନ୍ତ ସେହି ପ୍ରୀତିର ଉନ୍ମେଷ ଘଟାଇପାରି ନାହାନ୍ତି । ଏବଂ ନିର୍ଭୁଲ ଭାବରେ ମୁଁ ବି ହୁଏତ ଏକଥା କହିପାରିବି ଯେ ସେମାନଙ୍କ ମଧ୍ୟରୁ କାହାରି ଭିତରେ ବି ମୋ ଲାଗି ଏକ ପ୍ରୀତିଭାବ ଜାତ ହୋଇ ନାହିଁ । ମାତ୍ର, ମୋର ନିଜ ନିର୍ବାଚନ ଉପରେ ଏତେ ମୂଲ୍ୟ ଦେଇ ଆପଣ ଯେତେବେଳେ ଏଭଳି ବଦାନ୍ୟତା ପ୍ରକାଶ କରୁଛନ୍ତି, ସେତେବେଳେ ମୁଁ ମଧ୍ୟ ଆପଣଙ୍କୁ ମୋର ମନର କଥାଟିକୁ ନିଶ୍ଚୟ ଖୋଲି କହିବି । ମୁଁ ଭାବୁଛି ଯେ ଅନ୍ୟାନ୍ୟ ଦେଶଗୁଡ଼ିକର ବିଧି ଓ ନିୟମଗୁଡ଼ିକ ସହିତ ସୁପରିଚିତ ହୋଇପାରିଲେ ମୁଁ ପ୍ରକୃତରେ ଆମର ଏହି କ୍ଷୁଦ୍ର ରାଜ୍ୟଟିକୁ ଶାସନ କରିବା ଲାଗି ଅଧିକ ଯୋଗ୍ୟତା ହାସଲ କରିପାରିବି । ତେଣୁ ମୋର ଇଚ୍ଛା ଯେ ମୁଁ ବର୍ତ୍ତମାନ ଗୋଟିଏ ବର୍ଷ ସକାଶେ ପୃଥିବୀର ବିଭିନ୍ନ ଦେଶ ବୁଲି ଦେଖିବି, ବିଭିନ୍ନ ଦେଶର ଚଳଣିମାନ ଶିକ୍ଷା କରିବି । ପିତଃ, ମୋତେ ଏହି ଭ୍ରମଣଟି ସକାଶେ ଆପଣ ଅନୁମତି ପ୍ରଦାନ କରନ୍ତୁ । ଏବଂ ଫେରିବା ସମୟକୁ ମୁଁ ଯେ ମୋର ଜୀବନର ପ୍ରକୃତ ସଙ୍ଗିନୀକୁ ସାଙ୍ଗରେ ନେଇ ନ ଫେରିବି, ଯାହାକୁ କି ମୁଁ ସବୁକିଛି ସୁଖ ଏବଂ ସବୁକିଛି ସୁରକ୍ଷା ପ୍ରଦାନ କରିପାରିବି, ସେ ସମ୍ଭାବନାକୁ କିଏ ନାହିଁ ବୋଲି କହିପାରିବ ?''

''ତୁମର ଇଚ୍ଛା ପ୍ରକୃତରେ ସୁଚିନ୍ତିତ । ତୁମେ ଯାଅ – ଏବଂ ତୁମର ପିତାର ଆଶୀର୍ବାଦ ତୁମ ସହ ରହିଛି ।''

*

ପଶ୍ଚିମ ମହାସାଗର ଭିତରେ ଗୋଟିଏ କ୍ଷୁଦ୍ର ଦ୍ୱୀପ ଅଛି ଯାହାର କି ଆପଣାର ଅତି ମୂଲ୍ୟବାନ୍ ଅରଣ୍ୟାଞ୍ଚଳ ସକାଶେ ଖୁବ୍ ପ୍ରସିଦ୍ଧି ରହିଛି ।

ଥରେ ଗ୍ରୀଷ୍ମକାଳର ଏକ ଅତ୍ୟୁଜ୍ଜ୍ୱଳ ଦିନରେ ଯେତେବେଳେ କି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଚାରିଆଡ଼େ ବିଛାଇ ହୋଇ ପଡ଼ିଥାଏ କିଶୋରୀଟିଏ ସେହି ଅଦ୍ଭୁତ ଅରଣ୍ୟର ଛାୟା ମଧ୍ୟରେ ଧୀର ପଦପାତରେ ଗତି କରୁଥିଲା । ତା'ର ନାମ ହେଉଛି ଲିଆନେ ଏବଂ ନାରୀମାନଙ୍କ ଭିତରେ ସିଏ ଭାରି ସୁନ୍ଦରୀ ବୋଲି ପ୍ରସିଦ୍ଧି ଲାଭ କରିଥିଲା । ପରିହିତ ହାଲୁକା ବସ୍ତ୍ର ତଳେ ତା'ର କୋମଳ ଶରୀରଟି କେଡ଼େ ସୁନ୍ଦର ଭାବରେ ଦୋହଲି ଉଠୁଥିଲା । ତା' ଅଧରର ରକ୍ତିମା ତୁଳନାରେ ତା'ର କୋମଳ ତ୍ୱଚାଟି ସତେ ଅବା ଭାରି ଶୀର୍ଣ୍ଣ ଦେଖା ଯାଉଥିଲା ଏବଂ ସେହି ମୁଖମଣ୍ଡଳ ଉପରେ ଚକ୍ ଚକ୍ ହେଉଥିବା କେଉଁଏ ଘନ ସୁନେଲି କେଶ ମୁକୁଟ ପରି ଶୋଭା ପାଉଥିଲା । ସର୍ବୋପରି ଅସୀମ ଆକାଶ ଦେହରେ ମୁକୁଳା ହୋଇ ରହିଥିବା ଦୁଇଟି ଗଭୀର ଦ୍ୱାର ପରି ତା'ର ଢଳଢଳ ଦୀପ୍ତ ଆଖି ଦୁଇଟି ଆପଣାର ବୁଦ୍ଧିମତ୍ତା ଦ୍ୱାରା ଶରୀରର ଅବୟବଗୁଡ଼ିକୁ ଆଲୋକିତ କରି ରଖିଥିଲା ।

ଲିଆନେର ମାତାପିତା କେହି ନଥିଲେ, ଜୀବନରେ ସେ ସମ୍ପୂର୍ଣ୍ଣ ଏକାକୀ । ମାତ୍ର ତା'ର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ଅନନ୍ୟ ସାଧାରଣ ବୁଦ୍ଧିମତ୍ତା ଅନେକ ବ୍ୟକ୍ତିଙ୍କର ପ୍ରବଳ ଅଭିଳାଷ ଏବଂ ଅନ୍ତରର ପ୍ରେମକୁ ତା' ଆଡ଼କୁ ଆକୃଷ୍ଟ କରି ଆଣିଥିଲା । ମାତ୍ର ଥରେ ସେ ସ୍ୱପ୍ନରେ ଏପରି ଜଣେ ପୁରୁଷଙ୍କୁ ଦେଖିବାକୁ ପାଇଥିଲା ଯିଏକି ସିଏ ପିନ୍ଧିଥିବା ପୋଷାକରୁ ଦୂର ସୁଦୂରରୁ ଆସିଥିବା ପରି ମନେ ହେଉଥିଲେ । ସେହି ଅପରିଚିତ ବ୍ୟକ୍ତିଙ୍କର ମିଷ୍ଟ, ଗମ୍ଭୀର ଚାହାଣି ବାଳିକାଟିର ହୃଦୟକୁ ଏକାବେଳେକେ ଜୟ କରି ନେଇଥିଲା । ତା'ପରେ ସିଏ ଅନ୍ୟ କାହାରିକୁ ହେଲେ ଭଲପାଇ ପାରିଲା ନାହିଁ । ସେହି ଦିନଠାରୁ ସିଏ କେବଳ ଆଶା ବାନ୍ଧି ଅପେକ୍ଷାହିଁ କରି ରହିଛି । ରାତିରେ ଯେଉଁ ଅନିନ୍ଦ୍ୟ-ସୁନ୍ଦର ଯୁବାଟିକୁ ତା' ସ୍ୱପ୍ନରେ ଦେଖିଥିଲା, ତାହାରି ଭାବନାରେ ମଗ୍ନ ହୋଇ ରହିବାକୁହିଁ ସେ ବର୍ତ୍ତମାନ ମୁକ୍ତ ଭାବରେ ଘନ ଅରଣ୍ୟର ଏହି ନୀରବତା ଭିତରେ ଏକାକୀ ବିଚରଣ କରୁଥିଲା ।

ବାହାରର ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଘଞ୍ଚପତ୍ରଗୁଡ଼ିକୁ ଭେଦ କରି ମୋଟେ ଅରଣ୍ୟ ଭିତରକୁ ପ୍ରବେଶ କରିପାରୁ ନଥିଲା । ଜଙ୍ଗଲ ପଥ ଦେଇ ଚାଲି ଯାଉଥିବା କିଶୋରୀଟିର ପାଦତଳେ ରହିଥିବା ଚିକ୍କଣ ଶୈବାଳର ଖସ୍ ଖସ୍ ଶବ୍ଦ ବି ସେହି ନୀରବତାକୁ କ୍ୱଚିତ୍ ଭାଙ୍ଗି ଦେବାକୁ ସମର୍ଥ ହେଉଥିଲା । ଗ୍ରୀଷ୍ମ ଦ୍ୱିପ୍ରହରର ତପ୍ତ ସ୍ତବ୍ଧତା ଭିତରେ ସବୁକିଛି ଘାଲେଇ କରି ପଡ଼ି ରହିଥିଲା । କିନ୍ତୁ କିଶୋରୀଟି ତଥାପି ଏକ ଅସ୍ପଷ୍ଟ ଅସ୍ୱସ୍ତି ଅନୁଭବ କରୁଥାଏ; ସତେ ଯେପରି କେତେ କ'ଣ ଅଦୃଶ୍ୟ ସତ୍ତା ସେହି ଘଞ୍ଚ ଜଙ୍ଗଲ ବୁଦା ଭିତରେ ଲୁଚି ରହିଛନ୍ତି ଓ ଗଛଗୁଡ଼ିକ ପଛରେ ଥାଇ ସତେ ଯେପରି କେତେ ଆଖି ତାକୁ ଉଙ୍କି ମାରି ଅନାଉଥିବା ଭଳି ସିଏ ଅନୁଭବ କରୁଥାଏ ।

ହଠାତ୍ ଥିଲା ଥିଲା, କେଉଁଠୁ ଗୋଟିଏ ଚଢ଼େଇ କେଡ଼େ ସ୍ୱଷ୍ଟ ଓ ଆନନ୍ଦ ବିଭୋର ହୋଇ ଗୀତଟିଏ ଗାଇଉଠିଲା । ସେହି ଗୀତଟିର ଶ୍ରବଣରେ କିଶୋରୀଟିର ସକଳ ଅସ୍ୱସ୍ତି କୁଆଡ଼େ ଅନ୍ତର୍ହିତ ହୋଇଗଲା । ଲିଆନେ ଜାଣିଥିଲା ଯେ ଏହି ଅରଣ୍ୟଟି ତା'ର ବନ୍ଧୁ ଭଳି । ଗଛଗୁଡ଼ିକରେ ଯେତେ ଯେଉଁଠି ଭୂତ କି ପ୍ରେତ ଥିଲେ ମଧ୍ୟ ସେମାନେ କଦାପି ତା'ର କୌଣସି ଅନିଷ୍ଟ କରିବେ ନାହିଁ । ତା'ର ହୃଦୟ ହଠାତ୍ ଏକ ମଧୁର ଭାବୋଚ୍ଛ୍ୱାସରେ ଭରପୂର ହୋଇଉଠିଲା, ସବୁକିଛି ତାକୁ ଭାରି ସୁନ୍ଦର ଓ ଆମୋଦପ୍ରଦ ମନେ ହେଲା ଏବଂ ଆନନ୍ଦରେ ତା'ର ଦୁଇ ଆଖିରୁ ଧାର ଧାର ଲୁହ ଝରି ଆସିବାକୁ ଲାଗିଲା । ତା'ର ଅତି ପ୍ରିୟ ସେହି ଅପରିଚିତ ବ୍ୟକ୍ତିଙ୍କର ଭାବନାରେ ତା' ଆଶା ଆଗରୁ କେବେହେଲେ ଏତେ ଉଚ୍ଛଳ ହୋଇଉଠି ନଥିଲା । ତା'ର ବୋଧହେଲା, ସତେ ଯେପରି ସେହି ଧୀର ପବନରେ ଥରିଉଠୁଥିବା ଗଛପତ୍ରର କମ୍ପିତ ସ୍ୱର, ତା'ର ପାଦ ତଳେ ରହିଥିବା ଚିକ୍କଣ ଶୈବାଳର ଖସ୍ ଖସ୍ ଶବ୍ଦ ଏବଂ ଗୀତର ପୁନରାବୃତ୍ତି କରୁଥିବା ସେହି ଚଢ଼େଇ,– ସମସ୍ତେ ଯେପରି ତା' କାନରେ ତାଙ୍କରି କଥା କହି ଯାଉଛନ୍ତି, ଯାହାଙ୍କ ଲାଗି ସିଏ ଏତେକାଳ ଅପେକ୍ଷା କରିରହିଛି । ହଠାତ୍ ସେ ଭାବିଲା ସତେ ଯେପରି ସିଏ ସେହି ପ୍ରତ୍ୟାଶିତ ବ୍ୟକ୍ତଙ୍କୁ ପ୍ରକୃତରେ ଭେଟିବାକୁ ଯାଉଛି ! ତା'ର ଗୋଡ଼ ଆଉ ଆଗକୁ ଚାଲିଲା ନାହିଁ । ତା'ର ଦେହ ଥର ଥର ହୋଇ କମ୍ପିବାରେ ଲାଗିଥାଏ, ଦପ୍ ଦପ୍ ହୋଇ ପଡୁଥିବା ଛାତିକୁ ସିଏ ନିଜର ଦୁଇ ହାତ ଦ୍ୱାରା ଚାପି କରି ରଖିଥାଏ । ଆପଣାର ଏହି ବିହ୍ୱଳ ଭାବୋଚ୍ଛ୍ୱାସଟିକୁ ଆହୁରି ପରିପୂର୍ଣ୍ଣ କରି ଆସ୍ୱାଦନ କରିବା ଲାଗି ସେ ଆପଣାର ଦୁଇ ଆଖିକୁ ବନ୍ଦ କରିଦେଲା । ତା'ର ଭାବାନୁଭୂତିଗୁଡ଼ିକ କ୍ରମେ ତୀବ୍ରରୁ ତୀବ୍ରତର ହେଲା; ଶେଷରେ ତାହା ଏତେ ସୁନିର୍ଦ୍ଦେଶିତ ହୋଇ ଆସିଥିଲା ଯେ ସତେ ଯେପରି ତା' ଆଗରେ ପ୍ରକୃତରେ କେହି ଜଣେ ଆସି ଠିଆ ହୋଇଛନ୍ତି । ସେବିଷୟରେ ଏକାବେଳେକେ ସୁନିଶ୍ଚିତ ହୋଇ ଲିଆନେ ତା'ର ଆଖି ଦୁଇଟିକୁ ଖୋଲିଦେଲା । କି ଅଦ୍ଭୁତ କଥା ସତେ ! ସେହି ବ୍ୟକ୍ତିଟି ସତକୁ ସତ ତା' ଆଗରେ ଆସି ଠିଆ ହୋଇଥିଲେ । ନିଜର ସ୍ୱପ୍ନରେ ସିଏ ଯେପରି ଦେଖିଥିଲା, ଠିକ୍ ସେହିପରି । ... ସାଧାରଣତଃ ପୁରୁଷମାନେ ଯେପରି ସୁନ୍ଦର ଦେଖା ଯାଇଥା'ନ୍ତି, ତା'ଠାରୁ ସିଏ ଆହୁରି ସୁନ୍ଦର – ସେ ଥିଲେ ମେଓଥା ।

ପରସ୍ପରର ଦୃଷ୍ଟି ବିନିମୟ ପରେ ସେମାନେ ପରସ୍ପରକୁ ବେଶ୍ ଭଲ ଭାବରେ ଚିହ୍ନି ପାରିଥିଲେ । ସେମାନେ ଯେ ଦୀର୍ଘ ଦିନ ଧରି ପରସ୍ପର ଲାଗି କିପରି ଅପେକ୍ଷା କରି ରହିଥିଲେ ଓ ପରସ୍ପରକୁ ପୁନର୍ବାର ଭେଟି କିପରି ଆନନ୍ଦ ଲାଭ କଲେ, ଗୋଟିଏ ଚାହାଣିରେହିଁ ସେମାନେ ପରସ୍ପରକୁ ସେହି କଥା କହି ଦେଇଥିଲେ । କାରଣ ସେମାନେ ଏକ ସୁଦୂର ଅତୀତରେ ପରସ୍ପରକୁ ଭଲ କରି ଜାଣିଥିଲେ ଏବଂ ବର୍ତ୍ତମାନ ସେହି ବିଷୟରେ ସୁନିଶ୍ଚିତ ହୋଇ ଯାଇଥିଲେ ।

ମେଓଥା ପ୍ରଥମେ ହାତ ବଢ଼ାଇ ଦେଲା, ଲିଆନେ ନିଜ ହାତକୁ ନେଇ ସେହି ହାତ ଉପରେ ରଖିଲା ଏବଂ ପରସ୍ପର ମଧ୍ୟରେ ବିନିମୟ ହେବାରେ ଲାଗିଥିବା ଭାବନାଗୁଡ଼ିକ ଦ୍ୱାରା

ପରିପୂର୍ଣ୍ଣ ଏକ ନୀରବତା ମଧ୍ୟରେ ସମ୍ପୂର୍ଣ୍ଣ ନୀରବ ହୋଇଯାଇ ସେମାନେ ଏକାଠି ଅରଣ୍ୟର ପଥରେ ଅଗ୍ରସର ହେଲେ । ସେମାନେ ସମୁଦ୍ରର ବେଳାଭୂମିରେ ଆସି ପହଞ୍ଚିଲେ । ହର୍ଷୋଦୀପ୍ତ ସୂର୍ଯ୍ୟଙ୍କ କିରଣ ତଳେ ଶାନ୍ତ ସୁନୀଳ ସାଗର ଦେଖା ଯାଉଥାଏ । ଏକ ବିରାଟ ଜାହାଜ ଦୋଳାୟମାନ ଭାବେ ମନ୍ଥର ଗତିରେ ଉପକୂଳକୁ ଆସିଲା ।

ନିର୍ବିବାଦରେ ଏବଂ ପରିପୂର୍ଣ୍ଣ ବିଶ୍ୱାସ ସହ ଲିଆନେ ମେଓଥାର ଅନୁସରଣ କରୁଥିଲା । ସେମାନେ ସେମାନଙ୍କ ଲାଗି ବାଲି ଉପରେ ଅପେକ୍ଷା କରୁଥିବା ନୌକାଟି ପାଖରେ ଯାଇ ପହଞ୍ଚିଲେ । ଦୁଇଜଣ ନାବିକ ନୌକାଟିକୁ ସମୁଦ୍ର ଭିତରକୁ ଟାଣି ନେଲେ ଏବଂ ଦୁହିଙ୍କୁ ଆଣି ଜାହାଜ ଉପରେ ବସାଇ ଦେଲେ ।

ସାନ ଦ୍ୱୀପଟି ଚକ୍ରବାଳ ତଳେ ଅନ୍ତର୍ହିତ ହୋଇ ଯିବାର ଦେଖିବା ପରେ ଯାଇ କିଶୋରୀଟି ଆପଣାର ସହଯାତ୍ରୀଙ୍କୁ କହିଲା :

''ମୁଁ ତୁମରି ସକାଶେ ପ୍ରତିକ୍ଷା କରି ରହିଥିଲି । ଶେଷରେ ତୁମେ ଯେତେବେଳେ ଆସି ପହଞ୍ଚିଗଲ, ସେତେବେଳେ କୌଣସି ପ୍ରଶ୍ନ ନ ପଚାରି ମୁଁ ତୁମର ଅନୁସରଣ କଲି । ମୁଁ ଅନୁଭବ କରୁଛି ଯେ ଆମେ ପରସ୍ପର ଲାଗିହିଁ ସୃଷ୍ଟ ହୋଇଛେ । ସେ କଥା ମୁଁ ଭଲ କରି ଜାଣିଛି । ମୁଁ ଏକଥା ମଧ୍ୟ ଜାଣିଛି ଯେ ତୁମେ ଏବେ ଓ ସବୁଦିନ ପାଇଁ ମୋତେ ଆନନ୍ଦ ଓ ସୁରକ୍ଷା ପ୍ରଦାନ କରିବ । ମାତ୍ର ମୋର ଜନ୍ମଭୂମି ଏହି ଦ୍ୱୀପଟିକୁ ମୁଁ ଖୁବ୍ ଭଲ ପାଉଥିଲି । ଏହାର ସୁଦୃଶ୍ୟ ଅରଣ୍ୟଗୁଡ଼ିକୁ ଭାରି ଭଲ ପାଉଥିଲି । ବର୍ତ୍ତମାନ ତୁମେ ମୋତେ ପୁଣି କେଉଁ ଦେଶକୁ ନେଇଯାଉଛ, ସେହି କଥା ଜାଣିବା ଲାଗି ମୋର ଭାରି ଇଚ୍ଛା ହେଉଛି ।''

''ମୁଁ ତୁମକୁ ଖୋଜି ଖୋଜି ସଂସାର ସାରା ବୁଲିଲିଣି । ଏବଂ ଶେଷରେ ଯେତେବେଳେ ତୁମକୁ ଆସି ଏଠାରେ ଭେଟିଲି, ସେତେବେଳେ ତୁମକୁ ଆଦୌ କୌଣସି ପ୍ରଶ୍ନ ନ ପଚାରି ମୁଁ ତୁମର ହାତକୁ ନିଜ ହାତରେ ନେଇ ଧରିଲି । ତୁମେ ଯେ ମୋ ପାଇଁ ଅପେକ୍ଷା କରି ବସିଥିଲ, ତୁମର ଆଖିରୁହିଁ ମୋତେ ତାହାର ପ୍ରମାଣ ମିଳିଗଲା । ଏହି ମୁହୂର୍ତ୍ତରୁ ଚିରଦିନ ସକାଶେ ତୁମେ ମୋର ପ୍ରାଣପ୍ରିୟା, ମୋ ଲାଗି ସବୁକିଛି ହୋଇ ରହିବ । ହଁ, ଏକଥା ସତ ଯେ ତୁମକୁ ମୁଁ ତୁମର କ୍ଷୁଦ୍ର ଅରଣ୍ୟ ଶୋଭିତ ଦ୍ୱୀପଟି ପାଖରୁ ବିଚ୍ଛିନ୍ନ କରି ନେଇ ଆସିଛି; କିନ୍ତୁ ତୁମକୁ ମୋ ରାଜ୍ୟର ରାଣୀ କରିବା ଲାଗିହିଁ ମୁଁ ଏପରି କରିଛି । କେବଳ ସେହି ରାଜ୍ୟରେହିଁ ଶାନ୍ତି ଓ ସୁଖ ବିରାଜମାନ କରୁଛି, **ତୁମର** ଯୋଗ୍ୟ ସେହି ଗୋଟିଏ ରାଜ୍ୟହିଁ ଏହି ଧରଣୀ ତଳେ ରହିଛି ।''

(CWM. Vol. 2, pp. 7 - 11) ❑

ଗୋଟିଏ ଗଳ୍ପକୁ ରୋମାଞ୍ଚକର ବା ବିପର୍ଯ୍ୟୟସୂଚକ ଘଟଣାରେ ସମାପ୍ତ କରି ଲେଖିବା ଅପେକ୍ଷା ଗଳ୍ପଟିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁନ୍ଦରଭାବେ କହିବା ଅନନ୍ତ ମାତ୍ରାରେ ଅଧିକ କଠିନ । ଅନେକ ଲେଖକ ଗଳ୍ପଟିକୁ ସୁଖକର ବା ସୁନ୍ଦରଭାବେ ଲେଖିବାକୁ ସମର୍ଥ ହୁଅନ୍ତି ନାହିଁ – ସେଥିପାଇଁ ସେମାନଙ୍କର ଯଥେଷ୍ଟ କଳ୍ପନାଶକ୍ତି ନ ଥାଏ । ଖୁବ୍ କମ୍ ଗଳ୍ପର ଏକ ଉନ୍ନତ ଭାବସମ୍ପନ୍ନ ସମାପ୍ତି ଘଟିଥାଏ, ପ୍ରାୟ ସବୁ ଗଳ୍ପ ଏକ ବିଫଳତା ସହିତ ଶେଷ ହୋଇଥାଏ – ଏହାର ହେତୁ ଅତି ସହଜ, ଯେହେତୁ ଉତ୍‌ଥାନ ଅପେକ୍ଷା ପତନ ଘଟିବା ଅଧିକତର ସହଜ । କୌଣସି ଗଳ୍ପକୁ ମହନୀୟ ବା ଶ୍ରୀସମ୍ପନ୍ନ କରି ଶେଷ କରିବା ଏବଂ ନିଜକୁ ଅତିକ୍ରମ କରିଯିବା ପାଇଁ ଅନୁସନ୍ଧାନ କରୁଥିବା ପ୍ରତିଭାଶାଳୀ ନାୟକର ବ୍ୟକ୍ତିତ୍ୱକୁ ରୂପାୟିତ କରିବା ବହୁତ ବେଶୀ କଠିନ । କାରଣ ସେଥିପାଇଁ ନିଜେ ପ୍ରତିଭାଶାଳୀ ହେବା ଦରକାର, ଏବଂ ଏହି ପ୍ରତିଭା ପ୍ରତ୍ୟେକଙ୍କୁ ଦିଆଯାଇ ନ ଥାଏ ।

– ଶ୍ରୀମା

ସିନ୍ଧୁରୁ ବିନ୍ଦୁଏ :

# ଆସ୍ତିକ ନାସ୍ତିକ

## ସନ୍ତୋଷ ରଥ

The Atheist is God playing at hide and seek with Himself; but is the Theist any other ? Well, perhaps; for he has seen the shadow of God and clutched at it.
(Thoughts and Aphorisms, 32) – Sri Aurobindo

ନାସ୍ତିକ ଆଉ କେହି ନୁହେଁ, ନିଜ ସହ ଲୁଚକାଳି ଖେଳରତ ଭଗବାନ୍ । କିନ୍ତୁ ଆସ୍ତିକ କ'ଣ ଭିନ୍ନ ? ହୁଏତ ଭିନ୍ନ; କାରଣ ସେ ଭଗବାନଙ୍କ ଛାୟା ଦେଖିଛି ଓ ତାକୁହିଁ ଜାବୁଡ଼ି ଧରିଛି ।

— ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ସୂକ୍ତକୁ ଆଧାର କରି '**ଆସ୍ତିକ ନାସ୍ତିକ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଶ୍ରାବଣ ଆକାଶ ସଜାଏ ତା' ବେଶ
କେବେ ଖରା କେବେ ଛାଇ,
ସଞ୍ଜ ଆସେ ନଇଁ ମେଘ ଢାଙ୍କି ହୋଇ
ଆକାଶେ ସୂରୁଜ ଥାଇ । (୧)

ସାଗର ଲହରୀ ଛୁଇଁ ଯାଏ ଫେରି
ଗଢ଼ି ଭାଙ୍ଗେ ବେଳାଧାର,
ବୟସର କଢ଼ି ଫୁଟି ଯାଏ ଝଡ଼ି
ଶୁଣି ଭୁଲେ କାଳ ସ୍ୱର । (୨)

ନାସ୍ତିକ ଭାବନା ବାନ୍ଧେ ସାମିଆନା
ସାରଥୀ ସେ ନିଜ ରଥେ,
ଭାବେ ଦେବ କିଳି ଫୁଟାଇ ଦୟୋଳି
କାଳରଚା ଚଲା ପଥେ । (୩)

ନାହିଁ କେ ଈଶ୍ୱର ସେ ହିଁ ସର୍ବେଶ୍ୱର
ରୋଧିବାକୁ ତା'ର ଗତି,
ଖେଳେ ଲୁଚକାଳି ସ୍ରଷ୍ଟା ରଙ୍ଗବୋଳି
ମେରିଖନ୍ଧ ସାଜେ ମତି । (୪)

ନ ଜାଣେ ସେ ଜନ ତା' ମଧ୍ୟେ ଆସୀନ
ଖେଳରତ ଭଗବାନ୍,
ନିଜକୁ ଲୁଚାଇ ଖୋଜୁଥା'ନ୍ତି ସାଇଁ
କେବେ ପୂର୍ଣ୍ଣ କେବେ ଶୂନ । (୫)

ଆସ୍ତିକ ବିଚାର ଭିନ୍ନ ସରୋବର
ଫୁଟେ ଯହିଁ ନୀଳ କଇଁ,
ସେ କଇଁ ପରାଗ ଭରା ଅନୁରାଗ
ପୂଜୁଥାଏ ତୁମ ଛାଇ । (୬)

ତୁମେ ରଥ ପଥ ତୁମେ ପରମାର୍ଥ
ରହି ଖେଳ ଅନ୍ତରାଳେ,
ତୁମ ହାତ ଡୋରି ଅଦୃଶ୍ୟ ଜଞ୍ଜିରି
ନଚାଉଛି କଉଶଳେ । (୭)

ନୁହେଁ କେହି ନ୍ୟୂନ ତଉଲ ସମାନ
ଆସ୍ତିକ ନାସ୍ତିକ ତୁଳା,
ତୁମରି ସୃଜନ ଗୁଣଧର୍ମ ମାନ
ରଚିବାକୁ ଲୀଳା ଖେଳା । (୮)

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮୧)

## ମହେନ୍ଦ୍ରନାଥ ସ୍ୱାଇଁ

**'ଅନେଷ୍ଟି ସୋସାଇଟି'ର ଶୁଭାରମ୍ଭ :**

ଫେବ୍ରୁଆରୀ ୧୧, ୧୯୧୪ ପ୍ରାର୍ଥନାରେ ଶ୍ରୀମା ଲେଖନ୍ତି –

"AS soon as one rises above the perception of contingencies, as soon as one's consciousness is identified with Thy supreme consciousness and one enters thus into that omniscience which I cannot define except as absolute Knowledge, how easy and even a little childish seem all those problems about what should or should not be done, about all the resolutions to be taken.

From the standpoint of the eternal work, the one thing important is to become conscious of Thee, to identify oneself with Thee and to maintain that conscious identification constantly. But as to what best use can be made of our physical organism, Thy mode of manifestation upon earth, it is quite enough, when Thou alone art conscious within us, to turn the gaze to the body in order to know beyond all doubt what is the best thing it can do, what activity will most fully utilise all its energies.

And without attaching much importance to that activity, that altogether relative utilisation, one can take without any difficulty, any inner debate, decisions which, to the outer consciousness appear the boldest and most dangerous.

How simple everything is for him who sees all things from the height of Thy eternity!

I hail Thee, O Lord, with a joyful and trusting devotion. May the peace of Thy divine love be with all beings."

(Prayers and Meditations, Page. 71)

ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି ଯଦି ଜଣେ ସାଧାରଣ ବ୍ୟକ୍ତି ନିଜର ଦୈନନ୍ଦିନ ଜଞ୍ଜାଳ ଭିତରୁ ଊର୍ଦ୍ଧ୍ୱକୁ ଉଠି ଯାଇ ପରମ ଚେତନା, ସର୍ବଦର୍ଶୀ ଚେତନାର ବଳୟ ଭିତରେ ପ୍ରବେଶ କରିଯାଏ, ତେବେ ତାଙ୍କର କେଉଁ ପ୍ରକାରର ଅନୁଭୂତି ପ୍ରାପ୍ତ ହେବ, ସେହି ବିଷୟରେ । ଶ୍ରୀମା କହୁଛନ୍ତି, –

''ଯେଉଁ ମୁହୂର୍ତ୍ତରେ ଜଣେ ନିଜର ନିତି ଦିନିଆ ଛୋଟ ଛୋଟ ସମ୍ଭାବ୍ୟ ଘଟଣାର ଅନୁଭବ ଭିତରୁ ବାହାରି ଉପରକୁ ଉଠିଯାଏ ଏବଂ ନିଜର ଚେତନାକୁ ସର୍ବୋତ୍ତମ ଚେତନା ସହିତ ଏକାକାର କରି ଦେବା ମାତ୍ରକେ ସେ ଯେଉଁ ଚେତନା ଭିତରେ ପ୍ରବେଶ କରିଯିବ ତାହାହିଁ ସର୍ବଦର୍ଶୀ ଚେତନା ଯାହାଙ୍କୁ ମୁଁ ସମ୍ପୂର୍ଣ୍ଣ ଦିବ୍ୟଜ୍ଞାନ ବ୍ୟତୀତ ଆଉ କାହା ସହିତ ତୁଳନା କରିପାରିବି ନାହିଁ, – ସେହି ସମସ୍ୟାସକଳ ମନେହୁଏ କେତେ ସହଜିଆ ଏବଂ ଯେଉଁଥିରେ ଅଳ୍ପ ଟିକିଏ ପିଲାଳିଆ-ଦୁଷ୍ଟାମି ମିଶି କରି ରହିଛି, ସେଗୁଡ଼ିକ ହେଉଛନ୍ତି – ଯେଉଁସବୁ ସିଦ୍ଧାନ୍ତ ଗ୍ରହଣ କରାଯିବ ସେଥି ମଧ୍ୟରେ କେଉଁଗୁଡ଼ିକ ଠିକ୍ ଏବଂ କାର୍ଯ୍ୟରେ ପରିଣତ କରାଯିବ ଏବଂ କେଉଁଗୁଡ଼ିକ ଠିକ୍ ନୁହେଁ ଯାହାକୁ ସମ୍ପାଦିତ କରାଯିବ ନାହିଁ ।

''ଚିରନ୍ତନ କର୍ମ ଦୃଷ୍ଟିରୁ ଦେଖିବାକୁ ଗଲେ ଯେଉଁ କଥାଟି ଗୁରୁତ୍ୱପୂର୍ଣ୍ଣ ତାହା ହେଲା ତୁମ ସମ୍ପର୍କରେ ସଚେତନ ହେବା, ତୁମ ସହିତ ନିଜକୁ ଏକାକାର କରିଦେବା ଏବଂ ନିରବଚ୍ଛିନ୍ନ ଭାବରେ ସେହି ସଚେତନ ଏକତ୍ୱ ଭାବକୁ ବହନ କରି ଆଗକୁ ବଢ଼ିବା । କିନ୍ତୁ ଅପର ପକ୍ଷରେ ଆମ ଶରୀରର ସୂକ୍ଷ୍ମ ଜୀବନତତ୍ତ୍ୱ (organism) କିପରି ସବୁଠାରୁ ଭଲଭାବରେ ବ୍ୟବହାର

କରିପାରିବା ତାହାରି ଉପରେ । ଶରୀରର ସେହି ସୂକ୍ଷ୍ମତତ୍ତ୍ୱଗୁଡ଼ିକ ହେଉଛନ୍ତି ପୃଥିବୀପୃଷ୍ଠରେ ତୁମର ପରିପ୍ରକାଶର ମାଧ୍ୟମ, ଏତିକିହିଁ ଯଥେଷ୍ଟ । ଯେତେବେଳେ ତୁମେ ଆମ ଭିତରେ କେବଳ ସଚେତନ ଭାବରେ ବିରାଜମାନ କରୁଛ, ଏହି ଶରୀର ଉପରକୁ ଦୃଷ୍ଟି ନିକ୍ଷେପ କରିବା ସକଳ ପ୍ରକାର ସନ୍ଦେହର ଊର୍ଦ୍ଧ୍ୱକୁ ଉଠିଯିବାର ଉଦ୍ଦେଶ୍ୟ ନେଇ, ଏହା କେଉଁ କେଉଁ କାର୍ଯ୍ୟ ସବୁଠାରୁ ଭଲଭାବରେ କରିପାରିବ, କେଉଁ ସବୁ କାର୍ଯ୍ୟ ଶରୀରର ସମସ୍ତ ଶକ୍ତିରାଜିକୁ ସର୍ବୋତ୍ତମ ଭାବରେ ବ୍ୟବହାର କରିପାରିବ ସେହି ବିଷୟରେ ଯତ୍ନଶୀଳ ହେବ ।

''ସେହି କାର୍ଯ୍ୟକଳାପ ପ୍ରତି ଏବଂ ସାମଗ୍ରିକ ସମ୍ବନ୍ଧିତ ବ୍ୟବହାର ପ୍ରତି ଅତ୍ୟଧିକ ଗୁରୁତ୍ୱ ଆରୋପ ନକରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୋଇ, ଅନ୍ତର୍ଦ୍ୱନ୍ଦ୍ୱ ଭିତରେ ନପଡ଼ି, ଜଣେ ନିଜେ ନିଜର ସିଦ୍ଧାନ୍ତ ଗ୍ରହଣ କରିପାରିବ ଯାହା ବାହ୍ୟ ଚେତନା ନିକଟରେ ବୋଧହୁଏ ଅତ୍ୟନ୍ତ ଦୁଃସାହସିକ ଓ ଭୀଷଣ ବିପଜ୍ଜନକ ବୋଲି ।

''ଯେଉଁ ବ୍ୟକ୍ତି ତୁମର ଚିରନ୍ତନୀ ଉଚ୍ଚତାରେ ଦଣ୍ଡାୟମାନ ହୋଇ ନିମ୍ନକୁ ଦୃଷ୍ଟିପାତ କରି ସବୁ ବିଷୟକୁ ଦେଖନ୍ତି ତାଙ୍କ ପାଇଁ ପ୍ରତ୍ୟେକ ବସ୍ତୁ ଓ ଘଟଣା କେତେ ସହଜ, ସରଳ ନୁହେଁ ସତେ !

''ହେ ପ୍ରଭୁ, ତୁମ ନିକଟରେ ମୁଁ ଆନନ୍ଦପୂର୍ଣ୍ଣ ଏବଂ ଆସ୍ଥାପୂର୍ଣ୍ଣ ଭକ୍ତିର ସହିତ ଯୋଡ଼ହସ୍ତରେ ନିବେଦନ କରୁଛି, ଯେପରି ତୁମର ଦିବ୍ୟ ପ୍ରେମର ପ୍ରଶାନ୍ତି ସକଳ ସତ୍ତାଙ୍କ ଭିତରେ ବାସ କରୁ ।''

ଫେବ୍ରୁଆରୀ ୧୧, ୧୨ ଓ ୧୩ ତାରିଖ ୧୯୧୪ ମସିହାର ପ୍ରାର୍ଥନା ତିନୋଟି ଶ୍ରୀମା ପ୍ରଭୁଙ୍କୁ ସମ୍ବୋଧନ କରି ଲେଖିଛନ୍ତି । ଏହି ତିନୋଟି ପ୍ରାର୍ଥନାର ଅନ୍ତଃସ୍ରୋତ ଏକା ପ୍ରକାରର ଯାହା ଗୋଟିଏ ସୂତାରେ ଗୁନ୍ଥା । ଶ୍ରୀମା ପ୍ୟାରିସ୍ ଛାଡ଼ିବାକୁ ମାତ୍ର ତିନି ସପ୍ତାହ ବାକି ଅଛି । ସେ ତାଙ୍କ ଦେଶ, ପରିବାର, ବନ୍ଧୁବାନ୍ଧବ, ବହୁଦିନରୁ ସୁପରିଚିତ ପରିବେଶକୁ ପଛରେ ଛାଡ଼ି ଏକ ଅଜଣା ସମ୍ପୂର୍ଣ୍ଣ ନୂତନ ଜୀବନ ଭିତରକୁ ପ୍ରବେଶ କରିବା ଉଦ୍ଦେଶ୍ୟରେ ଯାତ୍ରା କରିବାକୁ ସ୍ଥିର କରିଛନ୍ତି । ଯେତେ ପ୍ରକାର ଜିନିଷପତ୍ର, ତାଙ୍କ ଘର, ପ୍ରକୋଷ୍ଠରେ ଥିବା ସମସ୍ତ ଆସବାବପତ୍ର ଯଥା ଚେୟାର, ଟେବୁଲ, ଅସଂଖ୍ୟ ଛୋଟ ଛୋଟ ଜିନିଷ 'thousand little things', ଦିବ୍ୟଜନନୀ ସେସବୁକୁ ସ୍ୱୟଂ ସଂଗ୍ରହ କରିଥିଲେ ବା ଗଢ଼ିଥିଲେ ଦିବ୍ୟ ପ୍ରେମକୁ ଆଧାର କରି । ସେମାନଙ୍କ ସହିତ ଚଳୁଥିଲେ, ସମୟ କଟାଉଥିଲେ, ଯେଉଁସବୁ ଛୋଟବଡ଼ ସମସ୍ୟା ଆସୁଥିଲା ତା'ର ଊର୍ଦ୍ଧ୍ୱକୁ ଉଠିଯାଇ ପରମପ୍ରଭୁଙ୍କ ସର୍ବୋତ୍ତମ ଚେତନା ସହିତ ନିଜକୁ ମିଶାଇ ଦେଉଥିଲେ ଏବଂ ତତ୍‌କ୍ଷଣାତ୍ ସବୁ ସମସ୍ୟାର ସମାଧାନ ହୋଇ ଯାଉଥିଲା, ବେଳେ ବେଳେ ଏହା ଖୁବ୍ ସହଜରେ ପିଲାମାନଙ୍କର ଦୁଷ୍ଟାମି ଖେଳ ଭଳି ଲାଗୁଥିଲା ।

ତତ୍ପରେ ଦିବ୍ୟଜନନୀ ଆଲୋଚ୍ୟ ପ୍ରାର୍ଥନାରେ ଭଗବାନଙ୍କ ନିମନ୍ତେ କାର୍ଯ୍ୟ କରିବାକୁ ସଙ୍କଳ୍ପ ଗ୍ରହଣ କଲାବେଳେ କେଉଁ କଥାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାହା କହି ଦେଇଛନ୍ତି : ତାହା ହେଲା ତାଙ୍କ ସମ୍ପର୍କରେ ସଚେତନ ହେବା, ତାଙ୍କୁ ଜାଣିବା, କର୍ମୀ ଓ ପ୍ରଭୁଙ୍କ ଭିତରେ ଯେପରି କୌଣସି ପ୍ରତିବନ୍ଧକ ଠିଆ ହୁଏ ନାହିଁ ସେଥିପ୍ରତି ସର୍ବଦା ସଚେତନ ରହିବା । ଶରୀରକୁ ଛାଡ଼ି ଦେଲେ ତ କୌଣସି କର୍ମ ହୋଇପାରିବ ନାହିଁ, ସୁତରାଂ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ, ଇନ୍ଦ୍ରିୟଗଣ, ଜୀବକୋଷ, ସ୍ନାୟୁସକଳ, ସମସ୍ତେ ଯେପରି ଉତ୍ସର୍ଗୀକୃତ ଭାବରେ କାମ କରନ୍ତି ସେଥିପ୍ରତି ସଚେତନ ହେବା ଏବଂ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା, କାରଣ ଶରୀର ମାଧ୍ୟମରେ ପ୍ରଭୁଙ୍କର ପରିପ୍ରକାଶ ହେବ । ପ୍ରଭୁ ଯଦି ଆମର ଏହି ଶରୀର ଭିତରେ ଅବସ୍ଥାନ କରନ୍ତି ତାହାହେଲେ ଶରୀର କ'ଣ ବା ନ କରିପାରିବ ? ସବୁଠାରୁ କଠିନ କାର୍ଯ୍ୟଟିକୁ, ଅସାଧ କାର୍ଯ୍ୟଟିକୁ ଅନାୟାସରେ କରି ଦେଇ ପାରିବ । ଆମେ ଶରୀରର ଯେଉଁ ଯେଉଁ ଶକ୍ତିକୁ ବ୍ୟବହାର କରିବାରେ ଅସମର୍ଥ ହେଉଛେ ତାହା ମଧ୍ୟ ସହଜରେ, ଅବଲୀଳାକ୍ରମେ କାର୍ଯ୍ୟ କରିବାକୁ ଲାଗିଯିବେ ।

ପୁନଶ୍ଚ 'ଚିରନ୍ତନୀ' ପୁସ୍ତକରେ ଦିବ୍ୟଜନନୀ ଈଶ୍ୱରଙ୍କ ସହିତ ଏକାତ୍ମତା ଅନୁଭବ କରିବାର ଉପାୟଟିକୁ ଆମକୁ କହିଛନ୍ତି – ତାହା ହେଲା : ''ସତେ କି ତୁମେ ତାଙ୍କୁ (ଈଶ୍ୱରଙ୍କୁ) ବହନ କରି ଚାଲିଛ ... ସତେ କି ଈଶ୍ୱର ସବୁ ସମୟରେ ତୁମ ପାଖେ ପାଖେ ରହିଛନ୍ତି, ତୁମେ ଚାଲିଲେ ସେ ତୁମ ସହ ଚାଲୁଛନ୍ତି, ତୁମେ ଶୋଇଲେ ସେ ତୁମ ସହ ଶୋଉଛନ୍ତି, ତୁମେ ଖାଇଲେ ସେ ତୁମ ସହ ଖାଉଛନ୍ତି, ତୁମେ ଭାବିଲେ ସେ ତୁମ ସହ ଭାବୁଛନ୍ତି, ତୁମେ ଭଲ ପାଇଲେ ସେ ତୁମର ପ୍ରେମ ସ୍ୱରୂପରେ ତୁମ ସହ ରହିଛନ୍ତି । ... କିନ୍ତୁ ଏଥିପାଇଁ ତୁମେ ନିଜକୁ ଏବଂ ନିଜର ସବୁକିଛିକୁ ତାଙ୍କ ପାଖରେ ନିଃଶେଷରେ ସମର୍ପି ଦେବାକୁ ହେବ । କିଛି ବୋଲି କିଛି ରଖିବାକୁ ହେବ

ନାହିଁ । ଯଦି କିଛି ରଖ ତେବେ ତାହା ପ୍ରାଚୀର ସଦୃଶ ତୁମର ଓ ଈଶ୍ୱରଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କରିବ ।''

('ଚିରନ୍ତନୀ', ପୃ. ୨୧୨)

ଯଦି ସାଧକ-ଭକ୍ତଟିଏ ବା ସାଧାରଣ ଲୋକଟିଏ ଯେଉଁ କର୍ମ କରୁଛନ୍ତି ବା ତାଙ୍କୁ ଯେଉଁ କର୍ମ କରିବାର ସୁଯୋଗ ମିଳିଛି ତାହା ସହିତ ବାନ୍ଧି ହୋଇ ନ ଯାଆନ୍ତି, ଅଧିକ ଗୁରୁତ୍ୱ ନ ଦିଅନ୍ତି, ସବୁବେଳେ ଭାବୁଥା'ନ୍ତି ଶ୍ରୀମା ଯାହା ଦେଇଛନ୍ତି ମୁଁ ତାହାହିଁ କରୁଛି, ସେ ମୋ ସହିତ ଅଛନ୍ତି, ତେବେ ଦିବ୍ୟଜନନୀ ଶ୍ରୀମା ସର୍ବଦା ଅଭୟହସ୍ତ ଉତ୍ତୋଳନପୂର୍ବକ ଆମକୁ ଆଶୀର୍ବାଦ କରୁଥା'ନ୍ତି । ତାଙ୍କ ନିକଟରେ ଆମର ସମସ୍ୟାସବୁକୁ ଉପସ୍ଥାପନ କରି ଦେଲେ ସେ ତତ୍‌କ୍ଷଣାତ୍ ସେସବୁର ସମାଧାନ କରି ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ପୁଦୁଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ ଦ୍ୱାରା ପରିଚାଳିତ ହେଉଥିବା 'ଅନେଷ୍ଟି ସୋସାଇଟି' (Honesty Society) କିପରି ମା'ଙ୍କ କରୁଣା ଓ କୃପା ଲାଭ କରି ଜନ୍ମ ନେଇଥିଲା ସେହି ବିଷୟରେ ଆଲୋଚନା କରିବାର ଲୋଭ ସମ୍ବରଣ କରିହେଉ ନାହିଁ । ତାହା ହେଲା ଏହିପରି –

ଏହା ୧୯୫୪ ମସିହାର କଥା । 'କ' ନାମକ ଜନୈକ ବ୍ୟବସାୟୀଙ୍କର ଅଂଶୀଦାର ପଣ୍ଡିଚେରୀରେ ଥିବା ତାଙ୍କ କମ୍ପାନୀର ଶାଖାକୁ ବନ୍ଦ କରିଦେଇ ହଂକଂ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଲେ । ସେହି ଦୋକାନଟି ଦ୍ୟୁପ୍ଲେ ଷ୍ଟ୍ରୀଟ୍‌ରେ ଥାଏ । 'କ'ଙ୍କର ପରିବାର ସେହି ଦୋକାନର ଉପର ତାଲାରେ ରହୁଥା'ନ୍ତି । ସେ ଏବଂ ତାଙ୍କ ପରିବାର ୧୯୫୦ ମସିହା ଠାରୁ ଆଶ୍ରମ ସହିତ ସମ୍ପର୍କରେ ଥିଲେ । ତାଙ୍କ ପିଲାମାନେ 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର''ରେ ପାଠ ପଢୁଥା'ନ୍ତି ଏବଂ 'କ' ନିଜେ ଆଶ୍ରମର ଶାରୀରିକ ଶିକ୍ଷା ବିଭାଗର ଦୈନନ୍ଦିନ କାର୍ଯ୍ୟକ୍ରମରେ ଭାଗ ନେଉଥା'ନ୍ତି । ସେ ନିଜର କୌଣସି ସମସ୍ୟାର ସମାଧାନ ନିଜେ କରନ୍ତି ନାହିଁ, ସବୁକଥା ମା'ଙ୍କୁ ନିବେଦନ କରି ଦେଇଥା'ନ୍ତି । ଦିନେ ସନ୍ଧ୍ୟା ସମୟରେ ସେ ଖେଳ ପଡ଼ିଆକୁ ଯାଇ ତାଙ୍କ ହଂକଂ ଯିବାକଥା ଓ ବ୍ୟବସାୟ ସମ୍ବନ୍ଧୀୟ ତାଙ୍କ କମ୍ପାନୀର ନିଷ୍ପତ୍ତି ବିଷୟ ମା'ଙ୍କୁ ଅବଗତ କରାଇଲେ । ଶ୍ରୀମା'ଙ୍କ ମତାମତ ଓ ଆଶୀର୍ବାଦ ଗ୍ରହଣ କରି ସାରି 'କ' ଅନୁରୋଧ କରି କହିଲେ, ''ମା', ଆମ ଦୋକାନରେ ଦୁଇଜଣ ବିଶ୍ୱସ୍ତ ଓ ନିଷ୍ଠାପର କର୍ମୀ ଏଠାରେ ରହି କାର୍ଯ୍ୟ କରିବାକୁ ଚାହୁଁଛନ୍ତି, ଯଦି ମା' ସେମାନଙ୍କୁ ଆଶ୍ରମର କୌଣସି ବିଭାଗରେ କିଛି କାମ ଦିଅନ୍ତି ସେମାନେ ଉପକୃତ ହେବେ ଏବଂ ଆଶ୍ରମର ମଧ୍ୟ ବହୁତ କାର୍ଯ୍ୟ ସାଧିତ ହେବ ।'' ମା' ମସ୍ତକ ହଲାଇ ଅସ୍ତିବାଚକ ସମ୍ମତି ପ୍ରଦାନ କଲେ । ତପୂରେ 'କ' ମା'ଙ୍କୁ କହିଲେ, ''ଆମ ଦୋକାନରେ ବହୁତ ସାମଗ୍ରୀ ଗଚ୍ଛିତ ହୋଇ ରହିଛି । ସେହି କର୍ମଚାରୀ ଦ୍ୱୟ ସେଠାରେ କିଛି ଦିନ କାମ କରିବେ ଏବଂ ଜିନିଷପତ୍ର ସରିଗଲେ ଆଶ୍ରମକୁ ଚାଲି ଆସିବେ ।'' ଶ୍ରୀମା ଏହି ପ୍ରସ୍ତାବରେ ମଧ୍ୟ ରାଜି ହୋଇଗଲେ । ଏହାପରେ ମା' ଗଭୀର ସମାଧିରେ ନିମଗ୍ନ ହୋଇଗଲେ । କିଛି ସମୟ ପରେ ମା'ଙ୍କର ଧ୍ୟାନ ଭଗ୍ନ ହେଲା । ମା' ପୁଣି କହିଲେ, ''ଧରିନିଅ, ଆମେ ଯଦି ତୁମର ସମସ୍ତ ଜିନିଷପତ୍ର ବିକ୍ରୟ କରି ଦେଉ ?'' 'କ' ମା'ଙ୍କ ଶ୍ରୀମୁଖରୁ ଏହା ଶ୍ରବଣ କରି ଭାବବିହ୍ୱଳ ହୋଇ ପଡ଼ିଲେ । ମା' ପୁନଶ୍ଚ ସମାଧିସ୍ଥ ହୋଇଗଲେ ଏବଂ ଧ୍ୟାନଭଗ୍ନ ପରେ କହିଲେ, ''ଆମେ ଯଦି ତୁମର ସବୁ ଦ୍ରବ୍ୟ କ୍ରୟ କରି ନେଉ କିପରି ହେବ ?'' ଘଟଣାର ଏପରି ଏକ ଦିବ୍ୟମୋଡ଼କୁ ଲକ୍ଷ୍ୟ କରି 'କ'ଙ୍କର ପାଟିରୁ ବାକ୍ୟ ସ୍ଫୁରୁ ନଥାଏ । ବାତାବରଣରେ ଏକ ଅଖଣ୍ଡ ନୀରବତା । ସେ ଏପରି ଏକ ମନୋରମ ଘଟଣା ପ୍ରବାହରେ ଆଶ୍ଚର୍ଯ୍ୟାନ୍ୱିତ ଓ ଆତ୍ମବିଭୋର ହୋଇ ଯାଇଥା'ନ୍ତି । ତାଙ୍କର ଚକ୍ଷୁଦ୍ୱୟରୁ ଆନନ୍ଦର ଅଶ୍ରୁ ଝରି ପଡୁଥାଏ, ସେହି ଅବସ୍ଥାରେ ଦୁଇ ବାହୁ ଉପରକୁ ଟେକି, ଯୋଡ଼ ହସ୍ତରେ ସେ ସମ୍ମତି ପ୍ରଦାନ କଲେ ।

ଏହାପରେ ମା' କହିଲେ, ''ତୁମେ ତ କମ୍ପାନୀର ସବୁଠାରୁ କନିଷ୍ଠ ଅଂଶୀଦାର ଏବଂ ଅନ୍ୟ ବରିଷ୍ଠ ଅଂଶୀଦାରମାନଙ୍କର ମତାମତ ନିଅ ।'' କୌଣସି ବରିଷ୍ଠ ଅଂଶୀଦାରଙ୍କର ମତାମତ ନେବାର ଆବଶ୍ୟକତା ପଡ଼ିଲା ନାହିଁ । 'କ' ପୁଣି ଥରେ ଭାବବିହ୍ୱଳ ହୋଇ ପଡ଼ିଲେ ଏବଂ ମା'ଙ୍କ ପାଦତଳେ ନତଜାନୁ ହୋଇ ବସି ପଡ଼ିଲେ, ନମ୍ରସ୍ୱରରେ ପ୍ରକାଶ କଲେ, ''ମା', ଯାହା ନିର୍ଦ୍ଦେଶ ଦେବେ ତାହାହିଁ ଶେଷ ସିଦ୍ଧାନ୍ତ ବୋଲି ଗ୍ରହଣ କରି ନିଆଯିବ ।'' ମା'ଙ୍କ ଉତ୍ତର, ''ତାହାହେଲେ ଏ ସମ୍ବନ୍ଧରେ ଦ୍ୟୁମାନ୍ ତୁମ ସହିତ ସମ୍ପର୍କ ସ୍ଥାପନ କରିବ ।'' ସେହି କମ୍ପାନୀଟି ହେଲା 'ଇଷ୍ଟର୍ଣ୍ଣ ଟ୍ରେଡ଼ିଂ କମ୍ପାନୀ, ବମ୍ବେ' ଏବଂ ସେ ପଣ୍ଡିଚେରୀସ୍ଥିତ ତାଙ୍କ ଶାଖାଟିକୁ ବନ୍ଦ କରି ଦେବାକୁ ସିଦ୍ଧାନ୍ତ ନେଇଥିଲେ ।

ଇତ୍ୟବସରରେ ମା' ଦୟାଭାଇଙ୍କ ନିକଟକୁ ଗୋଟିଏ ତାରବାର୍ତ୍ତା ପ୍ରେରଣ କଲେ । ଦୟାଭାଇ ମା'ଙ୍କର ଜଣେ ବିଶ୍ୱସ୍ତ ସନ୍ତାନ । ତାଙ୍କୁ ମା'ଙ୍କର ନିର୍ଦ୍ଦେଶ ଥିଲା ଯେ ସେ ଆସି ଏହି ବ୍ୟବସାୟଟିର ଦାୟିତ୍ୱ ଗ୍ରହଣ କରନ୍ତୁ । ଏହି ବ୍ୟବସାୟିକ

ସଂସ୍ଥାଟିର ନାମକରଣ ଶ୍ରୀମା ସ୍ୱୟଂ କରିଥିଲେ ଏବଂ ଶ୍ରୀହସ୍ତରେ ଲେଖି ଦେଇଥିଲେ, 'Honesty Society' ('ଅନେଷ୍ଟି ସୋସାଇଟି') । ଦୟାଭାଇ ମା'ଙ୍କ ଡାକରା ପାଇ ଯଥାଶୀଘ୍ର ଆସି ମା'ଙ୍କଠାରୁ ପ୍ରତିଷ୍ଠାନଟିର ଦାୟିତ୍ୱ ଗ୍ରହଣ କଲେ । ଶ୍ରୀମା ତାଙ୍କୁ ଦୋକାନରେ ବିକ୍ରୟ ନିମନ୍ତେ ଥିବା ସମସ୍ତ ଦ୍ରବ୍ୟ ସହିତ ପନ୍ଦର ହଜାର ଟଙ୍କା ଦେଇଥିଲେ ରେଜିଷ୍ଟ୍ରେସନ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ । ବ୍ୟବସାୟରୁ ଯାହା ଲାଭ ହେଉଥିଲା ଦୟାଭାଇ ସେସମସ୍ତ ଅର୍ଥ ମା'ଙ୍କ ପାଖରେ ନିବେଦନ କରି ଦେଉଥିଲେ ଏବଂ ସେ ନିଜେ ଚଳିବା ପାଇଁ ଗୋଟିଏ ପଇସା ମଧ୍ୟ ସେଥିରୁ ଖର୍ଚ୍ଚ କରୁ ନଥିଲେ ।

ଏହାହିଁ ହେଉଛି ବର୍ତ୍ତମାନ 'ଅନେଷ୍ଟି ସୋସାଇଟି'କୁ ଆମେ ଯେଉଁ କଳେବରରେ ଦେଖୁଛେ, ତାହାରି ଜନ୍ମକଥା ।

('ସୁଧା ସମାଚାର' ପୁସ୍ତକର ପୃଷ୍ଠା.୨୩୮-୨୩୯)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

# ତୁମେ ଅଛ ବୋଲି

## ଶ୍ରୀଅରବିନ୍ଦ

ତୁମେ ଯେଣୁ ଅଖିଳ ସୌନ୍ଦର୍ଯ୍ୟ ଏବଂ ଆନନ୍ଦ ସକଳ
ଅନ୍ଧ ମୁଗ୍ଧ ଆତ୍ମା ମୋର ତୁମ ପ୍ରେମାକୁଳ
ପାଇଛି ନିଖିଳ ମଧ୍ୟେ ତୁମ ସେହି ଅତିନ୍ଦ୍ରିୟ ସ୍ପର୍ଶ
ଶିହରିତ ସଦା ବହି ସେହି ମହୋଲ୍ଲାସ ।

ପ୍ରତି ଦୃଷ୍ଟି ଅନ୍ତରାଳେ ଦେଖେ ତବ ଦୃଷ୍ଟି ବିମୋହନ
ପ୍ରତ୍ୟେକ ଧ୍ୱନିରେ ଶୁଣେ ତୁମ ମଧୁସ୍ୱର
ତୁମରି ମାଧୁର୍ଯ୍ୟେ ପ୍ରଭୁ ନିତ୍ୟ ମୋର ହୃଦୟ ଆଚ୍ଛନ୍ନ,
ସୁଦୃଢ଼େ ବାନ୍ଧିଛି ମୋତେ ତୁମ ମଧୁଫାଶ ।

ସକଳ ଜୀବ ଶରୀରେ ଭଲପାଏ ତୁମରି ସ୍ୱରୂପ
ତୁମ ଦିବ୍ୟାନଳେ ପୂର୍ଣ୍ଣ ପାଷାଣ ଓ ପତ୍ର
ବହିଛି ତୁମକୁ ସଦା ସମୟର ଅଗ୍ନିମୟ ପକ୍ଷ
ଏ ଦୃଷ୍ଟି ଲାବଣ୍ୟମୟ ତୁମେହିଁ ସର୍ବତ୍ର ।

ମହାକାଳ ଯାତ୍ରାପଥେ ତୁମେ ପ୍ରଭୁ ପଥ ନିର୍ଦ୍ଦେଶକ
ଭବିଷ୍ୟତ୍ ଦୃଢ଼ ଆଶା ତୁମେହିଁ କେବଳ । ❑

[ଶ୍ରୀଅରବିନ୍ଦଙ୍କ ରଚିତ **"Because Thou art"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ପଞ୍ଚାୟନ

## ନଳିନୀକାନ୍ତ ଗୁପ୍ତ

ପଞ୍ଚାୟନ ଅର୍ଥ ପାଞ୍ଚ ସଂଖ୍ୟାଟିର କାହାଣୀ, ଯେପରି ରାମାୟଣ ଅର୍ଥାତ୍, ରାମଙ୍କ କାହାଣୀ, ରସାୟନ ଅର୍ଥାତ୍, ରସର କାହାଣୀ । ଆଜି କହିବି ପଞ୍ଚକର କଥା – ପଞ୍ଚକ ହେଲା ପାଞ୍ଚ ପାଞ୍ଚ କରି ଭାଗ, ପାଞ୍ଚ ପାଞ୍ଚଟି ଜିନିଷ ନେଇ ଗୋଟିଏ ଗୋଟିଏ ଥାକ, ଗୁଚ୍ଛ ବା ଗୋଷ୍ଠୀ । ସଂସ୍କୃତ ପଣ୍ଡିତମାନେ ଏହାର ନାମ ଦେଇଛନ୍ତି ପଞ୍ଚୀକରଣ । ପାଞ୍ଚ ସଂଖ୍ୟାଟି ମହତ୍ତ୍ୱ ମହିମାରେ ପରିପୂର୍ଣ୍ଣ ଏବଂ ଅତି ପ୍ରାଚୀନ କାଳରୁ ପରିଚିତ ଓ ଆଦୃତ । ଅବଶ୍ୟ ଅନ୍ୟାନ୍ୟ ଅନେକ ସଂଖ୍ୟା ବି ମହତ୍ତ୍ୱ ଓ ମହିମାରେ କମ୍ ନୁହନ୍ତି ଏବଂ ସମାନ ଭାବେ ପରିଚିତ ଓ ଆଦୃତ । କିନ୍ତୁ ଆଜି ଆମ୍ଭେମାନେ ପାଞ୍ଚ ସଂଖ୍ୟାରହିଁ ଗୁଣ କୀର୍ତ୍ତନ କରିବା, ଅର୍ଥାତ୍ ପାଞ୍ଚର ପାଁଚାଳୀ, ପାଁଚାଳୀ ଅର୍ଥ ଯାହାର ଅଛି ପାଞ୍ଚଟି ଅଙ୍ଗ, ପାଞ୍ଚଟି ବିଭିନ୍ନ ଧରଣର ସୁର ବା ସ୍ୱର, ସ୍ତର ବା ପର୍ବ ।

ପଞ୍ଜିକା କାହାକୁ କୁହାଯାଏ ଆମ୍ଭେମାନେ ସମସ୍ତେ ଜାଣୁ, ପଞ୍ଜିକାର ଅନ୍ୟ ଏକ ନାମ ପଞ୍ଚାଙ୍ଗ । ଏହି ପଞ୍ଚାଙ୍ଗ ହେଲା ବାର, ତିଥି, ନକ୍ଷତ୍ର, ଯୋଗ (ଅର୍ଥାତ୍ ପରସ୍ପରର ସମ୍ବନ୍ଧ) ଏବଂ କରଣ (ତିଥିର ଭାଗ) । ପୁରାଣର ମଧ୍ୟ ଅଛି ପାଞ୍ଚଟି ଅଙ୍ଗ, ପାଞ୍ଚ ଅଙ୍ଗ ଛଡ଼ା ପୁରାଣ ପୁରାଣ ବୋଲାଏ ନାହିଁ; ପାଞ୍ଚଟି ଅଙ୍ଗ ବା ପ୍ରକରଣ, ଯଥା ସୃଷ୍ଟି-ପ୍ରକରଣ, ରାଜନ୍ୟବଂଶ-ପ୍ରକରଣ ଇତ୍ୟାଦି । ମହାଭାରତର ବୃହତ୍ ପାଁଚାଳ ହେଲା ପାଞ୍ଚାଳୀର, ପଞ୍ଚପାଣ୍ଡବଙ୍କର ଓ ପଞ୍ଚଗ୍ରାମର ଅପରୂପ ଗାଥା – କିଏ ଏହା ନ ଜାଣେ ?

ପାଞ୍ଚାଳୀ, ଅର୍ଥାତ୍ ଦ୍ରୌପଦୀ । ପାଞ୍ଚାଳୀ ନାମ ଯୋଗୁଁ ଯେ ଦ୍ରୌପଦୀଙ୍କୁ ପଞ୍ଚସ୍ୱାମୀ ଗ୍ରହଣ କରିବାକୁ ହୋଇ ନଥିଲା ତାହା ବା କିଏ କହିପାରେ ? ପାଞ୍ଚାଳୀର ଅର୍ଥ ପାଞ୍ଚାଳ ଦେଶର କନ୍ୟା । ପାଞ୍ଚାଳ ଅର୍ଥ ପଞ୍ଚ ଜନପଦ । ଋଗ୍‌ବେଦରେ ମଧ୍ୟ ପଞ୍ଚଜନର କଥା କୁହାହୋଇଛି, ପଞ୍ଚଜନ ଏବଂ ପଞ୍ଚ କ୍ଷିତି ଓ ପଞ୍ଚ କୃଷ୍ଟି ସମ୍ବନ୍ଧେ ବି ଉଲ୍ଲେଖ ଅଛି । ଋଗ୍‌ବେଦ ଆଉ ଗୋଟିଏ ମଜା କଥା କହିଛନ୍ତି – 'ପାଞ୍ଚ'ର ରହସ୍ୟ ଘୋଷଣା କରିବା ନିମିତ୍ତ ସତେ ଅବା ସେମାନେ କୃଷ୍ଣଜନ, ସହଜ କଥାରେ, କଳା ମନୁଷ୍ୟମାନଙ୍କର ସଂଖ୍ୟା ଦେଇଛନ୍ତି ପାଞ୍ଚଗୁଣ ଦଶ ହଜାର – ଅର୍ଥାତ୍ ପଚାଶ ହଜାର – ଅସୁର ବା ଦାସ ବା ଦେବଦ୍ରୋହୀମାନଙ୍କର ଏଇ ସଂଖ୍ୟା (୪-୧୬-୧୩) ।

ପଞ୍ଚ ଜନପଦ ସଙ୍ଗେ ମନେ ପଡ଼ିଯାଏ ପଞ୍ଚ ଆବ ଅର୍ଥାତ୍, ପଞ୍ଜାବରେ ପଞ୍ଚନଦୀର କଥା – ତୁମ୍ଭମାନଙ୍କର ନିଶ୍ଚୟ ମନେ ପଡ଼ିବ ରବୀନ୍ଦ୍ରନାଥଙ୍କର ବିଖ୍ୟାତ "ପଞ୍ଚନଦୀର ତୀରେ ବେଣୀ ପାକାଇୟା ଶିରେ ..." । ପଞ୍ଚନଦ ପରି ପଞ୍ଚନଦୀର କଥା ମଧ୍ୟ ଉଲ୍ଲେଖ କରିବା ଉଚିତ । ସେମାନେ ସମାନ ଭାବେ ସ୍ମରଣୀୟ, ବରଣୀୟ, ଦୈନନ୍ଦିନ ବନ୍ଦନାରେ ସେମାନଙ୍କ ନାମ ଧରିବାକୁ ହୁଏ : ଗଙ୍ଗା, ଯମୁନା, ଗୋଦାବରୀ, ନର୍ମଦା, କାବେରୀ । ତାହା ବ୍ୟତୀତ ରହିଛି ପଞ୍ଚ ଗୌଡ଼ – ବଙ୍ଗଳାର ବାହାରୁ ପାଞ୍ଚଟି ଦେଶରୁ ପାଞ୍ଚଟି ବ୍ରାହ୍ମଣ-ସମ୍ପ୍ରଦାୟ ବଙ୍ଗଦେଶରେ ଆଶ୍ରୟ ଗ୍ରହଣ କରିଥିଲେ । ସେଥିପାଇଁ ବଙ୍ଗାଳୀମାନେ ଏକ ପାଞ୍ଚମିଶା ଜାତି, ମୁସଲମାନମାନେ ବି ସେମାନଙ୍କ ସଙ୍ଗେ ମିଶି ଯାଇଛନ୍ତି । ପଞ୍ଚ ଗୌଡ଼ ପରି ପୁଣି ରହିଛି ପଞ୍ଚ ଦ୍ରାବିଡ଼ – ଦାକ୍ଷିଣାତ୍ୟକୁ ଅର୍ଥାତ୍, ବିନ୍ଧ୍ୟ ପର୍ବତର ଦକ୍ଷିଣ ଦିଗରେ ଭାରତକୁ ପାଞ୍ଚଟି ଜନପଦରେ ବିଭକ୍ତ କରାହୋଇଛି : ତାମିଲ, ତେଲୁଗୁ ଇତ୍ୟାଦି । ପୁଣ୍ୟକାମୀ ତୀର୍ଥଯାତ୍ରୀମାନଙ୍କର ପଞ୍ଚକେଦାର, ପଞ୍ଚବଦରୀ, ପଞ୍ଚପ୍ରୟାଗ ପ୍ରଦକ୍ଷିଣ କରିବାକୁ ହୁଏ । ପାଞ୍ଚାଳୀ ଦ୍ରୌପଦୀଙ୍କ କଥା କହିଛି; କିନ୍ତୁ ସେ ଆଉ ଏକ ହିସାବରେ ସ୍ୱନାମଧନ୍ୟା, ସେ ନିତ୍ୟସ୍ମରଣୀୟା ପଞ୍ଚକନ୍ୟାଙ୍କ ମଧ୍ୟରୁ ଜଣେ – 'ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀ ତଥା ପଞ୍ଚକନ୍ୟାଃ ସ୍ମରେନ୍ନିତ୍ୟମ୍' । ପଞ୍ଚପାଣ୍ଡବମାନଙ୍କ ସଙ୍ଗେ ଶ୍ରୀକୃଷ୍ଣ ଅବିଚ୍ଛେଦ୍ୟ, ତାଙ୍କର ଶଙ୍ଖ ନାମ ବି ପାଞ୍ଚଜନ୍ୟ, ପଞ୍ଚଜନ ବା ଜନପଦକୁ ଅର୍ଥାତ୍, ସକଳ ଦେଶକୁ ଡାକି ଜାଗରଣ କରେ । ମହାଭାରତ ଛଡ଼ା ରାମାୟଣରେ ମଧ୍ୟ ରହିଛି 'ପଞ୍ଚ'ର ଆସନ – ପଞ୍ଚବଟୀର ଯାଦୁ ବର୍ତ୍ତମାନ ବି ସମଗ୍ର ଭାରତବର୍ଷରେ ବ୍ୟାପୀ ରହିଛି, ଆଦିକବି ବାଲ୍ମୀକିଙ୍କ ହାତରେ ଯାହାର ବର୍ଣ୍ଣନା ବିଶ୍ୱ-ସାହିତ୍ୟରେ ଗୋଟିଏ ରତ୍ନ । ପଞ୍ଚବଟୀ କହିଲେ ଆଜିକାଲିର ଅନ୍ୟ ଏକ ପଞ୍ଚବଟୀର କଥା ମନେ ପଡ଼େ – ଶ୍ରୀରାମକୃଷ୍ଣଙ୍କ ପଞ୍ଚବଟୀ ଏବଂ ତାହା ସଙ୍ଗେ ପୁଣି ପଞ୍ଚମୁଣ୍ଡି । ପଞ୍ଚମୁଣ୍ଡି ବିଷୟ କହିବାକୁ

ଯାଇ ତାନ୍ତ୍ରିକମାନଙ୍କର ଆଉ ଗୋଟିଏ ବିଶିଷ୍ଟ ପ୍ରକ୍ରିୟା ବି ଭୁଲିପାରୁ ନାହିଁ – ପଞ୍ଚମକାର । ମଦ୍ୟ-ମାଂସର ଉଲ୍ଲେଖ ଯେତେବେଳେ କରାଗଲା ସେତେବେଳେ ରନ୍ଧନଶାଳାର ପଞ୍ଚବ୍ୟଞ୍ଜନ ବା ପାଞ୍ଚ ଫୁଟଣ କଥା ଭୁଲିଗଲେ ଚଳିବ କିପରି ? ଏଇ ତାନ୍ତ୍ରିକ ପଥ ଛାଡ଼ି ଯଦି ତପସ୍ୱୀ ହେବାକୁ ହୁଏ ତେବେ ହେବାକୁ ହେବ ପଞ୍ଚତପା, ଅର୍ଥାତ୍ ପାଞ୍ଚଟି ଅଗ୍ନି ମଧ୍ୟରେ ଆସନ କରି ତପ୍ତ ହେବାକୁ ହେବ । ପୁଣି ଯଦି ବୈଦାନ୍ତିକ ପଥ ଧରାଯାଏ, ଏକାନ୍ତ ତତ୍ତ୍ୱବାଦର, ନିଛକ ଦାର୍ଶନିକ ଜଗତକୁ ଯଦି ଆସିବାକୁ ହୁଏ, ତେବେ ପ୍ରଥମେହିଁ ସ୍ଥାନ ପାଏ ଉପନିଷଦ୍‌ର ପଞ୍ଚକୋଷ; ତା'ପରେ ଆସେ ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ । ଏହି ପଞ୍ଚେନ୍ଦ୍ରିୟ ଏବଂ ପଞ୍ଚଭୂତର କଥା ଅନେକ ବ୍ୟାଖ୍ୟା କରି ମୁଁ ତୁମ୍ଭମାନଙ୍କୁ ସେଦିନ କହିଛି । ସାଧକ ରାମପ୍ରସାଦ ବି 'ପାଞ୍ଚ'ର ରହସ୍ୟ ତାଙ୍କର ଅପରୂପ ସୁରରେ ଗାଇଛନ୍ତି : –

''ପାଞ୍ଚ ଜିନିଷ ନେ' ବ୍ୟବସାକରା,
ପାଞ୍ଚେ ଡାକେ ପାଞ୍ଚେ ମିଲେ,
ଯଖନ ପାଞ୍ଚେ ପାଞ୍ଚ ମିଶାୟ ଯାବେ,
କି ହବେ ଭାଇ ପ୍ରସାଦ ବଲେ –''

ପଞ୍ଚଭୂତରେ ଆମ୍ଭେମାନେ ଏହିପରି ଶେଷରେ ପଞ୍ଚତ୍ୱ ଲାଭ କରୁ, ସୁତରାଂ ପଞ୍ଚର ମହିମା ପଞ୍ଚମୁଖେ କୀର୍ତ୍ତନ କରି ଶେଷ କରାଯାଏ ନାହିଁ । ପଞ୍ଚମୁଖ କିଏ ? ଶିବ ସ୍ୱୟଂ, କିନ୍ତୁ ଏଇ ଦେବାଧିଦେବ ମହାଦେବଙ୍କୁ ମଧ୍ୟ ନାକେଦମ୍ ହେବାକୁ ହୋଇଛି ପଞ୍ଚଶର ନିକଟରେ । ଏଠାରେ ମନେ ପଡ଼ିଯାଏ ରବୀନ୍ଦ୍ରନାଥଙ୍କର ଅତି ପୁରାତନ ଅତି ପରିଚିତ କବିତାର କିଛି ଅଂଶ –

''ପଞ୍ଚଶରେ ଦଗ୍‌ଧ କରେ କରେଛ ଏ କି, ସନ୍ନ୍ୟାସୀ,
ବିଶ୍ୱମୟ ଦିୟେଛ ତାରେ ଛଡ଼ାୟେ ।''

ପଞ୍ଚାନନ ସଙ୍ଗରେ ପଞ୍ଚାନନ୍ଦର ମଧ୍ୟ ନାମ କରିବାକୁ ହୁଏ – ବଙ୍ଗଳାରେ ପଞ୍ଚୁ ପାଁଚୁ ମଧ୍ୟ ରହିଛି – ଏହି ପର୍ଯ୍ୟାୟରେ ପୁଣି ଅଛି ପାଁଚକଡ଼ି । ପୂଜାପାର୍ବଣରେ 'ପଞ୍ଚ'ର ରହିଛି ପ୍ରବଳ ପ୍ରତାପ – ପଞ୍ଚପ୍ରଦୀପ, ପଞ୍ଚଗବ୍ୟ, ପଞ୍ଚାମୃତ, ପଞ୍ଚପଲ୍ଲବ, ପଞ୍ଚପାତ୍ର – ଏହି ପ୍ରସଙ୍ଗରେ ପଞ୍ଚରତ୍ନର ମଧ୍ୟ ଉଲ୍ଲେଖ କରାଯାଇ ପାରେ । ପଞ୍ଚରଙ୍ଗ ରହିଛି ଦାବା ଖେଳ (Chess ବା ସତରଞ୍ଜ ଖେଳ)ରେ । ପଞ୍ଚରାତ୍ର ନାମରେ ଏକ ସାଧକ ସମ୍ପ୍ରଦାୟ ଅଛି – ସେମାନଙ୍କୁ କୁଆଡ଼େ ପାଞ୍ଚରାତ୍ରି ଧରି ସାଧନା ଅର୍ଜନ କରିବାକୁ ହୁଏ ? ବ୍ୟାଖ୍ୟାକାରମାନେ କହନ୍ତି – ରାତ୍ର ଅର୍ଥ ଜ୍ଞାନ, ଏହି ସାଧକମାନଙ୍କୁ ପାଞ୍ଚଟି ଜ୍ଞାନ ଅର୍ଜନ କରିବାକୁ ହୁଏ । ରାତ୍ର କାହିଁକି ? ରାତ୍ରିରେ କ'ଣ ଜ୍ଞାନଲାଭ ହୁଏ ? ଅବଶ୍ୟ ଗୀତାରେ କୁହାଯାଇଛି ଲୋକେ ଯେତେବେଳେ ଶୋଇ ରହିଥା'ନ୍ତି, ଯୋଗୀମାନେ ସେତେବେଳେ ଜାଗ୍ରତ୍ ଥା'ନ୍ତି । ତା'ପରେ ବୈଷ୍ଣବ-ସାଧନାରେ ପଞ୍ଚଭାବର କଥା ବିଶ୍ୱବିଶ୍ରୁତ – ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର । ତା'ଛଡ଼ା ବୈଷ୍ଣବମାନେ ବୈଦାନ୍ତିକ ଚତୁର୍ବର୍ଗକୁ ପଞ୍ଚବର୍ଗ କରି ଧରିଛନ୍ତି – ଧର୍ମ-ଅର୍ଥ- କାମ-ମୋକ୍ଷର ଉପରେ ସ୍ଥାପନ କରିଛନ୍ତି ପ୍ରେମକୁ ପରମ ପୁରୁଷାର୍ଥ ରୂପେ । ସାମାଜିକ ଜୀବନରେ ପଞ୍ଚତନ୍ତ୍ରର ପାଞ୍ଚଧାରା ବା କାହାଣୀ ରସିକ ବିଷ୍ଣୁଶର୍ମାଙ୍କ କୃପାରୁ ଆମ୍ଭମାନଙ୍କର ପରିଚିତ ହୋଇଛି ।

ଆଜିକାଲି ଆମ୍ଭେମାନେ ଦେଶହିତୈଷୀମାନେ ଗ୍ରାମୋନ୍ନତି ଆନ୍ଦୋଳନରେ ବିଶେଷ ବ୍ୟସ୍ତ, ତେଣୁ ପଞ୍ଚାୟତର କଥା ପ୍ରାୟ ଶୁଣାଯାଏ – ଏହାଛଡ଼ା ପଞ୍ଚବର୍ଷର ପ୍ରକଳ୍ପନା ମଧ୍ୟ ଏଇ ପ୍ରସଙ୍ଗରେ ଆମେ କରିଥାଉ । ପ୍ରାଚୀନ ସମାଜରେ ଚାତୁର୍ବର୍ଣ୍ୟ ସୁପ୍ରସିଦ୍ଧ, କିନ୍ତୁ ତହିଁରେ ସମାଜର ଅଖଣ୍ଡ ପୂର୍ଣ୍ଣଚିତ୍ର ଅଙ୍କା ହୋଇ ନାହିଁ, ତେଣୁ ପଞ୍ଚମ ବର୍ଣ୍ଣକୁ ଯୋଗ କରି ଦିଆଯାଇଛି – ଅସ୍ପୃଶ୍ୟକୁ ଏଇ ଭାବରେ ସ୍ପୃଶ୍ୟ କରା ହୋଇଛି । ଆଉ ଏଠାରେ (ଆଶ୍ରମରେ) ଆମ୍ଭମାନଙ୍କର ଖେଳ ପଡ଼ିଆରେ ପାଞ୍ଚ ସଂଖ୍ୟାଟି ପ୍ରତି ଶ୍ରଦ୍ଧାଭକ୍ତି ଦେଖାଇବା ନିମିତ୍ତ ହୁଏତ ସବୁଜ ଦଳକୁ ପାଞ୍ଚଟି ବିଭାଗରେ ଭାଗ କରା ହୋଇଛି (ଶ୍ରୀଅରବିନ୍ଦ ଆଶ୍ରମର ଶାରୀରିକ ଶିକ୍ଷା ବିଭାଗର ଛୋଟ ପିଲାମାନଙ୍କ ଦଳକୁ ବା Green ଗ୍ରୁପ୍‌କୁ $A_5$ ଠାରୁ $A_1$ ପର୍ଯ୍ୟନ୍ତ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି) ।

ଆଉ ଘରୋଇ ଇତିହାସ ଯଦି କହିବାକୁ ଯାଏ – 'Coming still nearer home', ତେବେ ମୋର ନିଜର ଅର୍ଥାତ୍, ପୂର୍ବପୁରୁଷମାନଙ୍କର ଆଦି ନିବାସ ଯେଉଁ ଜନପଦରେ ଥିଲା ବର୍ତ୍ତମାନ ତା'ର ନାମ ପାଁଚଥୁପୀ, ଅର୍ଥ ବୋଧହୁଏ ପଞ୍ଚସ୍ତୂପ – ଯାହା ବୌଦ୍ଧଯୁଗର କଥା ସ୍ମରଣ କରାଇ ଦିଏ ।

ଏହିପରି ପଞ୍ଚକର ସଂଖ୍ୟା ସଂଖ୍ୟାତୀତ କରି ଧରାଯାଏ, ପ୍ରାୟ ତା'ର ଶେଷ ନାହିଁ । ଉପନିଷଦ୍ (ଶ୍ୱେତାଶ୍ୱତର, ୧/୫) ଏହି ଭାବରେ ପଞ୍ଚର ସମାରୋହ ସଜାଇ ଗାଇଛି ଉଚ୍ଚ କଣ୍ଠରେ –

''ପଞ୍ଚସ୍ରୋତୋମ୍ବୁଂ ପଞ୍ଚଯୋନ୍ୟୁଗ୍ରବକ୍ରାମ୍
ପଞ୍ଚପ୍ରାଣୋର୍ମିଂ ପଞ୍ଚବୁଦ୍ଧ୍ୟାଦିମୂଳାମ୍ ।

ପଞ୍ଚାବର୍ତ୍ତାଂ ପଞ୍ଚଦୁଃଖୌଘବେଗାମ୍
ପଞ୍ଚାଶଦ୍‌ଭେଦାଂ ପଞ୍ଚପର୍ବାମଧୀମଃ ॥

ପାଞ୍ଚଟି ଜଳର ସ୍ରୋତ – ପାଞ୍ଚଟି ଉତ୍ସ; ସେମାନେ ଯେପରି ଉଗ୍ର, ସେପରି ବକ୍ର – ପ୍ରାଣର ପାଞ୍ଚଟି ତରଙ୍ଗ । ବୁଦ୍ଧିର ପାଞ୍ଚଟି ଆଦିମୂଳ । ପାଞ୍ଚଟି ଆବର୍ତ୍ତ, ପାଞ୍ଚଟି ଦୁଃଖାବେଗ, ପାଞ୍ଚଟି ଫର୍ଦ ଅର୍ଥାତ୍ ସୋପାନକ୍ରମ, ତହିଁରେ ପାଞ୍ଚଦଶ ଅର୍ଥାତ୍ ପଞ୍ଚାଶଟି ପ୍ରକାର ଭେଦ । ଆସ ଆଜି ଏହି ସମସ୍ତଙ୍କର ଧ୍ୟାନ କରିବା ।

ପାଞ୍ଚ ସଙ୍ଗରେ ସାତର ବି ଟିକିଏ ଉଲ୍ଲେଖ କରିବା ଆବଶ୍ୟକ । କାରଣ ପାଞ୍ଚ ଓ ସାତ ଠିକ୍ ଯେପରି ଯମଜ ଭାଇ । ପାଞ୍ଚ-ସାତ ଚିନ୍ତା କରିହିଁ ତ ଆମ୍ଭେମାନେ କାମ-ଧାମ କରିବାକୁ ଚାହୁଁ ଏବଂ ବେଶୀ ଭାଗରହିଁ କୌଣସି ପତ୍ତା ପାଉ ନାହିଁ । ପଞ୍ଚାୟନ ସଙ୍ଗେ ସପ୍ତାୟନ ବି କମ୍ ଦୂର ଯାଏ ନାହିଁ । ପ୍ରଥମେହିଁ କହିବାକୁ ହୁଏ ସପ୍ତକାଣ୍ଡ ରାମାୟଣ, ମହାଭାରତର ସପ୍ତରଥୀ – ତା'ପରେ ସପ୍ତସମୁଦ୍ର, ରାମଧନୁର ସପ୍ତବର୍ଣ୍ଣ ଦିନର ଆକାଶକୁ ରଙ୍ଗିନ କରିଦିଏ, ରାତ୍ରିର ଆକାଶରେ ସପ୍ତର୍ଷିଗଣ ଜୁଳୁ-ଜୁଳୁ ହୋଇ ଉଠନ୍ତି, ସପ୍ତାହର ସାତଦିନ ଗଣି ଆମକୁ ଚାଲିବାକୁ ହୁଏ, ଛୋଟ ପିଲାମାନଙ୍କର 'ସାତଭାଇ ଚମ୍ପା'ର କଥା ବି ଆମେ ଭୁଲିବୁ ନାହିଁ । ତା'ଛଡ଼ା ସାତପାକର ମହିମା ମଧ୍ୟ କୀର୍ତ୍ତନ କରିବାକୁ ହୁଏ ।

ଯାହାହେଉ ଏ ହେଲା ମୋର ଉପକ୍ରମଣିକା । ଆଜି ଦୁଇଟି ବିଶେଷ ପଞ୍ଚକର କଥା କହିବା ନିମିତ୍ତହିଁ ଏହି ପୁରଶ୍ଚରଣ, ଅର୍ଥାତ୍ ସୂଚନା ।

ଆମ୍ଭମାନଙ୍କ ପ୍ରାଚୀନ ସାଧକମାନେ ମୁକ୍ତି, ଆଧ୍ୟାତ୍ମିକ ମୁକ୍ତିର କଥା କହିବାକୁ ଯାଇ ତାହାର କେତେକ ପ୍ରକାରଭେଦ ନିର୍ଦ୍ଦେଶ କରିଛନ୍ତି : ଯେପରି ସାଲୋକ୍ୟ, ସାରୂପ୍ୟ, ସାଯୁଜ୍ୟ ଇତ୍ୟାଦି । ଆମ୍ଭେମାନେ ଏହି ପଥ ଧରି ନିର୍ଦ୍ଦେଶ କରିବା ପାଞ୍ଚଟି କ୍ରମ – ମୁକ୍ତିର ନୁହେଁ, ଭଗବାନଙ୍କ ସଙ୍ଗେ ମିଳନର, ସମ୍ମେଳନର । ପ୍ରଥମତଃ ଆମ୍ଭେମାନେ ଯେତେବେଳେ ଏହି ସ୍ଥୂଳ ଜଗତ୍ ଛାଡ଼ି, ଅଚେତନାର, ଅଜ୍ଞାନର ଅବସ୍ଥା ପାର ହୋଇ ଯାଉ ଭଗବାନଙ୍କର ନିଜର ରାଜ୍ୟକୁ, ଅର୍ଥାତ୍ ଆଲୋକର, ଜ୍ଞାନର, ଆନନ୍ଦର ଲୋକକୁ, – ଏ ଲୋକ ଛାଡ଼ି ''ସେ-ଲୋକେ'', ସେତେବେଳେ ହେଲା ଯାତ୍ରାର ପ୍ରଥମ ପଦ । ଏହାକୁ କୁହାଯାଇପାରେ ସାଲୋକ୍ୟ, ଭଗବାନଙ୍କ ଦେଶର ଯେପରି ଅଧିବାସୀ ହେବା, ତାଙ୍କ ସଙ୍ଗେ ଏକହି ଲୋକରେ ବସବାସ କରିବା । ତା'ପରର ପଦ ବା କ୍ରମ ହେବ ଯେତେବେଳେ ଆମ୍ଭେମାନେ ଆହୁରି ଆଗେଇ ଯାଇଛୁ, ଭଗବାନଙ୍କର ଆହୁରି ନିକଟକୁ । ଭଗବାନ୍ ଯେପରି ଏକ କେନ୍ଦ୍ରସ୍ଥଳରେ ରହିଛନ୍ତି, ଆମ୍ଭେମାନେ ତାଙ୍କ ଚାରି ଦିଗର ଘେର, ପରିକ୍ରମା ବା ପରିଧି ଛାଡ଼ି କେନ୍ଦ୍ରାଭିମୁଖୀ ହୋଇଛୁ, ସେତେବେଳର ଅବସ୍ଥା ହେଲା ସାମୀପ୍ୟ, ଭଗବାନଙ୍କ ସମୀପକୁ ଆସି ଯାଇଛୁ । ତା'ପରର କ୍ରମ ହେଲା ଯେତେବେଳେ ଭଗବାନଙ୍କ ସଙ୍ଗେ ଯୁକ୍ତ ହୋଇଛୁ, ମିଳିତ ହୋଇଛୁ, ଏକ ହୋଇ ଯାଇଛୁ; ଏହାର ନାମ ସାଯୁଜ୍ୟ । ସାଯୁଜ୍ୟରେ ମୋର ବ୍ୟକ୍ତିତ୍ୱର ଆଉ କୌଣସି ପୃଥକ୍ ଅସ୍ତିତ୍ୱ ନାହିଁ, କୌଣସି ଅସ୍ତିତ୍ୱହିଁ ନାହିଁ, ସବୁ ଭଗବତ୍ ସତ୍ତା – ଏକମ୍ ଅଦ୍ୱୈତମ୍ । କିନ୍ତୁ ଏହା ବି ଶେଷ ନୁହେଁ । କାରଣ ଏହା ହେଲା ଆପଣା ମଧ୍ୟରେ ଆପଣାର ଅଙ୍ଗୀଭୂତ, ଆତ୍ମୀଭୂତ ଭଗବାନ୍ । କିନ୍ତୁ ଭଗବାନଙ୍କର ପ୍ରକାଶ ରହିଛି, ସେ ରୂପ ନେଇ ସୃଷ୍ଟିରେ ପ୍ରକଟ ହୋଇଛନ୍ତି, ତେଣୁ ଭଗବାନଙ୍କଠାରେ ସମ୍ମିଳିତ ଜୀବ ମଧ୍ୟ ରୂପ ଧାରଣ କରେ, ଭଗବତ୍ ରୂପ ମଧ୍ୟ ଗ୍ରହଣ କରିପାରେ । ଜୀବ ହୋଇପାରେ ଭଗବାନଙ୍କ ନିଜର ଗୋଟିଏ ପ୍ରକାଶଧାରା, ଗୁଣ ବା ବୈଶିଷ୍ଟ୍ୟ – ଏହାର ନାମ ହେଲା ସାରୂପ୍ୟ । ଏହିପରି ଜୀବ ପ୍ରକାଶ ଦିଗରେ ହୋଇପାରେ ଭଗବାନଙ୍କର ଦିବ୍ୟରୂପ । ଏହାର କ୍ରମ ହେଲା, ବୃହତ୍ତର ସିଦ୍ଧି ହେଲା କେବଳ ରୂପରେ ନୁହେଁ, ସ୍ଥୂଳରେ ସେ ଦିବ୍ୟକର୍ମୀ ହୋଇପାରେ, ଭାଗବତ କର୍ମ ଭଗବାନଙ୍କ ଜୀବନ ଧର୍ମ ତୁମ ଆଧାରରେ ମୂର୍ତ୍ତ ହୋଇପାରେ – ଏହାର ନାମ ହେଲା ସାଧର୍ମ୍ୟ; ଜୀବନର କର୍ମକ୍ଷେତ୍ରରେ ଭାଗବତ ଅଂଶ ରୂପେ ଭଗବାନଙ୍କର କର୍ମମୂର୍ତ୍ତି ହୋଇହିଁ ଜୀବ ଭୂତଳରେ ପ୍ରକଟିତ ହୋଇପାରେ । ତା'ହେଲେ ଆମ୍ଭେମାନେ ପୂର୍ଣ୍ଣ ଅଖଣ୍ଡ ଭାଗବତ ସିଦ୍ଧିର କ୍ରମବର୍ଦ୍ଧମାନ ପାଞ୍ଚଟି କ୍ରମ ପାଇଲୁ : ସାଲୋକ୍ୟ, ସାମୀପ୍ୟ, ସାଯୁଜ୍ୟ, ସାରୂପ୍ୟ ଏବଂ ସାଧର୍ମ୍ୟ ।

ବର୍ତ୍ତମାନ ଆଉ ଗୋଟିଏ ପଞ୍ଚକର କଥା କହିବି । ଏହା ଟିକିଏ ବିଶେଷଭାବେ ତାତ୍ତ୍ୱିକ ବା ଦାର୍ଶନିକ ପର୍ଯ୍ୟାୟର ।

ଆମ୍ଭେମାନେ ଜାଣୁ ମନ ଦେଇ ଜାଣିବାକୁ ହୁଏ, ମନହିଁ ଜ୍ଞାନର କ୍ଷେତ୍ର ଏବଂ ଜ୍ଞାନହିଁ ହେଲା ମନର ଧର୍ମ । କୌଣସି ଜିନିଷର ଜ୍ଞାନ ଲାଭ କରିବାକୁ ହେଲେ ତାହା ଆମ୍ଭେମାନେ ଲାଭ କରୁ ମନର ଆଶ୍ରୟରେ, ବୁଦ୍ଧି-ବିଚାରର ସାହାଯ୍ୟରେ । ଏହାହିଁ ମନୁଷ୍ୟର ମାନବ-ଧର୍ମ । ଆଉ କୌଣସି ଅଙ୍ଗ ଦେଇ

ଜ୍ଞାନ ଲାଭ ହୁଏ ନାହିଁ । ଯେପରି ହୃଦୟ ଦେଇ ଅନୁଭବ କରା ଯାଇପାରେ କିନ୍ତୁ ଜ୍ଞାନ ହୁଏ ନାହିଁ, ପ୍ରାଣ ଦେଇ ଆବେଗ ଉଚ୍ଛ୍ୱାସ ଲାଭ ହୁଏ କିନ୍ତୁ ଜ୍ଞାନ ହୁଏ ନାହିଁ । ତେବେ ଜ୍ଞାନ କହିଲେ ଆମ୍ଭେମାନେ ବୁଝୁ ମନର ବୁଦ୍ଧିଗତ ଜ୍ଞାନ । ମନ ବ୍ୟତୀତ ଜ୍ଞାନର ଅନ୍ୟ ପଥ ନାହିଁ ।

କିନ୍ତୁ ଏହା ହେଲା ଗୋଟିଏ ଦୃଷ୍ଟିଭଙ୍ଗୀ ମାତ୍ର, ଏକ ବିଶେଷ ପ୍ରକାରର ଜ୍ଞାନକୁହିଁ ଏକମାତ୍ର ଜ୍ଞାନ ବୋଲି ସ୍ୱୀକାର କରିବା । ଫଳତଃ ଜ୍ଞାନର ଅନ୍ୟାନ୍ୟ ଧାରା ଅଛି, ପାର୍ଥକ୍ୟ ଅଛି, ଅନ୍ୟାନ୍ୟ ପଥ ବି ଅଛି, କେତେକଟା ଭିନ୍ନ ପର୍ଯ୍ୟାୟର ଅବଶ୍ୟ, କିନ୍ତୁ ତାହା ଜ୍ଞାନ ଅର୍ଥାତ୍, ଜାଣିବା, ପରିଚୟ ଲାଭ କରିବା । କେବଳ ମସ୍ତିଷ୍କ ଦେଇ ନୁହେଁ, ହୃଦୟ ଦେଇ ବି ଜ୍ଞାନଲାଭ ହୁଏ; ତେବେ ସେ ଜ୍ଞାନର ନାମ ଅନୁପ୍ରେରଣା (Inspiration) । ଏହି ଜ୍ଞାନ ଗୋଟିଏ ସ୍ରୋତ ପରି, ତରଳ ପଦାର୍ଥ ପରି ନିମ୍ନଗାମୀ ହୋଇ ଆସେ, ଉତ୍ସାରିତ ହୁଏ, ଏହାହିଁ ଜ୍ଞାନର ଆଲୋକ, ଏହା ସହଜ, ସରଳ, ସ୍ୱତଃ ପ୍ରଚାଳିତ; ଏହା ମାନବଜ୍ଞାନ ପରି କ୍ରମସିଦ୍ଧ, ପ୍ରଣାଳୀବଦ୍ଧ ବିଚାର ବା ବିତର୍କ ନୁହେଁ । କୁହାଗଲା ହୃଦୟର ଜ୍ଞାନ, ଅସଲରେ ଏ ହେଲା ଅନ୍ତର୍ହୃଦୟର ଜ୍ଞାନ । ବାହାରର ହୃଦୟ ଆବେଗର, ଭାବାବେଶର, ଉଚ୍ଛ୍ୱାସର କ୍ଷେତ୍ର । ଅନ୍ତର୍ହୃଦୟ ହେଲା ଆବେଗର ପଶ୍ଚାତରେ ଯେଉଁ ଅନ୍ତରଙ୍ଗ ଅନୁଭୂତି ବା ଅନୁଭବ, ତାହାର କ୍ଷେତ୍ର । ଶ୍ରୀରାଧିକା ଏକ ଅନୁଭବର କଥା କହିଛନ୍ତି, ପ୍ରାୟ ସମସ୍ତେ ଜାଣନ୍ତି –

''ସଖୀ, କି ପୁଛସି ଅନୁଭବ ମୋୟ
ସେଇ ପିରୀତି ବାଖାନିତେ ତିଲେ ତିଲେ
ନୂତନ ହୋୟ ।''

ଅନୁଭବର ଏଇ ଯେ ବ୍ୟାଖ୍ୟାନ, ତାହାହିଁ ହେଲା ମୁଁ ଯେଉଁ ଅନୁପ୍ରେରଣା କଥା କହିଛି ତା'ର ସଗୋତ୍ର । ତାହାର ମୂଳ ହେଲା ଅନ୍ତରାତ୍ମା, ଚୈତ୍ୟସତ୍ତାର ସାକ୍ଷାତ୍ ଜ୍ଞାନ । ହୃଦୟ ଛଡ଼ା ପ୍ରାଣରୁ ଆସେ ଆଉ ଏକ ଜ୍ଞାନ, ତାହାର ନାମ ହେଲା ସହଜାତ ବୋଧ (Instinct) । ଏହି ବୃତ୍ତି ଜ୍ଞାନରହିଁ ଖେଳା, ଏଠାରେ ବି ରହିଛି ଜ୍ଞାନର ସାକ୍ଷାତ୍ ଅନ୍ତରଙ୍ଗ ଭଙ୍ଗୀ । ଇତର ଜୀବମାନଙ୍କର ଜ୍ଞାନ ଆସେ ଏହି ଧାରାରେ, ଏହି ପଥ ଧରି, ଏପରିକି ଅଭ୍ରାନ୍ତ ସାକ୍ଷାତ୍ ଜ୍ଞାନ । ଶେଷ ପର୍ଯ୍ୟାୟରେ ସ୍ଥୂଳ ଶରୀରରେ ମଧ୍ୟ ରହିଛି ଗୋଟାଏ ଜ୍ଞାନବୃତ୍ତି; ଏହି ଶାରୀର ଜ୍ଞାନର ନାମ ହେଲା ସମ୍ବେଦନ ବା ଇନ୍ଦ୍ରିୟବୋଧ (Sensation) । ଏହି ଚାତୁର୍ବର୍ଣ୍ଣ୍ୟ ଛଡ଼ା ଜ୍ଞାନର ରହିଛି ଅନ୍ୟ ଏକ ବର୍ଣ୍ଣ – ପଞ୍ଚମ ବର୍ଣ୍ଣ, ତେବେ ତାହା ଅନ୍ୟ ସବୁର ନୀଚରେ ନୁହେଁ, ଅନ୍ୟ ସବୁର ଉପରେ, ଅଧମ ନୁହେଁ ଉତ୍ତମ । ଚକ୍ଷୁ, କର୍ଣ୍ଣ ଇତ୍ୟାଦି ଯେଉଁସବୁ ବୋଧ ଆଣି ଦିଅନ୍ତି ତାହା ମଧ୍ୟ ସାକ୍ଷାତ୍ ଅପରୋକ୍ଷ ଜ୍ଞାନ; ସୂର୍ଯ୍ୟ ଅଛି ବୋଲି ଚକ୍ଷୁରେ ଦେଖାଯାଏ – ଏହା ବି ଜ୍ଞାନ, ବିହଙ୍ଗର କାକଳି ଶୁଣାଯାଏ – ଏହା ମଧ୍ୟ ଜ୍ଞାନ, ଯେତେ ବାହ୍ୟ ବା ସଂକୀର୍ଣ୍ଣ ହେଲେ ମଧ୍ୟ । ବିଚାର-ବିତର୍କ ହେଲା ମନୁଷ୍ୟର ମସ୍ତିଷ୍କର ନିମ୍ନାର୍ଦ୍ଧ, ଉତ୍ତରାର୍ଦ୍ଧରେ ମିଳେ ଉତ୍ତରଲୋକର ଜ୍ୟୋତିଃ । ଏହି ଉଚ୍ଚତର ସାକ୍ଷାତ୍ ଜ୍ଞାନର ନାମ ଦିଆ ହୋଇଛି ଅନ୍ତର୍ଜ୍ଞାନ ବା ପ୍ରଜ୍ଞାନ । କବି, ଶିଳ୍ପୀ, ଦ୍ରଷ୍ଟା, ଭଗବତ୍ ପ୍ରେରିତ କର୍ମୀ ମଧ୍ୟରେ ଏହାର ପ୍ରକାଶ ବିଦ୍ୟୁତ୍‌ପ୍ରଭା ପରି ଦେଖାଯାଏ । ଏହାହିଁ ଜ୍ଞାନର ପଞ୍ଚ ରୂପାୟଣ, ପୂର୍ଣ୍ଣାଙ୍ଗ ମନୁଷ୍ୟର ପୂର୍ଣ୍ଣଜ୍ଞାନ ହେଲା ଏହି ଜ୍ଞାନପଞ୍ଚକର ସମାହାର ।

ଏହି ପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କ ନାମ ନେବାର ସୁଯୋଗ ଦେଖା ଦେଇଛି, କାରଣ – ଶ୍ରୀଅରବିନ୍ଦ ପଞ୍ଚକର ପ୍ରଶସ୍ତି କରି ଯାଇଛନ୍ତି, ତାଙ୍କର ପାଞ୍ଚଟି ସ୍ୱପ୍ନର କଥା କହି ଯାଇଛନ୍ତି । ଏହି ପଞ୍ଚସ୍ୱପ୍ନ ପରିବେଷଣ କରି ଆଜିକାର ପାଠ ଆମ୍ଭେମାନେ ମଧୁରେଣ ସମାପନ କରିବା । ଏହା ସ୍ୱପ୍ନ ନୁହେଁ, ଭବିଷ୍ୟ ଦୃଷ୍ଟି, ଜଗତର ପାଞ୍ଚଟି ଭାବୀ ମହାସିଦ୍ଧି – ପ୍ରଥମ ହେଲା ଭାରତର ସ୍ୱାଧୀନତା ଓ ଐକ୍ୟ, ଦ୍ୱିତୀୟଟି ହେଲା ଏସିଆର ସ୍ୱାଧୀନତା ଓ ଐକ୍ୟ, ତୃତୀୟଟି ଜଗତର ସ୍ୱାଧୀନତା ଓ ଐକ୍ୟ, ଚତୁର୍ଥଟି ଏସିଆ ଓ ଭାରତର ପ୍ରଭାବରେ ଜଗତର ଆଧ୍ୟାତ୍ମିକ ଅଭିଷେକ ଏବଂ ପଞ୍ଚମଟି ହେଲା ପୃଥିବୀର ମାଟିରେ ଅତିମାନସ ଅତିମାନବର ଆବିର୍ଭାବ । ❑

ମା ତୁମକୁ ଚାହିଁଥିଲା ଭଳି ମନେ କରି ସବୁବେଳେ ଆଚରଣ କର, କାରଣ ବାସ୍ତବରେ ସେ ସତତ ବିଦ୍ୟମାନ ।

– ଶ୍ରୀଅରବିନ୍ଦ

# ଦ୍ୱୀପାନ୍ତରର କଥା

## (ଷଷ୍ଠ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଉପେନ୍‌ର କଥା – ଧର୍ମଘଟ
### (୨)

ଥାଉ ସେ କଥା । ଚୋପା ପିଟି, ସାରୁପତ୍ରର ତରକାରୀ ଏବଂ ଗାଳିଗୁଲଜ ଖାଇ ପାଞ୍ଚ ନମ୍ବରରେ ଏକ ପ୍ରକାରର ପ୍ରତିଦିନ ପାପକ୍ଷୟ କରିବାକୁ ଲାଗିଲି; କିନ୍ତୁ ଉପଦେବତାମାନଙ୍କର ଦୌରାତ୍ମ୍ୟରେ ଜୀବନ ପ୍ରାୟ ଅତିଷ୍ଠ ହୋଇ ଉଠିବାକୁ ଲାଗିଲା । ଦେଶର ଜେଲରେ ଯେପରି ସର୍ଦାର ଓ କଳାପଗଡ଼ି, କଳାପାଣିରେ ସେହିପରି ୱାର୍ଡ଼ର୍, ପେଟି ଅଫିସର, ଟିଣ୍ଡାଲ୍ ଏବଂ ଜମାଦାର । ସାଧାରଣ କଏଦୀହିଁ ପାଞ୍ଚ-ସାତ ବର୍ଷ ଶାସ୍ତି ଭୋଗିବା ପରେ ଏଇସବୁ ପଦକୁ ଉନ୍ନୀତ ହୁଅନ୍ତି; କିନ୍ତୁ କଳାପାଣିରେ କ୍ଷୁଦ୍ର, ବୃହତ୍ ବହୁବିଧ କର୍ମର ଭାର ଓ କର୍ତ୍ତୃତ୍ୱ ଏମାନଙ୍କ ଉପରେ ନ୍ୟସ୍ତ । ଯମରାଜ କାରାଧକ୍ଷର ଏଇମାନେହିଁ ପ୍ରହରୀ । ପିଲାବେଳେ ଜଣେ ସୁରସିକ ବକ୍ତାଙ୍କ ମୁହଁରୁ ଶୁଣିଥିଲି, ଯିଏ ଆଗପଛରେ ମାଡ଼ ଦିଅନ୍ତି ସେହିଁ ''ମାଷ୍ଟର''; ଆମେ ବି ସେହିପରି ମନେ ମନେ ଖୁବ୍ ବିଶ୍ୱାସ କରୁଥିଲୁ ଯେ ''ପ୍ରହାର'' ଶବ୍ଦ ସହିତ ''ପ୍ରହରୀ'' ଶବ୍ଦର ନିଶ୍ଚୟ ଏକ ଘନିଷ୍ଠ ସମ୍ବନ୍ଧ ଅଛି । ଗାଳିଦେବା ଏବଂ ମାରପିଟ କରିବାରେ ଏମାନେ ସମସ୍ତେହିଁ ସିଦ୍ଧହସ୍ତ । ''ରାମଲାଲ ଲାଇନରେ ବଙ୍କା ହୋଇ ବସିଛି, ଦିଅ ତା'ର ବେକ ପାଖରେ ଦୁଇ ବିଧା; ମୁସ୍ତାଫା ଡାକିବା ମାତ୍ରେ ଛିଡ଼ା ହୁଏ ନାହିଁ, ଅତଏବ ତା'ର ନିଶ ଓପାଡ଼ି ଦିଅ; ବକାଉଲ୍ଲାର ପାଇଖାନାରୁ ଫେରିବାରେ ବିଳମ୍ବ କରିଛି, ଅତଏବ ତିନି ଲାଠି ଦେଇ ତା'ର ପଶ୍ଚାତ୍‌ଦେଶକୁ ଶିଥିଳ କରିଦିଅ ।'' ଏହିପରି ବହୁବିଧ ସଦ୍‌ଯୁକ୍ତି ପ୍ରୟୋଗ କରି ସେମାନେ ଜେଲଖାନାର ଶାନ୍ତି ରକ୍ଷା କରନ୍ତି ।

କଏଦୀମାନେ ଅନେକ ସମୟରେ ଗଳା ଭିତରେ ଗର୍ତ୍ତ କରି ଟଙ୍କା ପଇସା ଲୁଚାଇ ରଖନ୍ତି; ନାନା ପ୍ରକାରର ଅତ୍ୟାଚାର କରି କଏଦୀ ପାଖରୁ ସେଇ ପଇସାର ଭାଗଅଂଶ ଆଦାୟ କରିବା ହେଲା ପ୍ରହରୀମାନଙ୍କର ପ୍ରଧାନ ଉଦ୍ଦେଶ୍ୟ । ଆମର ତ ଟଙ୍କା ପଇସା ନାହିଁ, ଆମେ ଯିବୁ କୁଆଡ଼େ ? ବାରୀନ୍ଦ୍ର ନିତାନ୍ତ ଜୀର୍ଣ୍ଣଶୀର୍ଣ୍ଣ ହୋଇଥିବାରୁ ହସପିଟାଲରୁ ତା' ନିମନ୍ତେ ପ୍ରତିଦିନ ବାର ଆଉନ୍‌ସ କ୍ଷୀର ପାଇବାର ବ୍ୟବସ୍ଥା ଥିଲା । ଆମର ପେଟି ଅଫିସର ଖୋୟାଦାଦ୍ ମିଆଁର ମିତ୍ରତା ସୁଖ ପାଇଁ ସେଇ କ୍ଷୀରଟିକକୁ ତା' ମୁହଁରେ ଢାଳି ଦେଇ ସେ ଅତ୍ୟାଚାର ହାତରୁ ନିସ୍ତାର ପାଉଥିଲେ । ଖୋୟାଦାଦ୍ ଜଣେ ପ୍ରଚଣ୍ଡ ଧର୍ମନିଷ୍ଠ ମୋଲ୍ଲା; ପୂରାପୂରି ଭାବରେ ''ଖୋଦା କା ବନ୍ଦା'' । ସେ ତା'ର ଗହଳିଆ ନିଶୁଆ ମୁଖ ଭିତରକୁ କ୍ଷୀର ଟିକକ ଢାଳି ଦେଇ କହେ – ''ୟାଃ ବିସ୍‌ମିଲ୍ଲା ! ଖୋଦାନେ କ୍ୟା ଅଜବ ଚିଜ୍ ପୈଦା କିୟା !''

ଆହୁରି ବିପଦର କଥା ଏହି ଯେ, ଏଇ ସମସ୍ତ ଅତ୍ୟାଚାରର ପ୍ରତିକାର ନାହିଁ । ପ୍ରହରୀମାନଙ୍କ ବିରୋଧରେ ସାକ୍ଷ୍ୟ ପ୍ରମାଣ ଦେଇ କିଏ ନିଜ ଉପରକୁ ବିପଦ ଡାକି ଆଣିବ ? ଆହୁରି ମଧ୍ୟ ମୋକଦ୍ଦମା ପ୍ରମାଣ କରି ନପାରିଲେ ମିଥ୍ୟା ମୋକଦ୍ଦମା ପାଇଁ ଓଲଟା ଶାସ୍ତି ପାଇବାର ଭୟ ମଧ୍ୟ ଯଥେଷ୍ଟ ! ରକ୍ଷକହିଁ ଯେଉଁଠାରେ ଭକ୍ଷକ, ସେଠାରେ ପ୍ରାଣ ରହିବ କିପରି ?

ଏହିପରି ଛଅ ସାତ ମାସ ଯାଉ ନଯାଉଣୁ ନାସିକ, ଖୁଲ୍‌ନା ଓ ଏଲାହାବାଦରୁ ଦଶ ବାରଜଣ ରାଜନୈତିକ କଏଦୀ ଆସି ଉପସ୍ଥିତ ହେଲେ । ସର୍ବମୋଟ ଆମର ସଂଖ୍ୟା ହେଲା ପ୍ରାୟ କୋଡ଼ିଏ ବାଇଶି ଜଣ ।

ଏଇ ସମୟରେ ଆମର ଭାଗ୍ୟ ଆକାଶରେ ନୂତନ ଜେଲ ସୁପରିନ୍‌ଟେଣ୍ଡେଣ୍ଟ୍ ରୂପେ ଏକ ଧୂମକେତୁର ଉଦୟ ହେଲା । ଆମର କପାଳ ଏଇଥର ପୂରାପୂରି ଫାଟିଲା । ସେ ଆସିବାର କିଛିଦିନ ପରେହିଁ ଆମର କେତେଜଣଙ୍କୁ ତେଲ ଘଣା ପେଷିବାର କାର୍ଯ୍ୟ ଦିଆଗଲା । ଉଲ୍ଲାସକରକୁ ଯେଉଁ ସୋରିଷ ପେଷିବାର ଘଣାରେ ଯୋଡ଼ା ହେଲା ତାହା ପ୍ରାୟ ଆମ ଦେଶର ତେଲୀମାନଙ୍କର ଘଣା ପରି; ଏବଂ ହେମଚନ୍ଦ୍ର, ସୁଧୀର, ଇନ୍ଦୁ ପ୍ରଭୃତି ବାକୀ କେତେଜଣଙ୍କୁ ଯେଉଁ ଘଣାକୁ ପଠାଗଲା, ତାହା ହାତରେ ଘୂରାଇବାକୁ ହୁଏ । ପ୍ରତିଦିନ ଜଣକୁ ଦଶ ପାଉଣ୍ଡ ସୋରିଷ ତେଲ ବା ତିରିଶ ପାଉଣ୍ଡ ନଡ଼ିଆ ତେଲ ପେଷି

ପ୍ରସ୍ତୁତ କରିବାକୁ ହୁଏ । ମୋଟା ମୋଟା ପହିଲିମାନ୍ ମଧ୍ୟ ଘଣା ପେଲିବାକୁ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି; ଏବଂ ଆମମାନଙ୍କର ଯେ କି ଦଶା ହେଉଥିଲା, ତାହା ଅବର୍ଣ୍ଣନୀୟ । ଜେଲର ଯେଉଁ ସ୍ଥାନରେ ତେଲ ପେଷା ହୁଏ, ଦୁଇଜଣ ପଠାଣ ପେଟି ଅଫିସର ସେତେବେଳେ ସେଠାକାର ହର୍ତ୍ତାକର୍ତ୍ତା । ସେଠାକୁ ପ୍ରବେଶ କରିବା ମାତ୍ରେ ସେମାନଙ୍କ ଭିତରୁ ଜଣେ ତା'ର ବଜ୍ରମୁଷ୍ଟି ଆମ ନାକ ଉପରେ ରଖି ବେଶ୍ ବଡ଼ ପାଟିରେ ବୁଝାଇ ଦେଲା ଯେ, କାମସବୁ ଠିକ୍ ଠିକ୍ ନକରି ପାରିଲେ ସେ ଆମର ନାକଗୁଡ଼ିକୁ ଘୁଷି ମାରି ଚେପା କରିଦେବ । କିନ୍ତୁ ନାକର ଭବିଷ୍ୟତ୍ ଦୁର୍ଦ୍ଦଶାର କଥା ଭାବି ସମୟ ନଷ୍ଟ କରିବାର ଉପାୟ ନାହିଁ । ଶୀଘ୍ର ଶୀଘ୍ର କାନ୍ଧ ଉପରେ ପଚାଶ ପାଉଣ୍ଡ ନଡ଼ିଆର ବସ୍ତା ଏବଂ ହାତରେ ଏକ ବାଲ୍‌ଟି ଧରି ତିନି ତାଲାକୁ ଉଠି କାର୍ଯ୍ୟ ଆରମ୍ଭ କରିବାକୁ ହେବ । ଆଉ, ସେ ତ କାମ ନୁହେଁ; ରୀତିମତ ମଲ୍ଲଯୁଦ୍ଧ । ଆଠଦଶ ମିନିଟ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ଜିଭ ଶୁଖିବାକୁ ଆରମ୍ଭ କଲା । ଏକ ଘଣ୍ଟା ମଧ୍ୟରେହିଁ ଦେହ, ହାତ, ପାଦ ଯେପରି ଅବଶ ହୋଇ ଉଠିଲା । କ୍ରୋଧବଶରେ ମନେ ମନେ ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବର ପିତୃଶ୍ରାଦ୍ଧର ବ୍ୟବସ୍ଥା କରିବାକୁ ଲାଗିଲି, କିନ୍ତୁ ତାହା ନିଷ୍ଫଳ ଆକ୍ରୋଶ । ଥରେ ମନେ ହେଲା ବଡ଼ ପାଟି କରି କାନ୍ଦିଲେ ହୁଏତ ଏ ଜ୍ୱାଳା ଉପଶମ ହେବ, କିନ୍ତୁ ଲଜ୍ଜାରେ ତାହା ବି ପାରିଲି ନାହିଁ । ଦଶଟାବେଳେ ଘଣ୍ଟା ବାଜିବା ପରେ ଯେତେବେଳେ ତଳକୁ ଖାଇବାକୁ ଆସିଲି, ସେତେବେଳକୁ ହାତରେ ଫୋଟକା ହୋଇ ସାରିଛି, ଆଖି ବାଟେ ସୋରିଷ ଫୁଲ ଫୁଟି ବାହାରୁଛି ଏବଂ କାନ ବାଟେ ଝିଙ୍କାରି ପୋକର ଶବ୍ଦ ବାହାରୁଛି । ପ୍ରଥମେ ଦେଖିଲି ବୃଦ୍ଧ ହେମଚନ୍ଦ୍ର ଗୋଟିଏ କୋଣରେ ଚୁପ୍‌ଚାପ୍ ବସିଛନ୍ତି । ପଚାରିଲି – ''ଦାଦା କେମିତି ଅଛନ୍ତି ?'', ଦାଦା ହାତ ଦୁଇଟି ଦେଖାଇ କହିଲେ, ''ଦାରୁଭୂତ ମୁରାରୀ'' । କିନ୍ତୁ ହାତ ଦୁଇଟି ଅବଶ ହୋଇ ଦାରୁମୟ ହେଉ ଅବା ପାଷାଣମୟ ହେଉ, ତାଙ୍କର ମନର ଜୋର୍ କେତେବେଳେ ଏକ ବିନ୍ଦୁ ବି କମିବାର ଦେଖି ନାହିଁ । ହସି ହସି ଦୁଃଖକଷ୍ଟର ତୀବ୍ର ଯନ୍ତ୍ରଣାକୁ ସହିବା ମଧ୍ୟରେ ଅବିଚଳିତ ରହି ଭବିଷ୍ୟତ୍ କର୍ତ୍ତବ୍ୟ ସ୍ଥିର କରିବାକୁ ହେମଚନ୍ଦ୍ର ଏକେବାରେ ଅଦ୍ୱିତୀୟ । ହେମଚନ୍ଦ୍ରଙ୍କୁ ଆତ୍ମହରା ହେବାର କେହି ପ୍ରାୟ ଦେଖି ନାହାନ୍ତି । ଯନ୍ତ୍ରଣାରେ ଅସ୍ଥିର ହୋଇ ଯେତେବେଳେ କେହି କେହି ଯା' କିଛି ଗୋଟାଏ କରି ପକାଇବାର ସଂକଳ୍ପ କରିଛନ୍ତି, ସେତେବେଳେ ହେମଚନ୍ଦ୍ରହିଁ ନିଜର ମନୋବଳ ତାଙ୍କ ମଧ୍ୟରେ ସଂକ୍ରମିତ କରାଇ ସେମାନଙ୍କୁ ନିରସ୍ତ କରିଛନ୍ତି ।

ଆମ ମଧ୍ୟରୁ ଦୁଇ ତିନିଜଣଙ୍କ ବ୍ୟତୀତ ସ୍ୱହସ୍ତରେ ତିରିଶ ପାଉଣ୍ଡ ତେଲ ପେଷିବା ସମସ୍ତଙ୍କର ସାଧ୍ୟାତୀତ । ଅନେକ ସମୟରେ ଅନ୍ୟାନ୍ୟ କଏଦୀମାନେ ଲୁଚି ଲୁଚି ଆମକୁ ସାହାଯ୍ୟ କରନ୍ତି ।

ଏହିପରି ଦିନବେଳା ଘଣା ଘୂରାଇ ଏବଂ ରାତ୍ରିରେ ଅର୍ଦ୍ଧମୃତ ପରି ପଡ଼ି ରହି ଏକ ମାସ କଟିଲା ।

ଏକ ମାସ ପରେ ପ୍ରଥମ ଦଳ ବଦଳି ହୋଇ ଦ୍ୱିତୀୟ ଦଳ ଘଣା ପେଷିବାକୁ ଆସିଲେ । ଅବିନାଶ ଅତ୍ୟନ୍ତ ଦୁର୍ବଳ ଏବଂ ତାହାର ଟି. ବି. ହେବାର ସମ୍ଭାବନା ଜାଣି ପ୍ରଥମରୁ ସୁପରିନ୍‌ଟେଣ୍ଡେଣ୍ଟ୍ ତାଙ୍କୁ କଠିନ କର୍ମରୁ ଅବ୍ୟାହତି ଦେଇଥିଲେ; କିନ୍ତୁ ଦ୍ୱିତୀୟ ଥରର କର୍ତ୍ତା ମେଜର୍ ବାର୍କାର୍ ତାଙ୍କୁ ବିନା ପରୀକ୍ଷାରେ ଘଣା ପେଷିବାକୁ ପଠାଇଲେ । ଏଲହାବାଦର ''ସ୍ୱରାଜ'' ସମ୍ପାଦକ ଶ୍ରୀମାନ ନନ୍ଦଗୋପାଳଙ୍କୁ ମଧ୍ୟ ଏମାନଙ୍କ ସାଙ୍ଗରେ ଘଣା ପେଷାଇବାକୁ ଆଣିଲେ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

ତୁମ ସହ ଓ ଯେଉଁ ସକଳ ବ୍ୟକ୍ତି ଶ୍ରୀଅରବିନ୍ଦ ଓ ମୋ ଆଦର୍ଶ ପ୍ରତି ଉନ୍ମୁକ୍ତ ସେମାନଙ୍କ ସହ ମୋର ରହିଛି ଏକ ସ୍ୱତନ୍ତ୍ର ବ୍ୟକ୍ତିଗତ ସମ୍ପର୍କ,– ଏକଥା ଅନସ୍ୱୀକାର୍ଯ୍ୟ ଓ ଏ କ୍ଷେତ୍ରରେ ଦୂରତାର କିଛି ମୂଲ୍ୟ ନାହିଁ । ତୁମେ ଫ୍ରାନ୍‌ସରେ, ପୃଥିବୀର ଅନ୍ୟ ପ୍ରାନ୍ତରେ ଅଥବା ପଣ୍ଡିଚେରୀରେ, ଯେଉଁଠି ଥାଅନା କାହିଁକି ଏହି ସମ୍ପର୍କର ସୂତ୍ର ସବୁବେଳେ ବାସ୍ତବ ଓ ଜୀବନ୍ତ ।

– ଶ୍ରୀମା

# ନୂତନ ଶିକ୍ଷାର ଆହ୍ୱାନ

## (୪)

**ଗୟାଧର ଦାଶ**

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**ପୂର୍ଣ୍ଣାଙ୍ଗ ଶିକ୍ଷାର ପୃଷ୍ଠଭୂମି :**

ଅତିମାନସ ଭୂମି ହେଉଛି ପୂର୍ଣ୍ଣଜ୍ଞାନର ସ୍ତର, ସତ୍-ଚିତ୍-ଆନନ୍ଦର ସ୍ତର; ଯାହାର କ୍ରିୟା ଫଳରେ ମନୁଷ୍ୟର ପାର୍ଥିବ ଜୀବନ ଦିବ୍ୟଜୀବନ ଏବଂ ପାର୍ଥିବ ସମାଜ ଦିବ୍ୟ ସମାଜରେ ରୂପାନ୍ତରିତ ହେବାର ପଥ ପରିଷ୍କାର କରିଥାଏ । ଏହି ଅତିମାନସ ଶକ୍ତି ସକଳ ସୀମିତତା, ଅଜ୍ଞାନତା, ଅସାମର୍ଥ୍ୟ ଓ ସଂକର୍ଣ୍ଣତାକୁ ଦୂର କରି ମନୁଷ୍ୟର ପ୍ରକୃତିକୁ ରୂପାନ୍ତର କରିବ ଦିବ୍ୟ ପ୍ରକୃତିରେ ତଥା ଅଦିବ୍ୟ ମନୁଷ୍ୟକୁ ଦିବ୍ୟମାନବ ବା ଅତିମାନବରେ ରୂପାନ୍ତରିତ କରିପାରିବ ଏବଂ ମନୁଷ୍ୟକୁ ତା'ର ପୂର୍ଣ୍ଣତା ପ୍ରାପ୍ତିରେ ସମର୍ଥ କରିପାରିବ । ଏହି ଅତିମାନସ ଶକ୍ତି ପୂର୍ଣ୍ଣ ଚେତନାର ଶକ୍ତି ହୋଇଥିବାରୁ ଏହା ଜୀବନର ସକଳ କ୍ଷେତ୍ରରେ ପୂର୍ଣ୍ଣତା ପ୍ରଦାନ କରିପାରିବ । ଜୀବନର ଲକ୍ଷ୍ୟ ସଫଳତା ନୁହେଁ, ପୂର୍ଣ୍ଣତା । ଏହି ଶକ୍ତିର ଏକ ଅଂଶ ବା ଅଗ୍ନିକଣା ହେଉଛି ଆମର ଅନ୍ତରାତ୍ମା । ଏହି ଅନ୍ତରାତ୍ମାର ଆବିଷ୍କାର ତଥା ତା'ର ଆଲୋକରେ ଜୀବନର ସକଳ ଦିଗକୁ ଆଲୋକିତ କରିବାହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ । ପ୍ରକୃତରେ ଅତିମାନସର କ୍ରିୟାତ୍ମକ ଦିଗ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ତେଜଃ, ଏକ ସ୍ୱତନ୍ତ୍ର ଦୃଷ୍ଟି, ଏକ ଶକ୍ତି, ଏକ ଦିବ୍ୟ ଅନୁଭବ ତଥା ଏକ ଜ୍ୱଳନ ଯାହା ଜ୍ଞାନ, ଶକ୍ତି, ଐକ୍ୟ, ପ୍ରେମ ଓ ଆନନ୍ଦର ଭୂମି ଉପରେ ପ୍ରତିଷ୍ଠିତ । ବିଶେଷତଃ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାହିଁ ଶ୍ରୀମାଶ୍ରୀଅରବିନ୍ଦଙ୍କ ତପସ୍ୟାଲବ୍ଧ ପ୍ରସାଦ, ବିଜ୍ଞାନଘନ ଚେତନାର ମୂର୍ତ୍ତିମନ୍ତ ତେଜଃପୁଞ୍ଜ, ମହିମୋଜ୍ଜ୍ୱଳ ପରମ ପୁରୁଷ ଓ ଦିବ୍ୟଜନନୀଙ୍କର ସମଗ୍ର ମାନବ ସମାଜ ପାଇଁ ପରମ ଦାନ । ସୁତରାଂ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଦର୍ଶର କାର୍ଯ୍ୟକାରୀ ଦିଗ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ଏପରି ମହାନ୍ ଆଦର୍ଶ ତଥା ପୂର୍ଣ୍ଣଯୋଗର ଭିତ୍ତି ଉପରେ ପ୍ରତିଷ୍ଠିତ ଶିକ୍ଷାକୁ ଆମେ ନୂତନ ଶିକ୍ଷା ବୋଲି କହିବା ।

୧୯୪୩ ମସିହା ଡିସେମ୍ବର ମାସ ୨ ତାରିଖରେ ଅଳ୍ପ କେତେ ଜଣ ପିଲାଙ୍କୁ ନେଇ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ ଶ୍ରୀମା ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା କଲେ 'ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲ' । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାରୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ନିକଟରେ ଶରଣାପନ୍ନ ହୋଇଥିବା ଶିଷ୍ୟମାନଙ୍କର ପିଲାମାନଙ୍କୁ ନେଇ ଏହି ଶିକ୍ଷାକେନ୍ଦ୍ରଟି ଗଢ଼ି ଉଠିଥିଲା । ୧୯୫୧ ମସିହା ଏପ୍ରିଲ ୨୪ ତାରିଖରେ ସ୍କୁଲର ସମାବର୍ତ୍ତନ ଉତ୍ସବରେ ଶ୍ରୀମା ଏକ 'ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ କେନ୍ଦ୍ର' ପ୍ରତିଷ୍ଠା ନିମିତ୍ତେ ନିଷ୍ପତ୍ତି ନେଲେ । ୧୯୫୨ ମସିହା ଜାନୁଆରୀ ୬ ତାରିଖରେ ଶ୍ରୀମା ଏହାର ନୂତନ ନାମକରଣ କଲେ : 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ' । ଏବଂ ୧୯୫୯ରେ ଏହାର ନାମ ପରିବର୍ତ୍ତନ କରାଯାଇ 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର' ରଖାଗଲା । ଏହିପରି ଭାବରେ ସାମାଜିକ କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଥମ ରୂପାୟନ ଘଟିଲା । ଏହି ଶିକ୍ଷାକେନ୍ଦ୍ରର ଆଭିମୁଖ୍ୟ ବିଷୟରେ ୧୯୭୪ ମସିହାର ଅନୁଷ୍ଠାନ ପତ୍ର (Prospectus)ରେ ଉଲ୍ଲେଖ କରାଯାଇଛି :

"1. To evolve and realize a system of integral education and to make it a dynamic ideal for the society.

2. To organise an environment and atmosphere affording inspiration and facilities for the exercise and development of the five essential aspects of personality, the physical, the vital, the mental, the psychic and the spiritual.

3. To emphasize the unity of all knowledge and to attempt to bring humanities and science closer together into a real sense of unity for the benefit of both.

4. To develop the sense of the oneness of mankind.
5. To prepare for the role that India has to play in the formation of the new international harmony.”

ଅର୍ଥାତ୍, ‘ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର’ର ଆଭିମୁଖ୍ୟ ହେଉଛି –

‘‘୧. ଏକ ପୂର୍ଣ୍ଣାଙ୍ଗ ଶିକ୍ଷାଧାରାକୁ ପ୍ରକାଶ ଓ ଅନୁଭବ କରିବା ଏବଂ ସମାଜ ପାଇଁ ଏହାକୁ ଏକ ଗତିଶୀଳ ଆଦର୍ଶ ରୂପେ ଗଢ଼ି ତୋଳିବା ।

୨. ଏପରି ଏକ ପରିବେଶ ଏବଂ ବାତାବରଣ ସଙ୍ଗଠିତ କରିବା ଯାହା ବ୍ୟକ୍ତିତ୍ୱର ପଞ୍ଚ ଦିଗ – ଭୌତିକ, ପ୍ରାଣିକ, ମାନସିକ, ଚୈତ୍ୟିକ ଓ ଆଧାତ୍ମିକ ଆଦି ଦିଗକୁ ସକ୍ରିୟ ଓ ବିକଶିତ କରିବା ସକାଶେ ପ୍ରେରଣା ଓ ସୁବିଧାସୁଯୋଗ ପ୍ରଦାନ କରିପାରିବ ।

୩. ସକଳ ଜ୍ଞାନର ଏକତ୍ୱ ପ୍ରତି ଗୁରୁତ୍ୱ ଦେବା ଏବଂ ଭାଷା, ସାହିତ୍ୟ, ଦର୍ଶନ, ଇତିହାସ, ସଂସ୍କୃତି ଆଦି ସାହିତ୍ୟିକ ବିଦ୍ୟା ଓ ବିଜ୍ଞାନକୁ ଉଭୟର ଉପକାରିତା ସକାଶେ ଏକ ବାସ୍ତବ ଐକ୍ୟ ପ୍ରତି ନିକଟତର କରାଇବା ପାଇଁ ପ୍ରୟାସ କରିବା ।

୪. ମାନବଜାତିର ଏକତ୍ୱ ଦିଗରେ ବିକାଶ ଆଣିବା ।

୫. ନୂତନ ଆନ୍ତର୍ଜାତିକ ସଙ୍ଗତି ସ୍ଥାପନରେ ଭାରତ ଯେପରି ତା’ର ଭୂମିକାଟି ସମ୍ପାଦନ କରିପାରିବ ସେଥିପ୍ରତି ପ୍ରସ୍ତୁତ ହେବା ।’’

ଏଥିରୁ ଜଣାଯାଏ ଯେ ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ମହାନ୍ ଆଦର୍ଶ ଉପରେ ପ୍ରତିଷ୍ଠିତ । ଭାରତର ମହାନ୍ ଐତିହ୍ୟ, ଆଧାତ୍ମିକ ସତ୍ୟ ଓ ସଂସ୍କୃତି ଉପରେ ପ୍ରତିଷ୍ଠିତ ।

ଶ୍ରୀଅରବିନ୍ଦଙ୍କର ଦର୍ଶନକୁ ପୂର୍ଣ୍ଣ ଅଦ୍ୱୈତ ବୋଲି କୁହାଯାଏ; ତାଙ୍କର ସିଦ୍ଧାନ୍ତ ପୂର୍ଣ୍ଣଯୋଗ ରୂପେ ପରିଚିତ । ଏହି ସିଦ୍ଧାନ୍ତରେ ବ୍ୟକ୍ତିଗତ ସିଦ୍ଧି ସହ ସମଷ୍ଟିଗତ ସିଦ୍ଧିର କଥା କୁହାଯାଇଛି, ପାର୍ଥିବ ଚେତନାର ରୂପାନ୍ତର କଥା କୁହାଯାଇଛି । ଏହି ରୂପାନ୍ତର ହେବ ଅତିମାନସ ଶକ୍ତି ଦ୍ୱାରା । ଏହି ରୂପାନ୍ତରର କଥା କୌଣସି ଦର୍ଶନ ବା ଯୋଗରେ କୁହାଯାଇ ନାହିଁ । ଏହି ଯୋଗରେ ପାର୍ଥିବ ଜୀବନକୁ ଦିବ୍ୟଜୀବନ, ପାର୍ଥିବ ସମାଜକୁ ଦିବ୍ୟସମାଜ ତଥା ମାନବ ଅତିମାନବରେ ରୂପାନ୍ତର ହେବା ଅନିବାର୍ଯ୍ୟ । ଏହା ବିବର୍ତ୍ତନ ଶକ୍ତିର ସଂକଳ୍ପ । ସ୍ୱୟଂ ଆଦ୍ୟାଶକ୍ତି ବା ଅତିମାନସ ଶକ୍ତିହିଁ ବିବର୍ତ୍ତନ ଶକ୍ତି । ଏହି ଶକ୍ତି ହେଲେ ସ୍ୱୟଂ ଶ୍ରୀମା । ଅନ୍ଧକାର ଶକ୍ତିର ପୂର୍ଣ୍ଣ ରୂପାନ୍ତର ହୁଏ ଅତିମାନସ ଶକ୍ତି ବା ମାତୃଶକ୍ତି ଦ୍ୱାରା । ସେହି ମାତୃଶକ୍ତିହିଁ ହେଲେ ରୂପାନ୍ତରକାରୀ ଶକ୍ତି । ମନସ୍ତରର ଚେତନା ଅତିମାନସ ଚେତନାରେ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ସଂସାରରୁ ଅନ୍ଧକାର ଶକ୍ତି ଅପସାରିତ ହୁଏ । ଯାହାଫଳରେ ପାର୍ଥିବ ଚେତନା ଦିବ୍ୟଚେତନାରେ ପରିଣତ ହୁଏ ଏବଂ ସମଗ୍ର ଜଗତ୍ ଦିବ୍ୟଭୂମିରେ ପରିଣତ ହୁଏ । ବ୍ୟକ୍ତି, ସମାଜ, ରାଷ୍ଟ୍ର ତଥା ବିଶ୍ୱରେ ଐକ୍ୟ, ସଂହତି ପ୍ରତିଷ୍ଠା ହେବା ସହ ପ୍ରେମ ଓ ଆନନ୍ଦର ଅମୃତଧାରା ଝରିଆସେ ।

ଦିବ୍ୟମାନବ ଓ ଦିବ୍ୟସମାଜ ଗଠନ ତଥା ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ସକାଶେ ଶ୍ରୀଅରବିନ୍ଦ ଯେଉଁ ପନ୍ଥା ଦେଖାଇଛନ୍ତି ତାହା ହେଉଛି ଯୋଗ ବା ଶିକ୍ଷା । ସେଥିପାଇଁ ଶ୍ରୀଅରବିନ୍ଦଙ୍କର ଯୋଗକୁ ପୂର୍ଣ୍ଣାଙ୍ଗ ଯୋଗ ଓ ଶିକ୍ଷାକୁ ପୂର୍ଣ୍ଣାଙ୍ଗ ଶିକ୍ଷା କୁହାଯାଏ । କ୍ରମବିବର୍ତ୍ତନ ଅନୁସାରେ ମନୁଷ୍ୟର ପୂର୍ଣ୍ଣତା ହେଉଛି ମନ-ପ୍ରାଣ-ଶରୀର ତା’ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର । ମନରେ ଦିବ୍ୟ ଜ୍ଞାନ, ପ୍ରାଣରେ ଦିବ୍ୟ ଶକ୍ତି, ଶରୀରରେ ଦିବ୍ୟ ସୌନ୍ଦର୍ଯ୍ୟ ଏବଂ ଚୈତ୍ୟରେ ଦିବ୍ୟପ୍ରେମ ପ୍ରକାଶିତ ହେବାହିଁ ପୂର୍ଣ୍ଣତା । ଏହି ପୂର୍ଣ୍ଣତା ପ୍ରାପ୍ତି ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷାହିଁ ଏକ ଅମୋଘ ଅସ୍ତ୍ର ବା ଦିବ୍ୟସାଧନ । ପୂର୍ଣ୍ଣାଙ୍ଗ ଶିକ୍ଷା ବା ପୂର୍ଣ୍ଣାଙ୍ଗ ଯୋଗ ଭାଗବତ ସତ୍ୟର ପୂର୍ଣ୍ଣାଙ୍ଗ ଉପଲବ୍ଧି ଆଣିଦିଏ । ସକଳ ଶିକ୍ଷାର ଆତ୍ମାକୁ ପୂର୍ଣ୍ଣାଙ୍ଗ ଶିକ୍ଷା ବହନ କରିଛି । ସକଳ ଯୋଗର ଆତ୍ମାକୁ ମଧ୍ୟ ପୂର୍ଣ୍ଣଯୋଗ ବହନ କରିଛି । ଏହା ବ୍ୟକ୍ତି, ଜୀବନ, ଜଗତ୍ ଓ ଈଶ୍ୱରକୁ ଏକକ ରୂପେ ଗ୍ରହଣ କରି ଏକ ସାମଗ୍ରିକ ଅଭ୍ୟୁତ୍ଥାନ ଓ ପରିପୂର୍ଣ୍ଣତା ହାସଲ କରିବାର ଲକ୍ଷ୍ୟ ରଖିଥାଏ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏକ ବିବର୍ତ୍ତନଗତ ଶିକ୍ଷା, ଏକ ମହତ୍ ଆକାଙ୍କ୍ଷା, ଏକ ଦିବ୍ୟଦୃଷ୍ଟି ଯାହା ପ୍ରତି ମୁହୂର୍ତ୍ତରେ ମାନବ ଜୀବନ ଓ ସମାଜରେ ଚେତନାର ନବଜନ୍ମ ଘଟାଏ । ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟକ୍ତି ଓ ସମାଜର ଭବିତବ୍ୟକୁ ରୂପ ଦେଇଥାଏ । ଦିବ୍ୟମାନବ ଓ ଦିବ୍ୟସମାଜର ଆଦର୍ଶକୁ ବାସ୍ତବତାରେ ପରିଣତ କରିବାର ଶକ୍ତି ଓ ସାମର୍ଥ୍ୟ ବହନ କରିଥିବାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମଗ୍ର ମାନବ ସମାଜ ପାଇଁ ଏକ ଆହ୍ୱାନ, ଏକ ଆଧାତ୍ମିକ ବିପ୍ଳବ, ଏକ ଆବାହନୀ ଶକ୍ତି ଯାହା ସକଳ ବ୍ୟର୍ଥତାକୁ ସାର୍ଥକତାରେ, ଦୁର୍ବଳତାକୁ ଅମୋଘ

ସାମର୍ଥ୍ୟରେ ପରିଣତ କରେ, ସତ୍ୟର ସୂର୍ଯ୍ୟକୁ ଅସ୍ତମିତ ହେବାକୁ ଦିଏନା ବରଂ ଜୀବନର ସକଳ ପଦକ୍ଷେପରେ ମାଧୁର୍ଯ୍ୟ ଭରିଦିଏ । ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ନିତ୍ୟ ନୂତନ ଶିକ୍ଷା ଯାହା ନୂତନ ଦିଗନ୍ତଗୁଡ଼ିକୁ ଉନ୍ମୋଚିତ କରିଦେବା ସହ ସକଳ ଶିକ୍ଷାର ସମନ୍ୱୟ କରି ପୂର୍ଣ୍ଣତା ଅଭିମୁଖେ ଆଗେଇ ନିଏ । ପୂର୍ଣ୍ଣ ବା ଏକକର ଶିକ୍ଷାହିଁ ପୂର୍ଣ୍ଣାଙ୍ଗ ଶିକ୍ଷା ! ଏହା ହେଉଛି ଆତ୍ମ ପରିପୂର୍ଣ୍ଣତାର ଶିକ୍ଷା । ଏହା ପ୍ରଚଳିତ ନାନା ଶିକ୍ଷାଠାରୁ ସ୍ୱତନ୍ତ୍ର ଏବଂ ଅଭିନବ । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏକ ନୂତନ ଶିକ୍ଷା । ଏହି ନୂତନ ଶିକ୍ଷା ଜୀବନ ପଥରେ ଏକ ଦୁଃସାହସିକ ଅଭିଯାତ୍ରା ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ହେଉଛି ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ଗବେଷଣାଗାର । ଏହି ଶିକ୍ଷାକେନ୍ଦ୍ରର ଅନୁରୂପ ଅନେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦେଶ ଓ ବିଦେଶରେ ପ୍ରତିଷ୍ଠା କରାଯାଇଛି । ଦିଲ୍ଲୀରେ ୧୯୫୬ ମସିହା ଏପ୍ରିଲ ୨୩ ତାରିଖରେ "The Mother's International School" ନାମରେ ଦ୍ୱିତୀୟ ଶିକ୍ଷାକେନ୍ଦ୍ର ଦିଲ୍ଲୀରେ ପ୍ରତିଷ୍ଠା ହୋଇଥିଲା । ଓଡ଼ିଶାରେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନଟିର ମୂଳଭିତ୍ତି ୧୯୭୦ ମସିହା ଜୁଲାଇ ୧୫ ତାରିଖରେ ଭୁବନେଶ୍ୱରଠାରେ ସ୍ଥାପନ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କାର୍ଯ୍ୟ କରୁଛି । ଏହା ଶିକ୍ଷା କ୍ଷେତ୍ରରେ ଏକ ସାମାଜିକ ବିପ୍ଳବ ଯାହା ସତ୍ୟର ଆଗମନୀକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସମଗ୍ର ଦେଶ ପାଇଁ ଏକ ନୂତନ ବାର୍ତ୍ତା ପ୍ରେରଣ କରୁଛି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଯଦି ଏକ ଜୀବନଚର୍ଯ୍ୟା ବା ଆଚରଣ ରୂପେ ଗ୍ରହଣ କରାଯାଏ ତେବେ ଏହାର ଦିବ୍ୟ ସମ୍ଭାବନାଗୁଡ଼ିକ ସୂର୍ଯ୍ୟାଲୋକ ପରି ପ୍ରତିଭାତ ହେବ ଏବଂ ଦିବ୍ୟସମାଜ ଗଠନଟି ଫଳପ୍ରସୂ ହୋଇପାରିବ ।

(କ୍ରମଶଃ)

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଯେଉଁ ତ୍ରୁଟି ସହଜରେ ସଂଶୋଧନୀୟ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଯେଉଁ ତ୍ରୁଟି ସହଜରେ ସଂଶୋଧନୀୟ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ୱାଶିଂଟନ୍‌ରେ ଅବସ୍ଥିତ ଗୋଟିଏ ଆନ୍ତର୍ଜାତିକ ଭ୍ରମଣ ବ୍ୟବସ୍ଥାକାରୀ ସଂସ୍ଥା ଦିଲ୍ଲୀରେ ଶାଖା କାର୍ଯ୍ୟାଳୟ ଖୋଲିବାକୁ ଯାଉଥା'ନ୍ତି । ଏହା ୨୦୧୨ ଆରମ୍ଭ ବେଳର କଥା । ସେମାନେ ଆଶାୟୀ ଭାରତୀୟ ତରୁଣମାନଙ୍କୁ ଟୁରିଷ୍ଟ ଗାଇଡ୍ ତଥା ଅନ୍ୟାନ୍ୟ ବ୍ୟବସ୍ଥାପନାରେ ନିଯୁକ୍ତ କରିବା ନିମନ୍ତେ ଦିଲ୍ଲୀରେ ପ୍ରାର୍ଥୀମାନଙ୍କର ସାକ୍ଷାତ୍‌କାର ନେଉଥା'ନ୍ତି ।

ପ୍ରାର୍ଥୀମାନଙ୍କ ଭିତରେ ଥା'ନ୍ତି ଓଡ଼ିଶାର ଦୁଇଜଣ ଯୁବକ । ଉଭୟେ ଗ୍ରାଜୁଏଟ୍, ଭଦ୍ର ତଥା ବୁଦ୍ଧିମାନ୍ । ପ୍ରାୟ ଶହେ ସରିକି ପ୍ରାର୍ଥୀଙ୍କ ଭିତରେ ସେ ଦୁହେଁ ସବୁଠାରୁ ଉତ୍ତମ ଆଠ ଦଶଜଣଙ୍କ ଭିତରେ ଯିବେ ।

କିନ୍ତୁ ଦୁଇଜଣଯାକ ବଡ଼ ସଙ୍କୋଚ ଅନୁଭବ କରୁଥିଲେ ଗୋଟାଏ କାରଣରୁ । ଆମେରିକାନ୍ ପ୍ରଶ୍ନକର୍ତ୍ତାଙ୍କ ଇଂରାଜୀ ଉଚ୍ଚାରଣ ସେମାନେ ଧରିପାରିବେ ତ ? ଦୁହେଁ ବି.ବି.ସି ଶୁଣନ୍ତି ମଧ୍ୟେ ମଧ୍ୟେ । ଇଂରେଜମାନଙ୍କ ଇଂରାଜୀ ଉଚ୍ଚାରଣ ବୁଝିବାରେ ବିଶେଷ ଅସୁବିଧା ହୁଏ ନାହିଁ । କିନ୍ତୁ ଆମେରିକାନ୍‌ମାନେ କେମିତି ହାଓମାଓଖାଓ ଢଙ୍ଗରେ କଥା କହନ୍ତି କେଜାଣି – ସବୁ ଶବ୍ଦର ଧ୍ୱନି ଏକାକାର ଶୁଭେ ।

''ବ୍ୟସ୍ତ ହୁଅ ନାହିଁ । ବୁଝି ନପାରିଲେ ସ୍ପଷ୍ଟ ଭାବରେ କହିବ, ମୁଁ ଦୁଃଖିତ । ପ୍ରଶ୍ନଟି ଠିକ୍ ବୁଝିପାରୁ ନାହିଁ । ପ୍ରଶ୍ନକର୍ତ୍ତା ଅବୋଧ ହୋଇ ନଥିବେ । ସେ ଅପେକ୍ଷାକୃତ ସ୍ପଷ୍ଟ ଭାବରେ ପଚାରିବାକୁ ଚେଷ୍ଟା କରିବେ । କିନ୍ତୁ ମୋର ବିଶ୍ୱାସ, ପ୍ରଶ୍ନକର୍ତ୍ତା ଜଣେ ଭାରତୀୟ ହୋଇଥିବେ ।'' – ଦୁଇ ଯୁବକଙ୍କର ଜଣେ ଶୁଭେଚ୍ଛୁ ଆଶ୍ୱାସନା ଦେଲେ ।

ବାସ୍ତବରେ ତାହାହିଁ ହେଲା । ପ୍ରତିଷ୍ଠାନର ଆମେରିକାନ୍ ମ୍ୟାନେଜର୍ ଉପସ୍ଥିତ ଥିଲେ, କିନ୍ତୁ ଅନ୍ୟ ଦୁଇଜଣଙ୍କ ଭିତରେ ଜଣେ ଥିଲେ ଭାରତୀୟ । ମୁଖ୍ୟତଃ ସେହି ଭଦ୍ରଲୋକହିଁ ପ୍ରଶ୍ନ କରୁଥିଲେ ।

ଦୁଇଜଣଙ୍କ ଭିତରୁ ଜଣେ ମନୋନୀତ ହେଲେ । ଅନ୍ୟ ଜଣକ ଅଧିକାଂଶ ପ୍ରଶ୍ନର ସଠିକ ଉତ୍ତର ଦେଇଥିଲେ ମଧ୍ୟ ଗୋଟିଏ ପର୍ଯ୍ୟାୟର ନିର୍ଦ୍ଦିଷ୍ଟ ତିନୋଟିଯାକ ପ୍ରଶ୍ନର ଉତ୍ତର ଦେବାରେ ଅକ୍ଷମ ହେଲେ ।

ସେ ପ୍ରଶ୍ନଗୁଡ଼ିକ ଭାରତବର୍ଷ ଏବଂ ଓଡ଼ିଶା ଆଧାରିତ ପ୍ରଶ୍ନ । ମଜାକଥା ହେଲା, ଯେତେବେଳେ ପ୍ରଶ୍ନକର୍ତ୍ତା ପଚାରିଲେ, ''ତୁମକୁ ଯଦି ଆମେରିକାର କୌଣସି ସ୍ଥାନରେ ରଖାଯାଏ –

ଆଜିକାଲି ବେଶ୍ କିଛି ସଂଖ୍ୟକ ଭାରତୀୟ ପର୍ଯ୍ୟଟକ ଆମେରିକା ଭ୍ରମଣରେ ଆସନ୍ତି, ତୁମେମାନେ ସେ ପାଇଁ ପ୍ରସ୍ତୁତ ?''

ଦୁହେଁ ସାଗ୍ରହ ସମ୍ମତି ଜଣାଇଲେ । ପ୍ରଶ୍ନକର୍ତ୍ତା ପୁଣି ପଚାରିଲେ, ''ଆମେରିକା ଏକ ବିରାଟ ଭୂଖଣ୍ଡ । ତୁମର ସେ ଦେଶର ବିଭିନ୍ନ ରାଜ୍ୟ ସମ୍ପର୍କରେ ଧାରଣା ଅଛି ତ ?''

ଉଭୟ ପ୍ରାର୍ଥୀ ଆମେରିକାରେ କେତୋଟି ରାଜ୍ୟ ଅଛି, ତାହା କହି ଦେଲେ । ସଂଖ୍ୟାଟି ଆମେରିକାନ୍ ବୋଲି ସେମାନେ ପ୍ରସ୍ତୁତ ହୋଇ ଯାଇଥିଲେ । କିନ୍ତୁ ବିଷମ କଥା ହେଲା, ଯେତେବେଳେ ପ୍ରଶ୍ନକର୍ତ୍ତା ଭାରତରେ କେତୋଟି ରାଜ୍ୟ ବୋଲି ପ୍ରଶ୍ନ କଲେ, ଦୁଇଜଣକରୁ ଜଣେ ମଧ୍ୟ ସଠିକ ଉତ୍ତର ଦେଇ ପାରିଲେ ନାହିଁ । ପ୍ରଶ୍ନକର୍ତ୍ତା ଖୁବ୍ ଦରିଦୀ ଢଙ୍ଗରେ ପଚାରିଲେ, ''ଅବଶ୍ୟ ସଂଖ୍ୟାରେ ବାରଂବାର ପରିବର୍ତ୍ତନ ହେଉଛି । ତଥାପି ମୋଟାମୋଟି ରାଜ୍ୟ ସଂଖ୍ୟା କେତେ ଏବଂ କେନ୍ଦ୍ରଶାସିତ ଅଞ୍ଚଳ କେତେ ହୋଇଥିବ ?''

କହିବା ବାହୁଲ୍ୟ, ଦୁଇଜଣଙ୍କୁ ଅଲଗା ଅଲଗା ଭାବରେ ପ୍ରଶ୍ନ କରାଯାଇଥିଲା । ଜଣେ ଉତ୍ତର ଦେଲେ ପନ୍ଦର ସରିକି ହେବ । ଆଉ ଜଣେ କହିଲେ ପ୍ରାୟ ତିରିଶ । ପ୍ରଶ୍ନକର୍ତ୍ତା ନିଜେ ଜଣାଇଲେ, ''ମନେରଖ, ରାଜ୍ୟ ସଂଖ୍ୟା ଅଠେଇଶ । କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ସାତ ।'' (ଏହା ଗ୍ରନ୍ଥାକାରରେ ପ୍ରକାଶ ହେବାକୁ ଯିବା ବେଳକୁ ସଂଖ୍ୟା ବଦଳି ଗଲାଣି ।)

ତା'ପରେ ପ୍ରଶ୍ନ କରାଯାଇଥିଲା, ''ତୁମ ଓଡ଼ିଶାରେ କେତୋଟି ଜିଲ୍ଲା ?''

ଜଣେ ସଠିକ ଉତ୍ତର ଦେଲେ, ତିରିଶ । ଆଉ ଜଣେ କହିଲେ, ''ପଚିଶ, ତିରିଶ'' ।

''ଆଚ୍ଛା, ଆୟତନରେ ସବୁଠାରୁ ବଡ଼ କେଉଁ ଜିଲ୍ଲା ?''

ଏ ପ୍ରଶ୍ନର ଉତ୍ତର ଜଣେ ଦେଇ ପାରିଲେ – ''ମୟୂରଭଞ୍ଜ'' । ଅନ୍ୟ ଜଣକ କହିଲେ ''କଟକ'' । ଦ୍ୱିତୀୟ ଜଣକ କଟିଗଲେ ।

ଏକଥା ସତ ଯେ ଏ ତଥ୍ୟସବୁ ମନେ ରଖିବା ପାରଙ୍ଗମତାର ପରିଚୟ ନୁହେଁ । ଏହା ସହ ବୁଦ୍ଧି ବା କର୍ତ୍ତବ୍ୟ ପରାୟଣତାର ବିଶେଷ ସମ୍ପର୍କ ନାହିଁ । କିନ୍ତୁ ଯେକୌଣସି ପ୍ରାର୍ଥୀ ପାଇଁ ତା' ନିଜ ଦେଶ ଓ ରାଜ୍ୟର ପ୍ରାଥମିକ ତଥ୍ୟ ସମୂହ ମନେ ରଖିବା ନିହାତି ଦରକାର । ପ୍ରାର୍ଥୀ ନହେଲେ ମଧ୍ୟ ଯେକୌଣସି ଛାତ୍ର ସକାଶେ ଏହା ଆବଶ୍ୟକ ।

ଶୁଭେଚ୍ଛୁ ଭଦ୍ରଲୋକଙ୍କ ଧାରଣା, ଯେଉଁ ତରୁଣଟି ବାଦ୍ ପଡ଼ିଗଲେ, ସେ ଅଧିକ ପାରଙ୍ଗମ । କିନ୍ତୁ କିଞ୍ଚିତ୍ ମୌଳିକ ତ୍ରୁଟି ନିମନ୍ତେ ସେ ସୁଯୋଗଟିରୁ ବଞ୍ଚିତ ହେଲେ ।

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃଷ୍ଠା : ୮୦-୮୩) ❑

## ୨୦୨୪ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

A Sun of which all knowledge is a beam,
A Greatness without whom no life could be.

ମହାସୂର୍ଯ୍ୟ ଏକ ଯା'ର ସକଳ ଜ୍ଞାନ କେବଳ ରଶ୍ମିରେଖାଟିଏ,
ସେ ମହାମହିମା ଏକ ଯା' ବିନା ସମ୍ଭବ ନୁହେଁ କୌଣସି ଜୀବନ ।

# ସୁନିଲ-ଦା'
## (୮)

୧୯୩୩ ମସିହାରୁ ଅନେକ ବର୍ଷ ପର୍ଯ୍ୟନ୍ତ ଶ୍ରୀମା ନବବର୍ଷ ଆଗମନୀର ସନ୍ଧିକ୍ଷଣରେ (ଅର୍ଥାତ୍, ମଧ୍ୟରାତ୍ରିରେ ଘଣ୍ଟାରେ ବାରଟା ବାଜିବାର ଠିକ୍ ପରକ୍ଷଣରେ) ତାଙ୍କ ଅର୍ଗାନ୍ ବଜାଇ ନବବର୍ଷକୁ ଅଭିନନ୍ଦନ ଜଣାଉଥିଲେ । ଏହିପରି ଭାବରେ ସେ ପଚାଶ ଦଶକର ଶେଷ ଅବଧି ତାଙ୍କର ଅର୍ଗାନ୍ ବଜାଇ ନବବର୍ଷକୁ ଅଭିନନ୍ଦନ ଜ୍ଞାପନ କରୁଥିଲେ ।

ପୁନଶ୍ଚ ୧୯୩୩ ରୁ ୧୯୭୩ ମସିହା ପର୍ଯ୍ୟନ୍ତ ଶ୍ରୀମା ନବବର୍ଷର ବାଣୀ ବିତରଣ କରୁଥିଲେ । ସେହି ବାଣୀରେ ତାଙ୍କର ଏକ ନିଗୂଢ଼ ଚିନ୍ତନ ଶକ୍ତି, ପ୍ରାର୍ଥନା ଏବଂ ଆସ୍ପୃହାର ଏକ ବୀଜମନ୍ତ୍ର ଶକ୍ତି ରହିଥିଲା ଯାହାକି ଭକ୍ତବୃନ୍ଦଙ୍କ ସକାଶେ ସାଧନା ମାର୍ଗର ଏକ ପଥନିର୍ଦ୍ଦେଶକ ।

ଉପରୋକ୍ତ ଧାରାରେ ଅନୁଷ୍ଠିତ ହେଉଥିବା ଶ୍ରୀମା'ଙ୍କର ନବବର୍ଷର ଅର୍ଗାନ୍ ସଙ୍ଗୀତ ରଚନାରେ ଏକ ବ୍ୟତିକ୍ରମ ଘଟିଥିଲା ୧୯୫୯ ମସିହାରେ । ଘଟଣାଟି ଥିଲା ଏହିପରି – ୧୯୫୮ର ନଭେମ୍ବର ମାସରେ, ଖୁବ୍ ସମ୍ଭବତଃ ୩ ତାରିଖରେ (ସୁନିଲ-ଦା'ଙ୍କ ଜନ୍ମଦିନରେ) ଶ୍ରୀମା ସୁନିଲଙ୍କୁ ୧୯୫୯ର ନବବର୍ଷର ସଙ୍ଗୀତ (ବିଭିନ୍ନ ବାଦ୍ୟଯନ୍ତ୍ର ସାହାଯ୍ୟରେ) ରଚନା କରିବାକୁ କହିଲେ । ଏବଂ କେଉଁ ବିଷୟବସ୍ତୁ ଉପରେ ସଙ୍ଗୀତଟି ଆଧାରିତ ହେବ – ଏ ସମ୍ବନ୍ଧେ ସମ୍ୟକ୍ ସୂଚନା ମଧ୍ୟ ଦେଲେ ।

ସୁନିଲ-ଦା'ଙ୍କ ଉକ୍ତିରେ : "Orchestration of the Mother's New Year Music in 1959 was a great event in my life." ଅର୍ଥାତ୍, ''ବିଭିନ୍ନ ବାଦ୍ୟଯନ୍ତ୍ର ସାହାଯ୍ୟରେ ଶ୍ରୀମା'ଙ୍କର ୧୯୫୯ ମସିହାର ନବବର୍ଷର ସଙ୍ଗୀତ ରଚନା କରିବା ଥିଲା ମୋ ଜୀବନର ଏକ ଅବିସ୍ମରଣୀୟ ଘଟଣା ।''

ଆମର ଦୃଢ଼ ବିଶ୍ୱାସ – ଏହା ଥିଲା ସୁନିଲ-ଦା'ଙ୍କ ପ୍ରତି ଶ୍ରୀମା'ଙ୍କର ଅହେତୁକୀ କୃପା । ଏହା ଫଳରେ ସୁନିଲ-ଦା'ଙ୍କ ସମ୍ମୁଖରେ ସଙ୍ଗୀତ ଜଗତର ଏକ ଅଭିନବ ଦ୍ୱାର ଉନ୍ମୋଚିତ ହୋଇଗଲା; ଫଳରେ ସେ ସଙ୍ଗୀତର ଊର୍ଦ୍ଧ୍ୱତର ସ୍ତରର ଏକ ନୂତନ ଜଗତରେ ଅବିରତ ଅବଗାହନ କରିବାର ଅପୂର୍ବ ସୁଯୋଗ ଲାଭ କଲେ ।

ଏବେ ସେହି ୧୯୫୯ର ନବବର୍ଷର ବାଣୀ ସମ୍ବନ୍ଧେ ପଦେ-ଅଧେ : ୧୯୫୮ର ନଭେମ୍ବର ମାସର ପ୍ରାରମ୍ଭରେ ଶ୍ରୀମା'ଙ୍କର ଏକ ସୁସ୍ପଷ୍ଟ ଅଭିଜ୍ଞତା ହୋଇଥିଲା । ଶ୍ରୀମା ସିଦ୍ଧାନ୍ତ ନେଲେ ସେହି ଅଭିଜ୍ଞତାଟିକୁ ସୂତ୍ରାକାରରେ ପ୍ରକାଶ କରି ୧୯୫୯ର ନବବର୍ଷ ବାଣୀ ବିତରଣ କରିବେ ଏବଂ ଅଭିଜ୍ଞତାର ବିଷୟବସ୍ତୁ ଉପରେ ଆଧାର କରି ନବବର୍ଷର ସଙ୍ଗୀତ ରଚନା କରିବେ । ...

ନବବର୍ଷ ବାଣୀଟିର ଓଡ଼ିଆ ଭାଷାନ୍ତର ଏହିପରି – ''ନିଶ୍ଚେତନାର ଏକେବାରେ ମୂଳ ପ୍ରଦେଶରେ ଯେଉଁଠାରେ ତାହା ଅତ୍ୟନ୍ତ କଠିନ, ଅନମନୀୟ, ସଂକୀର୍ଣ୍ଣ ଓ ଶ୍ୱାସରୋଧକ, ସେହିଠାରେ ଏକ ସଂହତ ସର୍ବଶକ୍ତିଯୁକ୍ତ କେନ୍ଦ୍ରରେ ଯାଇ ପହଞ୍ଚିଲି – ଏବଂ ତତ୍‌କ୍ଷଣାତ୍ ଉତ୍‌କ୍ଷିପ୍ତ ହେଲି ଊର୍ଦ୍ଧ୍ୱକୁ ଏକ ବୃହତ୍ ମଧ୍ୟରେ ଯାହା ରୂପହୀନ, ସୀମାହୀନ ଏବଂ ଯାହା ଏକ ନୂତନ ଜଗତର ବୀଜରାଜିରେ ସ୍ପନ୍ଦିତ ।''

('ଧ୍ୟାନ ଓ ପ୍ରାର୍ଥନା', ପୃଷ୍ଠା ୨୩୭) – ଶ୍ରୀମା

ସୁନିଲ-ଦା' ଶ୍ରୀମା'ଙ୍କର ନିର୍ଦ୍ଦେଶନାରେ ଦୁଇ, ତିନି ଥର ସଙ୍ଗୀତ ରଚନା କଲେ ସତ, କିନ୍ତୁ ସେ ନିଜେ ଏଥିରେ ସନ୍ତୋଷ ଲାଭ କରି ନଥିଲେ, ତଥାପି ଶ୍ରୀମା'ଙ୍କୁ ପ୍ରତି ଥର ଶୁଣାଇବାକୁ ଚାହିଁଲେ । ପ୍ରତି ଥର ସେ ଶ୍ରୀମା'ଙ୍କଠାରୁ ଅଧିକ ନିର୍ଦ୍ଦେଶନା ପାଇ ପରିଶେଷରେ ତାଙ୍କର ଅନ୍ତିମ ରଚନାରେ ଆତ୍ମସନ୍ତୁଷ୍ଟ ଲାଭ କଲେ । ଶ୍ରୀମା'ଙ୍କ ଅନୁମୋଦନ ପ୍ରାପ୍ତ ହୋଇ ୧୯୫୯ର ନବବର୍ଷରେ ସେହି ସଙ୍ଗୀତଟି ଶ୍ରୀମା'ଙ୍କ କକ୍ଷରୁ ଆଶ୍ରମର ପ୍ରାଙ୍ଗଣରେ ସମସ୍ତଙ୍କ ସକାଶେ ବଜା ଯାଇଥିଲା । ନବବର୍ଷରେ ବଜା ଯାଇଥିବା ସଙ୍ଗୀତଟି ଶୁଣି ଶ୍ରୀମା ସୁନିଲଙ୍କୁ ଏହି ମର୍ମରେ ଲେଖିଲେ :

''୧୯୫୮ର ନଭେମ୍ବର ମାସରେ ମୋର ଏକ ସୁସ୍ପଷ୍ଟ ଅଭିଜ୍ଞତା ହୋଇଥିଲା ଏବଂ ସେହି ଅଭିଜ୍ଞାତାକୁ ଆଧାର କରି ମୋର ଅର୍ଗାନ୍‌ରେ ସଙ୍ଗୀତ ରଚନା କରିବାକୁ (ନବବର୍ଷରେ ବଜାଇବା ନିମିତ୍ତ) ଚେଷ୍ଟା କରିଥିଲି, କିନ୍ତୁ ଏଥିରେ ମୁଁ ସନ୍ତୋଷଜନକ ଭାବରେ ସଫଳତା ଲାଭ କରି ନଥିଲି । କିନ୍ତୁ ନବବର୍ଷରେ ତୁମର ରଚିତ ସଙ୍ଗୀତଟି ଶ୍ରବଣ କରିବା ମାତ୍ରେ

ମୁଁ ପୁନର୍ବାର ମୋର ସେଇ ସମାନ ଅଭିଜ୍ଞତା ଲାଭ କଲି । ଏହା ଅତି ସନ୍ତୋଷଜନକ (This is perfect) ।''

ଏହି ସମାନ ସମୟରେ ଶ୍ରୀମା ସୁନିଲ-ଦା'ଙ୍କୁ କହିଥିଲେ ଯେ ଅର୍ଗାନ୍‌ରେ ବଜାଇଥିବା ତାଙ୍କର ଏକ ସଙ୍ଗୀତ (ଯାହାର ନାମ ଶ୍ରୀମା ଦେଇଥିଲେ : "Aspiration of the body for the Divine")କୁ ବିଭିନ୍ନ ବାଦ୍ୟଯନ୍ତ୍ର ସାହାଯ୍ୟରେ ନୂତନ କରି ରଚନା କରିବାକୁ । ପୂର୍ବବତ୍ ସୁନିଲ-ଦା' ବାରଂବାର ସଙ୍ଗୀତ ରଚନାପୂର୍ବକ ପ୍ରତି ଥର ଶ୍ରୀମା'ଙ୍କୁ ଶୁଣାଉ ଥିଲେ ଏବଂ ପରିଶେଷରେ ଶ୍ରୀମା'ଙ୍କର ସନ୍ତୋଷଜନକ ଅନୁମୋଦନ ଲାଭ କରିଥିଲେ । ସେଇ ସଙ୍ଗୀତର ନାମକରଣ ଶ୍ରୀମାହିଁ କରିଥିଲେ : "Aspiration of the body for the Divine, Part IV."

ଏହାପରେ ୧୯୬୫ରୁ ଶ୍ରୀମା ସୁନିଲ-ଦା'ଙ୍କ ଉପରେ ନବବର୍ଷ ସଙ୍ଗୀତ ରଚନା କରିବାର ଗୁରୁଦାୟିତ୍ୱ ଅର୍ପଣ କରିଥିଲେ । ପ୍ରତି ବର୍ଷ ନିଶ୍ଚିତ ରୂପେ ଶ୍ରୀମା ସୁନିଲଙ୍କୁ ତାଙ୍କ ଜନ୍ମଦିନରେ ଆଗାମୀ ବର୍ଷର ସଙ୍ଗୀତ ରଚନାର ବିଷୟବସ୍ତୁର ସମ୍ୟକ୍ ସୂଚନା ଦେଉଥିଲେ । କହିବା ବାହୁଲ୍ୟ ନୃତ୍ୟ ପରିବେଷଣର 'ମଙ୍ଗଳାଚରଣ' ସ୍ୱରୂପ ସୁନିଲ-ଦା' ପ୍ରତି ଥର ଶ୍ରୀମା'ଙ୍କର ଅର୍ଗାନ୍ ସଙ୍ଗୀତରୁ ନିଶ୍ଚିତ ରୂପେ ସ୍ୱନିର୍ବାଚିତ ଛୋଟ ଅଂଶଟିଏ ଉଦ୍ଧାର କରି ତାଙ୍କର ରଚନା ଆରମ୍ଭ କରୁଥିଲେ । ସୁନିଲ-ଦା'ଙ୍କର ଏହିସବୁ ସଙ୍ଗୀତ ଆଶ୍ରମ ଜୀବନଧାରାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବଜାୟ ରଖିଛି । ...

*

ଏବେ ସୁନିଲ-ଦା'ଙ୍କର ଆଶ୍ରମରେ ସ୍ଥାୟୀ ଭାବରେ ରହିଯିବାର ସେଇ ପ୍ରାରମ୍ଭକାଳରେ ଶ୍ରୀମା'ଙ୍କ ସହିତ ତାଙ୍କର କତିପୟ ଚିଠିପତ୍ର ଆଦାନ-ପ୍ରଦାନରୁ ନିମ୍ନରେ ଦୁଇଟି ଚିଠିର ଭାବାନୁବାଦ ଦେଉଛୁ :

ସୁନିଲ : ମା', ମୋର ତୁମକୁ ଏକ ପ୍ରଶ୍ନ ପଚାରିବାର ଅଛି । ସମ୍ପ୍ରତି ମୋର ଅନେକ ସମୟରେ ଏହି ଧରଣର ଅନୁଭବ ହୁଏ ଯେ ତୁମେହିଁ ମୋତେ ଏକ ସଙ୍ଗୀତକାର ହିସାବରେ ଗଢ଼ି ତୋଳିଛ – ଏହା କ'ଣ ସତ୍ୟ ?

ଶ୍ରୀମା : ଏହା ସତ୍ୟ ହୋଇପାରେ ।

ସୁନିଲ : ଯଦି ଏହା ସତ୍ୟ, ତେବେ ଏହା କ'ଣ ପୂର୍ବ ନିର୍ଦ୍ଦିଷ୍ଟ ?

ଶ୍ରୀମା : ଏକେବାରେ ନିରାଟ ସତ୍ୟ (Most Certainly) ।

*

ପୁନଶ୍ଚ ସୁନିଲ-ଦା' ଶ୍ରୀମା'ଙ୍କୁ ଲେଖିଥିବା ଅନ୍ୟ ଏକ ପତ୍ରର ଉତ୍ତରରେ ଶ୍ରୀମା ତାଙ୍କୁ ଏହି ମର୍ମରେ ଲେଖିଥିଲେ :

''ସମ୍ଭବତଃ ପୂର୍ବର କୌଣସି ଏକ ଜନ୍ମରେ ତୁମେ ମୋର ଜନ୍ମିତ ସନ୍ତାନ ଥିଲ । କିନ୍ତୁ ଏ ଜନ୍ମରେ ତୁମ ଭିତରେ ସ୍ୱତଃପ୍ରବୃତ୍ତ ଭାବରେ ପ୍ରବଳ ବେଗରେ ଉଦ୍ରେକ ହେଉଥିବା ଊର୍ଦ୍ଧ୍ୱାଭିମୁଖୀ ଆବେଗ ସହିତ ଏହାର କୌଣସି ସମ୍ବନ୍ଧ ନାହିଁ । ତୁମର ଅନ୍ତରାତ୍ମାହିଁ ତୁମର ସଙ୍ଗୀତ ସୃଜନରେ ପ୍ରେରଣା ଦେଉଛି । ମୁଁ ତୁମର ସଙ୍ଗୀତ ବିଷୟରେ ତୁମକୁ କିଛି କହୁଥିବା ବେଳେ ତୁମର ଅନ୍ତରାତ୍ମା ସହିତ ସଚେତନ କରାଇ ଦେଇଥାଏ । ଏବଂ ଏହା ଦ୍ୱାରା ତୁମେ ତୁମର ଅନ୍ତରାତ୍ମା ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଥାଅ ଏବଂ ସ୍ୱାଭାବିକ ଭାବେ ମୋ ସହିତ ମଧ୍ୟ, କାରଣ ମୁଁ ତୁମ ସତ୍ତାର ଅନ୍ତଃସ୍ଥଳରେ ସର୍ବଦା ବିରାଜିତ ଥାଏ ।

''ଏହି ଚେତନାର ତୀବ୍ରତାହିଁ ତୁମ ମଧ୍ୟରେ ଆବେଗଭରା ଲୋତକ ଝରାଇ ଥାଏ; ଏହି ଲୋତକ ହେଉଛି ତୁମ ଚୈତ୍ୟ-ପୁରୁଷଙ୍କର, ଯିଏକି ସତ୍ତାର ଯାବତୀୟ ବାଧା-ବିପତ୍ତିକୁ ଅନ୍ତର୍ହିତ କରାଇ ଦେଇଥାଏ ।''

*

ପରିଶେଷରେ ସୁନିଲ-ଦା'ଙ୍କର ଏକ ପତ୍ର ଉଦ୍ଧାର କରି ଏହି ଅଧ୍ୟାୟଟି ଶେଷ କରିବୁ । ଘଟଣାଟି ଘଟିଥିଲା ଏହିପରି – ୧୯୬୦ ଦଶକର ମଧ୍ୟଭାଗରେ ଦିଲ୍ଲୀରେ ଥିବା 'ଇଣ୍ଡିଆନ୍ ଏକାଡ଼େମୀ ଅଫ୍ ମ୍ୟୁଜିକ୍' ସଂସ୍ଥା ସୁନିଲ-ଦା'ଙ୍କର କିଛି ସଙ୍ଗୀତ ଚାହିଁଥିଲେ ଏବଂ ଏହି ମର୍ମରେ ତାଙ୍କୁ ପ୍ରଶ୍ନ ପଚାରିଥିଲେ ଯେ ଅଭିନବ ଧାରାରେ ତାଙ୍କର ସଙ୍ଗୀତ ରଚନା ପ୍ରତି ସେ କିପରି ଉନ୍ମୁକ୍ତ ହୋଇ ଉଠିଥିଲେ ।

ସୁନିଲ-ଦା' ତାଙ୍କ ସଙ୍ଗୀତ ସମ୍ବନ୍ଧରେ ଏକ ଭୂମିକା ଲେଖି ଏବଂ ନିଜ କଣ୍ଠରେ ସେଇଟିକୁ ରେକର୍ଡ଼ କରି ଦିଲ୍ଲୀରେ ଥିବା ଉପରୋକ୍ତ ସଂସ୍ଥାକୁ ପଠାଇଥିଲେ । ସୁନିଲ-ଦା'ଙ୍କର ଲିଖିତ ପତ୍ରଟି ଏହିପରି ଥିଲା –

''ଆଜିକୁ ପ୍ରାୟ କୋଡ଼ିଏ ବର୍ଷ ପୂର୍ବରୁ ମୁଁ ପ୍ରଥମେ ଶ୍ରୀମା'ଙ୍କୁ ତାଙ୍କ ଅର୍ଗାନ୍ ସାମନାରେ ବସି ଅକଳ୍ପିତ ଭାବରେ ଆଶୁ ସଙ୍ଗୀତ ବଜାଇବାର ଦେଖିଲି । ପ୍ରଥମେ ତାଙ୍କ ସୃଷ୍ଟ

ସଙ୍ଗୀତ ମୋତେ ବିସ୍ମୟକର ବୋଧ ହେଲା । ଏହା ଭାରତୀୟ ନଥିଲା କି ପାଶ୍ଚାତ୍ୟର ବି ନଥିଲା; କିଂବା ମୁଁ ଏପରି କହିବି କି ଯେ ଏହା ଥିଲା ଦୁଇଟିର ଅପୂର୍ବ ସମ୍ମିଶ୍ରଣ ? ସେ ବଜାଉଥିବା ସଙ୍ଗୀତର ମୌଳିକ ସୁର ଥିଲା 'ଭୈରବ ରାଗ' । ପ୍ରାରମ୍ଭରେ ସୁବିନ୍ୟସ୍ତ ସୁମଧୁର ସ୍ୱରଲିପିରେ ଆଧାରିତ ଥିଲା ତାଙ୍କ ସଙ୍ଗୀତର ତାନ । ତା'ପରେ ହଠାତ୍ ସୁଗଭୀର ନିମ୍ନସ୍ତରରୁ ତୀବ୍ର ଭାବରେ ରାଶି ରାଶି ସ୍ୱରମାଳା ଗୋଟିଏ ପରେ ଗୋଟିଏ ସ୍ତୂପାକାରରେ ଉତ୍ତାଳ ତରଙ୍ଗ ପରି ପ୍ରବାହିତ ହୋଇ ଆଶ୍ଚର୍ଯ୍ୟଜନକ ଭାବରେ ଦୀପ୍ତିମାନ ହୋଇ ଉଠିବା ପର୍ଯ୍ୟନ୍ତ ଅପରୂପ ଶବ୍ଦ ଧ୍ୱନିରେ ବିସ୍ତାରିତ ହୋଇ ଉଠିଲା ଏବଂ ଏହି ସଙ୍ଗୀତର ତାନ ମୋ ମଧରେ ସଞ୍ଚାର କଲା ଏକ ଅପୂର୍ବ ଅନୁଭୂତି ।

''ଏହିପରି ଭାବରେ ଶ୍ରୀମା ମୋ ସମ୍ମୁଖରେ ସଙ୍ଗୀତର ଅଲୌକିକ ଜଗତର ଦ୍ୱାର ଉନ୍ମୋଚନ କରି ଦେଲେ; ଯେଉଁଠି ବହୁ ଧ୍ୱନିର ମିଳିତ ମୂର୍ଚ୍ଛନାର ଆକସ୍ମିକ ମିଶ୍ରଣ ଘଟି ବିସ୍ତାରିତ, ତୀବ୍ର ଏବଂ ଅସୀମ ଭାବରେ ଅଧିକ ପ୍ରଭାବାନ୍ୱିତ ଉଚ୍ଚମାନର ସ୍ୱର ମାଧୁର୍ଯ୍ୟ ସୃଷ୍ଟ ହେଉଥିଲା । ଶ୍ରୀମା'ଙ୍କ ସଙ୍ଗୀତରୁ ମୁଁ ମୋର ସଙ୍ଗୀତ ରଚନାର ମୌଳିକ ପ୍ରଚେଷ୍ଟା କରିଛି ମାତ୍ର ।

''ମୋର ସଙ୍ଗୀତ ହେଉଛି ଭଗବାନଙ୍କ ପ୍ରତି ମୋ ଆତ୍ମସ୍ପୃହାର ଆନ୍ତରିକ ଉଦ୍ୟମ ଏବଂ ଏହାରି ମାଧମରେ ମୁଁ ମୋର ଆନ୍ତର ଅନୁଭୂତିର ଶବ୍ଦ-ଧ୍ୱନି ତରଙ୍ଗ ସମ୍ବନ୍ଧେ ଅବଗତ ହୋଇଛି ମାତ୍ର ।

''ଶ୍ରୀମା'ଙ୍କର ଦିବ୍ୟ ସାନ୍ନିଧ୍ୟରେହିଁ ମୋର ଅବିରତ କୃତଜ୍ଞତାଭରା ମନନ-ଚିନ୍ତନ । ଶ୍ରୀମା ହେଉଛନ୍ତି ମୋର ପଥପ୍ରଦର୍ଶକ, ଗୁରୁ, ଉପଦେଷ୍ଟା ଓ ଜନନୀ । ଦିନେ, ଏକ ଦେବ-ମୁହୂର୍ତ୍ତରେ ତାଙ୍କରି ଦିବ୍ୟ-ଜ୍ୟୋତିଃହିଁ ମୋ ହୃଦ୍‌କେନ୍ଦ୍ରରେ ଉଚ୍ଛ୍ୱସିତ ସ୍ଫୁରଣ ଘଟାଇଲା; ଏବଂ ତାଙ୍କର ଦିବ୍ୟ-ଜ୍ୟୋତିଃହିଁ ସେହି ସ୍ଫୁରଣର ଦୀପ୍ତିକୁ ଅକ୍ଷୁଣ୍ଣ ଭାବରେ ଜୀବନ୍ତ ରଖି ମୋତେ ତୀବ୍ର ଉତ୍ସାହିତ କରି ରଖିଛି; ତାଙ୍କରି ଦିବ୍ୟ-ଜ୍ୟୋତିଃକୁହିଁ ମୁଁ ମୋର ସଙ୍ଗୀତ ରଚନାରେ ଅନ୍ୱେଷଣ କରି ଚାଲିଛି । ମୋର ସୃଜିତ ସଙ୍ଗୀତ ଶ୍ରବଣରେ ଯଦି କୌଣସି ଜୀବାତ୍ମା କିଛି ମାତ୍ରାରେ ଆତ୍ମତୃପ୍ତି ଲାଭ କରନ୍ତି, ଏହି ସଙ୍ଗୀତ ଯଦି କିଛି ମାତ୍ରାରେ ଆନନ୍ଦୋଲ୍ଲାସ ଆଣି ଦେଉଥାଏ କିଂବା କିଛି ଗଭୀର ବାର୍ତ୍ତାକୁ ହୃଦୟଙ୍ଗମ କରି ପାରିବାରେ ସାହାଯ୍ୟ କରୁଥାଏ, ତେବେ ମୁଁ ମୋର ଅନୁସନ୍ଧିତ୍ସାରେ ଉପନୀତ ହୋଇ ପାରିଛି ବୋଲି ଭାବିବି; ଯେଉଁ ସ୍ଥିତିରେ ସଦା ଅବଗାହନ କରିପାରିବା ସକାଶେ ଶ୍ରୀମା ମୋ ଉପରେ ତାଙ୍କର ବିଶ୍ୱାସ-ଭରସା ନ୍ୟସ୍ତ କରିଛନ୍ତି । ...''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଆମ ସ୍କୁଲ ଗୋଟିଏ ଭଲ ସ୍କୁଲ କି ?

## ପ୍ରସାଦ ତ୍ରିପାଠୀ

ଭାଇ, ଗୋଟିଏ ବଡ଼ ସମସ୍ୟା । ଆମ ସ୍କୁଲ NOC ପାଇ ନଥିବା ଯୋଗୁଁ ଆମ ପିଲାମାନେ ନବୋଦୟରେ ନାମ ଲେଖାଇ ପାରୁ ନାହାନ୍ତି । ତାଙ୍କ ଦରଖାସ୍ତ ଫେରସ୍ତ ଆସୁଛି । DEOଙ୍କୁ କହିବାରୁ ସେ କହୁଛନ୍ତି ଆପଣଙ୍କର NOC ପାଇବା ପାଇଁ DPI (Elementary)ଙ୍କୁ ପଠାଯାଇଛି । ତେଣୁ ଆମେ କିଛି କରିପାରିବୁ ନାହିଁ । କ'ଣ କରିବା ଭାଇ ? ବଡ଼ ଅସୁବିଧା ହୋଇଯିବ ।

ମୁଁ ପଚାରିଲି ଆପଣ ପ୍ରକୃତରେ କ'ଣ ପାଇଁ ବ୍ୟସ୍ତ ? NOC ପାଇଁ ନା NOC ପାଇ ନଥିବା ପିଲାମାନେ ନବୋଦୟକୁ ଯାଇ ପାରି ନଥିବା ଯୋଗୁଁ ? ଧରାଯାଉ ବିନା NOCରେ ସେମାନେ ପିଲାମାନଙ୍କୁ ନବୋଦୟକୁ ବାଛି ନେବେ, ଆପଣ ସନ୍ତୁଷ୍ଟ କି ? NOC ପରେ ମିଳିବ । ମାତ୍ର ନବୋଦୟରେ ନାମ ଲେଖାଇ ପାରିବେ ।

– ହଁ, ହଁ, ଭାଇ ତା'ହେଲେ ଚଳିବ । ପିଲାଟା ନବୋଦୟରେ ସିଟ୍ ପାଇଗଲେ କେଡ଼େ ବଡ଼ କଥା ହେବ ।

ମୁଁ ବୁଝି ପାରିଲି ନାହିଁ, କ'ଣ ବଡ଼ କଥା ହେବ ?

ପଚାରିଲି, ଭାଇ, ଆମ ପିଲାଟା ନବୋଦୟ ବିଦ୍ୟାଳୟରେ ସ୍ଥାନ ପାଇଲେ ତାହା ଆମ ପାଇଁ ଗୌରବର କଥା କିପରି ହେବ ? ମୋ ପାଟିରୁ କଥା ଛଡ଼ାଇ ନେଇ କହିଲେ, ହେବନି ? ଆମ ସ୍କୁଲ ଏକ ଅତ୍ୟନ୍ତ ଉଚ୍ଚକୋଟୀର, ଉଚ୍ଚମାନର ଭଲ ସ୍କୁଲ ବୋଲି ପ୍ରମାଣିତ ହେବ । ଭିନ୍ନ ଭିନ୍ନ ସ୍କୁଲରୁ ଭଲ ଭଲ ପିଲାମାନେ ସେଠାରେ ନାମ ଲେଖାନ୍ତି । ସେ ସ୍କୁଲର ମାନ ସେତିକି ଉଚ୍ଚ ବୋଲି ତା'ର ପିଲାମାନେ ସେଠାରେ ପଢ଼ିବାକୁ ସିଟ୍ ପାଆନ୍ତି । ସେଇଟା ଆମ ସ୍କୁଲର ମାନ ନିର୍ଦ୍ଧାରଣ କରିବ । ଅନ୍ତତଃ ଆମର ଯେ ଗୋଟିଏ ଭଲ ସ୍କୁଲ ତାହା ପ୍ରମାଣିତ ହେବ ।

ମୁଁ କହିଲି ଭାଇ, ପ୍ରଥମ କଥା ହେଲା ଆପଣଙ୍କ ସ୍କୁଲ ଭଲ ହୋଇଥିଲେ ଆପଣଙ୍କ ସ୍କୁଲ ଛାଡ଼ି ସେ ନବୋଦୟ କାହିଁକି ଯାଇଥା'ନ୍ତା । ବରଂ ନବୋଦୟରୁ ପିଲା ଆସି ଆପଣଙ୍କ ସ୍କୁଲରେ ନାମ ଲେଖାନ୍ତେ । ଦ୍ୱିତୀୟରେ, ପିଲା ଏକ ଉନ୍ନତ ମାନର ସ୍କୁଲକୁ ଯିବାରେ ଆପଣଙ୍କ ସ୍କୁଲ ଭଲ ପ୍ରମାଣିତ ହେଲା ନା କୌଣସି କାରଣରୁ ସେ ସ୍କୁଲ ପ୍ରତି ଅସନ୍ତୁଷ୍ଟ ହୋଇ ଅନ୍ୟ କୌଣସି ସ୍କୁଲକୁ ଯିବା ପାଇଁ ଆଗ୍ରହ ପ୍ରକାଶ କଲା ।

ତା' ବ୍ୟତୀତ ଅନ୍ୟ ପ୍ରତିଷ୍ଠିତ ସ୍କୁଲମାନଙ୍କ ପାଇଁ ପିଲା ସୃଷ୍ଟି କରିବା କ'ଣ ଆମ ସ୍କୁଲର ଲକ୍ଷ୍ୟ କି ? ଆମେ କେଉଁ ଲକ୍ଷ୍ୟ, କେଉଁ ଉଦ୍ଦେଶ୍ୟରେ ସ୍କୁଲ କରିଛୁ ତା' କ'ଣ ଭୁଲି ଗଲୁଣି । ମା' କହିଲେ –

"We are here to do what the others *cannot do* because they do not have the idea that it can be done."

(CWM, Vol. 12, P. 113)

ଅର୍ଥାତ୍, ''ଆମେ ଏଠାରେ ଯାହା କରିବାକୁ ଅଛୁ ତାହା ଅନ୍ୟମାନେ କରି ପାରିବେ ନାହିଁ କାରଣ ଏପରି କାର୍ଯ୍ୟ ହୋଇପାରେ ବୋଲି ତାଙ୍କର ଧାରଣା ନାହିଁ ।''

ମାତ୍ର ଆମେ ଆମର ସେଇ ଗୌରବ ଛାଡ଼ି ଦେଇ ଅନ୍ୟ ସ୍କୁଲମାନଙ୍କର ଆଦର୍ଶ ଏବଂ ଲକ୍ଷ୍ୟ ସାଙ୍ଗରେ ତାଳ ଦେଇ ଚାଲିଛୁ । ଆମେ ମନେ ରଖିବା ଆମ ସ୍କୁଲରେ ଆମେ ଏପରି କିଛି ଦେବା ପାଇଁ ଉଦ୍ୟମ କରୁଛୁ ଯାହା ଅନ୍ୟଠାରେ ମିଳିବ ନାହିଁ । ଆମେ ସତ୍ୟ ସହିତ ଯୁକ୍ତ ହୋଇ ପିଲାଙ୍କୁ ପ୍ରସ୍ତୁତ କରିବା । ଅନ୍ୟମାନେ, ମା'ଙ୍କ ଭାଷାରେ Carrer, Success, Money ପାଇଁ ପାଠ ପଢ଼ୁଛନ୍ତି । ମାତ୍ର ଆମେ ସେ ସବୁଥିରୁ ପିଲାକୁ ସମ୍ପୂର୍ଣ୍ଣ ଦୂରରେ ରଖିବା । ଆମର ମସ୍ତିଷ୍କ ଅପେକ୍ଷା ହୃଦୟ ଅଧିକ ଶିକ୍ଷାର ଦାୟିତ୍ୱରେ ରହିବ । ଅନ୍ୟମାନେ ମସ୍ତିଷ୍କକୁ ଶିକ୍ଷାର ଆଧାର କରି ଉପରୋକ୍ତ ତିନୋଟି କଥାରେ ମାତିଛନ୍ତି, ମାତ୍ର ଆମ ପିଲାମାନେ ତା' ସହିତ ହୃଦୟକୁ ମିଶାଇବେ । ହୃଦୟରେ ମା' ଅଛନ୍ତି । ତା' ବିଶ୍ୱାସ କରିବେ । ତାଙ୍କୁ ନିଜ ହୃଦୟରେ ଭଲ ପାଇବା ମାଧ୍ୟମରେ ଅନୁଭବ କରିବେ । ତାହାହିଁ ଆମର ସ୍ୱାତନ୍ତ୍ର୍ୟ । ଯେଉଁ କାର୍ଯ୍ୟ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ କରିବାକୁ ଆସିଛନ୍ତି, ଆମର ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ସେଥିରୁ ତିଳେ ମାତ୍ର ଊଣା ନୁହେଁ । ଆପଣ ଏତେ ବଡ଼ ଏକ ଲକ୍ଷ୍ୟରେ ଅନୁଷ୍ଠାନଟିଏ କରି ଏଇ ସାଧାରଣ କାରଣ ପାଇଁ ବ୍ୟସ୍ତ କାହିଁକି ହେଉଛନ୍ତି ?

ସ୍ୱାଭାବିକ ଭାବରେ ସମସ୍ତେ ଯେପରି କହିଥା'ନ୍ତି ସେ କହି ଉଠିଲେ, ତା' ନହେଲେ ଭଲ ପିଲାସବୁ ସ୍କୁଲରୁ ଚାଲିଯିବେ । ଅଭିଭାବକମାନେ ଅସନ୍ତୁଷ୍ଟ ହେବେ ଏବଂ ଆମର ସ୍କୁଲରେ କେହି ବି ଭଲ ପିଲା ରହିବେ ନାହିଁ ।

ମୁଁ ପୁଣି ପଚାରିଲି, ଆପଣ କାହାକୁ ଭଲ ପିଲା କହୁଛନ୍ତି ? ଶ୍ରେଣୀରେ ଖୁବ୍ ଭଲ ପାଠ ପଢୁଥିବା କିଂବା ଗୋଟିଏ ଖୁବ୍ ସାହସୀ ପିଲା । ସବୁଥିରେ ଭଲ ନମ୍ବର ରଖୁଥିବା ନା ସତ୍ୟବାଦୀ । ଅନ୍ୟକୁ ଭଲ ପାଉଥିବା, ସାହାଯ୍ୟ କରୁଥିବା, ନିଃସ୍ୱାର୍ଥପର ପ୍ରଭୃତି ଗୁଣ ଥିବା ଗୋଟିଏ ପିଲା ନା ଶ୍ରେଣୀରେ କେବଳ ଭଲ ପାଠ ପଢୁଥିବା ପିଲା ମଧ୍ୟରୁ କାହାକୁ ଆପଣ ଭଲ ପିଲା କହିବେ ।

ଭାଇ ନିରୁତ୍ତର ରହିଲେ । ମୁଁ କହିଲି NOC ପାଇବା ପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ସରକାର ଯାହା ଯାହା ଦରକାର କହିଛନ୍ତି, ସେ ସବୁ ପୂରଣ କରି ଦରଖାସ୍ତ ଯଦି କରିଛନ୍ତି, ତେବେ ଅପେକ୍ଷା ରଖନ୍ତୁ NOC ମିଳିଯିବ । ମାତ୍ର ନବୋଦୟରେ ପିଲା ସିଟ୍ ପାଇବା ପାଇଁ ଯଦି ବ୍ୟସ୍ତ ହେଉଥା'ନ୍ତି, ତେବେ ଏହା ପୂର୍ଣ୍ଣାଙ୍ଗ ଶିକ୍ଷାର ପରିଚୟ ବୋଲି ମୁଁ ଅନୁଭବ କରୁ ନାହିଁ ।

ଭାଇ ବୁଝିଲେ କି ନାହିଁ ମୁଁ ଜାଣି ପାରିଲି ନାହିଁ, ମାତ୍ର ସନ୍ତୁଷ୍ଟ ହୋଇଗଲା ଭଳି ମନେ ହେଲା ।

ମାତ୍ର ତା'ର କିଛି ଦିନ ପରେ ଗୋଟିଏ ସ୍କୁଲରେ ଦେଖିଲି ସ୍କୁଲ ଆଗରେ ଫ୍ଲେକ୍ସ ବ୍ୟାନରରେ ସ୍କୁଲରୁ ଭଲ ନମ୍ବର ରଖି ନବୋଦୟ, ସୈନିକ ସ୍କୁଲ, ଅନ୍ୟାନ୍ୟ ପ୍ରତିଷ୍ଠିତ ସ୍କୁଲମାନଙ୍କୁ ଚାଲି ଯାଉଥିବା ପିଲାମାଙ୍କର ଫଟୋ ସହିତ ପାଉଥିବା ସ୍କୁଲର ନାମ ଲେଖା ଯାଇଛି ।

ପଚାରିବାରୁ ଜାଣି ହେଲା – ତାହା ମଧ୍ୟ ଏକ ଭଲ ଶିକ୍ଷାକେନ୍ଦ୍ରର ପ୍ରମାଣ ବୋଲି ସେପରି କରାଯାଇଛି । ଯଦି ସେମାନେ ଭଲପିଲା, ତେବେ ଭଲ ପିଲାମାନେ ଆମ ଶିକ୍ଷାକେନ୍ଦ୍ର ଛାଡ଼ି ଚାଲି ଯାଉଥିବା କିପରି ଆମର ଶିକ୍ଷାକେନ୍ଦ୍ରକୁ ଏକ ଭଲ ଶିକ୍ଷାକେନ୍ଦ୍ର ବୋଲି ପ୍ରମାଣ କରୁଛି, ମୁଁ ଆଦୌ ବୁଝି ପାରିଲି ନାହିଁ ।

ଭାଇଭଉଣୀମାନେ, ପୂର୍ଣ୍ଣାଙ୍ଗ ଶିକ୍ଷା ଓଡ଼ିଶାରେ ଆରମ୍ଭ ହେବାର ପଚାଶ ବର୍ଷ ପୂର୍ତ୍ତି ହେବାକୁ ଯାଉଛି । ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛୁ ।* ପଚାଶ ବର୍ଷ ଭିତରେ ଆମେ ଅଧିକ ଶକ୍ତ ହୋଇଥିବା ନା ପୁରାତନ ଧାରାକୁ ଅଧିକରୁ ଅଧିକ ଜାବୁଡ଼ି ଧରିବା ?

ଦୟାକରି ବୁଝିବାକୁ ଚେଷ୍ଟା କରନ୍ତୁ । ସାଧାରଣ ଶିକ୍ଷାକେନ୍ଦ୍ର + ମା = ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଆଉ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର – ମା = ସାଧାରଣ ଶିକ୍ଷାକେନ୍ଦ୍ର । ଏଠାରେ ମା' କେବଳ ଫଟୋରେ ନୁହେଁ, ଜାଗ୍ରତ୍ ଭାବରେ ଆମର କାମରେ, ଅଧ୍ୟୟନରେ, ଅଧ୍ୟାପନାରେ, ଆଚରଣରେ, ବ୍ୟବହାରରେ, ଚିନ୍ତାରେ, ବ୍ୟବସ୍ଥାପନାରେ ସର୍ବୋପରି ପରିଚାଳନାରେ ଅଛନ୍ତି । ସବୁଠାରେ ମା' ଜାଗ୍ରତ୍ ଭାବରେ ରହିଥିବେ ।

ଏଥର ନିଜକୁ ପରୀକ୍ଷା କରି ନିଅନ୍ତୁ । ଆମେ କେଉଁ ଶିକ୍ଷାକେନ୍ଦ୍ର କରିଛୁ – ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନା ଅନ୍ୟାନ୍ୟ ଶିକ୍ଷାକେନ୍ଦ୍ର ।

ତଥାପି ସମୟ ଅଛି । ସଙ୍କଳ୍ପ କରି ଯେତେ କଷ୍ଟ ହେଉ ପଛେ ମା'ଙ୍କୁ ସମ୍ପୂର୍ଣ୍ଣ ଭାବରେ, ଜାଗ୍ରତ୍ ଭାବରେ କାର୍ଯ୍ୟରେ ସାମିଲ କରିବା । ମା'ଙ୍କୁ ଯୁକ୍ତ କଲେ ଆମ ଶିକ୍ଷାକେନ୍ଦ୍ରର ମହକ ବଦଳି ଯିବ – ପରିଚୟ ବଦଳି ଯିବ ।

('ଏବେ ବି ମନେପଡ଼େ', ଚତୁର୍ଥ ଭାଗ,
ପୃଷ୍ଠା : ୧୬୩ -୧୬୫) ❑

---

* ପ୍ରବନ୍ଧଟିର ରଚନାକାଳ ଜାନୁଆରୀ - ୨୦୧୯

ଆମେ ଏଠାରେ ନାହୁଁ ଅନ୍ୟଠାରେ ଯାହା ହୋଇଛି ସେଇଆକୁ ପୁଣି ଥରେ ଆରମ୍ଭ କରିବାକୁ, କ୍ରମାଗତତା ରକ୍ଷା କରିବାକୁ ଓ ସ୍ଥାୟୀ କରିବାକୁ ।

– ଶ୍ରୀମା

କାହାଣୀ :

# ଯୋଗାଯୋଗ

## ମନୋଜ ଦାସ

ଅନେକ ଦିନ ତଳର କଥା । ଜଣେ ରାଜା ଥିଲେ, ଯିଏକି ଅଧିକାଂଶ ସମୟ ଶିକାର, ପଶାଖେଳ ବା ମିତ୍ରମାନଙ୍କ ସହ ମଜାଗପ କରିବାରେ ବିତାଉଥିଲେ । ତାଙ୍କ ସୌଭାଗ୍ୟ, ସେ ପାଇଗଲେ ଜଣେ ଅତ୍ୟନ୍ତ ସାଧୁ, ବୁଦ୍ଧିମାନ୍ ତଥା ସୁଶାସକ ମନ୍ତ୍ରୀ । ରାଜାଙ୍କ ଅଧିକାଂଶ କର୍ମଚାରୀ ଦୁର୍ନୀତିରେ ଅଭ୍ୟସ୍ତ ଥିଲେ । କିନ୍ତୁ ଏ ମନ୍ତ୍ରୀ ଜଣକ ଆସିବା ପରେ କ୍ରମେ କ୍ରମେ ଶାସନକଳରୁ ଦୁର୍ନୀତି ପ୍ରାୟ ଶେଷ ହୋଇ ଆସିଲା ବୋଲି କୁହାଯାଇପାରେ । କୌଣସି କର୍ମଚାରୀ ଅସାଧୁ ହୋଇଥିବାର ପ୍ରମାଣ ମିଳିବା ମାତ୍ରେ ମନ୍ତ୍ରୀ ତାକୁ କର୍ମଚ୍ୟୁତ କରୁଥିଲେ । କେହି ଅନ୍ୟାୟ କରୁଥିବାର ଜାଣିଲେ ମନ୍ତ୍ରୀ ତାହାଠାରୁ କ୍ଷମତା କାଢ଼ି ନେଉଥିଲେ ।

ଫଳରେ ପ୍ରଜାମାନେ ମନ୍ତ୍ରୀଙ୍କ ପ୍ରତି ଗଭୀର ଶ୍ରଦ୍ଧା ପୋଷଣ କରିବାକୁ ଆରମ୍ଭ କଲେ । ସେ ହୋଇ ଉଠିଲେ ଅତ୍ୟନ୍ତ ଜନପ୍ରିୟ ।

କିନ୍ତୁ ସେ ସେତିକି ମାତ୍ରାରେ କର୍ମଚାରୀମାନଙ୍କ ପାଖରେ ହେଲେ ଅପ୍ରିୟ । କେମିତି ସେମାନେ ମନ୍ତ୍ରୀଙ୍କୁ ଅପସାରିତ କରିବେ, ସେହି ଚିନ୍ତାରେ ନାନାଦି ଷଡ଼୍‌ଯନ୍ତ୍ରର ଯୋଜନା କରି ଦିନାତିପାତ କରୁଥା'ନ୍ତି ।

ସେମାନଙ୍କୁ ମିଳିଥିଲା ଗୋଟାଏ ସୁଯୋଗ । ରାଜ୍ୟ ଅନ୍ତର୍ଭୁକ୍ତ ଗୋଟିଏ ଦୂର ମୁଲକରେ କିଛି ବିଭ୍ରାଟ ଦେଖାଗଲା । ଦୁଇ ଧର୍ମମତାବଲମ୍ବୀ ଲୋକଙ୍କ ଭିତରେ ବାରଂବାର ସଂଘର୍ଷ ହେଲା । ସ୍ଥାନୀୟ ଶାସକମାନେ ଅବସ୍ଥା ଆୟତ୍ତକୁ ଆଣି ପାରିଲେ ନାହିଁ । ରାଜାଙ୍କ ନିର୍ଦ୍ଦେଶରେ ମନ୍ତ୍ରୀ ସେଠାକୁ ଗଲେ ।

ସେ ରାଜଧାନୀରୁ ଚାଲିଯିବା ମାତ୍ରେ ଅସାଧୁ କର୍ମଚାରୀମାନେ ରାଜାଙ୍କ ମିତ୍ରମାନଙ୍କୁ ହାତ କରି ଏମନ୍ତ ଏକ ଚକ୍ରାନ୍ତ କଲେ, ଯାହା ଫଳରେ ରାଜାଙ୍କ ଧାରଣା ହେବ ମନ୍ତ୍ରୀ ନିଜ ଜନପ୍ରିୟତାର ସୁଯୋଗ ନେଇ ତାଙ୍କୁ ସିଂହାସନଚ୍ୟୁତ କରିବାକୁ ମନସ୍ଥ କରୁଛନ୍ତି । ମନ୍ତ୍ରୀ ଦୂର ମୁଲକରେ ତିନି ମାସ ରହି ନିଜର ଧୈର୍ଯ୍ୟ, ବୁଦ୍ଧି ଏବଂ ସର୍ବୋପରି ସଦିଚ୍ଛା ଦ୍ୱାରା ସେଠାକାର ବିବାଦଲିପ୍ତ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଶାନ୍ତି ଫେରାଇ ଆଣିଲେ ଓ ହୃଷ୍ଟ ଚିତ୍ତରେ ରାଜଧାନୀକୁ ଫେରିଲେ ।

କିନ୍ତୁ ଇଏ କ'ଣ ? ସେ ରାଜାଙ୍କୁ ଭେଟିବାର ସୁଯୋଗ ମଧ୍ୟ ପାଇଲେ ନାହିଁ । ରାଜଧାନୀରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ବନ୍ଦୀ କରି କାରାଗାରର ଗୋଟାଏ କକ୍ଷ ଭିତରେ ନିକ୍ଷେପ କରାଗଲା ।

ମନ୍ତ୍ରୀ ଯତ୍ପରୋନାସ୍ତି ଆଶ୍ଚର୍ଯ୍ୟ ହେଲେ, କିନ୍ତୁ କରଯୋଡ଼ କରି କହିଲେ, ''ହେ ଭଗବାନ୍, ତୁମ ଇଚ୍ଛା ପୂର୍ଣ୍ଣ ହେଉ ।''

ବିନା କ୍ଷୋଭରେ ସେ କାରାଗାରରେ କାଳଯାପନ କଲେ । ତାଙ୍କ ପରିବାର ରାଜାଙ୍କ ପାଖକୁ ଯେତେ ଆବେଦନ ନିବେଦନ ପଠାଇଲେ ମଧ୍ୟ ରାଜା କିଛି ଶୁଣିଲେ ନାହିଁ ।

ଦିନ ବିତି ଯାଉଥାଏ । ମାସ ପରେ ମାସ, ବର୍ଷ ପରେ ବର୍ଷ । ହଠାତ୍ ଦିନେ ରାଜାଙ୍କର ମନେ ପଡ଼ିଲା, ତାଙ୍କ ବାପା ମଧ୍ୟେ ମଧ୍ୟେ ଛଦ୍ମବେଶ ପକାଇ ରାଜ୍ୟଯାକ ବୁଲି ଲୋକଙ୍କ ଅବସ୍ଥା ଦେଖୁଥିଲେ, ସେମାନଙ୍କ କଥାବାର୍ତ୍ତା ଶୁଣୁଥିଲେ । ରାଜ୍ୟଯାକ ନହେଲେ ମଧ୍ୟ ଥରେ ଅନ୍ତତଃ ରାଜଧାନୀ ଭିତରେ ବୁଲି ଆସିଲେ ମନ୍ଦ ହୁଅନ୍ତା ନାହିଁ ।

ରାଜା ଗୋଟିଏ ସନ୍ନ୍ୟାସୀ ବେଶ ପକାଇ ନଅରର ଗୋପନ ଦ୍ୱାର ଦେଇ ରାଜପଥକୁ ବାହାରି ଗଲେ । ଯାଉ ଯାଉ ସେ ଦେଖିଲେ ଗୋଟାଏ ଘର ଆଗରେ ଅନେକ ଲୋକ ଜମା ହୋଇଛନ୍ତି । ସେମାନଙ୍କ କଥାବାର୍ତ୍ତାରେ ଆନନ୍ଦ ଏବଂ ଉତ୍କଣ୍ଠା ମିଶି ରହିଛି । ରାଜାଙ୍କର ମନେ ପଡ଼ିଲା, ସେ ଘରଟି ଖୋଦ୍ ମନ୍ତ୍ରୀଙ୍କର । ମନ୍ତ୍ରୀ ତ କାରାଗାରରେ, ଏମାନେ ଏଠାରେ କାହାକୁ ଖୋଜୁଛନ୍ତି ନା କ'ଣ ଅନୁସନ୍ଧାନ କରୁଛନ୍ତି ?

ଛଦ୍ମବେଶୀ ରାଜା ଯାଇ ଜନତା ସହିତ ସାମିଲ ହେଲେ । ଲୋକଙ୍କ କଥାବାର୍ତ୍ତାରୁ ସେ ବୁଝିଲେ, ସେମାନଙ୍କ ଧାରଣା ମନ୍ତ୍ରୀ ଆଜି କାରାଗାରରୁ ମୁକୁଳି ନିଜ ଘରକୁ ଫେରିବେ ।

ଜଣେ କହୁଥାଏ, ''ମନ୍ତ୍ରୀ ଯେ ନିର୍ଦ୍ଦୋଷ, ଏତକ ବୁଝିବାକୁ ରାଜାଙ୍କୁ ଯାହା ସାତବର୍ଷ ଲାଗିଗଲା !'' ଆଉ ଜଣେ ଟିପ୍ପଣୀ ଦେଲା, ''ଆରେ ଭାଇ, ଅବଶେଷରେ ରାଜା ବୁଝିଲେ, ସେତିକି କ'ଣ ଯଥେଷ୍ଟ ଆଶାର କଥା ନୁହେଁ ? ଯେଉଁ ପ୍ରକାର ଖରାପ ଲୋକଙ୍କ ବେଷ୍ଟନୀରେ ସେ ରହିଛନ୍ତି, ସାରା ଜୀବନ

ସେ ସତ୍ୟଠୁଁ ଦୂରେଇ ରହିଲେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।''

''ଆଚ୍ଛା, ମନ୍ତ୍ରୀ ଆଜି ମୁକୁଳି ଆସିବେ ବୋଲି ଖବର ଠିକ୍ ତ ?''

''ଅବଶ୍ୟ ଠିକ୍ । ନିଜେ ମନ୍ତ୍ରୀଙ୍କ ମୁହଁରୁ ଶୁଣିଛି ଜଣେ କର୍ମଚାରୀ ।''

ଲୋକଙ୍କ ମନ୍ତବ୍ୟ ଏଡ଼େ ସ୍ୱତଃସ୍ଫୂର୍ତ୍ତ ଏବଂ ଆନ୍ତରିକତାପୂର୍ଣ୍ଣ ଯେ ରାଜା ସେସବୁ ଶୁଣି ବଡ଼ ବିଚଳିତବୋଧ କଲେ । ସତେ ତ ! ସେ ମିଥ୍ୟାବାଦୀମାନଙ୍କ ପ୍ରରୋଚନାରେ ସତ୍ୟନିଷ୍ଠ ମନ୍ତ୍ରୀଙ୍କ ପ୍ରତି କଠୋର ହୋଇ ନାହାନ୍ତି ତ ? ମନ୍ତ୍ରୀଙ୍କ ମୁହଁ ଆଖି ଆଗରେ ଭାସି ଉଠିଲା । ସେ ମୁହଁ ମହତ୍ । ଯେଉଁ କର୍ମଚାରୀମାନେ ତାଙ୍କ ସମ୍ପର୍କରେ ରାଜାଙ୍କ ମନରେ ଭୟଙ୍କର ଧାରଣା ସୃଷ୍ଟି କରିଥିଲେ, ସେମାନେ ତ ନାନାପ୍ରକାର ମନ୍ଦ କାମ କରିବାର ପ୍ରମାଣ ରହିଛି । ମନ୍ତ୍ରୀ ତାଙ୍କୁ ରାଜ୍ୟଚ୍ୟୁତ କରି କି ଲାଭ ପାଇଥା'ନ୍ତେ ? ସେ କେମିତି କେତେଜଣ ପାତ୍ରମିତ୍ରଙ୍କ କଥାରେ ଏତେ ପ୍ରଭାବିତ ହୋଇଗଲେ ଯେ ଥରେ ମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିବାକୁ ମଧ୍ୟ ମନ ବଳାଇଲେ ନାହିଁ ? ଅଥଚ ରାଜ୍ୟ ସୀମାନ୍ତରେ ଶାନ୍ତି ଫେରାଇ ଆଣି ମନ୍ତ୍ରୀ କେଡ଼େ ସନ୍ତୋଷଭରେ ରାଜଧାନୀରେ ଆସି ପହଞ୍ଚିଥିଲେ । ତାଙ୍କୁ ରାଜା କି ପୁରସ୍କାର ଦେଲେ ? ସେ ଯାହାହେଉ, ମନ୍ତ୍ରୀ ଆଜି ମୁକ୍ତ ହୋଇ ଘରକୁ ଆସିବେ, ଲୋକଙ୍କର ଧାରଣା ହେଲା କେମିତି ? ତାଙ୍କ ଆଦେଶ ବିନା ମନ୍ତ୍ରୀ ମୁକ୍ତ ହେବେ କେମିତି ?

ରାଜା ବିସ୍ମିତ ହୋଇ କାରାଗାର ଅଭିମୁଖେ ଚାଲିଲେ । କାରାଗାରର ମୁଖ୍ୟଙ୍କୁ ସେ ଗୋପନରେ ନିଜ ପରିଚୟ ଦେଇ ଭିତରକୁ ଗଲେ ଓ ମନ୍ତ୍ରୀଙ୍କ କକ୍ଷ ଆଗରେ ଯାଇ ଠିଆ ହେଲେ । ମନ୍ତ୍ରୀଙ୍କ ଚେହେରା ଦେଖି ତାଙ୍କୁ କାନ୍ଦ ଲାଗିଲା । କିନ୍ତୁ ବନ୍ଦୀଙ୍କ ମୁହଁରେ ପ୍ରଶାନ୍ତ ଭାବ ଅତୁଟ ଥାଏ ।

ମନ୍ତ୍ରୀ ସନ୍ନ୍ୟାସୀ-ରୂପୀ ରାଜାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ନାହିଁ । ମଝେ ମଝେ ଅପରାଧୀମାନଙ୍କୁ ସୁପରାମର୍ଶ ଦେବା ନିମନ୍ତେ ସାଧୁ-ସନ୍ନ୍ୟାସୀଙ୍କୁ କାରାଗାର ଭିତରକୁ ଅଣାଯାଏ ।

ମନ୍ତ୍ରୀଙ୍କ କାରାକକ୍ଷ ଖୋଲି ଦିଆଗଲା । ରାଜା ଯାଇ ମନ୍ତ୍ରୀଙ୍କ ସାମନାରେ ବସି ପଡ଼ିଲେ ଓ କଥାବାର୍ତ୍ତା ଆରମ୍ଭ କଲେ । ସେ ଦେଖିଲେ, ମନ୍ତ୍ରୀ ଦୁଃସ୍ଥ ଓ ଦୁର୍ବଳ ଦେଖାଯିବା ସତ୍ତ୍ୱେ ତାଙ୍କ ମନରେ କୌଣସି ତିକ୍ତତା ନ ଥିଲା । ରାଜା ପଚାରିଲେ, ''ଆପଣଙ୍କ ଭଳି ଜଣେ ହିତୈଷୀଙ୍କୁ ଏତେ ଦିନ ଧରି କାରାରୁଦ୍ଧ କରି ରାଜା କେଡ଼େ ଅନ୍ୟାୟ କରିଛନ୍ତି ! ସେଭଳି ମଣିଷ ରାଜା ବୋଲାଇବା ଉଚିତ ନୁହେଁ । ଆପଣ କ'ଣ ଭାବୁଛନ୍ତି ?''

''ମଣିଷ ମାତ୍ରେ ଭୁଲ୍ ଓ ଭଲ ଉଭୟ କାମ କରିବାକୁ ସକ୍ଷମ । ଆଉ ଜଣେ ରାଜା ହେଲେ ଯେ କୌଣସି ଭୁଲ୍ କରିବ ନାହିଁ, ଏକଥା କିଏ କହିପାରିବ ? ବର୍ତ୍ତମାନ ରାଜା ତ ରାଜ୍ୟ ପାଇଁ ପୁଣି କେତେ ଭଲ କାମ କରିଛନ୍ତି !'' ଉତ୍ତର ଦେଲେ ମନ୍ତ୍ରୀ ।

''ଆଚ୍ଛା, ମୁଁ ଆଜି ଆସୁ ଆସୁ ଦେଖିଲି, ଆପଣଙ୍କ ଘର ଆଗରେ ବହୁତ ଲୋକ ଜମା ହୋଇଛନ୍ତି । ସେମାନଙ୍କ ଧାରଣା ଆପଣ ଆଜି ମୁକ୍ତି ପାଇ ଘରକୁ ଯିବେ । ସେତିକି ନୁହେଁ, ଆପଣ ନିଜେ କୁଆଡ଼େ ଏକଥା କହିଛନ୍ତି !'' ରାଜା ଜଣାଇଲେ ।

''ସତେ !'' ମନ୍ତ୍ରୀ ପ୍ରଥମେ ବିସ୍ମୟ ଭାବ ଦେଖାଇ ତା'ପରେ ବିଷାଦପୂର୍ଣ୍ଣ ହସ ହସିଲେ ଓ କହିଲେ, ''ମୁଁ ନିଜେ କହିଛି ଗୋଟିଏ ଦୃଷ୍ଟିରୁ ଏହା ମିଥ୍ୟା ନୁହେଁ ।'' ଏହା ପରେ ମନ୍ତ୍ରୀ ଯାହା କହିଲେ ତାହା ସଂକ୍ଷେପରେ ଏହିପରି —

ସାତ ବର୍ଷ ତଳେ ରାଜ୍ୟ ସୀମାନ୍ତରେ ନିଜ କର୍ତ୍ତବ୍ୟକର୍ମ ଶେଷ କରି ସେ ରାଜଧାନୀକୁ ଫେରୁଥା'ନ୍ତି । ଗୋଟାଏ ନଈ ପାରି ହେଉଥା'ନ୍ତି ନିଜ ଦଳ ବଳ ସହ । ନୌକାରେ ବସିଥିବାବେଳେ ତାଙ୍କୁ ଶୋଷ ଲାଗିଲା । ତାଙ୍କ ପରିଚାରକ ଗୋଟିଏ ସୁନା ଗିନାରେ ତାଙ୍କୁ କିଛି ପାନୀୟ ପରଷି ଦେଲା । ସେ ଝୁଙ୍କିପଡ଼ି ପାଣିରେ କ'ଣ ଗୋଟାଏ ଭାସି ଯାଉଛି ବୋଲି ଦେଖୁଥା'ନ୍ତି, ହଠାତ୍ ନୌକାଟି ଟିକିଏ ଦୋହଲିଗଲା ଏବଂ ଗିନାଟି ହାତରୁ ଖସି ପଡ଼ିଲା ଗଭୀର ଜଳରେ । ସେ ପାତ୍ରଟି ବହୁତ ମୂଲ୍ୟବାନ୍ । ସେଥିରେ ହୀରା ଖଞ୍ଜା ହୋଇଥାଏ ।

ତେବେ ତାଙ୍କ ଦଳରେ ଥିଲା ଜଣେ ଓସ୍ତାଦ ବୁଡ଼ାଳି । ସେ ନଈ ଭିତରକୁ ଲମ୍ଫ ଦେଲା । କିନ୍ତୁ ଚାରି ପାଞ୍ଚ ଥର ବୁଡ ଦେଇ ମଧ୍ୟ ସେ ଗିନାଟି ଉଦ୍ଧାର କରିପାରିଲା ନାହିଁ । ସନ୍ତରଣ କରୁ କରୁ ସେ ପଚାରିଲା, ''ଆଜ୍ଞା ! ଠିକ୍ କେଉଁ ସ୍ଥାନରେ ଗିନାଟି ହାତରୁ ଖସିଗଲା କହିପାରିବେ ?''

ମନ୍ତ୍ରୀ ସେତେବେଳେ ଅନ୍ୟମନସ୍କ ଭାବେ ତାଙ୍କ ହୀରା ମୁଦିଟି ଅଙ୍ଗୁଳିରୁ ବାହାର କରି ହାତରେ ଧରିଥା'ନ୍ତି । ମନ ତାଙ୍କର ସେ ହୀରାଖଚିତ ସୁନା ଗିନା ପାଖରେ । ସେ କ'ଣ ଫୋପାଡୁଛନ୍ତି ନ ଭାବି ହୀରା ମୁଦିଟିକୁହିଁ ଫିଙ୍ଗି ସ୍ଥାନଟିର ସୂଚନା ଦେଲେ । ପର ମୁହୂର୍ତ୍ତରେ ସେ ନିଜ ଭୁଲ୍ ବୁଝିପାରି ଅବଶ୍ୟ

ଦୁଃଖିତ ହେଲେ, କିନ୍ତୁ ସେ ଦୁଃଖ ମୁହୂର୍ତ୍ତକ ପରେ ବିପୁଳ ଆନନ୍ଦରେ ପରିଣତ ହେଲା । ବୁଡ଼ାଳି ନଦୀ ଗର୍ଭରୁ ଗିନାଟି ଉଦ୍ଧାର କରି ଉପରକୁ ଆଣିଲା । ଦେଖିଲାବେଳକୁ ଗିନାଟି ଭିତରେ ରହିଛି ହୀରା ମୁଦି ଗୋଟିକ ।

ସେ ଅପୂର୍ବ ଶୁଭଙ୍କର ଯୋଗାଯୋଗ ଦେଖି ମନ୍ତ୍ରୀ ଭାବିଲେ, ସେ ଯେଉଁ କାମ ପାଇଁ ଯାଇଥିଲେ ତାହା ସଫଳ ହେଲା, ପୁଣି ଆଶ୍ଚର୍ଯ୍ୟଜନକ ଭାବରେ ମୂଲ୍ୟବାନ୍ ଗିନା ଏବଂ ମୁଦି ସେ ଫେରି ପାଇଲେ । ଏହା ପରେ ଯଦି କୌଣସି ଅଶୁଭ ଯୋଗାଯୋଗ ତାଙ୍କୁ ଯାତନା ଦେବ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ତାହାହିଁ ହେଲା । ସେ ରାଜଧାନୀରେ ପ୍ରବେଶ କରିବା ବେଳକୁ ତାଙ୍କୁ ସ୍ୱାଗତ କରିବା ତ ଦୂରର କଥା, ରାଜାଙ୍କ କଟୁଆଳ ଯାଇ ବନ୍ଦୀ କରି ସିଧା କାରାଗାରକୁ ନେଇ ଆସିଲା ।

ବନ୍ଦୀ ମନ୍ତ୍ରୀଙ୍କ ସହ କାରାଗାରର କର୍ମଚାରୀମାନେ ଅବଶ୍ୟ ଭଲ ବ୍ୟବହାର କରୁଥା'ନ୍ତି । କିନ୍ତୁ ବନ୍ଦୀମାନଙ୍କୁ ଯେଉଁ ଖାଦ୍ୟ ଦିଆଯାଏ, ତାହା ପ୍ରାୟ ଅଖାଦ୍ୟ । ମନ୍ତ୍ରୀଙ୍କର ଇଚ୍ଛା ହେଲା, ଥରୁଟିଏ ସେ ଭଲ ଭାବରେ ଖିଆପିଆ କରିବେ । ସେ ଜଣେ କର୍ମଚାରୀଙ୍କୁ ତାଙ୍କ ମୁଦିଟି ବାହାର କରି ଦେଲେ; ତାହା ବିକ୍ରି କରି ନଗରୀର ସବୁଠାରୁ ଉତ୍ତମ ପାଚକ ଦ୍ୱାରା ନାନାଦି ସୁଖାଦ୍ୟ ରନ୍ଧନ କରାଇ ଆଣିବାକୁ ଅନୁରୋଧ କଲେ । କର୍ମଚାରୀ ସେ ଅନୁରୋଧ ରକ୍ଷା କରି ତା'ର ଜଣେ ମିତ୍ର ସହଯୋଗେ ଗୋଟାଏ ବିରାଟ ଥାଳିରେ ପ୍ରାୟ କୋଡ଼ିଏ ପ୍ରକାର ସୁଖାଦ୍ୟ ଆଣି ତାଙ୍କ ଆଗରେ ଥୋଇଲା । ମନ୍ତ୍ରୀ ହରଷିତ ହେଲେ । ଥାଳି ଉପରେ କିଛି ଢାଙ୍କି ଦେଇ ସେ ପ୍ରାର୍ଥନାରେ ବସିଲେ । ପ୍ରାର୍ଥନା ଶେଷ ହେବା ବେଳକୁ ତାଙ୍କୁ ଖୁବ୍ ଭୋକ ଲାଗୁଥାଏ । ବହୁ ବର୍ଷ ପରେ ଥରେ ମନ ପୂରାଇ ଖାଇବେ, ଏହି ଆଶାରେ ଢାଙ୍କୁଣୀଟି ଖୋଲି ଦେବା ମାତ୍ରେ ଦେଖିଲେ ତିନି ଚାରି ଗୋଟି ମୂଷା ଥାଳିରୁ ବାହାରି ଲୁଚିଗଲେ ।

ଖାଦ୍ୟତକ ଅଛୁଆଁ ରହିଲା । ମନ୍ତ୍ରୀ ପାଣିତକ ପିଇ କର୍ମଚାରୀଟିକୁ କହିଲେ, ''ଏଡ଼େ ଦୁଃଖମୟ ଯୋଗାଯୋଗ ପରେ ଯଦି ପୁଣି କିଛି ସୁଖମୟ ଯୋଗାଯୋଗ ହୁଏ, ତେବେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ ।'' ତା'ପରେ ସେ ପୁଣି କହିଲେ, ''କିଏ କହିବ, ହୁଏତ ହଠାତ୍ ରାଜାଙ୍କ ହୃଦୟ ପରିବର୍ତ୍ତନ ହେବ, ସେ ମୋତେ ମୁକ୍ତି ଦେବେ । ଘରକୁ ବାହୁଡ଼ି ଯିବି ।'' ଏହା ପରେ ସେ ହସିଲେ ।

କର୍ମଚାରୀଟି ଅଧାଅଧି ବୁଝିଲା । ସେ ଧରିନେଲା ଯେ ମନ୍ତ୍ରୀଙ୍କୁ ମୁକ୍ତି ମିଳିବ ବୋଲି ସେ ଖବର ପାଇଛନ୍ତି । ଆନନ୍ଦରେ ସେକଥା ସେ ଅନ୍ୟ କେତେକଙ୍କୁ କହି ଦେଇଥିବ । ପ୍ରଚାର ହୋଇ ଯାଇଛି ଯେ ମନ୍ତ୍ରୀ ଆଜି ଘରକୁ ଫେରୁଛନ୍ତି ।

ରାଜା ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ସେ ନିଜ ଛଦ୍ମଦାଢ଼ି ବାହାର କରିଦେଲେ ଓ ମନ୍ତ୍ରୀଙ୍କ ହାତ ଧରି ନିଜ ଅନ୍ୟାୟ ଆଚରଣ ବାବଦରେ କ୍ଷମା ଭିକ୍ଷା କଲେ ।

ମନ୍ତ୍ରୀ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ଜଣାଇଲେ ଓ ରାଜାଙ୍କୁ କହିଲେ, ''ମୋର କୌଣସି କ୍ଷୋଭ ନାହିଁ । ସାତ ବର୍ଷ କାଳ ମୁଁ ଯେ ଅଧିକାଂଶ ସମୟ ଈଶ୍ୱରଙ୍କୁ ସ୍ମରଣ କରିବାର ଏକାନ୍ତ ସୁଯୋଗ ପାଇଲି, ତାହା ତୁଳନାରେ ସମସ୍ତ କ୍ଳେଶ କିଛି ନୁହେଁ ।

ବିରାଟ ଶୋଭାଯାତ୍ରା ଯୋଗେ ମନ୍ତ୍ରୀଙ୍କୁ କାରାଗାରରୁ ରାଜପ୍ରାସାଦକୁ ନିଆଗଲା । ରାଜଧାନୀରେ ଉତ୍ସବ ଲାଗିଗଲା — ଲୋକଙ୍କ ସ୍ୱତଃସ୍ଫୂର୍ତ୍ତ ଉତ୍ସାହରେ ।

ମନ୍ତ୍ରୀଙ୍କ ବିରୋଧରେ ହୋଇଥିବା ଚକ୍ରାନ୍ତରେ ଯେଉଁମାନେ ଯୋଗ ଦେଇଥିଲେ, ସେମାନଙ୍କୁ ବନ୍ଦୀ କରାଗଲା । କିନ୍ତୁ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ସେମାନେ ଦଣ୍ଡରୁ ତ୍ରାହି ପାଇଲେ । ଲୋକେ ଅବଶ୍ୟ ସେମାନଙ୍କୁ ନାନାପ୍ରକାର ବିଦ୍ରୁପ କରିବାକୁ ଛାଡ଼ିଲେ ନାହିଁ । ସେମାନଙ୍କ ଅବଶିଷ୍ଟ ଜୀବନକାଳ ଲଜ୍ଜା ଓ ସନ୍ତାପରେ ବିତିଲା ।

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ ସଂଗୃହୀତ,
ପୃଷ୍ଠା : ୫୪୫-୫୫୧)

❑❑❑

ଚେତନାକୁ ଜାଗରିତ ରଖିବା ନିମନ୍ତେ ତୁମେ ପ୍ରତ୍ୟେକ ଦିନ କିଛି ସମୟ ଏକାଗ୍ରତା ଏବଂ ଶ୍ରୀମାଙ୍କୁ ସ୍ମରଣ ଏବଂ ଆମ ସହ ତୁମର ସଂଯୋଗ ରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ରଖିବା ଆବଶ୍ୟକ ।

— ଶ୍ରୀଅରବିନ୍ଦ

# ନିଃଶବ୍ଦ ଆଳାପ

## ବନମାଳୀ ଆଚାର୍ଯ୍ୟ

ଅରଣ୍ୟର ଉପାନ୍ତରେ ଦଣ୍ଡାୟମାନ ଏକ ସୁଉଚ୍ଚ ବୃକ୍ଷର ଶୀର୍ଷଦେଶରେ ମାଙ୍କଡ଼ଟିଏ ବାସ କରୁଥିଲା । ବୃକ୍ଷର ପାଦଦେଶକୁ ଲାଗି ସାଧାରଣ ରାସ୍ତାଟିଏ ଲମ୍ବି ଯାଇଥିଲା । ସ୍ଥାନୀୟ ବାସିନ୍ଦା ଓ କେବେ କେମିତି ଜଙ୍ଗଲୀ ପଶୁମାନେ ସେ ରାସ୍ତା ଦେଇ ବିଚରଣ କରୁଥିଲେ । ବୃକ୍ଷର ଶାଖାରେ ମାଙ୍କଡ଼ଟି ବସି ସେମାନଙ୍କର ଗତିବିଧିକୁ ଲକ୍ଷ୍ୟ କରୁଥିଲା । ପଥିକମାନଙ୍କର ଖୁସିରେ ସେ ଖୁସି ହେଉଥିଲା । ସେମାନଙ୍କର ଦୁଃଖରେ ମଧ ଦୁଃଖ ଅନୁଭବ କରୁଥିଲା ।

ଦିନକର କଥା । ସମୟ ଅପରାହ୍ଣ । ସେହି ରାସ୍ତା ଦେଇ ଜଣେ ବୃଦ୍ଧ ବ୍ୟକ୍ତି ଯାଉଥିବାର ମାଙ୍କଡ଼ଟି ଲକ୍ଷ୍ୟ କଲା । ବୟସର ଭାରରେ ସେ କ୍ଳାନ୍ତ ଜଣା ପଡୁଥିଲେ ଏବଂ ତାଙ୍କର ଶରୀରଟି ନଇଁ ପଡ଼ିଥିଲା । ସେ ବୃକ୍ଷ ନିକଟକୁ ଆସିଲେ ଏବଂ ବିଶ୍ରାମ ନେବା ଉଦ୍ଦେଶ୍ୟରେ ଅଟକି ଗଲେ । ବୃକ୍ଷକୁ ଆଉଜି ବସିବା ସଙ୍ଗେ ସଙ୍ଗେ ତାଙ୍କୁ ନିଦ୍ରା ଲାଗିଗଲା । ମାଙ୍କଡ଼ଟି ସବୁ କିଛି ଲକ୍ଷ୍ୟ କରୁଥିଲା । ଏହାପରେ ସେ ଧୀରେ ଧୀରେ ବୃକ୍ଷ ଉପରୁ ତଳକୁ ଓହ୍ଲାଇ ଆସିଲା । ବୃଦ୍ଧ ବ୍ୟକ୍ତିଙ୍କ ସମ୍ମୁଖରେ ଠିଆ ହୋଇ ତାଙ୍କୁ ଦେଖିବାରେ ଲାଗିଲା । ସେତେବେଳେ ବୃଦ୍ଧ ଜଣକ ଚକ୍ଷୁ ବନ୍ଦ କରି ଆରାମରେ ନିଦ୍ରା ଯାଇଥିଲେ । ତାଙ୍କର ମସ୍ତକଟି ପ୍ରାୟ କେଶଶୂନ୍ୟ ଏବଂ ଚକ୍ଷୁ କୋଟରଗତ ଥିଲା । ମନେ ହେଉଥିଲା ସତେ ଯେପରି ତାଙ୍କର ଚକ୍ଷୁରେ ଡୋଳା ନଥିଲା । ଗଣ୍ଡ ଦେଶରେ ଅସଂଖ୍ୟ ଅସୁନ୍ଦର ଲୋଚାକୋଚା ଚର୍ମସବୁ ସତେ ଯେପରି ପଡ଼ିଆ ଜମିର ଲଙ୍ଗଳଗାର ସଦୃଶ ଗହୀରିଆ ଥିଲା । ଖୋଲାପାଦ ଦୁଇଟିରେ ଅସଂଖ୍ୟ ବିଣ୍ଡି ବାରି ହୋଇ ଯାଉଥିଲା । ସମ୍ଭବତଃ ସେ ଦିନେ ବା ଦୁଇଦିନ ଧରି ଅନାହାରରେ ଥିଲେ । ଦେହରେ ଖଣ୍ଡିଏ ଚିରାଫଟା ଲୁଗା ଏବଂ ହାତରେ ଖଣ୍ଡିଏ ଯଷ୍ଟି ବ୍ୟତୀତ ବୃଦ୍ଧ ବୟସରେ ତାଙ୍କ ପାଖରେ ଆଉ କିଛି ସମ୍ବଳ ନଥିଲା ।

ଏଭଳି ସ୍ଥିତିରେ ମଧ ତାଙ୍କର ଆତ୍ମବିଶ୍ୱାସ ଓ ଭଗବାନଙ୍କ ପ୍ରତି କୃତଜ୍ଞତା ଭାବ ଥିବା କାରଣରୁ ତାଙ୍କ ମୁଖ ମଣ୍ଡଳରେ ଉଜ୍ଜ୍ୱଳତା ସୁସ୍ପଷ୍ଟ ବାରି ହୋଇ ପଡୁଥିଲା ଯାହାକି ତାଙ୍କର ଆନ୍ତର ପ୍ରାଚୁର୍ଯ୍ୟର ପ୍ରତୀକ ଥିଲା – ଯଦିଓ ସେ ବାହ୍ୟତଃ ଦରିଦ୍ର ଥିଲେ । ତାଙ୍କର ଗତିବିଧି ଓ ଭାବଭଙ୍ଗୀରୁ ତାଙ୍କର ମନ ଓ ଆତ୍ମା ଭିନ୍ନ ଏକ ଜଗତରେ ବିଚରଣ କରୁଥିବା ଭଳି ମନେ ହେଉଥିଲା, ଯଦିଓ ବାସ୍ତବରେ ତାଙ୍କର ଦେହ ଏ ଜଗତରେ ବାସ କରୁଥିଲା ।

ମାଙ୍କଡ଼ଟି ଭାବିଲା, ବୋଧହୁଏ ତା'ଭଳି ଆଉ ଜଣେ ପରିତ୍ୟକ୍ତ ଜୀବ ଏ ଭଗବାନଙ୍କ ସୃଷ୍ଟିରେ ଅଛି । ସେ ଦେଖିଲା, ବୃଦ୍ଧବ୍ୟକ୍ତି ଜଣକ ବାଡ଼ିଟିକୁ ଛାତିରେ ଚାପି ଧରି ଶୋଇ ପଡ଼ିଛନ୍ତି । କୌତୂହଳବଶତଃ ସେ ବୃଦ୍ଧଙ୍କ ଛାତି ଉପରୁ ବାଡ଼ିଟିକୁ ଛଡ଼ାଇ ନେଲା । ଏକ ଅପ୍ରତ୍ୟାଶିତ ଝଟ୍‌କା କାରଣରୁ ବୃଦ୍ଧ ବ୍ୟକ୍ତିଙ୍କର ନିଦ୍ରା ଭଗ୍ନ ହେଲା । ନିଜର ବାଡ଼ିଟି ଗୋଟିଏ ମାଙ୍କଡ଼ ହାତରେ ଥିବାର ସେ ଦେଖିଲେ । ମାତ୍ର ପ୍ରତିକ୍ରିୟାଶୂନ୍ୟ ହୋଇଥିବାରୁ ସେ କିଛି କହିଲେ ନାହିଁ । ତା'ପରେ ଅଳ୍ପ ହସି ଅନୁଚ୍ଚ ସ୍ୱରରେ କହିବାକୁ ଲାଗିଲେ, ''ହେ ପ୍ରଭୁ, ତା'ହେଲେ ଆପଣ ପୁନର୍ବାର ମୋ' ନିକଟକୁ ଆସିଛନ୍ତି । ଗତକାଲି ମୁଁ ଖାତରେ ପଡ଼ି ଯାଇଥିଲି । ଏକ ଯୁବ ହାତୀର ରୂପରେ ଆପଣ ମୋତେ ଉଦ୍ଧାର କଲେ । ଆଜି ମାଙ୍କଡ଼ର ରୂପ ନେଇ ଆଉ ଥରେ ମୋ ପାଖକୁ ଆସିଛନ୍ତି । କାହିଁକି ଆପଣ ମୋ ପାଇଁ ଏତେ କଷ୍ଟ ସ୍ୱୀକାର କରୁଛନ୍ତି ? ଗୋଟିଏ କଥା ଯାହା ମୋ ମଗଜକୁ ଆସୁ ନାହିଁ ତାହା ହେଲା ମୁଁ ଯେତେ ଆପଣଙ୍କ ବିଷୟରେ ଭାବୁଛି, ତା'ଠାରୁ ଅଧିକ ଆପଣ ମୋ କଥା ଭାବୁଛନ୍ତି ।''

କହିବା କଠିନ – ବୃଦ୍ଧ ବ୍ୟକ୍ତିଙ୍କର ସେ ଅସ୍ପଷ୍ଟ ଶବ୍ଦସବୁ ମାଙ୍କଡ଼ ଉପରେ କି ପ୍ରକାର ପ୍ରଭାବ ପକାଇଲା ଏବଂ ସେ ସେଥିରୁ କ'ଣ ବୁଝିଲା ! ସେ କେବଳ ବୃଦ୍ଧ ବ୍ୟକ୍ତି ଏବଂ ସେ ଆଉଜି ବସିଥିବା ବୃକ୍ଷର ଚାରି ପାଖରେ ପ୍ରଦକ୍ଷିଣ କରିବାକୁ ଲାଗିଲା । କିଛି ସମୟ ଉତ୍ତାରେ ସେ ଧରିଥିବା ବାଡ଼ି ଖଣ୍ଡିକ ତଳେ ପକାଇ ଦେଲା ଏବଂ ବୃକ୍ଷ ଉପରକୁ ଆରୋହଣ କଲା । ବୃକ୍ଷ କୋଟରରେ ପୂର୍ବରୁ ସାଇତି ରଖିଥିବା ଦୁଇଟି ପାଚିଲା ଆମ୍ବ ଧରି ଅବିଳମ୍ବେ ତଳକୁ ଓହ୍ଲାଇ ଆସିଲା । ବୃଦ୍ଧଙ୍କ ପାପୁଲିରେ ଫଳ ଦୁଇଟିକୁ ଥୋଇ ଦେଲା ।

ବୃଦ୍ଧ ବ୍ୟକ୍ତି ସ୍ୱାଭାବିକତାର ସହ କହି ଚାଲିଲେ, ''ହେ ପ୍ରଭୁ, ଆପଣ ଅତୀବ ଦୟାଶୀଳ । ମୋର କ୍ଷୁଧା ଦୂର କରିବାକୁ

ଯାଇ ଏ ପାଚିଲା ଆମ୍ବ ମୋତେ ଦେଇଛନ୍ତି । କେତେ ସ୍ୱାଦିଷ୍ଟ ସତେ !'' ବୃଦ୍ଧଙ୍କର ଏତାଦୃଶ କୋମଳ ବ୍ୟବହାରରେ ମାଙ୍କଡ଼ ଭୟଶୂନ୍ୟ ହୋଇଗଲା । କୌତୂହଳୀ ମାଙ୍କଡ଼ଟି ବୃଦ୍ଧଙ୍କର କପାଳରେ ହାତ ଥାପିଲା । ତା'ପରେ ତାଙ୍କର କେଶଶୂନ୍ୟ ମସ୍ତକ ଉପରେ ନରମ ଭାବରେ ପାପୁଲିକୁ ବୁଲାଇଲା । ଧୀରେ ଧୀରେ ତାଙ୍କର ବିଣ୍ଡିଯୁକ୍ତ ପାଦ ଓ ଶିଥିଳ ଚର୍ମଯୁକ୍ତ ପେଟକୁ ଆଦରରେ ଆଉଁସି ଚାଲିଲା ।

ବୃଦ୍ଧ ବ୍ୟକ୍ତି କହୁଥା'ନ୍ତି, ''ହେ ଭଗବାନ୍, ଆପଣଙ୍କୁ ଅଶେଷ ଧନ୍ୟବାଦ । ଆପଣ ମୋର ଯତ୍ନ ନେଉଛନ୍ତି ଏବଂ ସେଥିରେ କୌଣସି ସନ୍ଦେହ ନାହିଁ । ମୋର ପାଦ, ପେଟ, ପାଟି, ମସ୍ତକ ଓ ସମସ୍ତ କିଛିକୁ ଆପଣ ଭଲ ଭାବରେ ଅନୁଭବ କରିଛନ୍ତି । ଆପଣଙ୍କର ସହୃଦୟତା ସକାଶେ ମୁଁ ଆପଣଙ୍କ ନିକଟରେ ଋଣୀ । ମୋ ଜୀବନର ବହୁବର୍ଷ ବିତି ସାରିଛି । ମାତ୍ର କେବେହେଲେ ମୁଁ ଏକୁଟିଆ ଅନୁଭବ କରି ନାହିଁ । କାରଣ ସର୍ବଦା ଆପଣ ମୋ ସହ ରହିଛନ୍ତି । ଅତୀତର ଗୋଟିଏ ଘଟଣା ଏବେ ମଧ୍ୟ ମୋ ମନ ମଧ୍ୟରେ ବଞ୍ଚି ରହିଛି । ଯେଉଁଦିନ ବନ୍ୟା ଆମ ଗ୍ରାମର ସମସ୍ତ କିଛିକୁ ଭସାଇ ନେଲା, ତା'ପର ଦିନ ମୁଁ ନିଜକୁ ଏକ ଭାସମାନ କାଠଗଡ଼ ଉପରେ ଆବିଷ୍କାର କଲି । ସେତେବେଳେ ଆପଣ ମୋତେ କାଠଗଡ଼ ଉପରେ ଶକ୍ତ ଭାବରେ ଜାବୁଡ଼ି ଧରିଥିଲେ । ଆପଣ ଜାଣନ୍ତି ସେହିଦିନ କେଉଁ ରୂପରେ ମୋତେ ଧରି ରଖିଥିଲେ ? ଆପଣ ଏକ ଅହିରାଜ ସର୍ପର ରୂପ ନେଇଥିଲେ ଏବଂ ନିଜର ନରମ ଦେହରେ ଭାସମାନ କାଠଗଡ଼ ସହ ମୋତେ ଯତ୍ନର ସହିତ ବାନ୍ଧି ରଖିଥିଲେ, ଯେପରି ମୁଁ ହଜି ନଯାଏ । ମୋର ଏକଥା ବି ମନେ ଅଛି ଆପଣ କିପରି କୂଳରେ ପହଞ୍ଚିବାକୁ ସଂଗ୍ରାମ କରୁଥିଲେ । କାଠଗଡ଼ଟି ସ୍ଥଳଭାଗରେ ଲାଗିବା ପରେ ଆପଣ ମୋତେ ମୁକ୍ତ କରି ବୁଦାଗହଳରେ ଲୁଚିଗଲେ । ମୁଁ ସମ୍ପୂର୍ଣ୍ଣ ନିରାପଦ ଓ ବିପଦମୁକ୍ତ ଥିଲି । ମୁଁ ବା କିପରି ଭାବେ ଆପଣଙ୍କ ଋଣ ପରିଶୋଧ କରିପାରିବି ? ହଁ, ଅବଶ୍ୟ ଚକ୍ଷୁର ଲୋତକ ଦ୍ୱାରା କିଛି ମାତ୍ରାରେ ତାହା କରିପାରିବି ।''

ଭଗବାନଙ୍କ ଉଦ୍ଦେଶ୍ୟରେ ବୃଦ୍ଧଙ୍କ ଗଣ୍ଡଦେଶ ଦେଇ ଦୁଇଧାର କୃତଜ୍ଞତାର ଅଶ୍ରୁ ବହି ଆସିଲା । ତାଙ୍କର ହୃଦୟ ସର୍ବଶକ୍ତିମାନ୍‌ଙ୍କ ପ୍ରତି ଗଭୀର ପ୍ରେମରେ ପୂରି ଉଠିଲା । ତାଙ୍କ ମୁଖକୁ ଅପଲକ ନେତ୍ରରେ ଚାହିଁ ରହିଥିବା ନୀରବ ଦର୍ଶକ ମାଙ୍କଡ଼ଟିର ଚକ୍ଷୁଦ୍ୱୟ ସଜଳ ହୋଇ ଉଠୁଥିଲା । ବୋଧହୁଏ ତା' ଭିତରେ ସୂକ୍ଷ୍ମ ଅନୁଭବଟିଏ ଜାଗି ଉଠିଥିଲା ଯେ ତା' ଜୀବନରେ ସର୍ବୋତ୍ତମ ସାଥୀଙ୍କ ସହ ମୁହୂର୍ତ୍ତ କିଛି ବିତାଇବାର ସୁଯୋଗ ତାକୁ ମିଳିଥିଲା । ଗୋଧୂଳିର ଅସ୍ପଷ୍ଟ ଆଲୋକରେ ନିଜ ନିଜର ଭାବନା ଓ ଅନୁଭବ ଭିତରେ ଦୁଇଜଣଯାକ ହଜି ଯାଇଥିଲେ । ଏ ଗୋଧୂଳି କେବଳ ଦିବସର ନଥିଲା, ସେମାନଙ୍କର ଜୀବନର ଏକ ପ୍ରତିଫଳନ ମଧ୍ୟ ଥିଲା ।

ଅନତିଦୂରରୁ ଭାସି ଆସୁଥିବା ମନ୍ଦିର ଘଣ୍ଟିର ଶବ୍ଦ ଦିବସ କାଳର ପରିସମାପ୍ତିକୁ ଘୋଷଣା କରୁଥିଲା । ଏକ ଅବର୍ଣ୍ଣନୀୟ ବିସ୍ମୟକର ବାତାବରଣ ମଧ୍ୟଦେଇ ସ୍ୱାଭାବିକ ଭାବରେ ଓ ନୀରବରେ ସମୟ ଗଡ଼ି ଚାଲିଥିଲା ।

କାହାଣୀଟି ବାହ୍ୟତଃ ସାଧାରଣ, ମାତ୍ର ଏହାର ପଶ୍ଚାତରେ ଏକ ଅସାଧାରଣ ସତ୍ୟାନୁଭବ ଏହାକୁ ଧରି ରଖିଛି – 'ବାସୁଦେବଃ ସର୍ବମିତି'ର ଅନୁଭବ । ଦିବ୍ୟ ପରମସତ୍ତା ସର୍ବତ୍ର ଓ ସକଳଙ୍କ ମଧ୍ୟରେ ବିଦ୍ୟମାନ । ଦୃଶ୍ୟମାନ ବା ଅଦୃଶ୍ୟ, ସକଳ ରୂପ କେବଳ ତାଙ୍କର ବାହ୍ୟ ପରିପ୍ରକାଶ । ଯିଏ ଏହି ସତ୍ୟ ଉପଲବ୍ଧି କରେ, ସେ ଧୀରେ ଧୀରେ ନିଜର ଅସ୍ଥାୟୀ ଅହଂର ଖୋଳପା ଭିତରୁ ବାହାରି ଆସିବାକୁ ସକ୍ଷମ ହୋଇଥାଏ । ତା'ର ଆନ୍ତର ଚେତନାର ବିକାଶ ହୁଏ ।

ଦିବ୍ୟଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗରେ ଆନ୍ତର ଚେତନାର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କର ଆଶ୍ରିତ ହୋଇ ପାରିଲେ ସାଧନାର ମାର୍ଗ ଖୋଲିଯାଏ । ସେ ଆମ ଅନ୍ତରରେ ଅଛନ୍ତି । ତାଙ୍କ କୃପାରେ ଚୈତ୍ୟସତ୍ତା ଜାଗ୍ରତ୍ ହୁଅନ୍ତି । ସମ୍ମୁଖ ଭାଗକୁ ଆସି ବ୍ୟକ୍ତିର ବାହ୍ୟ ଜୀବନକୁ ସତ୍ୟ ଧାରାରେ ନିର୍ମାଣ କରନ୍ତି । ମାନବୀୟ ସତ୍ତା, କର୍ମ ଓ ପ୍ରକୃତି ଧୀରେ ଧୀରେ ଭାଗବତ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୁଏ । କେବଳ ଶ୍ରୀମା ହିଁ ଏହି ରୂପାନ୍ତର କାର୍ଯ୍ୟ କରନ୍ତି । ସାଧାରଣ ଜୀବନ ଏପର୍ଯ୍ୟନ୍ତ ଯଥାର୍ଥରେ ଲକ୍ଷ୍ୟବିହୀନ ହୋଇ ଆସିଛି । ମା'ଙ୍କ ପ୍ରତି ଉନ୍ମୁକ୍ତ ରହିବା ଦ୍ୱାରା ବ୍ୟକ୍ତିକୁ ଯଥାର୍ଥ ପଥ ମିଳିଯାଏ । ସେ ନିଜର ଲକ୍ଷ୍ୟ ସମ୍ବନ୍ଧରେ ସଜ୍ଞାନ ହୁଏ । ଜୀବନ ପରମଙ୍କର ଏକ କ୍ଷେତ୍ର ପାଲଟି ଯାଏ । ସେଠାରେ କେବଳ ଅମରତ୍ୱ ଓ ଦିବ୍ୟତ୍ୱର ଚିତ୍ରମାନ ଅଙ୍କା ହୋଇଚାଲେ ।

କାହାଣୀଟିରେ ଭଗବାନଙ୍କ ପ୍ରତି ଭରସା, ଅନ୍ତରଙ୍ଗତା ଓ ନିବିଡ଼ତାର ଭାବ ପ୍ରତିଫଳିତ ହୋଇଛି ଯାହା ସାଧନା ପଥରେ ସହାୟକ ହୋଇଥାଏ ।

❑❑❑

# ନମ୍ର ନିବେଦନ


## ଶରତ କୁମାରୀ ସ୍ୱାଇଁ

ନିଷ୍ପ୍ରଦୀପ ନିଶିଥିନୀ ନିଃଶବ୍ଦ ବେଳାରେ
ପୁରାତନ ବର୍ଷ ଝୁଲେ ସମୟର ଅଦୃଶ୍ୟ ଦୋଳାରେ –
ଊର୍ଦ୍ଧ୍ୱଶ୍ୱାସ ହୋଇ, ସଂଶୟେ ଜଡ଼ିତ ଜଡ଼ ଅତଳ ବିବରେ
ମୁମୂର୍ଷୁ ପରାଏ ଚିନ୍ତା-ଚେତନା ସକଳ
ମାତଃ ଜଗନ୍ମୟୀ !
ଲୋଡ଼ନ୍ତି ଆଶ୍ରୟ – ସ୍ମରି ତବ ସ୍ୱର୍ଣ୍ଣଚରଣ କମଳ ।

ହେ ଦିବ୍ୟଜନନି !
ନବବର୍ଷ ମଙ୍ଗଳ ଲଗନେ – ଝରୁ ତବ ସୁକୋମଳ ହସ,
ପୀଡ଼ିତା ଧରଣୀ ବକ୍ଷେ ଭରିଯାଉ
ପ୍ରେମ ଆଉ ଅଖଣ୍ଡ ବିଶ୍ୱାସ ।

ସ୍ୱାଧୀନତା ପୂର୍ବର ଦାସତ୍ୱ ଅନ୍ତର୍ହିତ ହେବା ସମ –
ସତ୍ୟର ପ୍ରକାଶ ଲଗ୍ନେ ଲିଭିଯାଉ ମିଥ୍ୟାର ରାଜତ୍ୱ ।

ଦ୍ୱନ୍ଦ୍ୱ ଆଉ ଅଶାନ୍ତିର ସରହଦ ଡେଇଁ –
ପୁଲକାଇ ସୁପ୍ତ ମନଭୂଇଁ
ଚିର ଶାନ୍ତି ସ୍ୱଚ୍ଛ ନିର୍ଝରିଣୀ ସମ –
ଝରିପଡୁ ସୁଧାଧାର ହୋଇ ।



ହେ ଜନନି !
ତବ ଦିବ୍ୟ କର୍ମେ –
କରି ନିଅ ନିରଳସ କର୍ମୀ ।
ପବିତ୍ର ପବିତ୍ରତମ ହୋଇଯାଉ ଜୀବିକା-ଜୀବନ ।

କଲ୍ୟାଣୀ ଗୋ !
ଅଭୟ ପଦପ୍ରାନ୍ତରେ,
ସଭକ୍ତି ପ୍ରଣତି ଢାଳି କରୁ ନିବେଦନ । ❑

**ଚେତନାର ଦିଗ୍‌ବଳୟ :**

# ପୁରାକଥାର ଇତିକଥା

*ଆୟୁର୍ବେଦର ପ୍ରବର୍ତ୍ତକମାନେ କିଭଳି ଉପାୟରେ ଗୁଳ୍ମଲତାର ଗୁଣ ଠଉରାଉଥିଲେ ?*

*''ପ୍ରଶ୍ନଟିଏ ମୋ ମନରେ ଭାରି ବିଭ୍ରାଟ ସୃଷ୍ଟି କରୁଛି ! ଆପଣ ହୁଏତ ଉତ୍ତର ଦେଇପାରିବେ !''*

ଏହି ଆବେଦନ ସହକାରେ ଯେଉଁ ଯୁବକ ମୋ ଚୌକି ପାଖକୁ ଉଠିଆସିଲେ, ସେ ବିଖ୍ୟାତ ବିଜ୍ଞାନ ପ୍ରତିଷ୍ଠାନ NASAର ଜଣେ ଗବେଷକ । କାଲିଫର୍ଣ୍ଣିଆ ଅନ୍ତର୍ଭୁକ୍ତ ଏକ ଅରଣ୍ୟାକୀର୍ଣ୍ଣ ମୂଳକରେ ସମ୍ମିଳନୀଟିଏ ହେଉଥାଏ । ଏହା ତା'ର ଆଲୋଚନା-ବିରତି ବେଳେ ସଭାକକ୍ଷ ବାହାରେ ଚାହାପାନ ବେଳର ସଂଳାପ ।

''କ'ଣ ଆପଣଙ୍କର ପ୍ରଶ୍ନ ?''

''ଆଜି ଆମର ଅତ୍ୟାଧୁନିକ ଗବେଷଣାଗାର ଭିତରେ ପରୀକ୍ଷା-ନିରୀକ୍ଷା ଦ୍ୱାରା 'ନିମ' ନାମକ ଉଦ୍ଭିଦର ଯେଉଁ ଗୁଣତକ ଆମେ ଆବିଷ୍କାର କରିବାକୁ ସକ୍ଷମ ହୋଇଛୁଁ, କାହିଁ କେତେ ଯୁଗ ତଳେ ତୁମ ଦେଶର ଆୟୁର୍ବେଦ ଚିକିତ୍ସା ପଦ୍ଧତିର ପ୍ରବର୍ତ୍ତକମାନେ ସେସବୁ କେମିତି ଜାଣିଲେ ?''

ଏ ପ୍ରଶ୍ନର ଉତ୍ତର ମୁଁ ଦେବା ପୂର୍ବରୁ ସେ ପୁଣି ତାଙ୍କ ମନରେ ଥିବା ପ୍ରହେଳିକାକୁ ସ୍ପଷ୍ଟ କରିବା ନିମନ୍ତେ ଆନୁଷଙ୍ଗିକ ଏକ ପ୍ରଶ୍ନ ପଚାରିଲେ, ''ଅର୍ଥାତ୍, ମୁଁ ଜାଣିବାକୁ ଚାହେଁ, ତୁମ ଦେଶରେ କି ଧରଣର ଗବେଷଣାଗାର ଥିଲା – ହଜାର ଦୁଇ ହଜାର ବର୍ଷ ବା ଆହୁରି ପୂର୍ବରୁ ?''

## ଚେତନାର ଗବେଷଣାଗାର

''ଚେତନାର ଗବେଷଣାଗାର'', ମୁଁ ଉତ୍ତରରେ କହିଲି ଏବଂ ବୁଝାଇ ଦେଲି : ''ଆୟୁର୍ବେଦର ପ୍ରବର୍ତ୍ତକମାନେ ଥିଲେ ଚେତନା ଜଗତର ଗବେଷକ । ତୁମେ ବୈଜ୍ଞାନିକମାନେ ଯେମିତି ସ୍ଥୂଳ ପଦାର୍ଥସବୁର ଗୁଣ, ଇନ୍ଦ୍ରିୟାନୁଭୂତ ପ୍ରକୃତିର ରହସ୍ୟ ଆବିଷ୍କାର ଦିଗରେ ଏକାଗ୍ର, ସେମାନେ ସେମିତି ସୂକ୍ଷ୍ମ ଚେତନାର ବିଭିନ୍ନ ଗୁଣ, ଅତୀନ୍ଦ୍ରିୟ ପ୍ରକୃତିର ରହସ୍ୟ ଆବିଷ୍କାର କର୍ମରେ ବ୍ୟାପୃତ ଥିଲେ ।''

ବୈଜ୍ଞାନିକ ନୀରବରେ ମୋ ବକ୍ତବ୍ୟଟି ଶୁଣି ଆହୁରି ଦୁଇ ମିନିଟ ନୀରବରେ ତାହା ଉପରେ ଏକାଗ୍ର ରହିଲେ ବୋଲି ମନେହେଲା । ତା'ପରେ ନିଜର ପରବର୍ତ୍ତୀ ପ୍ରଶ୍ନଟି ଗଠନ କରିବାରେ ମନୋନିବେଶ କଲେ ଉଚ୍ଚାରିତ ଶବ୍ଦସବୁ ମାଧ୍ୟମରେ : ''ମୁଁ ବୁଝୁଛି – ତେବେ ବୁଝୁ ନାହିଁ ମଧ୍ୟ । ମାନେ – ସେମାନଙ୍କ ପାଖରେ ଗବେଷଣାର ଉପାଦାନ, ଅର୍ଥାତ୍ ଯନ୍ତ୍ରପାତି କ'ଣ ଥାଇପାରେ ?''

''ସେମାନଙ୍କ ଗବେଷଣାର ଆଦି ଉପାଦାନ ବିଶ୍ୱାସ; ଯନ୍ତ୍ରପାତି ତୁମରି ଭଳି ନିଷ୍ଠା ଏବଂ ଏକାଗ୍ରତା; ତେବେ ସେ ଏକାଗ୍ରତା କୌଣସି ସ୍ଥୂଳ ବସ୍ତୁ ଉପରେ ନୁହେଁ, ନିଜ ଚେତନା ରାଜ୍ୟର କୌଣସି ନା କୌଣସି ଶକ୍ତି ଉପରେ – ଯାହାକୁ ତୁମେ ଅଣୁବୀକ୍ଷଣ ବା ଦୂରବୀକ୍ଷଣ ଜାତୀୟ ଯନ୍ତ୍ରପାତି ସହ ସମାନ୍ତରାଳ କରି ଦେଖିପାର । ତୁମେ ଉଠାଇଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ଏତିକି କହିପାରେ – ସେମାନେ 'ନିମ୍ବ' ତରୁ-ନିହିତ ଚେତନା ସହ ଏକାଗ୍ର ହୋଇ ସେ ତରୁର ପତ୍ର, ବଲ୍‌କଳ ଇତ୍ୟାଦିର ଗୁଣ ଜାଣିପାରୁଥିଲେ । ଏକାଗ୍ର ଅପେକ୍ଷା ଅଧିକ ଉପଯୁକ୍ତ ଶବ୍ଦ ହେଲା ଏକାତ୍ମ ।''

ବୈଜ୍ଞାନିକ କିଛିକ୍ଷଣ ବନପର୍ବତ ଆଡ଼େ ଅନାଇ ରହି ଅଧା ସ୍ୱଗତୋକ୍ତି, ଅଧା ପ୍ରଶ୍ନ ଢଙ୍ଗରେ କହିଲେ, ''ଅର୍ଥାତ୍, ଆମ ଗବେଷଣା ପଦ୍ଧତିର ସମାନ୍ତରାଳ ଅନ୍ୟ ଏକ ପଦ୍ଧତି ରହିଛି ବୋଲି ଧରି ନେବାକୁ ହେବ !'' ତା'ପରେ ମୋ ଉପରେ ଦୃଷ୍ଟିନିବଦ୍ଧ କରି ପ୍ରଶ୍ନ କଲେ; ''ଆପଣ ଏଇଆ ବୁଝାଉଛନ୍ତି ?''

''ଠିକ୍ ! ଆପଣ ଗୋଟାଏ ମୌଳିକ ବାସ୍ତବତା ଉପରେ ଧ୍ୟାନ ଦିଅନ୍ତୁ । ଆପଣ ହୁଅନ୍ତୁ, ମୁଁ ହୁଏ, ଆମେ ସଭିଏଁ କେଉଁ ଯନ୍ତ୍ର ବା ମାଧ୍ୟମ ବା ଶକ୍ତି ଉପରେ ନିର୍ଭର କରି ଗବେଷଣା କରିଥାଉ ବା ଆମର ବହୁବିଧ ଜିଜ୍ଞାସାର ଉତ୍ତର ଖୋଜିଥାଉଁ ? କହିବା ବାହୁଲ୍ୟ, ସେ ଯନ୍ତ୍ର ଆମ ମଗଜ ବା ଆମ ବୁଦ୍ଧି ବା ଆମ ମାନସିକ ବିଚକ୍ଷଣତା । ଏସବୁ ଶକ୍ତି ମଣିଷ ନିର୍ମାଣ ବା ଉଦ୍ଭାବନ କରି ନାହିଁ । ଆମକୁ ତାହା ମିଳିଛି; ନ ମିଳିପାରିଥା'ନ୍ତା । ମନ, ବୁଦ୍ଧି, ବିଚକ୍ଷଣତା, ଏସବୁ ଗୁଣକୁ ଆମେ ଚେତନାର ଏକ ଏକ ବିଭବ ବୋଲି ଜ୍ଞାନ କରୁଁ ।

ଆମେ ଯଦି ଏ ଚେତନାର ସ୍ରଷ୍ଟା ନୋହୁଁ, ତେବେ ତାହା କୌଣସି ଉତ୍ସରୁ ଆସିଛି । ସେ ଉତ୍ସକୁ ଆମେ ଗୋଟାଏ ନାମ ଦେବା । ନା, ମୁଁ ଭଗବାନ୍ ବା ବ୍ରହ୍ମ ବୋଲି କହି ପକାଇବାକୁ ଉଦ୍‌ଗ୍ରୀବ ହେଉ ନାହିଁ । ଆମେ ଯଦି ଆମ ଭିତରେ ଥିବା ଶକ୍ତିକୁ ଚେତନା ବୋଲି ନାମିତ କରୁଛୁଁ, ଆମେ ଭିତରକୁ ଆସିବା ପୂର୍ବରୁ ତାହା ଯେଉଁଠାରେ ଥିଲା ବା ତା'ର ସେହି ଉତ୍ସକୁ ମହାଚେତନା ବୋଲି କୁହାଯାଉ । ଏଥିରେ କିଛି ଅସୁବିଧା ନାହିଁ ତ ?''

''ନା ।''

''ବେଶ୍ ! ଯଦି ସେ ମହାଚେତନା – ଯାହା ଆମେ ସୃଷ୍ଟ ହେବା ପୂର୍ବରୁ ବିଦ୍ୟମାନ ଥିଲା ବୋଲି ଆମ ଭିତରେ ତାହା ସଞ୍ଚାରିତ ହେଲା, ସେ ମହାଚେତନାର ନିଶ୍ଚୟ ଶକ୍ତି ଓ ସ୍ୱାଧୀନତା ଥିବ ପ୍ରକୃତିର ରହସ୍ୟ ଜାଣିବା ଦିଗରେ ଏକାଧିକ ପଦ୍ଧତି ପ୍ରବର୍ତ୍ତନ କରିବା ନିମନ୍ତେ !''

ବୈଜ୍ଞାନିକ କିୟତ୍‌କ୍ଷଣ ନୀରବ ଓ ନିମୀଳିତ-ଚକ୍ଷୁ ରହିବା ଅନ୍ତେ କହିଲେ, ''ଆପଣଙ୍କ ବକ୍ତବ୍ୟ ବେଶ୍ ଯୁକ୍ତି-ସମ୍ମତ ।''

''ଧନ୍ୟବାଦ ! ଆପଣଙ୍କ ଦୃଷ୍ଟିକୋଣ ବିଜ୍ଞାନ-ସମ୍ମତ ବୋଲି ଏହା କହିଲେ । ସଚ୍ଚା ବୈଜ୍ଞାନିକ କେତେବେଳେ ହେଲେ ତା' ଧାରଣାକୁ ସମର୍ଥନ କରୁ ନଥିବା ତତ୍ତ୍ୱକୁ ଅଯୌକ୍ତିକ ବୋଲି କହେ ନାହିଁ ।'' – କହିଲି ।

ଏମନ୍ତ ପରସ୍ପର ବଧେଇ ଜଣାଇ ଆମେ ଆମ ସଂଳାପ ଶେଷ କଲୁଁ ।

**ସମାନ୍ତରାଳ ବାସ୍ତବତା**

ଆମ ସ୍ଥୂଳ ଇନ୍ଦ୍ରିୟାନୁଭୂତ ପୃଥିବୀ, ଆମର ଧ୍ୟାନ ଧାରଣା, ଆମର ଅଭିଜ୍ଞତା, ଆମର ସମୟଜ୍ଞାନ – ଏସବୁ ସହିତ ସମାନ୍ତରାଳ ଭାବରେ କୁହନ୍ତୁ ବା ଏସବୁର ଉର୍ଦ୍ଧ୍ୱରେ କୁହନ୍ତୁ, ବାସ୍ତବତାର ଅନ୍ୟ ଏକ ଧାରା ରହିଛି । ଇଂରାଜୀରେ ଯାହାକୁ Forth dimension ବୋଲି କୁହାଯାଏ, ସେ ଧାରା ସେହି ପରିମାପର ପାଖାପାଖି ଅଭିଜ୍ଞତା । ଆଜି ବିଜ୍ଞାନର ସାଧାରଣ ଛାତ୍ରଟିଏ ଜାଣେ ସମୟର ସଂଜ୍ଞା କେଡ଼େ ଆପେକ୍ଷିକ । ଗତି ଏବଂ ଦୂରତାର ତାରତମ୍ୟ ସମୟର ଗତାନୁଗତିକ ଅଭିଜ୍ଞତାକୁ ବିପର୍ଯ୍ୟସ୍ତ କରିଦେଇ ପାରେ । ପ୍ରାଚୀନ ଭାରତୀୟ ପ୍ରଜ୍ଞାର ହିସାବ ଅନୁସାରେ ୪୩୨,୦୦୦ ବର୍ଷରେ ଏକ ଯୁଗ, ସେ ସଂଖ୍ୟାରେ ଆଉ ଏକ ଶୂନ୍ ଯୋଗ କରନ୍ତୁ । ତାହା ହେବ ମହାଯୁଗର ହିସାବ । ୭୧ ମହାଯୁଗରେ ଗୋଟିଏ ମନ୍ୱନ୍ତର । ୧୪ ମନ୍ୱନ୍ତରରେ ଗୋଟିଏ କଳ୍ପ । ୧୪ କଳ୍ପରେ ବ୍ରହ୍ମାଙ୍କର ଗୋଟିଏ ଦିବସ । ଇନ୍ଦ୍ରଦ୍ୟୁମ୍ନ ଥରେ ବ୍ରହ୍ମାଙ୍କ ପାଖକୁ ଯାଇ ଲେଉଟି ଆସିବା ବେଳକୁ ଯେ ପୃଥିବୀରେ ବହୁ ଯୁଗ ବିତି ଯାଇଥିବ, ସେଥିରେ ବା ବିସ୍ମୟ କ'ଣ !

ଏଭଳି ଅଙ୍କ-ସୂଚୀର ବାସ୍ତବତା ସମ୍ପର୍କରେ ମନ୍ତବ୍ୟ ଦେବାର ଯୋଗ୍ୟତାଠୁଁ ଏ ଲେଖକ ଯୋଜନ କ୍ରୋଶ ଦୂରରେ; କିନ୍ତୁ ଏତିକି ସତ୍ୟ ସାବ୍ୟସ୍ତ ହେଉଛି ଯେ ସମୟର ଆପେକ୍ଷିକତା ସମ୍ପର୍କରେ ଆଜିର ଆବିଷ୍କୃତ ସତ୍ୟ ଭାରତର ସୁପ୍ରାଚୀନ ପ୍ରଜ୍ଞା ପାଇଁ ଅଜ୍ଞାତ ନଥିଲା ।

ଅର୍ଥାତ୍, ପ୍ରଥମରେ ଯେଉଁ ମହାଚେତନା କଥା କୁହାଗଲା, ସେ ମହାଚେତନା ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିପାରିବା ଭଳି ସୂତ୍ର ବ୍ୟକ୍ତିବିଶେଷ ଆୟତ୍ତ କରିଥିଲେ । ସେ ବ୍ୟକ୍ତିବିଶେଷମାନେ ଥିଲେ ଋଷି ନାମରେ ବିଦିତ ଏବଂ ସେମାନେ କ୍ରମବିକାଶଧାରାର ଅନ୍ତର୍ଭୁକ୍ତ ସର୍ବସାଧାରଣଙ୍କ ଚେତନାର ପର୍ଯ୍ୟାୟରୁ ବହୁ ଉର୍ଦ୍ଧ୍ୱକୁ ଯାଇ ସେମାନଙ୍କ ଚେତନାକୁ ପ୍ରଜ୍ଞା-ଦୀପ୍ତ କରିପାରୁଥିଲେ । ବେଦ କଥା ଛାଡ଼ି ଦିଅନ୍ତୁ; ସେ ସାହିତ୍ୟ ଏକାନ୍ତ ସାଙ୍କେତିକ ବା ପ୍ରତୀକଧର୍ମୀ । କିନ୍ତୁ ଆପଣ ଯେତେବେଳେ ଉପନିଷଦ୍‌ରେ ଯମରାଜଙ୍କ ସହ ବାଳକ ନଚିକେତାର ପ୍ରଶ୍ନୋତ୍ତର ପଢୁଥିବେ ଅଥବା ରାଜା ଜନକ ଏବଂ ଯାଜ୍ଞବଲ୍‌କ୍ୟଙ୍କ ସଂଳାପ ଉପରେ ଧ୍ୟାନ ଦେଉଥିବେ ଅଥବା ଗୀତାର ବକ୍ତବ୍ୟର ମର୍ମ ଅନୁସରଣ କରୁଥିବେ, ସେତେବେଳେ ଅକ୍ଳେଶରେ ଅନୁଭବ କରିବେ ଯେ ସେସବୁ ସାହିତ୍ୟର ପ୍ରଣେତା ସେମାନଙ୍କ ସମସାମୟିକ ସମାଜର ହାରାହାରି ଚେତନାଠୁଁ ବହୁ, ବହୁ ମହତ୍ତର ଚେତନାର ଅଧିକାରୀ ଥିଲେ ।

ସେହି ମହାଚେତନା ଭିତରକୁ ପ୍ରବେଶ କରିବା ନିମନ୍ତେ ଅଥବା ସେଥିରୁ କିଞ୍ଚିତ୍ ଆହରଣ କରିବା ନିମନ୍ତେ ସଜ୍ଞାନ ପ୍ରୟାସକୁ ତପସ୍ୟା ଆଖ୍ୟା ଦିଆଯାଇପାରେ । କିନ୍ତୁ ସେ ଦିଗରେ ଯେଉଁମାନେ ସଚେତନ ତପସ୍ୟା କରୁ ନଥିବେ ଅଥଚ ନିଜ ସୀମିତ କ୍ଷେତ୍ରରେ ଗଭୀର ନିଷ୍ଠା ସହକାରେ ଗବେଷଣା କରୁଥିବେ – ସେମାନଙ୍କ ଅନୁସନ୍ଧିତ୍ସା, ପ୍ରକୃତିର କୌଣସି ରହସ୍ୟର ଉଦ୍‌ଘାଟନ ଦିଗରେ ଏକାଗ୍ର ପ୍ରୟାସ, ଗୋଟାଏ ପ୍ରକାର ତପସ୍ୟାରେ ପରିଣତ ହୋଇପାରେ ଏବଂ ନିଜ ଅଜ୍ଞାତସାରରେ ସେମାନଙ୍କ ଚେତନାକୁ ସେ ମହାଚେତନାର ଏକ ଏକ ଝଲକ, ଏକ ଏକ ମୁହୂର୍ତ୍ତ ପାଇଁ ଝଲସିତ କରିପାରେ ।

ଧରନ୍ତୁ ବୈଜ୍ଞାନିକ କାକୁଲେଙ୍କ କଥା । ଭଦ୍ରଲୋକ ଦିନ ପରେ ଦିନ ବେନ୍‌ଜିନ୍ ମୋଲିକ୍ୟୁଲ୍‌ର ଗଠନ ସୂତ୍ର (Structural Formula of benzene molecule) କ'ଣ ହୋଇପାରେ, ତାହା ଉପରେ ଭାବି ଭାବି କୌଣସି କୂଳ କିନାରା ପାଉ ନଥା'ନ୍ତି । ଦିନେ ରାତି ଗଭୀର ହେବାଯାଏ ସେହି ସମସ୍ୟା ଉପରେ ଚିନ୍ତା କରି ସେ ଅବଶେଷରେ ନିଦ୍ରାଗଲେ । ଦେଖିଲେ ଅଭାବନୀୟ ଗୋଟିଏ ସ୍ୱପ୍ନ : ଏକ ଗତିଶୀଳ ଚକ୍ରାୟମାନ ସର୍ପ ନିଜ ଲାଞ୍ଜର ଶେଷାଂଶକୁ କାମୁଡ଼ି ଧରିଛି । ବିଦ୍ୟୁତ୍ ଭଳି ଚମକି ଉଠିଲା ତାଙ୍କ ସମସ୍ୟାର ସମାଧାନ । ଅଥବା ଧରନ୍ତୁ ଗଣିତ ଜଗତର ବିସ୍ମୟକର ପ୍ରତିଭା ରାମାନୁଜମ୍‌ଙ୍କ ନିଜ ସ୍ୱୀକାରୋକ୍ତି : ଗୋଟାଏ ଗୋଟାଏ ଗାଣିତିକ ଧନ୍ଦାର ସମାଧାନ ସୂତ୍ର ଉପରେ ଯଥାସମ୍ଭବ ମୁଣ୍ଡ ଖେଳାଇ ସେ ହାଲ ଛାଡ଼ିଦେଇ ଶୋଇପଡ଼ନ୍ତି । ରାତିରେ ସ୍ୱପ୍ନ ଯୋଗେ ତାଙ୍କ ଆରାଧ୍ୟା ଦେବୀ ନାମାକ୍କାଲ୍ ତାଙ୍କୁ ସମାଧାନ ବତାଇ ଦିଅନ୍ତି ।

ଗତାନୁଗତିକ ମନୋବିଜ୍ଞାନର ସୂତ୍ର ଧରି ଆମେ କହିପାରୁଁ, ସେମାନଙ୍କ ଅବଚେତନାରେ ଚିନ୍ତା ଓ ସନ୍ଧାନ ଅବ୍ୟାହତ ଥିଲା ଏବଂ କୌଣସି ପ୍ରତୀକର ଆଶ୍ରୟ ନେଇ ଅବଚେତନ ପ୍ରୟୋଜନୀୟ ସମାଧାନ ପ୍ରକାଶ କରିଦେଲା । ବେଶ୍ । ତେବେ ଏତିକି ମାନିବାକୁ ହେବ ଯେ, ସମାଧାନ ଚେତନାର ଯେଉଁ ପର୍ଯ୍ୟାୟରେ ରହିଥିଲା, ଅବଚେତନା ସେହି ପର୍ଯ୍ୟାୟକୁ ତାହା ଆହରଣ କଲା ! ଆମ ସଚେତନ ଜୀବନ ଉପରେ ଅବଚେତନର ପ୍ରଭାବ ବହୁତ ହୋଇପାରେ । କିନ୍ତୁ ଅବଚେତନର ବିଶ୍ଳେଷଣ ଶକ୍ତି ନାହିଁ; ଅବଚେତନାର ଯୌକ୍ତିକ ଧାରାରେ ଅଗ୍ରସର ହୋଇ କୌଣସି ସିଦ୍ଧାନ୍ତରେ ଉପନୀତ ହେବାର ସାମର୍ଥ୍ୟ ନାହିଁ ।

ଏ ପ୍ରସଙ୍ଗର ଏହି ପରିପ୍ରେକ୍ଷୀରେ ଆଉ ଏକ ତଥ୍ୟର ଉଲ୍ଲେଖ କରାଯାଇପାରେ । ହଜାର ହଜାର ବର୍ଷ ତଳେ ଆୟୁର୍ବେଦର ପ୍ରବର୍ତ୍ତକ ଋଷିମାନେ ଗୁଳ୍ମଲତା ସହ ଏକାତ୍ମ ହୋଇ ସେମାନଙ୍କ ଗୁଣ ଠଉରାଇ ପାରୁଥିଲେ । ଆଜି ମଧ୍ୟ ତାହା ସମ୍ଭବ । ଅବଶ୍ୟ ଏହା ବିଶ୍ୱାସ କରିବା ନ କରିବା ନିର୍ଭର କରେ ଆମ ସମ୍ବେଦନ ଓ ସତ୍ୟାନୁଭବ ଶକ୍ତି ଉପରେ ।

୧୯୧୭ ମସିହାର ଏପ୍ରିଲ ୭ ତାରିଖ ଡାଏରି (Prayers and Meditaions)ରେ ଶ୍ରୀମା ଲେଖିଛନ୍ତି, ଏକ ଗଭୀର ଏକାଗ୍ରତା ପ୍ରାୟ ଆକସ୍ମିକ ଭାବରେ ତାଙ୍କୁ ଗୋଟିଏ ଚେରୀ ଫୁଲ ସହିତ ଏକାତ୍ମ କରିଦେଲା । ପର ମୁହୂର୍ତ୍ତରେ ଚେରୀ ବୃକ୍ଷର ଊର୍ଦ୍ଧ୍ୱାୟିତ ଶାଖା ପ୍ରଶାଖା ଏବଂ ମହାକାଶ ଦିଗରେ ସେସବୁର ପୁଷ୍ପାର୍ଘ୍ୟ ସହିତ ସେ ଏକାକାର ହୋଇଗଲେ । ଚେରୀ ବୃକ୍ଷର ଚେତନା ତାଙ୍କୁ ତା'ର ଆଧ୍ୟାତ୍ମିକ ରହସ୍ୟ ଜଣାଇଦେବା ସଙ୍ଗେ ସଙ୍ଗେ ଆହୁରି ମଧ୍ୟ କହିଦେଲା, ''ବସନ୍ତ ଋତୁରେ ଦେଖା ଦେଉଥିବା ନାନାଦି ଅସୁଖର ପ୍ରତିକାର ନିହିତ ରହିଛି ଚେରୀ ପୁଷ୍ପରେ ।''

**— ମନୋଜ ଦାସ**

('ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର'ରୁ ସଂଗୃହୀତ, ପୃଷ୍ଠା : ୨୧୧-୨୧୬) ❑

**ଅଧ୍ୟକ୍ଷ ଆବଶ୍ୟକ**

ଶ୍ରୀଅରବିନ୍ଦ ରାଉରକେଲା ସ୍କୁଲ (ଯୁକ୍ତ ଦୁଇ ଇଂରାଜୀ ମାଧ୍ୟମ)ର ଅଧ୍ୟକ୍ଷ ପଦ ପାଇଁ ଆନୁସଙ୍ଗିକ ଯୋଗ୍ୟତା ଥିବା ତଥା ସ୍କୁଲ ପରିଚାଳନାରେ ଅଭିଜ୍ଞତାସମ୍ପନ୍ନ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆବାହନ କରାଯାଉଛି । ବିଶେଷ କରି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁରାଗୀ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

ଆବଶ୍ୟକୀୟ ପ୍ରାମାଣିକ ତଥ୍ୟ ସହ ପ୍ରାର୍ଥୀପତ୍ର ଗ୍ରହଣ କରିବାର ଶେଷ ତାରିଖ **୩୦.୦୧.୨୦୨୪ ।**

ଯୋଗାଯୋଗ ଠିକଣା : Secretary, Sri Aurobindo's Rourkela School, (Estd 1973) Sector - 5, Rourkela, Odisha, Pin. 769 002, Mobile : 9437111258
e - mail : drprashant.patra@gmail.com

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 1** **R.N.I. No. 18163/70.**
Navaprakash (Monthly), January, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**